
# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଜୁଲାଇ ୧୫/୨୦୧୯ (୧୬ ପୃଷ୍ଠା) | Balasore, Monday, July 15/2019 | ★★★★

୪୫ଶ ଭାଗ ୨୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି !
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଜୁଲାଇ ୧୫/୨୦୧୯ | Balasore, Monday, July 15/2019 | ପୃଷ୍ଠା-୧




**ଫୋଗଟ୍‌ଙ୍କୁ ସ୍ୱର୍ଣ୍ଣ ପଦକ**

ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍ ୟାସାର ଡୋଗୁ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

୧୩ | ୦୨

**‘ସଡ଼କ ୨’ରେ ଆଲିଆ ଭଟ୍ଟ**

ଅଭିନେତ୍ରୀ ଆଲିଆ ଭଟ୍ଟ ‘ସଡ଼କ ୨’ ଶୁଟିଂ ପାଇଁ ଖୁବ୍‌ଶୀଘ୍ର ଉଟି ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି।






ନାଲକୋ NALCO | OMC | ODISHA NEW OPPORTUNITIES

29001/13/0023/1920 DSPL-45


**୩ ରଥରେ ଭଙ୍ଗାଗଲା ୯ ଅଧର ହାଣ୍ଡି**

........ ୩ ........

## ଆଜିର ସମ୍ପାଦକୀୟ

**ଅଧିକ ମଦ ପିଆଇବେ**

## ଆଜିର ମନ୍ତବ୍ୟ

“ମହାତ୍ମା ଗାନ୍ଧୀ ଭାରତରେ ସ୍ୱାଧୀନତା ସଂଗ୍ରାମ ସହ ସ୍ୱଚ୍ଛତା ଜନ ଆନ୍ଦୋଳନ ଆରମ୍ଭ କରିଥିଲେ। ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀରେ ତାଙ୍କର ସ୍ୱଚ୍ଛତା ମିଶନ ସ୍ୱପ୍ନ ପୂରଣ ହେବା ଆବଶ୍ୟକ।

–ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

## କିଛି ତଥ୍ୟ

ଦେଶର ୨୪ ଜୀବନ ବୀମା ପ୍ରଦାନକାରୀ କମ୍ପାନୀଙ୍କ ଜୁନ ମାସର ମୋଟ୍ ନୂଆ ବୀମା ପ୍ରିମିୟମ ୯୪% ବୃଦ୍ଧି ଘଟି ୩୨,୨୪୧.୩୩ କୋଟି ଛୁଇଁଛି।

– ଆଇଆରଡିଏ


NECC NATIONAL EGG CO-ORDINATION COMMITTEE 14.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 74 | 124 | 134 |
| DKL | 74 | 124 | 134 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 74 | 124 | 134 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


# ଆଇସିସି ବିଶ୍ୱକପ୍ ଫାଇନାଲ
# ଲର୍ଡ୍ସରେ ରୋମାଞ୍ଚକ ଲଢ଼େଇ



**ଲଣ୍ଡନ, ୧୪।୭**

କ୍ରିକେଟର ମକ୍କା ଭାବେ ପରିଚିତ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଆଇସିସି ବିଶ୍ୱକପର ଫାଇନାଲରେ ହୋଇଛି ରୋମାଞ୍ଚକ ଲଢ଼େଇ। ବୋଲରଙ୍କୁ ସୁହାଇଥିବା ପିଚ୍‌ରେ ଆୟୋଜକ ଇଂଲଣ୍ଡକୁ କଡ଼ା ଟକ୍କର ଦେଇଛି ନ୍ୟୁଜିଲାଣ୍ଡ। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ। ତେବେ ପିଚ୍‌ରୁ ଫାଇଦା ଉଠାଇ ଇଂଲଣ୍ଡ ବୋଲରମାନେ ନ୍ୟୁଜିଲାଣ୍ଡ ଇନିଂସକୁ ୫୦ ଓଭରରେ ୨୪୧/୮ରେ ସୀମିତ ରଖିବାରେ ସକ୍ଷମ ହୋଇଥିଲେ। କ୍ରିସ୍ ୱୋକ୍ସ ଓ ଲିଆମ ପ୍ଲଙ୍କେଟ୍ ୩ଟି ଲେଖାଏ ଉଇକେଟ ନେଇ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନଙ୍କ ଉପରେ ଅଙ୍କୁଶ ଲଗାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ହେନରି ନିକୋଲ୍ସ ସର୍ବାଧିକ ୫୫ ରନ କରିଥିବାବେଳେ ଉଇକେଟ କିପର ଟମ୍ ଲାଥାମ ୪୭ ଏବଂ ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ ଅଧିନାୟକ କେନ୍ ୱିଲିୟମସନ ୩୦ ରନ କରିବାକୁ ସକ୍ଷମ ହୋଇଥିଲେ। ୱୋକ୍ସ ଓ ପ୍ଲଙ୍କେଟଙ୍କ ବ୍ୟତୀତ ଜୋଫ୍ରା ଆର୍ଚର, ଓ ମାର୍କ ଉଡ୍ ମଧ୍ୟ ଭଲ ବୋଲିଂ କରିଥିଲେ ହେଁ ଇଂଲଣ୍ଡ ବୋଲରମାନେ ଅତିରିକ୍ତ ଭାବେ ୩୦ ରନ ବ୍ୟୟ କରିବା ଥିଲା ଅନ୍ୟତମ ଚର୍ଚ୍ଚିତ ଘଟଣା। ବଡ଼ସ୍କୋର କରିପାରି ନ ଥିଲେ ହେଁ ବୋଲରଙ୍କ ବଳରେ ବଳୀୟାନ ବ୍ଲାକ୍ କ୍ୟାପ୍ସ ଦେଇଥିଲା କଡ଼ା ଚ୍ୟାଲେଞ୍ଜ। ଇଂଲଣ୍ଡ ଓପନର ଜାସନ ରୟ(୧୭ ରନ)ଙ୍କୁ ପ୍ରଥମେ ପ୍ୟାଭିଲିୟନ ରାସ୍ତା ଦେଖାଇଥିଲେ ମ୍ୟାଟ୍ ହେନରୀ। ପରେ ଜୋ ରୁଟ୍ ମାତ୍ର ୭ ରନ କରି ଆଉଟ ହେବାରୁ ଇଂଲଣ୍ଡ ଉପରେ ଚାପ ବଢ଼ିଥିଲା। ଫର୍ମରେ ଥିବା ଜନି ବେୟାରଷ୍ଟୋ ୩୬ ରନ କରି ଲୋକି ଫର୍ଗୁସନଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହେବାରୁ ଇଂଲଣ୍ଡକୁ ଶକ୍ତ ଧକ୍କା ଲାଗିଥିଲା। ପରେ ଅଧିନାୟକ ଇଅନ ମୋର୍ଗାନ ମାତ୍ର ୯ ରନ କରି ପ୍ୟାଭିଲିୟନ ଫେରିବାରୁ ନ୍ୟୁଜିଲାଣ୍ଡ ଶିବିରରେ ଉତ୍ସାହ ଭରି ଯାଇଥିଲା। ୮୬ ରନ ମଧ୍ୟରେ ୪ଟି ଉଇକେଟ ହରାଇଥିଲା ଇଂଲଣ୍ଡ। ବିଶ୍ୱକପ ଇତିହାସରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ କେବେହେଲେ ଟାଇଟଲ ହାସଲ କରି ନାହାନ୍ତି। ତେଣୁ ଏଥର ଏକ ନୂଆ ଦଳ ଚାମ୍ପିୟନ ହେବା ପଥ ପରିଷ୍କାର ହୋଇଛି।

(ଅଧିକ ଖବର ଖେଳ ପୃଷ୍ଠାରେ)

**ଲିଆମ ପ୍ଲଙ୍କେଟ**
- ୧୦ ଓଭର
- ୪୨ ରନ
- ୩ ଉଇକେଟ
- ଇକୋନୋମି ୪.୨୦

# ଗୋଡ଼ାଇ ଗୋଡ଼ାଇ ୩ ଭାଇଙ୍କୁ ହତ୍ୟା

**ପଟ୍ଟନାୟିକିଆ ଛକରେ ହତ୍ୟାକାଣ୍ଡ**
- ରାଜନୈତିକ, ବ୍ୟବସାୟିକ ଶତ୍ରୁତା ସନ୍ଦେହ
- ଉତ୍ତ୍ୟକ୍ତ ଲୋକଙ୍କ ପୋଡ଼ାଜଳା, ଜାତୀୟ ରାଜପଥ ଅବରୋଧ

**ସାକ୍ଷୀଗୋପାଳ, ୧୪।୭(ଡି.ଏନ.ଏ.)**

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଜନଗହଳିପୂର୍ଣ୍ଣ ବଜାର ପଟ୍ଟନାୟିକିଆ ଛକରେ ରବିବାର ଅପରାହ୍ଣରେ ଘଟିଛି ଟ୍ରିପଲ ମର୍ଡର। ଦୁର୍ବୃତ୍ତମାନେ ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ୩ ଭାଇଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ତଥା ପଟ୍ଟନାୟିକିଆ ଛକ ନିକଟ ସଦାନନ୍ଦପୁର ଗ୍ରାମର ଦୁଇଭାଇ ପୂର୍ଣ୍ଣ ବେହେରା(୪୫), କୃଷ୍ଣ ବେହେରା(୪୨) ଓ ସେମାନଙ୍କ ଦାଦା ପୁଅ ଭାଇ ପଞ୍ଚୁଆ ବେହେରା(୪୪)। ଗତବର୍ଷ ପୂର୍ଣ୍ଣ ଓ କୃଷ୍ଣଙ୍କ ଅନ୍ୟ ଜଣେ ଭାଇ ତଥା ବୀରରାମଚନ୍ଦ୍ରପୁର ସରପଞ୍ଚ ଅଜୟ ବେହେରାଙ୍କ ବୀଭତ୍ସ ମୃତଦେହ ଘର ନିକଟ ରେଳଧାରଣା ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ସେତେବେଳେ ଅଭିଯୋଗ ହୋଇଥିବାବେଳେ ଏବେ ପୁଣି ପରିବାରର ୩ଜଣଙ୍କୁ ଦିବାଲୋକରେ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହାପଛରେ ରାଜନୈତିକ, ବ୍ୟବସାୟିକ ଶତ୍ରୁତା ଥିବା ସନ୍ଦେହ କରାଯାଉଥିବାବେଳେ ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ପୋଡ଼ାଜଳା କରି ଜାତୀୟ ରାଜପଥ ଅବରୋଧ କରିଥିଲେ।

ରବିବାର ପୁରୀରେ ଦାରୁଦିଅଁଙ୍କ ଅଧରପଣା ନୀତି ଅନୁଷ୍ଠିତ ହେଉଥିବାରୁ ଶ୍ରୀକ୍ଷେତ୍ରକୁ ଭକ୍ତମାନଙ୍କ ସୁଅ ଛୁଟିଥାଏ। ଏଥିପାଇଁ ଘଟଣାସ୍ଥଳ ଅର୍ଥାତ୍ ପଟ୍ଟନାୟିକିଆ ଛକ ନିକଟରେ ପୋଲିସର ଏକ ଅସ୍ଥାୟୀ ଚେକ୍ ପୋଷ୍ଟ କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଅପରାହ୍ଣ ପ୍ରାୟ ୪ଟା ସମୟ। ପଟ୍ଟନାୟିକଆ ଛକରେ ହୋଟେଲ କରିଥିବା ପୂର୍ଣ୍ଣ ଘରକୁ ଯିବାବେଳେ ହଠାତ୍ ଏକ ଦୋକାନରୁ ୪ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ସହ ବାହାରି ତାଙ୍କୁ ଆକ୍ରମଣ କରିଥିଲେ। ପୂର୍ଣ୍ଣ ପ୍ରାଣବିକଳରେ ଦୌଡ଼ୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଚୋଟ ପରେ ଚୋଟ ମାରି ଚାଲିଥିଲେ। ଅସ୍ଥାୟୀ ଚେକ୍ ପୋଷ୍ଟରେ ପୋଲିସ କର୍ମଚାରୀମାନେ ଥିଲେ ମଧ୍ୟ ତାହାକୁ ଦୁର୍ବୃତ୍ତମାନେ ଖାତିର କରି ନ ଥିଲେ। ☞ପୃଷ୍ଠା-୨

# ଶେଷ ପର୍ଯ୍ୟାୟରେ ଚନ୍ଦ୍ରୟାନ-୨

**ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ),୧୪।୭(ପି.ଟି.)**

ଜୁଲାଇ ୧୪-୧୫ ରାତ୍ରି ୨ଟା ୫୧ରେ ଭାରତର ଦ୍ୱିତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ-୨କୁ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯିବା ଲାଗି ରବିବାର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ଅଧିକ ଓଜନ ବହନକାରୀ ରକେଟ୍ ଜିଏସ୍ଏଲ୍‌ଭି-ମେକ୍୩ (ବାହୁବଳୀ ଭାବେ ନାମିତ)ଯୋଗେ ଚନ୍ଦ୍ରୟାନ-୨କୁ ସ୍ଥାନୀୟ ସ୍ପେସ୍‌ପୋର୍ଟରୁ ଲଞ୍ଚ୍ କରାଯାଇଛି। ଏହା ୫୪ ଦିନ ପରେ ସେପ୍ଟେମ୍ବର ୬-୭ରେ ଚନ୍ଦ୍ରର ଅନାବିଷ୍କୃତ ଅଞ୍ଚଳ ଦକ୍ଷିଣ ମେରୁରେ ଅବତରଣ କରିବ। ୩ ଅଂଶ ବିଶିଷ୍ଟ ଏହି ସ୍ପେସ୍‌କ୍ରାଫ୍ଟର ଓଜନ ୩,୮୫୦କିଲୋଗ୍ରାମ୍। ଏଥିରେ ଗୋଟିଏ ଅର୍ବିଟର, ଲ୍ୟାଣ୍ଡର ଏବଂ ରୋଭର ସଂଯୁକ୍ତ ହୋଇଛି। ପ୍ରଥମ ଚନ୍ଦ୍ର ଅଭିଯାନ ସଫଳତାର ୧୧ବର୍ଷ ପରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚନ୍ଦ୍ରୟାନ-୨ ଲଞ୍ଚ୍ କରୁଛି। ଏହି ପ୍ରକଳ୍ପ ପାଇଁ ୯୭୮କୋଟି ଟଙ୍କା ବ୍ୟୟ ହୋଇଛି। ଗତ ସପ୍ତାହରେ ଏଥିପାଇଁ ପୂରା ଦମ୍‌ରେ ପ୍ରସ୍ତୁତି ଚାଲିଥିଲା ଏବଂ ରବିବାର ସକାଳ ୬ଟା ୫୧ରୁ ଅବଗଣନା ଆରମ୍ଭ ହୋଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଚନ୍ଦ୍ରୟାନ-୨ ଉତ୍କ୍ଷେପଣ ସମୟରେ ଉପସ୍ଥିତ ରହିବା କାର୍ଯ୍ୟକ୍ରମ ରହିଛି। ଇସ୍ରୋ ଏହାର ମହାକାଶ ଗବେଷଣାତ୍ମକ କାର୍ଯ୍ୟ ଆରମ୍ଭ କରିବା ପରଠାରୁ ଚନ୍ଦ୍ରୟାନ-୨ ଉତ୍କ୍ଷେପଣ ଭାରତ ପାଇଁ ଅତ୍ୟନ୍ତ ସମ୍ମାନଜନକ ବିଷୟ ହୋଇଛି। ଚନ୍ଦ୍ରୟାନ-୨ ସଫଳ ହେଲେ ଏ କ୍ଷେତ୍ରରେ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ର




ଭାବେ ମାନ୍ୟତା ପାଇବ। ପୂର୍ବରୁ ରୁଷିଆ, ଆମେରିକା ଏବଂ ଚାଇନା ଏ ଦିଗରେ ସଫଳତା ହାସଲ କରିସାରିଛନ୍ତି।

ଚନ୍ଦ୍ରପୃଷ୍ଠରେ ସ୍ପେସ୍‌କ୍ରାଫ୍ଟର ନିରାପଦ ଅବତରଣ ଏକ ଚ୍ୟାଲେଞ୍ଜ୍ ରୂପେ ଉଭା ହୋଇଛି ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ପ୍ରକାଶ କରିଛନ୍ତି। ଚନ୍ଦ୍ରୟାନ-୨ର ସଫଳତା ପାଇଁ ଶିବନ୍ ଶନିବାର ତିରୁମାଲାର ଭେଙ୍କଟେଶ୍ୱର ମନ୍ଦିର ପରିଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ଅନ୍ୟ କୌଣସି ରାଷ୍ଟ୍ର ଏ ପର୍ଯ୍ୟନ୍ତ ଚନ୍ଦ୍ରର ଦକ୍ଷିଣ ମେରୁରେ ମହାକାଶଯାନ ଅବତରଣ କରାଇବାକୁ ସମର୍ଥ ହୋଇପାରି ନାହାନ୍ତି। ଭାରତ ଚନ୍ଦ୍ରର ଅନ୍ଧକାର ତଥା ଦକ୍ଷିଣ ମେରୁରେ ଚନ୍ଦ୍ରଯାନ ଅବତରଣ କରାଇବା ଦ୍ୱାରା ଚନ୍ଦ୍ର ବିଷୟରେ ଅନେକ ନୂଆ ତଥ୍ୟ ମିଳିପାରିବ। ଫଳରେ ଭାରତର ଏଭଳି ଅବଦାନ ସମଗ୍ର ମାନବ ଜଗତ ପାଇଁ ଲାଭପ୍ରଦ ହେବ ବୋଲି ଶିବନ୍ ପ୍ରକାଶ କରିଛନ୍ତି।

## ■ କର୍‌ତାରପୁର କରିଡର: ଭାରତ-ପାକ୍ ମଧ୍ୟରେ ସହମତି
# ଦିନକୁ ୫ ହଜାର ଶ୍ରଦ୍ଧାଳୁ କରିବେ ଭିଜାମୁକ୍ତ ଯାତ୍ରା

**ଅମୃତସର,୧୪।୭(ପି.ଟି./ଆଇଏଏନ୍ଏସ୍)**

ପାକିସ୍ତାନସ୍ଥିତ କର୍‌ତାରପୁର ସାହିବ ଗୁରୁଦ୍ୱାରାକୁ ଭାରତରୁ ଦୈନିକ ୫ ହଜାର ଶ୍ରଦ୍ଧାଳୁ ଭିଜାମୁକ୍ତ ଯାତ୍ରା କରିପାରିବେ। ଭାରତୀୟ ପାସପୋର୍ଟଧାରୀ ଓ ଭାରତର ଦରିଆପାରି ନାଗରିକତ୍ୱ (ଓସିଆଇ) କାର୍ଡଧାରୀଙ୍କ ପାଇଁ ଏହି ସୁବିଧା ବର୍ଷ ସାରା ଉପଲବ୍ଧ ହେବ। ଏନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ସହମତି ପ୍ରକାଶ ପାଇଛି। ସବୁଠୁ ବଡ଼କଥା ହେଲା ଏହି କରିଡରରେ କୌଣସି ଭାରତବିରୋଧୀ କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ ବୋଲି ପାକିସ୍ତାନ ନିଶ୍ଚିତ କରିଛି। ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବ (୧୪୬୯-୧୫୩୯)ଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ କେନ୍ଦ୍ର ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତନ୍ମଧ୍ୟରୁ ୪.୨ କି.ମି. ଦୀର୍ଘ କର୍‌ତାରପୁର ସାହିବ କରିଡର ନିର୍ମାଣ ଅନ୍ୟତମ। ଏହି କରିଡର ଭରତର ପଞ୍ଜାବସ୍ଥିତ ଗୁରଦାସପୁର ଜିଲାର ଡେରା ବାବା ନାନକ ପୀଠକୁ ପାକିସ୍ତାନର ପଞ୍ଜାବ ପ୍ରଦେଶସ୍ଥିତ କର୍‌ତାରପୁର ସାହିବ୍ ଗୁରୁଦ୍ୱାରା ସହିତ ଯୋଡ଼ିବ। ଫଳରେ ଭାରତରୁ ଶିଖ୍ ଶ୍ରଦ୍ଧାଳୁମାନେ ସେଠାକୁ ଯାଇ ଗୁରୁ ନାନକ ଦେବ ରାବିନଦୀ କୂଳରେ ତାଙ୍କର ଶେଷ ଜୀବନ ବିତାଇଥିବା ପବିତ୍ର ସ୍ଥାନ ଦର୍ଶନ କରିପାରିବେ। କରିଡର ନିର୍ମାଣ କାର୍ଯ୍ୟ ଆସନ୍ତା ଅକ୍ଟୋବର ୩୧ରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି।



କର୍‌ତାରପୁର କରିଡର ନିର୍ମାଣ ପାଇଁ ପାକିସ୍ତାନ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ଅଟ୍ଟାରୀ ସୀମାରୁ ଫେରୁଛନ୍ତି ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଏସ୍‌ସିଏଲ୍ ଦାସ (ଡାହାଣରୁ ଦ୍ୱିତୀୟ) ଓ ଅନ୍ୟ ଅଧିକାରୀମାନେ।

ଏହା ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏଥିପାଇଁ ୱାଘା ସୀମାରେ ରବିବାର ଭାରତ-ପାକିସ୍ତାନ ମଧ୍ୟରେ କର୍‌ତାରପୁର କରିଡର ନେଇ ଦ୍ୱିତୀୟ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ୩ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଆଭ୍ୟନ୍ତରୀଣ ନିରାପତ୍ତା) ଏସ୍.ସି.ଏଲ୍. ଦାସ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ସ୍ୱରାଷ୍ଟ୍ର, ବହିର୍ବ୍ୟାପାର ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀମାନେ ସାମିଲ ଥିଲେ। ଏହାସହ ପଞ୍ଜାବ ସରକାର ଏବଂ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ଅଧିକାରୀମାନେ ମଧ୍ୟ ବୈଠକରେ ଯୋଗଦେଇଥିଲେ। ସ୍ୱରାଷ୍ଟ୍ର ଯୁଗ୍ମ ସଚିବ ଏସ୍.ସି.ଏଲ୍. ଦାସ ଅଟ୍ଟାରୀରେ ଖବରଦାତାଙ୍କୁ କହିଛନ୍ତି, ବୈଠକରେ ଭାରତ ଦୈନିକ ୫ ହଜାର ଶ୍ରଦ୍ଧାଳୁଙ୍କୁ ଭିଜାମୁକ୍ତ ଯାତ୍ରା ପାଇଁ ଅନୁମତି ଦେବା ଲାଗି ପାକିସ୍ତାନୁ ଅନୁରୋଧ କରିଥିଲା। ଏହାସହ କେତେକ ସ୍ୱତନ୍ତ୍ର ଅବସରରେ ଅତିରିକ୍ତ ୧୦ ହଜାର ଶ୍ରଦ୍ଧାଳୁଙ୍କୁ ଛାଡ଼ିବାକୁ ଅନୁମତି ମାଗିଥିଲା। କର୍‌ତାରପୁର ସାହିବ୍ ଗୁରୁଦ୍ୱାରାରେ ଯାତ୍ରୀଙ୍କୁ ଆବଶ୍ୟକ ହେଲେ କୂଟନୀତିଜ୍ଞଙ୍କ ଜରିଆରେ ଆଇନଗତ ସହାୟତା ପ୍ରଦାନ ସକାଶେ କନ୍‌ସୁଲାର ଉପସ୍ଥିତି ପାଇଁ ମଧ୍ୟ ଭାରତ ପକ୍ଷରୁ ଦାବି କରାଯାଇଥିଲା। ଯାତ୍ରୀଙ୍କ ନିରାପତ୍ତାକୁ ନେଇ ମଧ୍ୟ ଭାରତୀୟ ପ୍ରତିନିଧି ଦଳ ଚିନ୍ତାବ୍ୟକ୍ତ କରିଥିଲେ। କୌଣସି ପ୍ରକାର ଭାରତ ବିରୋଧୀ ଗତିବିଧି ବା କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ ବୋଲି ପାକିସ୍ତାନ ନିଶ୍ଚିତ କରିଛି। ଆଲୋଚନା ବେଳେ ସୀମା ସେପଟେ ଭିତ୍ତିଭୂମି କ୍ଷେତ୍ରରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକ କଥା ଉଠାଇ ଭାରତର ପ୍ରସ୍ତାବଗୁଡ଼ିକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିପାରିବ ଏବଂ ଶ୍ରଦ୍ଧାଳୁମାନଙ୍କୁ ବ୍ୟକ୍ତିଗତ ବା ଗୋଷ୍ଠୀଗତ ଭାବେ ଯାତ୍ରା କରିବାର ସୁଯୋଗ ଦିଆଯିବ ବୋଲି ପାକିସ୍ତାନ କହିଛି। ସେହିପରି ଶିଖ୍‌ସ ଫର୍ ଜଷ୍ଟିସ୍ (ଏସ୍ଏଫ୍‌ଜେ)ର ଖଲିସ୍ତାନ ସମର୍ଥକମାନଙ୍କୁ ଏହି ଐତିହାସିକ ପଦକ୍ଷେପର ଅପବ୍ୟବହାରରୁ ଦୂରେଇ ରଖିବା ଲାଗି ଭାରତ ପକ୍ଷରୁ କରାଯାଇଥିବା ଅନୁରୋଧକୁ ମଧ୍ୟ ପଡ଼ୋଶୀ ଦେଶ ରକ୍ଷା କରିଛି। ଏ ସଂକ୍ରାନ୍ତରେ ପାକିସ୍ତାନୀ ପ୍ରତିନିଧି ଦଳକୁ ଏକ ଡୋଜିୟର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ପଞ୍ଜାବରେ ଆତଙ୍କବାଦକୁ ସମର୍ଥନ କରୁଥିବା ଏହି ଏସ୍ଏଫ୍‌ଜେ ଉପରେ ଗତ ୧୦ ତାରିଖରେ ଭାରତ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ୍ ୱାଘା ସୀମାରେ ଖବରଦାତାଙ୍କୁ କହିଛନ୍ତି, ଅନେକ ପ୍ରସଙ୍ଗରେ ଦୁଇପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇଛି। ଆଗକୁ ଆଉ ଥରେ ବୈଠକ ବସିପାରେ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଦେବେନ୍ଦ୍ର
ପରିବାରବର୍ଗ



ବିମଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ନିର୍ମାଣ କରିଛି ଭୁବନେଶ୍ୱର ସିଟିଟିସି

## 'ଚନ୍ଦ୍ରୟାନ-୨'ର ଓଡ଼ିଶା ଲିଙ୍କ୍

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ଭାରତର ବହୁ ପ୍ରତୀକ୍ଷିତ ମହାକାଶ ଅଭିଯାନ 'ଚନ୍ଦ୍ରୟାନ-୨' ମହାକାଶ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଥିବାବେଳେ ଏହା ଉପରେ ରହିଛି ସମଗ୍ର ବିଶ୍ୱର ନଜର। ତେବେ ଗର୍ବ ଓ ଗୌରବର ବିଷୟ ହେଲା 'ଚନ୍ଦ୍ରୟାନ-୨' ଅଭିଯାନ ସହ ଯୋଡ଼ିହୋଇଛି ଓଡ଼ିଶା ଲିଙ୍କ୍। 'ମଙ୍ଗଳୟାନ' ପରେ ଏବେ 'ଚନ୍ଦ୍ରୟାନ-୨'ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର(ସିଟିଟିସି)। ସୋମବାର ଶ୍ରୀହରିକୋଟାରୁ ଉତ୍କ୍ଷେପଣ ହେବାକୁ ଥିବା ଏହି ବହୁ ପ୍ରତୀକ୍ଷିତ ମହାକାଶ ଯାନ ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ତିଆରି କରିଛି ଭୁବନେଶ୍ୱରସ୍ଥିତ ଉକ୍ତ କେନ୍ଦ୍ରୀୟ ପ୍ରଶିକ୍ଷଣ ସଂସ୍ଥା।

ଚନ୍ଦ୍ରୟାନ ଅଭିଯାନରେ ସିଟିଟିସି ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ଚନ୍ଦ୍ରୟାନ-୨' ପାଇଁ ଏଠାରେ ବିଭିନ୍ନ କମ୍ପୋନେଟ୍ ବା ଉପାଦାନ ସହ ଲଞ୍ଚ୍ ଭେହିକିଲ୍ ପାଇଁ ୨୨ ପ୍ରକାରର ସାମଗ୍ରୀ ତିଆରି କରାଯାଇଛି। କେବଳ ଏତିକି ନୁହେଁ, ଏହି ମହାକାଶ ଯାନର ଫୁଏଲ୍ ଭାଲ୍ବ ମଧ୍ୟ ତିଆରି କରିଛି ସିଟିଟିସି। ଜିଏସ୍ଏଲ୍ଭି ରକେଟ୍‌ର କ୍ରାୟୋଜେନିକ୍ ଇଞ୍ଜିନର ବିଭିନ୍ନ ଅଂଶ ସହ ଇନର୍ସିଆଲ ମୋମେଣ୍ଟମ୍ ଏବଂ ନାଭିଗେସନ ଜାଣିବା ପାଇଁ ୭ଟି ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ଏଠାରେ ପ୍ରସ୍ତୁତ କରାଯାଇଛି। ଏହି ଜିଏସ୍ଏଲ୍ଭି ଏମ୍‌କେ-୩ ରକେଟ୍ ଏକ ଅର୍ବିଟର୍ ସହ ଲ୍ୟାଣ୍ଡର୍ 'ବିକ୍ରମ' ଓ ମୁନ୍‌ରୋଭର୍ 'ପ୍ରଜ୍ଞା' ନେଇ ଚନ୍ଦ୍ର ଅଭିମୁଖେ ଯିବ। ଭୁବନେଶ୍ୱରସ୍ଥ ସିଟିଟିସିର ପରିଚାଳନା ନିର୍ଦ୍ଦେଶକ ଶିବାଶିଷ ମାଇତିଙ୍କ ସୂଚନା ଅନୁଯାୟୀ, ୨୦୧୬ ମସିହାରୁ ଏଠାରେ 'ଚନ୍ଦ୍ରୟାନ-୨' ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୧୦୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟର ଏବଂ ଅପରେଟର ଦିନରାତି ଏଥିପାଇଁ କାମ କରିଥିଲେ। ଇସ୍ରୋ ସହ ଏନେଇ ଆମେ ଏମ୍ଓୟୁ ସ୍ୱାକ୍ଷର କରିଥିଲୁ। ମଙ୍ଗଳୟାନ ସମୟରେ ବି ଭୁବନେଶ୍ୱର ସିଟିଟିସି ଶାଖା ଗୁରୁ ଦାୟିତ୍ୱ ଗ୍ରହଣ କରିଥିଲା। ସେତେବେଳେ ମହାକାଶ ଯାନର ବହୁ ସାମଗ୍ରୀ ଏଠାରେ ତିଆରି ହୋଇଥିଲା। ମହାକାଶ ଯାନ ତିଆରି କରିବା ପାଇଁ ଆମପାଖରେ ବହୁ ଉଚ୍ଚ କ୍ଷମତାସମ୍ପନ୍ନ ଯନ୍ତ୍ରପାତି ରହିଛି। ଅଭିଜ୍ଞ ଅପରେଟରମାନେ ମଧ୍ୟ ଆମ ସହ ସାମିଲ ହୋଇଛନ୍ତି। ଯାହାବି ଏଠାରେ ତିଆରି ହୋଇଛି ତାହାକୁ ଇସ୍ରୋରେ ଥିବା ସିଟିଟିସି ୟୁନିଟକୁ ପଠାଯାଇଛି। ସେଠାରେ ପ୍ରାୟ ୫୦ଜଣ ବିଶେଷଜ୍ଞ ପୁଣି ଥରେ ସମସ୍ତ ଯନ୍ତ୍ରପାତିର ଯାଞ୍ଚ କରିଛନ୍ତି। ରକେଟ୍‌ର ଫୁଏଲ୍ କଣ୍ଟ୍ରୋଲ ବା ଇନ୍ଧନ ପରିଚାଳନା କରିବା ଲାଗି ଯେଉଁ ୨୨ ଭାଲ୍‌ବ୍‌ସ ଲାଗିଛି ତାହାକୁ ଆମେ ପ୍ରସ୍ତୁତ କରିଛୁ। ଏଥିସହ ଜିଏସ୍ଏଲ୍ଭି ଏମ୍‌କେ-୩ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ତଥା ଅଂଶ ଏଠାରେ ତିଆରି କରାଯାଇଛି। ଅର୍ବିଟର୍‌ର ନାଭିଗେସନ ବା ଦିଗ ଓ ଇନର୍ସିଆଲ ମୋମେଣ୍ଟମ୍ ବା ଗତିବିଧି ଜାଣିବା ପାଇଁ ଆବଶ୍ୟକ ୭ଟି ସୋଲାର୍ ଆରେ ଡ୍ରାଇଭ୍ ଆସେମ୍ବ୍ଲି (ଏସ୍ଏଡିଏ) ମୋଟର ଆମେ ପ୍ରସ୍ତୁତ କରିଛୁ ବୋଲି ମାଇତି କହିଛନ୍ତି।

### 'ପ୍ରଜ୍ଞା'ର ଗୋଡ଼ ତିଆରି କରିବା ଚ୍ୟାଲେଞ୍ଜିଂ ଥିଲା

ମୁନ୍ ରୋଭର୍ 'ପ୍ରଜ୍ଞା' ପାଇଁ ଲିମ୍ବ୍‌ସ ବା ଗୋଡ଼ ତିଆରି କରିବା ସିଟିଟିସି ପାଇଁ ସବୁଠାରୁ ଅଧିକ ଚ୍ୟାଲେଞ୍ଜିଂ ଥିଲା। ପ୍ରତ୍ୟେକ ଲିମ୍ବ୍‌ରେ ଗୋଟିଏ ଲେଖାଏଁ ଚକ ଲଗାଯାଇଥିଲା, ଯାହାକି ଚନ୍ଦ୍ର ପୃଷ୍ଠରେ ଚଳାଚଳ କରିବାରେ ଏହା ରୋଭର୍‌କୁ ସାହାଯ୍ୟ କରିବ। ଏହି ଲିମ୍ବ୍‌ସକୁ ସ୍ୱତନ୍ତ୍ର ଜ୍ଞାନକୌଶଳ ଓ ଡିଜାଇନ୍‌ରେ ପ୍ରସ୍ତୁତ କରାଯାଇଛି। 'ପ୍ରଜ୍ଞା' ସଫଳତାର ସହ ଚନ୍ଦ୍ରରେ ଅବତରଣ କରିବା ପରେ ଆମକୁ ଖୁସି ଲାଗିବ ଯେ ଏଥିରେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛୁ। ଏହା କେବଳ ସିଟିଟିସି ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏବେ ସିଟିଟିସି ସହ ରାଜ୍ୟର ୧୯ଟି ଏମ୍ଏସ୍ଏମ୍ଇ ସଂସ୍ଥା ଓ ଶିକ୍ଷାନୁଷ୍ଠାନ କାମ କରୁଛନ୍ତି। ସିଭି ରମଣ, ଗ୍ରାମ ତରଙ୍ଗ ଓ ଗ୍ରାମ ବିକାଶ ଭଳି ସଂସ୍ଥା ଏହାର ଅଂଶ ରହିଛନ୍ତି ବୋଲି ମାଇତି କହିଛନ୍ତି।

## ଲୁଟେରା ଗ୍ୟାଙ୍ଗ ଠାବ: ୪ ଗିରଫ

କଟକ ଅଫିସ, ୧୪।୭- ସୁନାଚେନ୍ ଲୁଟ୍ ମାମଲାରେ ତଦନ୍ତ କରି ଚାଉଳିଆଗଞ୍ଜ ପୋଲିସ ଏକ ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି। ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଅଞ୍ଚଳର ଅମୀୟ ପଟ୍ଟନାୟକ ଓରଫ ଚିକୁନ, ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନ୍‌ନଗର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବେହେରା ଓରଫ ହାପି, ଶଙ୍କରପୁର ଅଞ୍ଚଳର ମଧୁସୂଦନ ବୈଥାଳ ଓରଫ କାଳିଆ ଓ ମଙ୍ଗଳାବାଗ ଥାନା ଅଧୀନ ବଣିଆସାହି ଅଞ୍ଚଳର ସୁନୀଲ ସେନାପତି ଓରଫ ବାବୁ। ସେମାନଙ୍କଠାରୁ ୭ଟି ସୁନାଚେନ ଓ ଗୋଟିଏ ବାଇକ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଚାଉଳିଆଗଞ୍ଜ, ଚୌଦ୍ୱାର, କଟକ ସଦର, ମଧୁପାଟଣା ଥାନାରେ ୧୧ଟି ଲୁଟ ମାମଲା ଥିବା ପୋଲିସ ସୂଚନା ଦେଇଛି।



## 'ସଡ଼କ ୨' ଶୁଟିଂ ଖୁବ୍‌ଶୀଘ୍ର

ମୁମ୍ବାଇ: ଅଭିନେତ୍ରୀ ଆଲିଆ ଭଟ୍ଟ 'ସଡ଼କ ୨' ଶୁଟିଂ ପାଇଁ ଖୁବ୍‌ଶୀଘ୍ର ଉଟି ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ତାଙ୍କ ପିତା ତଥା ଫିଲ୍ମ ନିର୍ମାତା ମହେଶ ଭଟ୍ଟଙ୍କ ଦ୍ୱାରା 'ସଡ଼କ ୨' ନିର୍ମାଣ ହେଉଛି। ତେବେ ଏଥିପାଇଁ ସବୁମତେ ପ୍ରସ୍ତୁତ ହୋଇସାରିଥିବା ଆଲିଆ ସୂଚନା ଦେଇଛନ୍ତି। ସେ ଏହି ପ୍ରକଳ୍ପ ସମ୍ପର୍କିତ ବିଷୟବସ୍ତୁ ରବିବାର ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଉକ୍ତ ଫିଲ୍ମ ସ୍କ୍ରିପ୍ଟର ସମ୍ମୁଖ ଭାଗର ଫଟୋଗ୍ରାଫ୍ ସେ ଶେୟାର କରିଛନ୍ତି। ଏହାର କାହାଣୀ ରଚନା କରିଛନ୍ତି ମହେଶ ଭଟ୍ଟ। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ପୂଜା ଭଟ୍ଟ, ଆଦିତ୍ୟ ରଏ କପୁର, ସଞ୍ଜୟ ଦତ୍ତ, ଯିଶୁ ସେନ୍‌ଗୁପ୍ତ, ପ୍ରିୟଙ୍କା ବୋଷ୍ ଏବଂ ଅକ୍ଷୟ ଆନନ୍ଦ। 'ସଡ଼କ ୨' ହେଉଛି ୧୯୯୧ର ହିଟ୍ ଫିଲ୍ମ 'ସଡ଼କ'ର ଦ୍ୱିତୀୟ ଭାଗ। ରୋମାଞ୍ଚକର ପ୍ରେମକାହାଣୀକୁ ନେଇ ଏହି ଫିଲ୍ମ ନିର୍ମିତ। ଏଥିରେ ଅଭିନୟ କରିଥିଲେ ପୂଜା ଭଟ୍ଟ ଓ ସଞ୍ଜୟ ଦତ୍ତ। ୨୦୨୦ ଜୁଲାଇ ୧୦ରେ 'ସଡ଼କ ୨' ରିଲିଜ ହେବାର ଅଛି।

## 'ଭଉଣୀଙ୍କୁ ପିଟି ହତ୍ୟା କରାଯାଇଛି'

### ଅଭିଯୁକ୍ତ ସ୍ୱାମୀ ଗିରଫ

ଭଦ୍ରକ ଅଫିସ,୧୪।୭

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅନ୍ନପାଳ ଦେଉଳୀପଦୀ ଗାଁରେ ଶନିବାର ବିଳମ୍ବିତ ରାତିରେ ସାବିତ୍ରୀ ଯେନା(୪୦) ନାମ୍ନୀ ଜଣେ ମହିଳାଙ୍କୁ ପିଟି ହତ୍ୟା କରାଯାଇ ଏହାକୁ ଆତ୍ମହତ୍ୟା ରୂପ ଦିଆଯାଇଥିବା ପୋଲିସରେ ଅଭିଯୋଗ ହୋଇଛି। ବାପଘର ଲୋକଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା ରୁଜୁ କରି ମୃତା ମହିଳାଙ୍କ ସ୍ୱାମୀ ଭଗବାନ ଯେନାଙ୍କୁ ଗିରଫ କରିଥିବା କହିଛି। ବାପଘର ଲୋକେ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସାବିତ୍ରୀ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଶାଶୁଘର ଲୋକେ ଫୋନ କରି ଖବର ଦେଇଥିଲେ। ରବିବାର ଭୋର ସମୟରେ ମୃତା ସାବିତ୍ରୀଙ୍କ ଭାଇ ବିଚିତ୍ର ଯେନା ଓ ସମ୍ପର୍କୀୟମାନେ ଆସି ପାରିପାର୍ଶ୍ୱିକ ସ୍ଥିତି ଦେଖି ସାବିତ୍ରୀଙ୍କୁ ପିଟି ମାରିଦେବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଇଥିବା ସନ୍ଦେହ ପ୍ରକାଶ କରିଥିଲେ। ଭିଣୋଇ ଭଗବାନ ଏଭଳି ହତ୍ୟାକାଣ୍ଡ ଭିଆଇଥିବା ନେଇ ସାବିତ୍ରୀଙ୍କ ଭାଇ ବିଚିତ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବରୁ ଭଗବାନ ନିଶାସକ୍ତ ଅବସ୍ଥାରେ ତାଙ୍କ ଭଉଣୀଙ୍କୁ ନିର୍ଯାତନା ଦେବା ସହ ମାରଧର କରି ଆସୁଥିଲେ ବୋଲି ସେ ମଧ୍ୟ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମେଡିକାଲକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି। ମୃତା ସାବିତ୍ରୀଙ୍କ ୩ ଝିଅ ଓ ଗୋଟିଏ ପୁଅ ରହିଛନ୍ତି।

## ଯୁବକଙ୍କ ଭୁଜାଲି ଆକ୍ରମଣରେ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ଆହତ

ଫୁଲନଖରା,୧୪।୭(ଡି.ଏନ.ଏ.) କଟକ ସଦର ଥାନା ଅନ୍ତର୍ଗତ ହରିଅନ୍ତା ଗ୍ରାମର ଜଣେ ଯୁବକଙ୍କ ଭୁଜାଲି ଆକ୍ରମଣରେ ଉକ୍ତ ଗ୍ରାମର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ଲକ୍ଷ୍ମୀଧର ପ୍ରଧାନ ଆହତ ହୋଇଛନ୍ତି। ଖବର ଅନୁଯାୟୀ, ଗ୍ରାମର ସବ ମାଇନରକୁ ଜେସିବି ମେଶିନରେ ସଫେଇ କାର୍ଯ୍ୟ ହେଉଥିଲା। ତେବେ ଏହି କାର୍ଯ୍ୟକୁ ଲକ୍ଷ୍ମୀଧର ବିରୋଧ କରିବା ସହ ବନ୍ଦ କରିବା ପାଇଁ କହିଥିଲେ। ଏହି ସମୟରେ ସ୍ଥାନୀୟ ଜଣେ ଯୁବକ ଆସି କାମ କାହିଁକି ବନ୍ଦ ହେଲା ବୋଲି ଲକ୍ଷ୍ମୀଧରଙ୍କୁ କହିଥିଲେ। ସାମାନ୍ୟ କଥାରୁ ଯୁକ୍ତିତର୍କ ହେବାରୁ ଯୁବକ ଜଣକ ଉତ୍ତେଜିତ ହୋଇ ଏକ ଭୁଜାଲିରେ ଲକ୍ଷ୍ମୀଧରଙ୍କ ମୁଣ୍ଡକୁ ଆକ୍ରମଣ କରିବାକୁ ଆସିଥିଲେ। ଏଥିରେ ସେ ହାତ ଦେଖାଇବାରୁ ଭୁଜାଲି ଚୋଟ ହାତରେ ବାଜି କ୍ଷତ ହୋଇଥିଲା। ପରେ ଯୁବକଜଣକ ଫେରାର ହୋଇଯାଇଥିବାବେଳେ ସ୍ଥାନୀୟ ଲୋକେ ଆହତ ଲକ୍ଷ୍ମୀଧରଙ୍କୁ ଚିକିତ୍ସା ପାଇଁ ନିକଟ ଚିକିତ୍ସାକେନ୍ଦ୍ରକୁ ନେଇଥିଲେ। ଖବର ନେବାବେଳେ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

ପ୍ରଥମ ପୃଷ୍ଠାରୁ...

## ଗୋଡ଼ାଇ ଗୋଡ଼ାଇ...

ଏହି ସମୟରେ ପୂର୍ଣ୍ଣଙ୍କୁ ବଞ୍ଚାଇବାକୁ ତାଙ୍କ ଦାଦାପୁଅ ଭାଇ ପଞ୍ଝିଆ ଚେଷ୍ଟା କରିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ପୂର୍ଣ୍ଣ ଓ ପଞ୍ଝିଆ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ଟଳି ପଡ଼ିଥିଲେ। ଆକ୍ରମଣ ଖବର ପାଇ କିଛି ସମୟରେ ଘଟଣାସ୍ଥଳରେ ପହଞ୍ଚିଯାଇଥିଲେ ପୂର୍ଣ୍ଣଙ୍କ ଭାଇ କୃଷ୍ଣ। କିନ୍ତୁ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ହତ୍ୟା କରି ସେଠାରୁ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନଙ୍କ ଆତଙ୍କରାଜ ଦେଖି ବଜାରର ଦୋକାନଗୁଡ଼ିକ ପ୍ରାୟତଃ ବନ୍ଦ ହୋଇଯାଇଥିଲା। କିନ୍ତୁ କିଛି ସମୟ ପରେ ମୃତକମାନଙ୍କ ଗାଁ ଓ ଆଖପାଖ ଅଞ୍ଚଳର ବହୁ ଲୋକ ପଟ୍ଟନାୟିକିଆ ଛକରେ ପହଞ୍ଚିଯାଇଥିଲେ। ଏହାପରେ କେତେଜଣ ଉତ୍ତ୍ୟକ୍ତ ଲୋକେ ଛକରେ ଦୁଇଟି କ୍ୟାବିନ୍ ଦୋକାନକୁ ପୋଡ଼ି ଦେଇଥିବାବେଳେ କେତେକ ଦୋକାନରୁ ସାମଗ୍ରୀ ଫିଙ୍ଗାପୋପଡ଼ା କରିଥିଲେ। ତୁରନ୍ତ ଅପରାଧୀମାନଙ୍କୁ ଗିରଫ କରିବା ଦାବିରେ ଲୋକମାନେ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥର ଦୁଇପାର୍ଶ୍ୱର ବହୁ ଦୂରକୁ ଯାନବାହନ ଅଟକି ରହିଥିଲା। ସତ୍ୟବାଦୀ ଥାନା ପୋଲିସ ରାସ୍ତା ଅବରୋଧକାରୀଙ୍କୁ ହଟାଇବାକୁ ଚେଷ୍ଟା କରି ବିଫଳ ହେବା ସହ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲା। ଏପରି କି ନିଆଁ ଲିଭାଇବାକୁ ଯାଉଥିବା ଦମକଳ ଗାଡ଼ିକୁ ମଧ୍ୟ ଲୋକେ ଛାଡ଼ି ନ ଥିଲେ। ପରେ ଏସ୍‌ପି ଉମାକାନ୍ତ ଦାଶ, ଏଏସ୍‌ପି ଗାଗାରିନ ମହାନ୍ତି, ପୁରୀ ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ଓ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ସତ୍ୟବାଦୀ ଥାନାଧିକାରୀ ତପନ କୁମାର ରାଉତ ୫ ପ୍ଲାଟୁନ ପୋଲିସ ଫୋର୍ସ ସହ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ଫଳରେ ରାତି ୯ଟାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହାର ଘଣ୍ଟାଏ ପରେ ପୋଲିସ ୩ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲା। ରିପୋର୍ଟ ପ୍ରସ୍ତୁତି ଯାଏ ସତ୍ୟବାଦୀ ପୋଲିସ କୌଣସି ମାମଲା ରୁଜୁ କରି ନ ଥିବାବେଳେ ତଦନ୍ତ ଜାରି ରଖିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ତୃତୀୟ ଚତୁର୍ଥ ଓ ଅଷ୍ଟମ ନବମରେ ସମସ୍ତ ଗ୍ରହ ଅବସ୍ଥାନ କରୁଥିବାରୁ ସାଧାରଣ ସମସ୍ୟା ମଧ୍ୟରେ କାର୍ଯ୍ୟ ହାସଲ କରିବେ। ନିକଟରେ ରହୁ ନ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଏବଂ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହି ପାରନ୍ତି। ସ୍ୱାର୍ଥସାଧନ ମାନସରେ ନିଜ ଲୋକମାନେ ଅସୁବିଧାରେ ପକାଇବାର ଆଶଙ୍କା ରହିଛି।

**ବୃଷ** ଧନାଧିପତି ଉପଚୟ ସ୍ଥାନରେ ରହିଥିବାରୁ ଆର୍ଥିକ ସମସ୍ୟା ପାରିବାରିକ ଆବଶ୍ୟକତାକୁ ଅଟକାଇଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ। ସାମାଜିକ କ୍ଷେତ୍ର, ସାଂଗଠନିକ ସ୍ତରରେ ଆପଣଙ୍କ କାର୍ଯ୍ୟଦକ୍ଷତା ଲୋକପ୍ରିୟତାକୁ ବଢ଼ାଇବ।

**ମିଥୁନ** ଧନାଧିପ ସପ୍ତମ ସ୍ଥାନସ୍ଥ ହେତୁ ଅର୍ଥ ଲାଭ କାରଣରୁ ମନ ଖୁସି ରହିବ। କିନ୍ତୁ ମୃଗଶିରା ନକ୍ଷତ୍ରାଧିପତି ଦୁର୍ବଳ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିପାରେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଏକ ଆଧ୍ୟାତ୍ମିକ ପରିବେଶରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** ସୁଖଭାବାଧିପତି ରବି ଦ୍ୱାଦଶ ଭାବସ୍ଥ ହେତୁ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ କଳହ ଲାଗିବାର ସମ୍ଭାବନା ରହିଛି। ଭୁଲ୍ ବୁଝାମଣା କାରଣରୁ ଅତିପ୍ରିୟ ବନ୍ଧୁଙ୍କ ସହ ମନାନ୍ତର ହୋଇପାରେ। ଘରେ ଅସାବଧାନତାବଶତଃ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଦୂରଯାତ୍ରାର ସୁଯୋଗ ପାଇବା ସହ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି।

**ସିଂହ** କର୍ମାଧିପତି ଏକାଦଶସ୍ଥ ଯୋଗୁ ଅଟକି ରହିଥିବା କାମଗୁଡ଼ିକୁ ସମ୍ପନ୍ନ କରିବେ। କିନ୍ତୁ ପରିବାରରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ମନକଥା ମନରେ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିପାରନ୍ତି। ରାହୁଯୁକ୍ତ ରବି କାରଣରୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**କନ୍ୟା** ବିଶେଷ କିଛି ଅସୁବିଧା ନ ଥାଇ ମଧ୍ୟ ନିଜ ଲୋକମାନଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା ଯୋଗୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆବଶ୍ୟକତାନୁସାରେ ଗୃହୋପକରଣ କ୍ରୟ କରିପାରନ୍ତି। କିନ୍ତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା** ତୃତୀୟସ୍ଥ ଶନି ଓ ଚନ୍ଦ୍ରଙ୍କ ସମ୍ପର୍କ ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗରୁ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିପାରିବେ। ତରତର ହୋଇ କିଛି କାମ କରନ୍ତୁ ନାହିଁ, ଯାହାକି କାମକୁ ବିଗାଡ଼ି ଦେଇପାରେ। ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବିଛା** ମନ ଚାହୁଁଥିବା ପ୍ରକାରେ କାମ ନ ହେବା କାରଣରୁ ମାନସିକ ସ୍ତରରେ ଚିନ୍ତିତ ରହିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ବନ୍ଧୁଙ୍କ ଜରିଆରେ ଆଶା କରୁଥିବା ଖବରଟି ପାଇ ଖୁସି ହେବେ। ମନ ବିରକ୍ତି ହେତୁ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ** ଯେତେ ଭଲ ହେଲେ ମଧ୍ୟ ଅତୀତର କୌଣସି ଘଟଣା ମନକୁ ବେଶି ବିବ୍ରତ କରିବ। ଯାତ୍ରା କାଳରେ କିମ୍ବା ଜନଗହଳି ରାସ୍ତାରେ ସତର୍କତା ଅଭାବରୁ ଧନହାନି ଘଟିପାରେ। କୌଣସି ପ୍ରିୟବନ୍ଧୁଙ୍କ ଆଗମନ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। କଠିନ ଶ୍ରମ ଯୋଗୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବାର ଆଶଙ୍କା ରହିଛି।

**ମକର** ବହୁଳ ମାତ୍ରାରେ ଦୁଶ୍ଚିନ୍ତା ଦୂର ହୋଇଥିଲେ ମଧ୍ୟ ନୂଆ ନୂଆ ସମସ୍ୟା ପୁନଶ୍ଚ ମୁଣ୍ଡ ଟେକିପାରେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ନେବାରେ ବହୁତ ବାଧା,ବିଘ୍ନର ସମ୍ମୁଖୀନ ହେବାର ସୂଚନା ରହିଛି।

**କୁମ୍ଭ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତର୍କବିତର୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖା ଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବାରୁ କୌଣସି କାମରେ ଆଗଭର ହୋଇପାରିବେ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବାସହ ଲକ୍ଷ୍ୟ ହାସଲ କରିପାରିବେ।

**ମୀନ** କର୍ମକ୍ଷେତ୍ରରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସମର୍ଥ ହେବେ। ବିବାଦୀୟ ପରିସ୍ଥିତିରେ କିମ୍ବା ମାଲିମକଦ୍ଦମାରେ ସଫଳତା ହାସଲ କରିବେ। ଯଦିଓ ଦେହ ଭଲ ରହିବ ମାତ୍ର ଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। ଆନୁଷ୍ଠାନିକ କିମ୍ବା ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

ଆଜି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନୀଳାଦ୍ରି ବିଜେ, ଶିବ ଶୟନୋତ୍ସବ,ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ସୋମବାର, ଜୁଲାଇ ୧୫, ବିଶ୍ୱ ଯୁବ କୌଶଳ ଦିବସ, ରସଗୋଲା ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ମିଥୁନ ରାଶିର ଘାତବାର, ଚତୁର୍ଦ୍ଦଶୀରଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଦିବା ଘ୬।୫୦ମି. ମଧ୍ୟେ, ଘ୧।୦୫ମି. ଗତେ ଘ୨।୪୩ମି. ମଧ୍ୟେ, ଘ୪।୪୩ମି. ଗତେ ଘ୬।୨୨ମି ମଧ୍ୟେ ଅମୃତବେଳା। ସକାଳ ଘ୮।୨୮ମି. ଗତେ ଘ୧୦।୦୨ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday 0674-2580101, 2549302

**real estate**

**SALE**

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/-ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

**SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 8917502591.** D-66731

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

2BHK, 3BHK ready to move flats at Hitech Heaven near Godiapokhari Chowk, Bhubaneswar. 9778832554, 9937927876. D-13355

ଭୁବନେଶ୍ୱର **KIIT** ଜଗନ୍ନାଥ ମନ୍ଦିରଠାରେ ଘରବାରୀ **plot 30'** ରାସ୍ତା, ଇଲେକ୍ଟ୍ରି ଥାଇ ବିକ୍ରିହେବ। **6372824177.** D-66727

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft 650/- 7008045582, 9692003948. D-13401

ଭୁବନେଶ୍ୱର **Infocity-2 boundary**କୁ ଲାଗି **mega plotting project sqft. 350/-** ରେ **(Sidhavihar Colony)**ରେ **plot** କିଣନ୍ତୁ **9114955347, 8658962508.** D-66729

Urgent for immediate sale. A core house built-up area 1700sqft. Total land 10,000sqft at Nirakarpur, Khorda, may be sold partly. Only Genuine buyer may Contact No: 9777947573, 9938800102. D-13415

**Conversion demarcation plot sale** ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ **side**ରେ **1200sqft. 6,60,000/-. 9437306208.** D-66728

2BHK fully furnished with modular kitchen apartment sale at Gudiapokhari near KEC. 15 minutes drive from Bhubaneswar and 40 minutes from Puri. Buyer please contact: 9438109040, 8144658008. D-13402

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ **BDA yellowzone plot 30'road,** ଇଲେକ୍ଟ୍ରିସିଟି ଥାଇ **sqft 999/-,** ପିପିଲି **bypass** ପାଖରେ **399/-** ରେ ବିକ୍ରିହେବ। **8917502591.** D-66732

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**LEASE**

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529.** D-13302

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Ayurvedic full body massage ladies & gents smart therapist. 9040900385. D-66926

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13392

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

■ ସରିଲା ଅଧରପଣା ନୀତି

# ୩ ରଥରେ ଭଙ୍ଗାଗଲା ୯ ଅଧର ହାଣ୍ଡି

ପୁରୀ ଅଫିସ, ୧୪।୭

ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ରବିବାର ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୁଢ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ଛୁଟିଦିନ ଏବଂ ଅନୁକୂଳ ପାଗ ଯୋଗୁ ଲକ୍ଷାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦାର୍ଶନ କରିଛନ୍ତି।

ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ଲାଗି ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର ଓ ଜାଇଫଳ ଆଣି ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧାଯାଇଥିଲା। ଏହାପରେ ମହାସୁଆରମାନେ ପଣା ପାଇଁ ଆସିଥିବା ସାମଗ୍ରୀ ମିଶାଇ ପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗା ଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଉକ୍ତ ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷାସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି। ରାତି ୮ଟାରେ ଅଧରପଣା ନୀତି ଶେଷ ହେବାକୁ ଥିବା ବେଳେ ଏହା ରାତି ୯ଟା ୨୭ରେ ସରିଥିଲା। ପ୍ରଥମେ ତାଳଧ୍ୱଜ ରଥରେ ୯ଟା ୧୦, ଦର୍ପଦଳନ ରଥରେ ୯ଟା ୧୨ ଏବଂ ଶେଷରେ ନନ୍ଦିଘୋଷ ରଥରେ ୯ଟା ୨୭ରେ ଅଧରପଣା ହାଣ୍ଡି ଭଙ୍ଗା ଯାଇଥିଲା। ଏହି ନୀତି ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ବଡ଼ ଓଡ଼ିଆ ମଠ, ରାଘବ ଦାସ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଥିଲେ।

ତେବେ ବିଗତ କିଛିବର୍ଷକୁ ଦେଖିଲେ ଅଧରପଣା ଦିନ ଶ୍ରୀକ୍ଷେତ୍ରରେ ଏତେ ସଂଖ୍ୟାରେ ଭକ୍ତଙ୍କ ଗହଳି ନ ଥାଏ। କିନ୍ତୁ ଚଳିତବର୍ଷ ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଏହି ଅଧରପଣା ନୀତି ଦର୍ଶନ କରିଛନ୍ତି। ଦ୍ୱିତୀୟ ଶନିବାର ଏବଂ ରବିବାର ଛୁଟିଦିନ ଥିବାରୁ ବହୁ ସଂଖ୍ୟକ ଲୋକ ସପରିବାର ପୁରୀରେ ରହିଛନ୍ତି। ତେଣୁ ଅଧରପଣା ନୀତି ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି।

## ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



ଜଗନ୍ନାଥଙ୍କ ରଥରେ ଅଧରହାଣ୍ଡି ଭଙ୍ଗାଯାଉଛି।





## ଅଫିସରଙ୍କ ହାତରେ ମହାନଗର ନିଗମ

୨୦୧୩ରେ ସମ୍ବଲପୁର ମହାନଗର ନିଗମ ଘୋଷଣା ହେଲା। ଇତିମଧ୍ୟରେ ୬ ବର୍ଷ ବିତିଛି। ହେଲେ ନିଗମ କ'ଣ ଏବଂ ଏହାର ରୂପରେଖ କିପରି ତାହା ସହରବାସୀ ଜାଣି ପାରିନାହାନ୍ତି। କାରଣ ମହାନଗର ନିଗମ ଗଠନ ପରେ ଅଫିସର ନିଯୁକ୍ତ ହେଲେ, କିନ୍ତୁ ନିର୍ବାଚନ ହୋଇପାରିଲା ନାହିଁ। ଏଥିଯୋଗୁ ଗୋଟିଏ ପଟେ ଲୋକେ ତାଙ୍କ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଉଥିବା ବେଳେ ଅନ୍ୟପକ୍ଷେ ସେମାନଙ୍କ ସ୍ୱର ପ୍ରଶାସନ ପାଖରେ ଠିକ୍‌ଭାବେ ପହଞ୍ଚି ପାରିଲା ନାହିଁ। ଜନ ପ୍ରତିନିଧିଙ୍କ ପାଖରେ ଲୋକେ ସେମାନଙ୍କ ଦାବି ଯେପରି ଢଙ୍ଗରେ ଉପସ୍ଥାପନ କରିପାରନ୍ତି, ତାହାକୁ ଜଣେ ଅଫିସରଙ୍କ ପାଖରେ କରିପାରନ୍ତି ନାହିଁ। ଏହିପରି ଅବସ୍ଥା ଗତ ୬ବର୍ଷ ଧରି ଲାଗି ରହିବା ଫଳରେ ସମ୍ବଲପୁର ମହାନଗର ନିଗମରେ ବିକାଶ ବାଧାପ୍ରାପ୍ତ ହୋଇଛି। ଅପରପକ୍ଷରେ ନିର୍ବାଚିତ ପ୍ରତିନିଧି ନ ଥିବାରୁ ଏହା ମତାଧିକାର ପ୍ରତି ଉପହାସ ବୋଲି କୁହାଯାଉଛି। ନିର୍ବାଚନ ନ ହେବା ପଛରେ ପ୍ରଶାସନ ପକ୍ଷରୁ ଆଇନଗତ ସମସ୍ୟାକୁ ଦର୍ଶାଯାଉଛି। ନିର୍ବାଚନ ନ ହେବାର କାରଣ ଯାହା ହେଉନା କାହିଁକି, ଏହାର ପ୍ରଭାବ ସିଧା ଜନସାଧାରଣଙ୍କ ଉପରେ ପଡୁଛି। ନିର୍ବାଚିତ ପ୍ରତିନିଧି ନ ଥିବାରୁ ମହାନଗର ନିଗମ ଅଫିସରଙ୍କ ହାତରେ ପରିଚାଳିତ ହେଉଛି। ତେଣୁ ୱାର୍ଡଗୁଡ଼ିକରେ ଥିବା ବାସ୍ତବ ସମସ୍ୟା ସମାଧାନ ହୋଇପାରୁନାହିଁ। ଲୋକେ ପାଣି, ବିଜୁଳି, ରାସ୍ତା ଆଦି ମୌଳିକ ସମସ୍ୟା ଉପରେ ଅଭିଯୋଗ ମଧ୍ୟ କରିପାରୁନାହାନ୍ତି। ମହାନଗର ନିଗମ ପକ୍ଷରୁ କେବଳ ବଡ଼ ବଡ଼ ପ୍ରକଳ୍ପଗୁଡ଼ିକ ହାତକୁ ନିଆଯାଇ ବିକାଶ ହେଉଥିବା କୁହାଯାଉଛି। ହେଲେ ନିଗମ ଅଧୀନ ଯେଉଁ ୱାର୍ଡକୁ ବି ଗଲେ ଲୋକଙ୍କ ସମସ୍ୟା ଜଳଜଳ ଦେଖାଯାଉଛି। ମହାନଗର ନିଗମରେ ମାନେଶ୍ୱର ଓ ଧନକଉଡ଼ା ବ୍ଲକର ୧୨ ପଞ୍ଚାୟତ ସହ ବୁର୍ଲା ଓ ହୀରାକୁଦ ଏନ୍‌ଏସିକୁ ସାମିଲ କରାଯାଇଛି। ମହାନଗରରେ ସାମିଲ ହେବା ଏକ ଅଭିଶାପ ବୋଲି ଏହି ଲୋକମାନେ କହୁଛନ୍ତି। ପଞ୍ଚାୟତ ବା ଏନ୍‌ଏସି ଅଧୀନରେ ଥିବାବେଳେ ସେମାନେ ସୁବିଧା ସୁଯୋଗ ପାଉଥିଲେ। ଏବେ ତାହା ମିଳୁ ନ ଥିବା ଅଭିଯୋଗ ହେଉଛି। ୨୦୦୮ରେ ସମ୍ବଲପୁର ପୌରପାଳିକା ନିର୍ବାଚନ ହୋଇଥିଲା। ୨୦୧୩ ପର୍ଯ୍ୟନ୍ତ ଜନପ୍ରତିନିଧି ରହିଥିଲେ। ୨୦୧୩ରୁ ୨୦୧୯ ମଧ୍ୟରେ ମହାନଗର ନିଗମର ୨ଥର ନିର୍ବାଚନ ହେବା କଥା। ହେଲେ ଏହା କରାଯାଇ ପାରିଲା ନାହିଁ। ଏହି ସମୟ ମଧ୍ୟରେ ୨୦୧୪ ଓ ୨୦୧୯ରେ ଦୁଇଟି ସାଧାରଣ ନିର୍ବାଚନ ସରିଛି। ୨୦୧୪ ସାଧାରଣ ନିର୍ବାଚନ ସମୟରେ ମହାନଗର ନିଗମ ନିର୍ବାଚନ ହୋଇଥିଲେ ସାଧାରଣ ନିର୍ବାଚନ ଭୋଟ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରି ରାଜନୈତିକ ଦଳଗୁଡ଼ିକ ମହାନଗର ନିର୍ବାଚନ ପାଇଁ ଇଚ୍ଛା ପ୍ରକାଶ କଲେ ନାହିଁ। ନିକଟରେ ରାଜ୍ୟରେ ଅନ୍ୟ ମହାନଗର ନିଗମ ଓ ପୌରପାଳିକାରେ ନିର୍ବାଚନ ହେବ। ଏହିକ୍ରମରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମ୍ବଲପୁର ମହାନଗର ନିଗମର ଜନସଂଖ୍ୟା, ୱାର୍ଡର ସୀମା ନିର୍ଦ୍ଧାରଣ, ସିଟ୍ ସଂରକ୍ଷଣ ଆଦି ବିଷୟରେ ରିପୋର୍ଟ ତଲବ କରାଯାଇଛି। ତେଣୁ ଏଥର ସମ୍ବଲପୁର ମହାନଗର ନିଗମର ନିର୍ବାଚନ ହେବ ବୋଲି ଲୋକେ ଆଶାବାନ୍ଧି ବସିଛନ୍ତି।

– ଶୁଭାଶିଷ ପାଢ଼ୀ

## ୭ଜଣଙ୍କୁ ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର



ମଞ୍ଚାସୀନ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ଭୁବନେଶ୍ୱର ପୁସ୍ତକମେଳାର ୩୫ତମ ପୁରସ୍କାର ବିତରଣ ଉତ୍ସବ ରବିବାର ସ୍ଥାନୀୟ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୭ଜଣଙ୍କୁ ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର ପ୍ରଦାନ କରାଯାଇଛି। ସେଥିମଧ୍ୟରେ ଗଳ୍ପ 'ତାରା ଭର୍ତ୍ତି ଆକାଶ' ପୁସ୍ତକ ପାଇଁ ବିରଜା ରାଉତରାୟ ଓ କବିତା ପୁସ୍ତକ 'ନିଆଁର କୋଲାଜ୍' ପାଇଁ ପ୍ରତୀକ୍ଷା ଜେନାଙ୍କୁ ପୁସ୍ତକମେଳା ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କଥାକଳିକା ୨୦୧୮ ପୂଜା ପତ୍ରିକାର ଗଳ୍ପ 'ଅଜଣା ସମୁଦ୍ର' ପାଇଁ କ୍ଷୀରୋଦ ପଟ୍ଟନାୟକଙ୍କୁ ରବି ପଟ୍ଟନାୟକ ସ୍ମୃତି ପୁରସ୍କାର ଦିଆଯାଇଛି। ସେହିଭଳି 'ପୁନଶ୍ଚ ବଳିଦତ୍ତ' ପୁସ୍ତକ ପାଇଁ ମହେଶ୍ୱତା ସାହୁଙ୍କୁ ଉତ୍ତମ ଚରଣ ନାୟକ ଗଳ୍ପ ପୁରସ୍କାର, 'ଗୀତ ନା ଗପ' ପୁସ୍ତକ ପାଇଁ ମାନସ ରଞ୍ଜନ ସାମଲଙ୍କୁ ଶିଶୁ ସାହିତ୍ୟ ପୁରସ୍କାର, ଏଥେନାର ରାଜକିଶୋର ଦାସଙ୍କୁ ଶ୍ରେଷ୍ଠ ପ୍ରକାଶକ ଏବଂ ସାମ୍ବାଦିକ ରାଜାରାମ ଶତପଥୀଙ୍କୁ ବରେନ୍ଦ୍ରକୃଷ୍ଣ ଧଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ପଶ୍ଚିମା ସାହିତ୍ୟ ପତ୍ରିକା ପ୍ରଦତ୍ତ ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା। 'ବିଧର୍ମୀ' ପୁସ୍ତକ ପାଇଁ ଅରବିନ୍ଦ ଦାସଙ୍କୁ ପଶ୍ଚିମା ଗଳ୍ପ ସମ୍ମାନ, 'ପ୍ରେମର ଦୂର ଗୀତ' ପାଇଁ କେଦାର ମିଶ୍ରଙ୍କୁ ପଶ୍ଚିମା କବିତା ସମ୍ମାନ, 'ସୃଜନ ସ୍ୱପ୍ନ' ପାଇଁ ଡ. ଇନ୍ଦୁପ୍ରଭା ସାମଲଙ୍କୁ ପଶ୍ଚିମା ପ୍ରବନ୍ଧ ସମ୍ମାନ, 'ଡାର୍ଟି ପିକ୍‌ଚର' ପାଇଁ ରବିନାରାୟଣ ଦାଶଙ୍କୁ ପଶ୍ଚିମା ଉପନ୍ୟାସ ସମ୍ମାନ ଦିଆଯାଇଛି। ସାହିତ୍ୟିକ ସାତକଡ଼ି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ପଦ୍ମବିଭୁଷଣ ସୀତାକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସାହିତ୍ୟିକା ପ୍ରତିଭା ଶତପଥୀ, ଭୁବନେଶ୍ୱର ପୁସ୍ତକମେଳା କମିଟିର ସମ୍ପାଦକ ଅଶୋକ ମହାନ୍ତି ଯୋଗଦେଇ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ।

■ ବିଜେଡି ଏମ୍‌ପିଙ୍କୁ ନବୀନଙ୍କ ଚିଠି

## ରାଜ୍ୟବାସୀଙ୍କ ଶ୍ରଦ୍ଧାଭାଜନ ହେବାକୁ ପରାମର୍ଶ

ଭୁବନେଶ୍ୱର,୧୪।୭(ବ୍ୟୁରୋ)

■ ପ୍ରତି ଦୁଇମାସରେ ଦେବେ ରିପୋର୍ଟ କାର୍ଡ

■ ସମୀକ୍ଷା ସହ ପରାମର୍ଶ ଦେବେ ସଭାପତି

ବିଧାୟକ ଓ ମନ୍ତ୍ରୀମାନଙ୍କୁ ଶୃଙ୍ଖଳା ଓ ଉତ୍ତରଦାୟିତ୍ୱର ପାଠ ପଢ଼ାଇବା ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ଲୋକ ସଭା ଏବଂ ରାଜ୍ୟ ସଭା ସଦସ୍ୟମାନଙ୍କୁ ରବିବାର ପତ୍ର ଲେଖି ଅନେକ ପରାମର୍ଶ ଦେଇଛନ୍ତି। ଏମ୍‌ପିମାନେ ନିଜର ସଂସଦୀୟ ଦାୟିତ୍ୱ ନିର୍ବାହ କରିବା ସହ ନିଜ ନିଜ ଅଞ୍ଚଳ ବୁଲି ଲୋକଙ୍କ କାର୍ଯ୍ୟ କରୁଛନ୍ତି। ସେମାନେ ଆସନ୍ତା ଅଗଷ୍ଟ ମାସରୁ ପ୍ରତି ଦୁଇ ମାସରେ ଥରେ ୧୦ ତାରିଖ ସୁଦ୍ଧା ନିଜ ରିପୋର୍ଟ କାର୍ଡ ଲିଖିତଭାବେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟଗୁଡ଼ିକର ସମୀକ୍ଷା କରାଯିବା ସହ ମୁଖ୍ୟମନ୍ତ୍ରୀ ଏମ୍‌ପିମାନଙ୍କୁ ପରାମର୍ଶ ଦେବା ନେଇ ଚିଠିରେ ଉଲ୍ଲେଖ କରିଛନ୍ତି।

ଏତଦ୍‌ବ୍ୟତୀତ ବିଜେଡି ସଭାପତି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟବାସୀଙ୍କ ଆଶା, ଆକାଂକ୍ଷା ପୂରଣ ତଥା ସ୍ୱାର୍ଥ, ସ୍ୱାଭିମାନ ପାଇଁ ଦଳର ନିରନ୍ତର ପ୍ରୟାସ ହିଁ ବିଜେଡିକୁ ୫ମଥର ପାଇଁ କ୍ଷମତାସୀନ କରାଇଛି। ଲୋକ ସଭାରେ ମଧ୍ୟ ରାଜ୍ୟରୁ ବିଜେଡି ସର୍ବାଧିକ ଆସନରେ ବିଜୟୀ ହୋଇଛି। ତେଣୁ ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ବିଜେଡିର ଉତ୍ତରଦାୟିତ୍ୱ ସର୍ବାଧିକ ବୋଲି ନବୀନ କହିଛନ୍ତି।

ନିର୍ବାଚନ ପରେ ଦଳୀୟ ଏମ୍‌ପିମାନଙ୍କ ସହ ବିଜେଡି ସଭାପତି ଆଲୋଚନା କରିଥିଲେ। ଏହି ସମୟରେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିବା ପାଇଁ ସଦସ୍ୟଙ୍କ ଆଗ୍ରହ ଓ ପ୍ରତିବଦ୍ଧତା ତାଙ୍କୁ ଆନନ୍ଦିତ କରିଥିବା ନବୀନ କହିଛନ୍ତି। ଗତ ଲୋକ ସଭା ନିର୍ବାଚନରେ ପ୍ରଥମଥର ପାଇଁ ଦଳ ପକ୍ଷରୁ ଏକତୃତୀୟାଂଶ ଲୋକ ସଭା ଆସନରେ ମହିଳାଙ୍କୁ ପ୍ରାର୍ଥୀ କରାଯାଇଥିଲା। ରାଜ୍ୟବାସୀ ମଧ୍ୟ ଦଳର ଏହି ନିଷ୍ପତ୍ତିକୁ ସମ୍ମାନ ଦେଇ ବିପୁଳ ସମର୍ଥନ କରିଥିଲେ। ମହିଳା ପ୍ରାର୍ଥୀମାନେ ପାର୍ଲାମେଣ୍ଟରେ ନିଜ ପ୍ରଥମ ପଦାର୍ପଣରେ ରାଜ୍ୟବାସୀଙ୍କ ସ୍ୱାର୍ଥ ଯେଭଳି ଭାବେ ଉପସ୍ଥାପିତ କରିଛନ୍ତି, ତାହା ତାଙ୍କୁ ବେଶ୍ ପ୍ରଭାବିତ କରିଥିବା ନବୀନ କହିଛନ୍ତି। ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ଅଭିଜ୍ଞ ଏବଂ ନବାଗତଙ୍କ ଉପଯୁକ୍ତ ସନ୍ତୁଳନ ରହିଛି। ଏହା ମହିଳା, ଯୁବକ, ସଂରକ୍ଷିତ ବର୍ଗଙ୍କ ସ୍ୱାର୍ଥ ସହ ରାଜ୍ୟର ସାମଗ୍ରିକ କଲ୍ୟାଣ ଏବଂ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗର ସମାଧାନ ବାଟ ଖୋଜିବାରେ ସହାୟକ ହେବ ବୋଲି ବିଜେଡି ସଭାପତି ଆଶାବ୍ୟକ୍ତ କରିଛନ୍ତି। ସେହିଭଳି ଏମ୍‌ପିମାନେ କିଭଳି କାର୍ଯ୍ୟ କଲେ, ରାଜ୍ୟର ସ୍ୱାର୍ଥ ଓ ରାଜ୍ୟବାସୀଙ୍କ କଲ୍ୟାଣ ନିମନ୍ତେ ନିଜକୁ ପୂର୍ଣ୍ଣପ୍ରାଣରେ ଉତ୍ସର୍ଗ କରାଯାଇପାରିବ, ସେ ଦିଗରେ ସେ ନିର୍ଦ୍ଦିଷ୍ଟ ମତାମତ ରଖିବେ ବୋଲି ବିଜେଡି ସଭାପତି କହିଛନ୍ତି। ଏମ୍‌ପି ଭାବେ ସଫଳ ହେବା ସହ ଓଡ଼ିଆ ଜନସାଧାରଣଙ୍କ ଶ୍ରଦ୍ଧାଭାଜନ ହେବା ପାଇଁ ନବୀନ ପଟ୍ଟନାୟକ କାମନା କରିଛନ୍ତି।

## ୪ ଓଭରବ୍ରିଜ୍, ୬ ଆର୍‌ଓବି ପାଇଁ ପୂର୍ତ୍ତ ବିଭାଗ ଷ୍ଟାଣ୍ଡିଂ କମିଟିର ସୁପାରିସ

**ଭୁବନେଶ୍ୱର,୧୪।୭(ବ୍ୟୁରୋ):** ରାଜ୍ୟର ପ୍ରତି ବ୍ଲକରେ ପୂର୍ତ୍ତ ବିଭାଗ ପକ୍ଷରୁ ଡାକବଙ୍ଗଳା(ଆଇବି) କରାଯାଉ। ବିଭାଗ ପକ୍ଷରୁ ସାରା ରାଜ୍ୟରେ ଥିବା ଆଇବିଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉ। ସେହିପରି ରାଜ୍ୟର ଗ୍ରାମାଞ୍ଚଳରେ ଭାରିଯାନ ଚଳାଚଳ ହେତୁ ରାସ୍ତାଗୁଡ଼ିକ ଖରାପ ହେଉଛି, ତେଣୁ ଜାତୀୟ ରାଜପଥ ମାନର ରାସ୍ତା ନିର୍ମାଣ କରାଯାଉ। ବିଧାନସଭା ପୂର୍ତ୍ତ ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକରେ ଏହି ପରାମର୍ଶ ଦିଆଯାଇଛି। ସେହିଭଳି ଓଡ଼ିଶା ବିଧାନସଭାର ପରିଚୟପତ୍ର ଥିବା ଗାଡ଼ିକୁ ବିନା ବାଧାରେ ରାଜ୍ୟରେ ଥିବା ସମସ୍ତ ଟୋଲଗେଟ୍‌ରେ ଛଡ଼ାଯାଉ। ବିଶେଷକରି ପୁରୀ–ଭୁବନେଶ୍ୱର ରାସ୍ତାରେ ଥିବା ପିପିଲି ନିକଟସ୍ଥ ଟୋଲଗେଟ୍‌କୁ ଏହି ନିର୍ଦ୍ଦେଶ ଦେବାକୁ କମିଟି ପକ୍ଷରୁ ସୁପାରିସ କରାଯାଇଛି।

ରାଜ୍ୟର ୪ଟି ସ୍ଥାନରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ପାଇଁ ଷ୍ଟାଣ୍ଡିଂ କମିଟି ବୈଠକରେ ଆଲୋଚନା ହୋଇଥିବା ବିବରଣୀରୁ ଜଣାପଡିଛି। ଏହି ସ୍ଥାନଗୁଡିକ ହେଉଛି– ଭୁବନେଶ୍ୱରର କଳ୍ପନା ଛକ, ବ୍ରହ୍ମପୁରର ଗେଟ୍ ବଜାର ଛକ, ଖଲ୍ଲିକୋଟ ଛକ ଏବଂ କଟକ ସହର ମଧ୍ୟରେ ଥିବା କାଠଗଡ଼ାସାହି ନିକଟସ୍ଥ ତାରବାଟ ଛକ। ସେହିପରି ରାଜ୍ୟର ୬ଟି ସ୍ଥାନରେ ରେଳ ଓଭର ବ୍ରିଜ(ଆର୍‌ଓବି) ପାଇଁ କମିଟି ବୈଠକରେ ଆଲୋଚନା କରାଯାଇଛି। ଏଗୁଡିକ ହେଉଛି– ଛତିଆ–କଳକରା ମଧ୍ୟରେ ଥିବା ବଇରୀ, ଭଦ୍ରକ ଜିଲାର କେନ୍ଦୁଆପଦା, ଭୁବନେଶ୍ୱରର କଳାରାହାଙ୍ଗ, କଟକର ଶିଖରପୁର, ଟାଙ୍ଗୀ–କପିଳାସ ରୋଡ୍‌ର ଟାଙ୍ଗୀ ଏବଂ ପୁରୀ–କୋଣାର୍କର ସିଦ୍ଧମହାବୀର ଅଞ୍ଚଳ।

## ଦେଢ଼ ମାସରେ ୨୦.୩% କମିଛି ବର୍ଷା ପରିମାଣ

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

■ ଲଘୁଚାପ ନ ହେଲେ ନିଅଣ୍ଟିଆ ବର୍ଷା ପରିମାଣ ବଢ଼ିବ

■ ମରୁଡ଼ି ଆଶଙ୍କା

■ ୧୭ରୁ ବର୍ଷା ସମ୍ଭାବନା

ରାଜ୍ୟରେ ଏପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷା ହୋଇନାହିଁ। ଚଳିତବର୍ଷ ମୌସୁମୀ ବିଳମ୍ବରେ ଆସିଥିଲେ ମଧ୍ୟ ସ୍ୱାଭାବିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିଲା। ଜୁଲାଇ ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ପ୍ରବଳ ବର୍ଷା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏପର୍ଯ୍ୟନ୍ତ ବର୍ଷାର ଦେଖା ନାହିଁ। ଗୋଟିଏ ଦିନ ବର୍ଷା ହୋଇଗଲେ ଆଉ ୩–୪ଦିନ ବର୍ଷା ହେଉନାହିଁ। ଜୁନ୍ ମାସରେ ୨୧୬.୫ ମିମି ବର୍ଷା ହେବା କଥା। ମାତ୍ର ୧୪୮.୩ ମିମି ବର୍ଷା ହୋଇଥିଲା। ତେବେ ଜୁଲାଇ ମାସରେ କିଛି ମାତ୍ରାରେ ଏହି ନିଅଣ୍ଟିଆ ବର୍ଷା ପରିମାଣ ପୂରଣ ହୋଇଯିବ ବୋଲି ଅନୁମାନ କରାଯାଉଥିଲା। ହେଲେ ଜୁଲାଇ ମାସ ଦ୍ୱିତୀୟ ସପ୍ତାହ ବିତିଯାଇଥିଲେ ମଧ୍ୟ କାଁ ଭାଁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହୋଇଛି। ଜୁନ୍ ମାସରେ ୩୧ପ୍ରତିଶତ କମ୍ ବର୍ଷା ହୋଇଥିବାବେଳେ ଜୁଲାଇ ୧ରୁ ୧୩ତାରିଖ ମଧ୍ୟରେ ୩% ବର୍ଷା ପରିମାଣ କମିଛି। ଜୁନ୍ ୧ରୁ ଜୁଲାଇ ୧୩ତାରିଖ ମଧ୍ୟରେ ବର୍ଷାର ପରିମାଣ ୨୦.୩% କମ୍ ରହିଛି। ଏହି ସମୟ ମଧ୍ୟରେ ରାଜ୍ୟରେ ୩୫୯ମିମି ବର୍ଷା ହେବା କଥା। କିନ୍ତୁ ଏପର୍ଯ୍ୟନ୍ତ ମାତ୍ର ୨୮୬.୧ ମିମି ବର୍ଷା ହୋଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ଯଦି ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ବଙ୍ଗୋପସାଗରରେ ଲଘୁଚାପ ବଳୟ ସୃଷ୍ଟି ନ ହୁଏ, ତେବେ ନିଅଣ୍ଟିଆ ବର୍ଷା ପରିମାଣ ବଢ଼ିଯିବ। ଆସନ୍ତା ମାସକୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟପଟେ ରବିବାର କେବଳ ମାଲକାନଗିରିରେ ୧.୬ ପ୍ରତିଶତ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସୋମବାର ମାଲକାନଗିରି, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ପୁରୀ, ରାୟଗଡ଼ା, ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବଲାଙ୍ଗୀର, ସୋନପୁର, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ଭଦ୍ରକ, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, କେନ୍ଦୁଝରରେ କାଳବୈଶାଖୀ ସହ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ସେହିପରି ଆସନ୍ତା ୧୭ତାରିଖରୁ ପ୍ରବଳ ବର୍ଷା ହେବ ବୋଲି ମଧ୍ୟ ପାଣିପାଗ ପୂର୍ବାନୁମାନ କରିଛି।




ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା। ଏବଂ ଝଡ଼ଝଞ୍ଜାକୁ ବାଟ ଛାଡ଼ିଦେବା।
– ଶ୍ରୀମା

# ଅଧିକ ମଦ ପିଆଇବେ

ଓଡ଼ିଶା ବିଧାନସଭାରେ ୧୨ ଜୁଲାଇ ୨୦୧୯ରେ ଉପସ୍ଥାପିତ ଅବକାରୀ ବିଭାଗ ଷ୍ଟାଣ୍ଡିଂ କମିଟିର ସୁପାରିସ ଅନୁଯାୟୀ ରାଜ୍ୟରେ ଅଧିକ ମଦ ବିକ୍ରି ପାଇଁ ବ୍ୟବସ୍ଥା କରାଯିବା ଦରକାର ବୋଲି କୁହାଯାଇଛି। ଏହାପଛର ଲକ୍ଷ୍ୟ ଭାବେ ଦର୍ଶାଯାଇଛି ଯେ, ରାଜ୍ୟର ଅବକାରୀ ଆୟ ବୃଦ୍ଧି କରିବା। ଏଭଳି ସୁପାରିସରେ ଆହୁରି କୁହାଯାଇଛି, ଲାଇସେନ୍ସପ୍ରାପ୍ତ ଯେଉଁ ବ୍ୟବସାୟୀ ମିନିମମ୍ ଗ୍ୟାରେଣ୍ଟି କୋଟା (ଏମ୍‌ଜିକ୍ୟୁ) ଲକ୍ଷ୍ୟ ହାସଲ କରୁଛନ୍ତି ବା ତା'ଠାରୁ ଅଧିକ ମଦ ଉଠାଉଛନ୍ତି, ସେମାନଙ୍କ ଲାଗି ପୁରସ୍କାର ବ୍ୟବସ୍ଥା କରାଯାଉ। ଗୋଟିଏପଟେ ମହିଳା ସଶକ୍ତୀକରଣ ଲାଗି ପଦକ୍ଷେପ ନିଆଯାଉଛି ବୋଲି ଦାବି କରାଯାଉଥିବା ବେଳେ ଅନ୍ୟପଟେ ଏଭଳି ଚିନ୍ତାଧାରା ରାଜ୍ୟ ସରକାରଙ୍କ ଅସଲ ରୂପକୁ ପଦାରେ ପକାଇଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ୨୦୧୮ ସେପ୍ଟେମ୍ବରରେ ଏକ ରିପୋର୍ଟ ପ୍ରକାଶ କରିଥିଲା ଯେ, ପ୍ରତିବର୍ଷ ଭାରତରେ ମଦ୍ୟପାନ ଯୋଗୁ ୨ ଲକ୍ଷ ୬୦ ହଜାର ଲୋକଙ୍କ ପ୍ରାଣହାନି ଘଟୁଛି। ଅତ୍ୟଧିକ ମଦ୍ୟପାନ ଲିଭର ସିରୋସିସ୍ ଭଳି ମାରାତ୍ମକ ରୋଗ ସୃଷ୍ଟି କରି ଲୋକଙ୍କ ପ୍ରାଣ ନେଉଥିବା ବେଳେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ଦ୍ୱାରା ଅନେକଙ୍କ ଜୀବନ ଯାଉଛି। ଅନ୍ୟପଟେ ଆତଙ୍କବାଦ ଯୋଗୁ ୨୦୧୪ରୁ ୨୦୧୮ ମଧ୍ୟରେ ଦେଶର ସର୍ବାଧିକ ସମ୍ବେଦନଶୀଳ ଜମ୍ମୁ ଓ କଶ୍ମୀରରେ ମାତ୍ର ୧୩୧୫ ଜଣ ଲୋକଙ୍କ ପ୍ରାଣହାନି ଘଟିଥିବା ଏକ ତଥ୍ୟରୁ ଜଣାପଡ଼ିଛି। ଭାରତ ସରକାରଙ୍କ କହିବା ଅନୁଯାୟୀ ଆତଙ୍କବାଦ ହେଉଛି ଏହି ଦେଶର ମୁଖ୍ୟ ଶତ୍ରୁ, ଯାହାର ମୁକାବିଲା ପାଇଁ ଅନେକ ହଜାର କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ କରାଯାଉଛି। ଉଭୟ ମଧ୍ୟରେ ତୁଳନାତ୍ମକ ବିଶ୍ଳେଷଣ କଲେ ମଦ୍ୟପାନଜନିତ ପ୍ରାଣହାନି ଆତଙ୍କବାଦ ସମ୍ବନ୍ଧୀୟ ମୃତ୍ୟୁ ସଂଖ୍ୟାଠାରୁ କାହିଁ କେତେ ଗୁଣରେ ଅଧିକ। କେବଳ ସେତିକି ନୁହେଁ, ମଦ ଅନେକ ଗରିବଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ଅବସ୍ଥାକୁ ଟାଣି ନେବା ସହ ପାରିବାରିକ ଅଶାନ୍ତିର ମୂଳ କାରଣ ସାଜୁଛି। ଯାହା ଦ୍ୱାରା ରାଜ୍ୟ ବା ଦେଶରେ ଅର୍ଥନୈତିକ ଓ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି, ତାହାକୁ ବନ୍ଦ କରିଦେବା ସରକାରଙ୍କ ପ୍ରାଥମିକ କାର୍ଯ୍ୟ ହେବା କଥା। ଭାରତରେ ଗୁଜରାଟ, ମିଜୋରାମ, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ ଏବଂ ବିହାରରେ ମଦ ବିକ୍ରି ଉପରେ ରୋକ ଲଗାଯାଇଛି। ସେଥିପାଇଁ ଏଗୁଡ଼ିକୁ 'ଡ୍ରାଏ ଷ୍ଟେଟ୍' ଆଖ୍ୟା ଦିଆଯାଇଛି। ହେଲେ ବ୍ୟବସାୟୀମାନେ ବେଆଇନ ଭାବେ ଏହିସବୁ ରାଜ୍ୟରେ ମଦ ଯୋଗାଉଥିବାରୁ ମଦ୍ୟପ ଚଢ଼ାଦରରେ ତାହାକୁ କିଣୁଥିବା ସମସ୍ତେ ଜାଣନ୍ତି। ଏଭଳିସ୍ଥଳେ ଓଡ଼ିଶା କଥା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡୁଛି। ମଦ ବ୍ୟବସାୟ ବଢ଼ାଇବା ଲାଗି ବିଧାନସଭାର ଷ୍ଟାଣ୍ଡିଂ କମିଟି ଦେଇଥିବା ସୁପାରିସକୁ ଦେଖିଲେ ରାଜ୍ୟରେ ସରକାର ଯେମିତି ମଦ ବନ୍ୟା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ବିଧାୟକ ସୁବ୍ରତ ତରାଇ ଏହି କମିଟିର ଅଧ୍ୟକ୍ଷ ଥିବା ବେଳେ ବିଧାୟକ ସୁରେଶ କୁମାର ରାଉତରାୟ, ଚନ୍ଦ୍ରସାରଥି ବେହେରା, ପର୍ଶୁରାମ ଧଡ଼ା, ଜଗନ୍ନାଥ ନାଏକ ଏବଂ ପ୍ରଭୁ ଜାନି ପ୍ରମୁଖ ସଦସ୍ୟ ଅଛନ୍ତି ।

## ତଥାଗତ ସତପଥୀ

ଏଠାରେ ଏହା ମଧ୍ୟ ଦର୍ଶାଯାଇପାରେ ଯେ, ଓଡ଼ିଶାର ପଡ଼ୋଶୀ ରାଜ୍ୟ ଯେଉଁଠାରେ ମଦକୁ ବେଆଇନ ଘୋଷଣା କରାଯାଇ ନାହିଁ, ସେଠାରେ ରାଜସ୍ୱ ବୃଦ୍ଧି ସକାଶେ ମଦର ଦାମ୍‌କୁ ଅଧିକ ରଖାଯାଇଛି। ଉଦାହରଣ ସ୍ୱରୂପ, ଓଡ଼ିଶା ତୁଳନାରେ ପଶ୍ଚିମବଙ୍ଗରେ ମଦ ଦର ପ୍ରାୟ ୪୦ ପ୍ରତିଶତ ଅଧିକ। ସେହିଭଳି ଦିଲ୍ଲୀ, ବମ୍ବେରେ ମଧ୍ୟ ଓଡ଼ିଶାଠାରୁ ଦର ଯଥେଷ୍ଟ ଉଚ୍ଚା ରହୁଛି। ଓଡ଼ିଶାରେ ରାଜସ୍ୱ ଆଦାୟକୁ ବୃଦ୍ଧି କରିବା ଲକ୍ଷ୍ୟରେ ମଦ ବ୍ୟବସାୟୀଙ୍କୁ ପୁରସ୍କାର ଦେବା ଲାଗି କମିଟି ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଏବେ ବେପାରୀମାନେ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିପାରନ୍ତି। ସମାଜରେ ଏକ ଭଲ କାର୍ଯ୍ୟ କରିବା ଲାଗି ଯେତିକି ସହଯୋଗ ମିଳି ନ ଥାଏ, ଖରାପ କାମ ଆପେ ଆପେ ପାଣି ପାଇଯାଇଥାଏ। ସେହି ଦୃଷ୍ଟିରୁ ଦେଖିଲେ, ଅଧିକ ମଦୁଆ ସୃଷ୍ଟି କରିବା ଲାଗି ବ୍ୟବସାୟୀମାନେ ଏବେ ଆଗେଇ ଆସିବାକୁ ପସନ୍ଦ କରିବା ସ୍ୱାଭାବିକ। ଗୋଟିଏ ଗୁଳିରେ ଦୁଇଟି ଶିକାର ଭଳି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ସରକାର ପର୍ଯ୍ୟାପ୍ତ ରାଜସ୍ୱ ପାଇପାରିବେ ଓ ବ୍ୟବସାୟୀ ଲାଭବାନ ହେବେ। କୋଟା ପୂରଣ ଦିଗରେ ବ୍ୟବସାୟୀମାନେ ମଦ ବିକିବାରେ ସକ୍ଷମ ହେଲେ ମଦୁଆଙ୍କ ସଂଖ୍ୟା ଆହୁରି ବଢ଼ିଯିବ। ଏହା ଦ୍ୱାରା ରାଜ୍ୟରେ ସାମାଜିକ ବିଶୃଙ୍ଖଳା ଜନ୍ମିବା ଥୟ। ଏଥିସହିତ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସୁନିଶ୍ଚିତ।

ଏହା ଜଣାଶୁଣା ଯେ, ରାଜ୍ୟ ଏବେ ଋଣ ଭାରରେ ବୁଡ଼ି ରହିଛି। ୨୦୧୯ ଫେବୃୟାରୀରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ଋଣ ପରିମାଣ ଗତ ଆର୍ଥିକବର୍ଷ ଶେଷ ସୁଦ୍ଧା ୮୮ ହଜାର କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୧ ଲକ୍ଷ କୋଟି ଟଙ୍କାରୁ ଉପରକୁ ଯିବ ବୋଲି ଆକଳନ କରାଯାଇଛି। ଏତେବଡ଼ ଆକାରର ଋଣ ପରିମାଣ ଦେଖିଲେ ଯେକେହି ଆଚମ୍ବିତ ହେବେ। ତେଣୁ ଏହାର ସକାରାତ୍ମକ ସମାଧାନ ପନ୍ଥା ବାହାର କରାଯିବା ଉଚିତ। ସରକାର ସେଥିପ୍ରତି ଦୃଷ୍ଟି ନ ଦେଇ ମଦ ବିକ୍ରି ବଢ଼ାଇବା ଲାଗି ପୁରସ୍କାର ଘୋଷଣାକୁ କାର୍ଯ୍ୟକାରୀ କଲେ ଜନସାଧାରଣଙ୍କ ନିକଟକୁ ଭୁଲ ବାର୍ତ୍ତା ଯିବା ଥୟ। ବିଶେଷକରି ଓଡ଼ିଶାର ଗ୍ରାମାଞ୍ଚଳ ମହିଳାମାନେ ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ସେମାନଙ୍କୁ ଦମନ କରି ମଦ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପୋଲିସ ଓ ସାଧାରଣ ପ୍ରଶାସନ ସର୍ବଦା ତତ୍ପର ହେଉଥିବା ଦେଖାଯାଉଛି। ଏଭଳି ପରିସ୍ଥିତିରେ ମଦ ବିକ୍ରିକୁ ଯଦି ଅଧିକ ସହଜ କରିଦିଆଯାଏ, ତେବେ ରାଜସ୍ୱ ବୃଦ୍ଧି ହୋଇପାରେ ; କିନ୍ତୁ ତାହା ସମ୍ପୂର୍ଣ୍ଣ ଭାବେ ମହିଳା ବିରୋଧୀ ପଦକ୍ଷେପ ହେବ। ଗୋଟେପଟେ ନାରୀ ସଶକ୍ତୀକରଣ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ଘୁଷ୍ ଆକାରରେ ଅର୍ଥ ଯୋଗାଇ ଦିଆଯାଉଥିବା ବେଳେ ଅପରପକ୍ଷରେ ସେହି ମହିଳାମାନଙ୍କ ପରିବାରକୁ ତଳିତଳାନ୍ତ କରିଦେବା ଲାଗି ସରକାର ମସୁଧା କରୁଥିବା ସ୍ପଷ୍ଟ ମନେହୁଏ। ଅଧିକ ବିକ୍ରି ପରିବର୍ତ୍ତେ ମଦ ଦରକୁ ଯଥେଷ୍ଟ ବୃଦ୍ଧି କରାଯାଇପାରନ୍ତା। ତତ୍‌ସହିତ ରାସ୍ତା ଓ ଗ୍ରାମାଞ୍ଚଳଠୁ ଦୂରେଇ ରଖି ମଦ ବିକ୍ରି ପାଇଁ ବାର୍ ଲାଇସେନ୍ସ ସହଜ ଉପାୟରେ ଏବଂ ତାହାକୁ ଅନ୍‌ଲାଇନ୍ ବ୍ୟବସ୍ଥା କରାଇ ମଧ୍ୟସ୍ଥଙ୍କ ଭୂମିକାକୁ ସୀମିତ କରାଯାଇପାରିଲେ, ସରକାର ତାଙ୍କ ଲକ୍ଷ୍ୟ ହାସଲ ସହିତ ସାମାଜିକ ଅସ୍ଥିରତାକୁ ଘଟିବାକୁ ଦିଅନ୍ତେ ନାହିଁ। ଦୁଃଖର ବିଷୟ ଯେ, ବିଧାନସଭାର ଅବକାରୀ ଷ୍ଟାଣ୍ଡିଂ କମିଟି ଅନେକ ବିଚାର ପରେ ଦେଇଥିବା ମୂଲ୍ୟବାନ ସୁପାରିସ ସାଧାରଣରେ ଗ୍ରହଣୀୟ ହେଉନାହିଁ।

# ଭାରତର ରାଜନୈତିକ ସମୀକରଣ


ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ପଣ୍ଡିତ ନେହେରୁଙ୍କ ନେତୃତ୍ୱରେ କଂଗ୍ରେସ ଦଳ (ଭାରତୀୟ ଜାତୀୟ କଂଗ୍ରେସ) ଦେଶର ଶାସନ ଭାର ଗ୍ରହଣ କରିଥିଲା। ସେହି ସମୟରୁ ସର୍ବାଧିକ ୫୭ ବର୍ଷ ୫ ମାସ କାଳ କଂଗ୍ରେସ ଦେଶକୁ ଶାସନ କରିଛି। ନେହେରୁଙ୍କ ପରେ ଲାଲବାହାଦୁର ଶାସ୍ତ୍ରୀ ଏବଂ ତତ୍ପରେ ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱରେ କଂଗ୍ରେସ ନିରବଚ୍ଛିନ୍ନ ଭାବେ ପ୍ରାୟ ୩୦ ବର୍ଷ ଦେଶର ଶାସନର ମଙ୍ଗ ଧରିଛି, କାରଣ ସେ ପର୍ଯ୍ୟନ୍ତ ସର୍ବଭାରତୀୟ ସ୍ତରରେ କଂଗ୍ରେସର ବିକଳ୍ପ କୌଣସି ରାଜନୈତିକ ଦଳର ଆବିର୍ଭାବ ଘଟି ନ ଥିଲା। ଦଳୀୟ ଏକାଧିପତ୍ୟ ହେତୁ ଶାସକ ଦଳର ନାନା ତ୍ରୁଟିବିଚ୍ୟୁତି ଏବଂ କୁଶାସନ ତଥା ପ୍ରିୟାପ୍ରୀତି ତୋଷଣ ଏବଂ କ୍ଷେତ୍ର ବିଶେଷରେ ନାନା ଦୁର୍ନୀତିର ଶିକାର ହୋଇ ଦେଶର ବୌଦ୍ଧିକ ସମାଜ ଇଂଲଣ୍ଡ ତଥା ଅନ୍ୟାନ୍ୟ ପାଶ୍ଚାତ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରର ଅନୁକରଣରେ ସର୍ବଭାରତୀୟ ସ୍ତରରେ କଂଗ୍ରେସର ବିକଳ୍ପ ଭାବେ ଗୋଟିଏ ଶକ୍ତିଶାଳୀ ରାଜନୈତିକ ଦଳ ଅଥବା ସଂଗଠନର ଆବଶ୍ୟକତା ଅନୁଭବ କରୁଥିଲେ। ଏହାଦ୍ୱାରା ଦେଶରେ ଏକ ଦ୍ୱିଦଳୀୟ ଗଣତନ୍ତ୍ର ବ୍ୟବସ୍ଥା ପ୍ରତିଷ୍ଠିତ ହୋଇପାରିବ ଏବଂ ଉଭୟ ଦଳ ପରସ୍ପରର ପ୍ରତିଯୋଗୀ ହୋଇ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଏକ ଶକ୍ତିଶାଳୀ ବିରୋଧୀ ଦଳ ସର୍ବଦା ଶାସକ ଦଳର ଏକଚ୍ଛତ୍ରବାଦ ବିରୋଧରେ ଜନଗଣଙ୍କ ରକ୍ଷାକବଚ ଭାବେ କାର୍ଯ୍ୟ କରିବ।

ପ୍ରଥମକରି ୧୯୭୭ ସାଧାରଣ ନିର୍ବାଚନରେ ଜନତା ପାର୍ଟି ନାମକ ଏକ ସର୍ବଭାରତୀୟ ରାଜନୈତିକ ମେଣ୍ଟ କଂଗ୍ରେସକୁ ପରାଜିତ କରି ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ଦେଶର ପ୍ରଥମ ଅଣକଂଗ୍ରେସ ସରକାର ଗଠନ କରିଥିଲା। କିନ୍ତୁ ସଂଗଠନର ବିଭିନ୍ନ ଦଳ ମଧ୍ୟରେ ନୀତିଗତ ଐକ୍ୟ ଏବଂ ପାରସ୍ପରିକ ସଂହତି ନ ଥିବାରୁ ମୋରାରଜୀଙ୍କୁ ୨୮।୭।୭୯ରେ ଇସ୍ତଫା ଦେବାକୁ ପଡିଲା ଏବଂ ୧୯୮୦ ନିର୍ବାଚନରେ କଂଗ୍ରେସ ପୁନର୍ବାର କ୍ଷମତାକୁ ଫେରିଲା। ଏହାପରେ ୧୯୮୯ ନିର୍ବାଚନରେ ଭି.ପି. ସିଂହଙ୍କ ଜନତା ଦଳ ମେଣ୍ଟ କେନ୍ଦ୍ରରେ ଏକ ଅଣକଂଗ୍ରେସ ସରକାର ଗଠନ କଲା, କିନ୍ତୁ ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ମେଣ୍ଟର ଅନ୍ୟତମ ଅଂଶୀଦାର ଭାଜପା ସମର୍ଥନ ପ୍ରତ୍ୟାହାର କରିନେବାରୁ ଉକ୍ତ ସରକାରର ପତନ ଘଟିଲା। ସେହିପରି ୧୯୯୮ ସାଧାରଣ ନିର୍ବାଚନ ପରେ ନ୍ୟାଶ୍‌ନାଲ ଡେମୋକ୍ରାଟିକ ଆଲାଏନ୍ସ (ଏନ୍‌ଡିଏ) ନାମକ ଗଠବନ୍ଧନ ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱରେ ସରକାର ଗଠନ କରିଥିଲେ। କିନ୍ତୁ ୧୯୯୯ ମସିହା ମେ ମାସରେ ସହଯୋଗୀ ଏଆଇଏଡିଏମ୍‌କେ ସମର୍ଥନ ପ୍ରତ୍ୟାହାର କରିନେବାରୁ ଉକ୍ତ ମେଣ୍ଟ ସରକାରର ପତନ ଘଟିଲା। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଗଲା ଯେ ସର୍ବଭାରତୀୟ ଦଳଗୁଡିକର ଶକ୍ତି ବୃଦ୍ଧି ନ ହେଲେ ଆଞ୍ଚଳିକ ଦଳଗୁଡିକ ଉପରେ ନିର୍ଭର କରି ସରକାର ଗଠନ କରିବା ଦ୍ୱାରା ସେମାନଙ୍କର ଖିଆଲ ଅନୁଯାୟୀ ସରକାରଙ୍କୁ ଚାଲିବାକୁ ପଡିବ, ନଚେତ୍ ସେମାନେ ସମର୍ଥନ ପ୍ରତ୍ୟାହାର କରି ସରକାରର ପତନ ଘଟାଇବେ।

ସେହି ପ୍ରକ୍ରିୟାରେ ୧୯୯୯ ମସିହାରେ ଭାଜପା ନେତୃତ୍ୱରେ ଏନ୍‌ଡିଏ ମେଣ୍ଟ ଏକ ନିର୍ଭରଯୋଗ୍ୟ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କଲା ଏବଂ ଅଟଳବିହାରୀ ବାଜପେୟୀ ୨୦୦୪ ମସିହା ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପାଞ୍ଚବର୍ଷ କାଳ ପ୍ରଧାନମନ୍ତ୍ରୀ ରହିଲେ। ସେହିପରି ୨୦୦୪ ଏବଂ ୨୦୦୯ ସାଧାରଣ ନିର୍ବାଚନରେ କଂଗ୍ରେସ ନେତୃତ୍ୱରେ ୟୁନାଇଟେଡ୍ ପ୍ରୋଗ୍ରେସିଭ ଆଲାଏନ୍ସ (ୟୁପିଏ) ନାମକ ଗଠବନ୍ଧନ (ମେଣ୍ଟ) ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ମନମୋହନ ସିଂଙ୍କ ପ୍ରଧାନମନ୍ତ୍ରିତ୍ୱରେ ଦୀର୍ଘ ଦଶବର୍ଷ କାଳ ଦେଶର ଶାସନ ଦାୟିତ୍ୱ ତୁଲାଇଛି। ଏହିପରି ଏନ୍‌ଡିଏ ଏବଂ ୟୁପିଏ ଭଳି ଦୁଇଟି ମେଣ୍ଟ ବା ଗଠବନ୍ଧନର କ୍ରମ ଆବିର୍ଭାବ ଦେଶରେ ଏକ ସୁସ୍ଥ ଦ୍ୱିଦଳୀୟ ଗଣତନ୍ତ୍ର ବ୍ୟବସ୍ଥାର ସମ୍ଭାବନା ସୃଷ୍ଟି କରିଛି। ଏହି ଉଭୟ ମେଣ୍ଟ ନିଜ ନିଜର ଆଦର୍ଶ ଏବଂ ଉଦ୍ଦେଶ୍ୟ ସମ୍ବଳିତ ସର୍ବସମ୍ମତ ସମ୍ବିଧାନ ପ୍ରଣୟନ କରି ତାହାଦ୍ୱାରା ପରିଚାଳିତ ହେବା ଉଚିତ। ଯେପରି କି ସଂଗଠନର ବିଭିନ୍ନ ଦଳ ମଧ୍ୟରେ ନୀତିଗତ ଐକ୍ୟ ବଜାୟ ରହିପାରିବ।

୨୦୧୪ ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱରେ ଏନଡିଏ ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିବା ସହିତ ନରେନ୍ଦ୍ର ମୋଦି ଦେଶର ଜଣେ ସୁଦକ୍ଷ ପ୍ରଧାନମନ୍ତ୍ରୀ ଭାବେ ଆବିର୍ଭୂତ ହୋଇଛନ୍ତି। ତାଙ୍କର ବିଚକ୍ଷଣ ବ୍ୟକ୍ତିତ୍ୱ, ସଂଗଠନ କ୍ଷମତା, ବଳିଷ୍ଠ ନେତୃତ୍ୱ, ସାହସିକତା, ଉଦ୍‌ବୁଦ୍ଧ ଦେଶପ୍ରାଣତା ତଥା ସୁକୌଶଳୀ ପରିଚାଳନାରେ ଦେଶ ଦ୍ରୁତ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି ବୋଲି ସର୍ବସାଧାରଣରେ ଧାରଣା ସୃଷ୍ଟି ହୋଇଛି। ତାଙ୍କର ନାଟକୀୟ ପ୍ରଚାର ଶୈଳୀ ଏବଂ ଦୃଢ଼ ମନୋଭାବ ଯୋଗୁ ତାଙ୍କ ବିରୋଧରେ ଆଗତ ସମସ୍ତ ସମାଲୋଚନାକୁ ଅତିକ୍ରମ କରିବାର ଅଦ୍ଭୁତ କ୍ଷମତା ରହିଛି। ତା' ଛଡା ତାଙ୍କର ଦୁର୍ନୀତି ବିରୋଧୀ ଅଭିଯାନ, ସ୍ୱଚ୍ଛ ଭାରତ ମିଶନ, ପି.ଏମ୍ କିଷାନ ଯୋଜନା, ପିଏମ୍ ଆବାସିକ ଯୋଜନା, ଆୟୁଷ୍ମାନ ଭାରତ ମିଶନ, ଉଜ୍ଜ୍ୱଳା ଗ୍ୟାସ୍ ଯୋଜନା ପ୍ରଭୃତି ଲୋକ କଲ୍ୟାଣମୁଖୀ ପ୍ରକଳ୍ପଗୁଡିକ ତାଙ୍କୁ ଅଭୂତପୂର୍ବ ଲୋକପ୍ରିୟତା ଆଣିଦେଇଛି। ବଡ଼କଥା ହେଲା ଜଣେ ହିନ୍ଦୁତ୍ୱବାଦୀ ପ୍ରଧାନମନ୍ତ୍ରୀ ଭାବେ ଆତ୍ମପ୍ରକାଶ କରି ସେ ଦେଖାଇ ଦେଇଛନ୍ତି ଯେ ନିଜ ଧର୍ମ ପ୍ରତି ଅନୁରକ୍ତ ଥାଇ ମଧ୍ୟ ଜଣେ ପ୍ରଧାନମନ୍ତ୍ରୀ ସହିଷ୍ଣୁତା, ସହାନୁଭୂତି ଏବଂ ସାମ୍ୟ ମନୋଭାବ ଦ୍ୱାରା ଦେଶର ସମସ୍ତ ସମ୍ପ୍ରଦାୟର ଲୋକଙ୍କ ଆସ୍ଥାଭାଜନ ହୋଇପାରନ୍ତି। ବିଶେଷକରି ତଥାକଥିତ ଧର୍ମନିରପେକ୍ଷତା ନାମରେ ଦୀର୍ଘଦିନ ଅବହେଳା ଏବଂ ଅବିଚାରର ଶିକାର ହୋଇଥିବା ଦେଶର ସଂଖ୍ୟାଗରିଷ୍ଠ ହିନ୍ଦୁ ସମ୍ପ୍ରଦାୟ ତାଙ୍କ ମଧ୍ୟରେ ଜଣେ ତ୍ରାଣକର୍ତ୍ତାଙ୍କୁ ଖୋଜି ପାଇଲା ଭଳି ମନେହେଉଛି। ଭବିଷ୍ୟତରେ ଦେଶ ତାଙ୍କଠାରୁ ଅନେକ କିଛି ଆଶା କରୁଛି। କିନ୍ତୁ ତାଙ୍କର ପ୍ରଧାନ ଶତ୍ରୁ ହେଲେ ଦଳ ମଧ୍ୟରେ ସକ୍ରିୟ ଥିବା କେତେକ ଉଦ୍‌ଭ୍ରାନ୍ତ କଠୋରବାଦୀ ଗୋଷ୍ଠୀ, ଯେଉଁମାନେ ଧର୍ମ ନାମରେ ସାମ୍ପ୍ରଦାୟିକ ବିଦ୍ୱେଷ ଏବଂ ବିଶୃଙ୍ଖଳା ସୃଷ୍ଟି କରିଚାଲିଛନ୍ତି।

ମୋଦିଙ୍କ ନେତୃତ୍ୱରେ ପରିଚାଳିତ ଏନ୍‌ଡିଏ ମେଣ୍ଟ ୨୦୧୯ ନିର୍ବାଚନରେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିଛି। ଏନ୍‌ଡିଏ ୩୫୩ ଆସନ ପାଇଥିଲା ବେଳେ ଭାଜପା ଏକକ ଭାବରେ ୩୦୩ ଆସନରେ ଜୟଲାଭ କରିଛି। ଅପରପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ମେଣ୍ଟ ଶୋଚନୀୟ ଭାବେ ପରାଜିତ ହୋଇଛି। ଐତିହାସିକ କଂଗ୍ରେସ ଦଳ ବର୍ତ୍ତମାନ ଅବଲୁପ୍ତି ପଥରେ, ଏଣେ କିନ୍ତୁ ସମଗ୍ର ଦେଶରେ ଏକଚ୍ଛତ୍ରବାଦ ପ୍ରତିଷ୍ଠା ଲକ୍ଷ୍ୟରେ ଭାଜପା ନେତୃତ୍ୱ କ୍ରମାଗତ ଚେଷ୍ଟା ଜାରି ରଖିଛନ୍ତି। ସମଗ୍ର ଦେଶରେ ଭାଜପାର ୧୦ କୋଟିରୁ ଊର୍ଦ୍ଧ୍ୱ ସକ୍ରିୟ ସଦସ୍ୟ ଥିବା ବେଳେ ସର୍ବବୃହତ୍ ଦଳୀୟ ପାର୍ଟି ରହିଛି। ଲୋକ ସଭାରେ ନିରଙ୍କୁଶ କ୍ଷମତା ହାସଲ କଲା ପରେ ଭାଜପା ବର୍ତ୍ତମାନ ରାଜ୍ୟ ସଭାକୁ କବ୍‌ଜା କରିବାକୁ ଅଗ୍ରସର ହେଉଛି। ଦେଶର ଅଧିକାଂଶ ରାଜ୍ୟରେ ଭାଜପା ସମର୍ଥିତ ସରକାର ରହିଛି ଏବଂ ଅବଶିଷ୍ଟ ଯେଉଁ କେତେକ ଅଣଭାଜପା ସରକାର ଅଛନ୍ତି ସେମାନଙ୍କର ପତନ ଅଥବା ଭାଜପାରେ ବିଲୟ ଆସନ୍ନ। ଏଭଳି ଦଳୀୟ ଏକଚ୍ଛତ୍ରବାଦ କାହାରି ପକ୍ଷରେ ଶୁଭଙ୍କର ନୁହେଁ। ଏପରି କି ନରେନ୍ଦ୍ର ମୋଦିଙ୍କ ପାଇଁ ମଧ୍ୟ ନୁହେଁ। କାରଣ କଥାରେ ଅଛି ନିରଙ୍କୁଶ କ୍ଷମତା ଭ୍ରଷ୍ଟାଚାରର ଆମନ୍ତ୍ରକ। ଏଭଳି ଅବାଞ୍ଛିତ ପରିଣତି ହାତରୁ ଦେଶକୁ ରକ୍ଷା କରିବାକୁ ହେଲେ ୟୁପିଏ ମେଣ୍ଟକୁ ଗଣତାନ୍ତ୍ରିକ ପଦ୍ଧତିରେ ସୁସଂଗଠିତ ହେବାକୁ ପଡିବ, ଯାହାଦ୍ୱାରା ଯୋଗ୍ୟ ନେତୃତ୍ୱର ଆବିର୍ଭାବ ଘଟିବ। ସେଥିପାଇଁ ପ୍ରଥମେ କଂଗ୍ରେସ ଦଳକୁ ପାରିବାରିକ ମାଲିକାନାରୁ ମୁକ୍ତ ହେବାକୁ ପଡ଼ିବ। ଭବିଷ୍ୟତ ହିଁ କହିବ ଦେଶର ଗଣତନ୍ତ୍ର କେଉଁ ପ୍ରକାର ରୂପ ଗ୍ରହଣ କରିବ- ରେଡ୍ ଚାଇନା ଭଳି ଦଳୀୟ ଏକଚ୍ଛତ୍ରବାଦ ଅଥବା ଦ୍ୱିଦଳୀୟ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା।

ପ୍ଲଟ ନଂ. ୫୦୬, ନୟାପଲ୍ଲୀ, ଭୁବନେଶ୍ୱର,
ମୋ-୯୪୩୭୨୮୭୯୬୪

# ପ୍ରଶ୍ନବାଚୀରେ ପଞ୍ଜିକା ସ୍ୱୀକୃତି


ହରିଶଙ୍କର ମିଶ୍ର

ଶ୍ରୀମନ୍ଦିରସ୍ଥ ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ଓଡ଼ିଶାବାସୀ ଧାର୍ମିକ ବିଚାରାଳୟ ଓ ବ୍ୟବସ୍ଥା ସଭା ଭାବେ ଗ୍ରହଣ କରିଥାନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସ୍ଥାୟୀ ସଭାପତିତ୍ୱରେ ଗଠିତ ପଣ୍ଡିତ ସଭା କୌଣସି ଧାର୍ମିକ ସଙ୍କଟରେ ପରାମର୍ଶ ଦେବା ସହ ଶ୍ରୀମନ୍ଦିର ପରିଚାଳନା କମିଟିରେ ଏହାଙ୍କର ପ୍ରତିନିଧିତ୍ୱ ରହିଛି। ବିବିଧ ଶାସ୍ତ୍ର ବିଶାରଦଙ୍କ ମିଳନସ୍ଥଳୀ ଭାବେ ଏହାର ନାମ ଉଚ୍ଚାରଣରେ ସ୍ୱତଃ ଧାର୍ମିକ ଭାବନା ସୃଷ୍ଟି ହୋଇଥାଏ। ମୁକ୍ତିମଣ୍ଡପ ପଣ୍ଡିତ ସଭାର ସିଦ୍ଧାନ୍ତ ଓ ବ୍ୟବସ୍ଥାକୁ ଗଭୀର ବିଶ୍ୱାସ ସହ ଗ୍ରହଣ କରାଯାଉଥିବାରୁ ଏହାଙ୍କ ଦ୍ୱାରା ସ୍ୱୀକୃତ ପଞ୍ଜିକାକୁ ମଧ୍ୟ ତ୍ରୁଟିଶୂନ୍ୟ ମନେ କରାଯାଏ। ମାତ୍ର ଗତ ଦୁଇ ଦଶନ୍ଧି ଧରି ପ୍ରତ୍ୟେକବର୍ଷ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ରହୁଥିବା ଗୁରୁତର ଗାଣିତିକ ତ୍ରୁଟି ସମାଲୋଚିତ ହୋଇ ଆସୁଥିଲେ ବି ପଣ୍ଡିତସଭାରେ କୌଣସି ଜ୍ୟୋତିଷ ବିଶାରଦ ନ ଥିବାରୁ ସେମାନେ ନୀରବ ରହୁଛନ୍ତି। ମାତ୍ର ପଞ୍ଜିକା ଅନୁସରଣକାରୀ ଦ୍ୱନ୍ଦ୍ୱମୁକ୍ତ ହୋଇପାରୁନାହାନ୍ତି। ବେଦର ଛଅଟି ଅଙ୍ଗ ମଧ୍ୟରୁ ଚକ୍ଷୁ ଭାବେ ବିବେଚିତ ଜ୍ୟୋତିଷଶାସ୍ତ୍ରରେ ଗଣିତ ଜ୍ୟୋତିଷକୁ ସିଦ୍ଧାନ୍ତ ଓ ଫଳିତ ଜ୍ୟୋତିଷକୁ ହୋରା କୁହାଯାଏ ଏବଂ ମନୁଷ୍ୟର ଆଚାର, ବ୍ୟବହାର ସଂଯମ ସହ ଶୃଙ୍ଖଳିତ ଓ ନିରାମୟ ଜୀବନଚର୍ଯ୍ୟା ପାଇଁ ଉପାଦେୟ ତଥ୍ୟ ସଂହିତାରୁ ହିଁ ମିଳିଥାଏ। ଗ୍ରହଗଣିତ ଦ୍ୱାରା ଅନ୍ତରୀକ୍ଷରେ ଘୂରି ବୁଲୁଥିବା ଗ୍ରହମାନଙ୍କର ଗତି ସ୍ଥିତି ନିର୍ଣ୍ଣୟ ସହ ପଞ୍ଚାଙ୍ଗ ବ୍ୟାପ୍ତି ଯଥା- ତିଥି, ରାଶି, ନକ୍ଷତ୍ର, ଯୋଗ, କରଣ ଠିକ୍ ନିର୍ଦ୍ଧାରିତ ହେଲେ ପଞ୍ଜିକା ତ୍ରୁଟିଶୂନ୍ୟ ହୋଇଥାଏ। ତେବେ ରାଶି, ନକ୍ଷତ୍ର ଓ ଯୋଗର ବ୍ୟାପ୍ତି ଅୟନାଂଶ ଦ୍ୱାରା ନିର୍ଦ୍ଧାରିତ ହେଉଥିବା ବେଳେ ତିଥି ଓ କରଣର ବ୍ୟାପ୍ତି ପୃଥିବୀସାରା ସର୍ବତ୍ର ସମାନ। ଏହା ପଣ୍ଡିତସଭାକୁ ବାରମ୍ବାର ଅବଗତ କରାଯାଇଥିଲେ ବି ପୂର୍ବବର୍ଷ ଭଳି ଏବର୍ଷ ତାଙ୍କ ଦ୍ୱାରା ସ୍ୱୀକୃତ ରାଧାରମଣ ପ୍ରେସ୍ ଦ୍ୱାରା ପ୍ରକାଶିତ ପଞ୍ଜିକାରେ ଅନେକ ତ୍ରୁଟି ରହିଛି।

ପଣ୍ଡିତସଭା ସ୍ୱୀକୃତ ପଞ୍ଜିକା ବ୍ୟତୀତ ଅନେକ ପୁରାତନ ପଞ୍ଜିକା ଓ ନୂତନ ସୌରବିଜ୍ଞାନ ଆଧାରରେ ଅନେକ ପଞ୍ଜିକା ବଜାରରେ ଉପଲବ୍ଧ ହେଉଛି। ତୁଳନାତ୍ମକ ଭାବେ ଅନ୍ୟ ପଞ୍ଜିକା ଗଣନାରେ ସମତା ରହୁଥିବା ବେଳେ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକା ଗଣନାରେ ଭିନ୍ନତା ରହୁଛି। ବର୍ଷାରମ୍ଭ ଅର୍ଥାତ୍ ତା୧୪।୪।୧୯ରିଖରେ ଅନ୍ୟାନ୍ୟ ପଞ୍ଜିକାରେ ନବମୀ ତିଥିର ବ୍ୟାପ୍ତି ଦିନ ଘ୯।୩୫ ପର୍ଯ୍ୟନ୍ତ ଦର୍ଶାଇଥିବା ବେଳେ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକାରେ ଦିନ ଘ୯।୧୧ ରହିଛି। ତିଥିର ବ୍ୟାପ୍ତି ଶ୍ରାଦ୍ଧ ଦିବସ ନିରୂପଣ, ମୃତେ ପୁଷ୍କର ଦୋଷ, ନିଷିଦ୍ଧ ଖାଦ୍ୟକୁ ପ୍ରଭାବିତ କରେ ଓ ଅକାଳରେ କୌଣସି କାର୍ଯ୍ୟ ଫଳପ୍ରଦ ହୁଏନାହିଁ। ତେବେ ବର୍ଷାରମ୍ଭରେ ଏଇ ଚବିଶ ମିନିଟ ତଫାତ୍ ଥିବାବେଳେ ବର୍ଷ ମଧ୍ୟରେ ୪୩ ମିନିଟ୍ ଫରକ ମଧ୍ୟ ଦେଖିବାକୁ ମିଳୁଛି। ରାଶି ନକ୍ଷତ୍ର ବ୍ୟାପ୍ତିରେ ଅନ୍ୟ ପଞ୍ଜିକାମାନଙ୍କଠାରୁ ମଧ୍ୟ ଏଥିରେ ଭିନ୍ନତା ରହିଥିବାରୁ ଏହାର ଗଣନା କେତେ ଠିକ୍ ତାହା ବିଚାରଯୋଗ୍ୟ। ଜନ୍ମଜାତକ ପ୍ରସ୍ତୁତିରେ ଗ୍ରହମାନଙ୍କର ସ୍ଥିତି ସହ ଲଗ୍ନ ନିର୍ଣ୍ଣୟ ପାଇଁ ପଞ୍ଜିକା ଅନୁସରଣ କରାଯାଏ। ମାତ୍ର ପଣ୍ଡିତସଭା ସ୍ୱୀକୃତ ରାଧାରମଣ ପ୍ରେସ୍ ପଞ୍ଜିକାନୁଯାୟୀ ସୂର୍ଯ୍ୟୋଦୟ ସହ ଲଗ୍ନ ଭୋଗ ମିଶାଇଲେ ତାହା ପଞ୍ଜିକା ପ୍ରଦତ୍ତ ସୂର୍ଯ୍ୟାସ୍ତ ସମୟଠାରୁ ଢେର୍ ତଫାତ୍ ରହୁଛି।

ଗ୍ରହଚଳନ ଦେଖିଲେ ଶନି ଚଳନ ମକର ରାଶିକୁ ଅନ୍ୟାନ୍ୟ ପଞ୍ଜିକାରେ ତା୨୪।୧।୨୦ରିଖ ଦିବା ଘ୯।୫୬ ରହିଥିବା ବେଳେ ରାଧାରମଣ ପ୍ରେସ୍ ପଞ୍ଜିକାରେ ତା୨୬।୧।୨୦ରିଖ ରାତି ଘ୯।୪୦ ରହିଛି। ବୃହସ୍ପତି ଚଳନ ଅନ୍ୟ ପଞ୍ଜିକାନୁଯାୟୀ ଯଥାକ୍ରମେ ବିଛା ଓ ଧନୁ ରାଶିକୁ ତା୨୨।୪।୧୯ରିଖ ରାତିଘ୧।୧୧ ଓ ତା୪।୧୧।୧୯ରିଖ ନିଶାନ୍ତ ଘ୫।୧୭ ରହିଥିବା ବେଳେ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକାରେ ଦିନ ଠିକ୍ ଥାଇ ଯଥାକ୍ରମେ ରାତ୍ରି ଘ୪।୦୪ ଓ ରାତ୍ରି ଘ୯।୧୨ ରହିଛି। ବୃହସ୍ପତିଙ୍କର ପୁନଃ ମକର ରାଶିକୁ ଚଳନ ଅନ୍ୟାନ୍ୟ ପଞ୍ଜିକାରେ ତା୨୯।୩।୨୦୨୦ରିଖ ରାତି ଘ୩।୫୪ ସ୍ଥଳେ ଏହି ପଞ୍ଜିକାରେ ତା୩୦।୩।୨୦୨୦ ଦିବା ଘ୨।୪୧ ରହିଛି। ମଙ୍ଗଳ, ବୁଧ ଓ ଶୁକ୍ରଙ୍କ ଚଳନର ଦିନ ଅନ୍ୟାନ୍ୟ ପଞ୍ଜିକା ସହ ରାଧାରମଣ ପ୍ରେସ୍ ପଞ୍ଜିକାର ସମାନ ଥିଲେ ବି ସମୟରେ ବ୍ୟାପକ ଅମେଳ ରହିଛି। ଅୟନାଂଶରେ ଅମେଳ ଯୋଗୁ ପ୍ରତ୍ୟେକ ସଂକ୍ରାନ୍ତି ଦିନର ରବି ଚଳନ ସମୟ ଦୃକ୍‌ସିଦ୍ଧ ଓ ପାରମ୍ପରିକ ଗଣନାରେ ପ୍ରାୟ ଆଠ ଘଣ୍ଟା ଫରକ ରହୁଛି। ତାତ୍ପର୍ଯ୍ୟପୂର୍ଣ୍ଣ କଥା ଏହିକି ଯେ ଉପରୋକ୍ତ ଗଣନା ତ୍ରୁଟି ସତ୍ତ୍ୱେ ଅନ୍ୟାନ୍ୟ ପଞ୍ଜିକାରେ ପ୍ରଦତ୍ତ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସମୟ ସହ ଏହି ପଞ୍ଜିକା ପ୍ରଦତ୍ତ ସମୟ ସମାନ ରହିବା ଗଣନାର ଭିନ୍ନ ଦିଗକୁ ସୂଚାଉଛି। ପଞ୍ଜିକା ଗଣନା ବା ସଂଶୋଧନ ପାଇଁ ଆବଶ୍ୟକ ପାଣ୍ଡିତ୍ୟର ଅଭାବ ଏହାର ମୁଖ୍ୟ କାରଣ।

ଏହା ସତ୍ୟ ଯେ ପଣ୍ଡିତ ସଭାରେ ଏଥିପାଇଁ କିଛି ବାହାର ବ୍ୟକ୍ତିଙ୍କୁ ସଂଶ୍ଳିଷ୍ଟ କରାଇ ପଞ୍ଜିକା ସଂଶୋଧନ କରାଯାଇଥିବା ପଞ୍ଜିକା ପ୍ରଦତ୍ତ ସଂଶୋଧନକାରୀଙ୍କ ଫଟୋରୁ ସ୍ପଷ୍ଟ ହୋଇଛି। ଆମର ପଣ୍ଡିତ ସଭା ପ୍ରତି ରହିଥିବା ପୂର୍ବାଗ୍ରହକୁ ଉପଯୋଗ କରି କେବଳ ପଞ୍ଜିକା ଶୁଳ୍କ ବିନିମୟରେ ସ୍ୱୀକୃତିପତ୍ର ପ୍ରଦାନ କରାଯାଉଥିବାରୁ ତାହା ଆମ୍ଭକୁ ବିଭ୍ରାନ୍ତ କରାଉଛି। ପଣ୍ଡିତ ସଭା ମଧ୍ୟ ଦକ୍ଷ ଗଣକ ପରିବର୍ତ୍ତେ ପ୍ରକାଶକଙ୍କୁ ଗୁରୁତ୍ୱ ଦେଉଥିବାରୁ କିଛି ବ୍ୟବସାୟୀ ନିଜର ବ୍ୟବସାୟିକ ସଫଳତା ପାଇଁ ଏହାକୁ ଉପଯୋଗ କରୁଛନ୍ତି। ଗଣନାର ଭିନ୍ନତା ସତ୍ତ୍ୱେ ଅର୍ଥ ବିନିମୟରେ ସ୍ୱୀକୃତିପତ୍ର ପ୍ରଦାନ ପଣ୍ଡିତ ସଭାର ଗରିମା ପ୍ରତି ପ୍ରଶ୍ନ ଉଠାଉଥିବା ବେଳେ ପଣ୍ଡିତ ସଭା ଏଥିପାଇଁ ସାମାନ୍ୟ ଯତ୍ନବାନ୍ ନ ହେବା ପରିତାପର ବିଷୟ। ସିଦ୍ଧାନ୍ତ ଦର୍ପଣର ପ୍ରଣେତା ସାମନ୍ତ ଚନ୍ଦ୍ରଶେଖର ଓଡ଼ିଶାରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷର କାରଣ ଖୋଜି ଗ୍ରହ ଗଣିତରେ ତା'ର ସମାଧାନ ପାଇଥିଲେ। ଆମ୍ଭର ପୂର୍ବସୂରୀ ଜଳବାୟୁ, କୃଷି ଶସ୍ୟାଦିର ଆୟ, ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଜ୍ୟୋତିଷଶାସ୍ତ୍ର ଆଧାରରେ ନିର୍ଣ୍ଣୟ କରୁଥିଲେ। ଗ୍ରହଗଣନା ନିର୍ଭୁଲ ରହିଲେ ଏହି ଗଣନାଗୁଡ଼ିକ ତ୍ରୁଟିଶୂନ୍ୟ ହୋଇପାରିବ। ଏଭଳି ଏକ ଶାସ୍ତ୍ରକୁ ଅବହେଳା କରାଯିବା ଠିକ୍ ହେଉନାହିଁ। ପଣ୍ଡିତ ସଭା ବର୍ତ୍ତମାନ କିଛି ଜ୍ୟୋତିଷ ଶାସ୍ତ୍ରାନଭିଜ୍ଞ ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ଭବିଷ୍ୟତରେ ମଧ୍ୟ ଠିକ୍ ପଞ୍ଜିକା ସଂଶୋଧନ ଆଶା କରି ହୁଏ ନାହିଁ। ଜଗନ୍ନାଥଙ୍କ ବିବିଧ ବେଶ, ପର୍ବ ସହ ସମସ୍ତ ଶୁଭାଶୁଭ କାର୍ଯ୍ୟ ପାଇଁ ଆମକୁ ପଞ୍ଜିକା ସହାୟକ ହେଉଥିବାରୁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ନିର୍ଭୁଲ ଦୃକ୍‌ସିଦ୍ଧ ପଞ୍ଜିକା ପ୍ରସ୍ତୁତ କରାଇବା ଅତ୍ୟାବଶ୍ୟକ ମନେହୁଏ। ମୁକ୍ତି ମଣ୍ଡପ ପଣ୍ଡିତ ସଭା ମଧ୍ୟ ଯୋଗ୍ୟ ଦକ୍ଷ ପଣ୍ଡିତଙ୍କୁ ଆମନ୍ତ୍ରଣ କରି ଏହାର ବ୍ୟବସ୍ଥାସଭାକୁ ସୁପରିଚାଳନା କରିବା ଏକାନ୍ତ ଜରୁରୀ ମନେହୁଏ।

୧୧୩, ଗୁଣ୍ଡିଚା ବିହାର, ସର୍ବୋଦୟ ନଗର,
ପୁରୀ, ମୋ-୭୯୭୮୭୮୫୪୭୮

## ଏଇ ଭାରତରେ

ବିଭିନ୍ନ ଆକୃତିର ନିଶକୁ ନେଇ ଅନେକ ସମୟରେ ଚର୍ଚ୍ଚା ଜୋର ଧରେ। କେତେକ ନିଶ ରଖିବାକୁ ସମ୍ମାନଜନକ ବିଷୟ ବୋଲି ମନେକରନ୍ତି। ମାତ୍ର ରାଜସ୍ଥାନ ଜୟପୁରର ଏକ ସରକାରୀ ବୈଠକରେ ବାରମ୍ବାର ନିଶରେ ହାତ ମାରୁଥିବା ଜଣେ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ସମ୍ପୃକ୍ତ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟସ ଜାରି କରାଯାଇଛି। ସ୍ଥାନୀୟ ଅଜମେରସ୍ଥିତ ଶ୍ରୀନଗର ଉପଖଣ୍ଡରେ ଜୁଲାଇ ୭ରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏକ ଭିଡିଓ କନ୍‌ଫରେନ୍ସିଂ ଆୟୋଜିତ ହୋଇଥିଲା। ଏଥିରେ ଉପସ୍ଥିତ ଥିବା ସାମାଜିକ ସୁରକ୍ଷା ଅଧିକାରୀ ବିଶାଲ ସୋଲାଙ୍କି ବୈଠକ ଚାଲିଥିବା ସମୟରେ ବାରମ୍ବାର ନିଜ ନିଶରେ ହାତ ମାରିଥିଲେ। ବୈଠକରେ ଉପସ୍ଥିତ ଥିବା ଅନ୍ୟ ବରିଷ୍ଠ ଅଧିକାରୀ ବିଶାଲଙ୍କୁ ଏପରି ନ କରିବାକୁ କହିଥିଲେ। ତେବେ ବିଶାଲ ଏପରି କରିଚାଲିଥିଲେ। ଏନେଇ ଅଭିଯୋଗ ହେବା ପରେ ସମ୍ପୃକ୍ତ ବିଭାଗର ଉପନିର୍ଦ୍ଦେଶକ ଏବେ ବିଶାଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେ କାହିଁକି ନିଶରେ ବାରମ୍ବାର ହାତ ମାରୁଥିଲେ ବୋଲି ନୋଟିସରେ ପ୍ରଶ୍ନ କରାଯାଇଛି। ଏହି ନୋଟିସ୍‌କୁ ନେଇ ଏଠାରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ଚିରନ୍ତନୀ

ତେଜଇ ନବୀନ ଯେବେ ଆଜି ସେହି ପରମ୍ପରା ପଥ
ଦିଅ ତାକୁ ଆଶୀର୍ବାଦ ହେଉ ଧନ୍ୟ ହେଉ ସତ୍ୟବ୍ରତ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଜୁଲାଇ ୧୯୯୪**

- ଶକ୍ତି ଉଦ୍ୟୋଗ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ଭାରତ ଓ ଆମେରିକା ମଧ୍ୟରେ ୧୫ଟି ରାଜିନାମା ସ୍ୱାକ୍ଷରିତ।
- ମାଲେସିଆରେ ଆଶ୍ରୟ ନେଇଥିବା କାମ୍ବୋଡିଆର ରାଷ୍ଟ୍ରମୁଖ୍ୟଙ୍କ ପୁତ୍ର ଚକ୍ରବୁଧ ସିହାନୁକଙ୍କୁ ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ।

## ସାପ୍ତାହିକ ପଞ୍ଜିକା

ଜୁଲାଇ ୮- ସରକାରଙ୍କ ନିଷ୍ପତ୍ତି ଅନୁସାରେ ଦିଲ୍ଲୀ ଓ ଲକ୍ଷ୍ନୌ ମଧ୍ୟରେ ଚାଲିବାକୁ ଥିବା ତେଜସ୍ ଏକ୍ସପ୍ରେସ୍‌କୁ ଘରୋଇ କମ୍ପାନୀ ହାତରେ ଟେକି ଦିଆଯିବ, ଅର୍ଥାତ୍ ଏହା ହେବ ଦେଶର ପ୍ରଥମ ଘରୋଇ ଟ୍ରେନ୍।

୯- ଏଡିଆର୍ ରିପୋର୍ଟ ଅନୁସାରେ ୨୦୧୬ରୁ ୨୦୧୮ ମଧ୍ୟରେ ଭାଜପା ଶିଳ୍ପ ଜଗତରୁ ଚାନ୍ଦା ଆକାରରେ ୯୧୫ କୋଟିରୁ ଅଧିକ ଟଙ୍କା ପାଇଛି, ଯାହା କଂଗ୍ରେସ ପାଇଥିବା ଚାନ୍ଦାର ୧୬ଗୁଣରୁ ଅଧିକ।

୧୦- ଗୋଆ କଂଗ୍ରେସର ୧୫ ବିଧାୟକଙ୍କ ମଧ୍ୟରୁ ୧୦ ଜଣ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିବାରୁ ଦଳ ପାଇଁ ଏକ ସଂକଟ ସୃଷ୍ଟି ହୋଇଛି।

୧୧- ଆର୍‌ଟିଆଇ କର୍ମୀ ଅମିତ୍ ଜେଠୱା ହତ୍ୟା ମାମଲାରେ ସୌରାଷ୍ଟ୍ରର ପୂର୍ବତନ ଏମ୍‌ପି ଦିନୁ ବୋଘା ସୋଲାଙ୍କିଙ୍କ ସମେତ ୭ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | C | | 2 | | | 8 | | | | | | | |
| | 1 | 4 | 8 | | | | | | | 7 | 9 | | | 6 |
| 5 | | | | 6 | | | | | | | | 2 | | |
| | | | 5 | | E | C | | 1 | 6 | | B | | | |
| 8 | | 2 | | | | | 7 | | | A | 0 | | C | E |
| | E | | | | | D | 5 | | 1 | | | C | | A |
| | | | 6 | 9 | | | | | 4 | 2 | 3 | | | |
| | | | E | | 3 | | 9 | | | 5 | C | B | | 4 |
| 0 | | | | | A | 3 | C | | | | | 8 | 9 | 1 |
| | | A | | 8 | | 0 | 1 | | | D | | | | |
| | | | | 1 | | 5 | B | | C | | 6 | | | |
| 2 | | | A | | 6 | 7 | 3 | | | | | | 0 | 8 |
| | | | | | | | D | | | 4 | | 5 | 3 | |
| 4 | | 1 | 7 | | | A | | C | | 8 | D | 6 | | |
| | 8 | | 0 | 5 | | | | | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 2 | 6 | 5 | 4 | 0 | D | B | 8 | 7 | 3 | A | C | 1 | E |
| B | E | C | 6 | 8 | 7 | A | 3 | 1 | 0 | D | 9 | 5 | 2 | 4 |
| 3 | 1 | A | C | E | D | 4 | 9 | 7 | 5 | 6 | 2 | 8 | B | 0 |
| 4 | 5 | 8 | A | 2 | 9 | E | 0 | 6 | B | 1 | C | D | 7 | 3 |
| 0 | 7 | D | B | 1 | 3 | C | 5 | 2 | E | 4 | 8 | 9 | 6 | A |
| 1 | A | B | 4 | D | 5 | 0 | 7 | E | 8 | 2 | 6 | 3 | 9 | C |
| 2 | 3 | 4 | 8 | 6 | E | 9 | A | C | D | 7 | 1 | B | 0 | 5 |
| 6 | D | 5 | 9 | 0 | C | 8 | 2 | B | A | E | 3 | 1 | 4 | 7 |
| 7 | 8 | 9 | 1 | 3 | 2 | 5 | D | 4 | C | 0 | B | E | A | 6 |
| C | 0 | E | 7 | B | A | 6 | 1 | 3 | 4 | 9 | 5 | 2 | D | 8 |
| A | 6 | 1 | 2 | C | 4 | B | E | 9 | 3 | 8 | 7 | 0 | 5 | D |
| 5 | 4 | 2 | 3 | A | 8 | 7 | C | 0 | 9 | B | D | 6 | E | 1 |
| 8 | C | 0 | D | 7 | B | 1 | 6 | 5 | 2 | A | E | 4 | 3 | 9 |
| D | 9 | 3 | E | 5 | 1 | 2 | 4 | A | 6 | C | 0 | 7 | 8 | B |
| E | B | 7 | 0 | 9 | 6 | 3 | 8 | D | 1 | 5 | 4 | A | C | 2 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ଡାକବାକ୍ସ ନିୟମିତ ଖୋଲାଯାଉ

ମହାଶୟ,

ଗ୍ରାମାଞ୍ଚଳର ଅନେକ ଶାଖା ଡାକଘରେ ଡାକବାକ୍ସ ନାହିଁ। ଡାକଘର ଗ୍ରାମୀଣ ଡାକ ସେବକଙ୍କ ବାସଭବନରେ ଚାଲିଛି। ପୁନଶ୍ଚ ଅନେକ ଡାକବାକ୍ସ ନିୟମିତ ଖୋଲୁ ନ ଥିବାରୁ ପତ୍ର ବହୁ ବିଳମ୍ବରେ ମିଳୁଛି। ଡାକପାଳମାନେ ପ୍ରତ୍ୟହ ଡାକବାକ୍ସ ଖୋଲିବା ନିମନ୍ତେ ଅଧସ୍ତନଙ୍କୁ ବାଧ୍ୟ କରନ୍ତୁ। କେତେଜଣ କର୍ମଚାରୀଙ୍କ ଅଳସୁଆମିରେ ବିଭାଗ ବଦନାମ ହେବା ଠିକ୍ କି ?

ଶ୍ରୀରାମଚନ୍ଦ୍ର ଦାଶ, ଭୋଇନଗର, ଭୁବନେଶ୍ୱର

### ରାସ୍ତା ସମ୍ପ୍ରସାରଣ ହେଉ

କନ୍ଦରପୁରଠାରୁ ଜଗତ୍‌ସିଂହପୁର ଅଣଓସାରିଆ ରାସ୍ତାକୁ ଚାରିଲେନିଆରେ ପରିଣତ କରାଯିବା ଦରକାର। ଦୈନିକ ଦୁଇଚକିଆ, ତିନିଚକିଆ ଏବଂ ଚାରିଚକିଆ ଯାନଗୁଡ଼ିକର ଯାତାୟାତରେ ଅସୁବିଧା ହେଉଛି। ପରସ୍ପର ଟ୍ରକ, ବସ୍, ଟେମ୍ପୋ, ଟାଟା ଏସିଇ କଟାଇ ଯିବା ସମ୍ଭବ ହେଉନାହିଁ। ଭବିଷ୍ୟତରେ ଯାନବାହନ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଏପରି ସ୍ଥଳେ ଜୀବନଯାତ୍ରା ଆଦୌ ସହଜ ହେବନାହିଁ। ତେଣୁ ଟେଣ୍ଡର ପ୍ରକ୍ରିୟାରେ ଉଭୟ ପଟୁ କାର୍ଯ୍ୟ ଆରମ୍ଭ କରାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପ୍ରଥମ ଥର ପାଳନ ହେବ ବିପ୍ଳବୀ ଚକ୍ରଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର,୧୪।୭(ବ୍ୟୁରୋ):** ଚଳିତ ବର୍ଷ ପ୍ରଥମ ଥର ପାଇଁ ପାଳନ ହେବାକୁ ଯାଉଛି କନିକାର ପ୍ରଜାନେତା, ପୂର୍ବତନ ବିଧାୟକ ତଥା ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୬ତାରିଖରେ ସୂଚନାଭବନଠାରେ ଏହି ଜୟନ୍ତୀ ଉତ୍ସବ ଆୟୋଜନ ହେବ। ଏହି ଅବସରରେ ୧୬ତାରିଖ ସକାଳ ୯ଟାରେ ରାଜଭବନ ଛକ ନିକଟସ୍ଥ ଚକ୍ରଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ସନ୍ଧ୍ୟାରେ ସୂଚନାଭବନଠାରେ ହେବାକୁ ଥିବା ସଭାରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସଭା ପରେ ସୁନାମଧନ୍ୟ ଗାୟକ ଆଶାମୁକୁଳ ବାରିକ ଏବଂ ସାଥୀମାନେ ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିବେ। ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ମୃତିରକ୍ଷା ପାଇଁ ଗଠିତ 'ଚକ୍ରଧର ସ୍ମୃତି ସମିତି'ର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିଲେ। ଏହି ନିଷ୍ପତ୍ତି ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଚଳିତବର୍ଷ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଛି।

### କେନାଲ, ନଦୀ ତଟବନ୍ଧ ପୁନରୁଦ୍ଧାରକୁ ଗୁରୁତ୍ୱ

#### ଜଳସମ୍ପଦ ବିଭାଗ ଷ୍ଟାଣ୍ଡିଂ କମିଟି

**ଭୁବନେଶ୍ୱର,୧୪।୭(ବ୍ୟୁରୋ):** ରାଜ୍ୟରେ ଜଳସମ୍ପଦ ବିଭାଗ ପକ୍ଷରୁ ବୋରୱେଲ ଖନନ କାର୍ଯ୍ୟ ଧୀମା ଚାଲିଛି, ଏହାକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଷ୍ଟାଣ୍ଡିଂ କମିଟି ପକ୍ଷରୁ ସୁପାରିଶ କରାଯାଇଛି। ସେହିପରି ରାୟଗଡା ଜିଲାରେ ବଡନାଳ ବ୍ୟତୀତ କୌଣସି ବୃହତ ଏବଂ ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପ ନାହିଁ। ତେଣୁ ଉପର ବଂଶଧାରାରେ (ପାଣି-ଡାଙ୍ଗର) ପ୍ରକଳ୍ପ ନିର୍ମାଣ କରି ବଂଶଧାରା ଜଳର ସୁବିନିଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ଅନେକ ନଦୀ ତଟବନ୍ଧଗୁଡିକ ଦୁର୍ବଳ ହୋଇଗଲାଣି। ତେଣୁ ବିଭାଗ ପକ୍ଷରୁ କେନାଲ ଏବଂ ତଟବନ୍ଧଗୁଡିକର ପୁନରୁଦ୍ଧାର ନେଇ କମିଟି ସୁପାରିସ କରିଛି। ରାଜ୍ୟର ସମସ୍ତ ବ୍ଲକ ମୁଖ୍ୟାଳୟ ଏବଂ ପୌରାଞ୍ଚଳରେ ଛାତ ଉପରେ ବର୍ଷା ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ବ୍ୟାପକ ଶିଳ୍ପାୟନ କାରଣରୁ କଳିଙ୍ଗ ନଗର ଅଞ୍ଚଳ, ରେଙ୍ଗାଲୀ ଜଳସେଚନ ପ୍ରକଳ୍ପର ଆୟାକଟ୍ ହ୍ରାସ ପାଇବାରେ ଲାଗିଛି। ତେଣୁ ସେହିସବୁ ଅଞ୍ଚଳରେ ଜଳସେଚନର ସୁବିଧା ପାଇଁ ଚେଷ୍ଟା କରାଯିବା ଉଚିତ। ଲାନକୋ,ଜିଏମ୍ଆର ଭଳି ଶିଳ୍ପ କାରଣରୁ ରେଙ୍ଗାଲି ଦକ୍ଷିଣ ଜଳସେଚନ ପ୍ରକଳ୍ପ, ଖଡଗପ୍ରସାଦ ବ୍ରାଞ୍ଚର କେନାଲ ବ୍ୟବସ୍ଥା ପ୍ରଭାବିତ ହୋଇଛି। ତେଣୁ ସେହି ଅଞ୍ଚଳରେ ଜଳସେଚନର ସୁବିଧା ପାଇଁ ବହୁମୁଖୀ ପ୍ରକଳ୍ପ ପାଇଁ ଷ୍ଟାଣ୍ଡିଂ କମିଟି ସୁପାରିଶ କରିଛି। ଏଥିସହିତ ଭୂତଳ ଜଳ ସଂରକ୍ଷଣ ନେଇ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟ କରିବାକୁ କମିଟି ପରାମର୍ଶ ଦେଇଛି।

### ବଜ୍ରପାତରେ ୨ ଯୁବକଙ୍କ ମୃତ୍ୟୁ, ୩ ଗୁରୁତର

**ଟାଙ୍ଗୀ,୧୪।୭(ଡି.ଏନ୍.ଏ.):** ଖୋର୍ଦ୍ଧାଜିଲା ଟାଙ୍ଗୀ ଥାନା ଅଞ୍ଚଳରେ ରବିବାର ଅପରାହ୍ନରେ ବଜ୍ରପାତ ଘଟି ୨ ଯୁବକଙ୍କ ମୃତ୍ୟୁ ହେବା ସହ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଝରିଆ ଗ୍ରାମର ତୁଷାର ପଲେଇ(୧୯) ଓ ଟାଙ୍ଗୀ ଗ୍ରାମର ଚିତ୍ତରଞ୍ଜନ ରାଉତ(୩୮)। ଏଥିରେ ସୁଜିତ ସ୍ୱାଇଁ, ଦୀପକ ପଲେଇ ଓ ଅନିଲ ମହାନ୍ତି ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, ରବି ଫସଲ ନିମନ୍ତେ ଜମିରେ ପାଣି ବନ୍ଧାଇବା କାମ କରୁଥିବାବେଳେ ଝରିଆର ତୁଷାର, ସୁଜିତ୍, ଦୀପକ ଓ ଟାଙ୍ଗୀର ଚିତ୍ତରଞ୍ଜନ ଓ ଅନିଲଙ୍କ ଉପରେ ବଜ୍ରପାତ ହେବାରୁ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଡାକ୍ତର ତୁଷାର ଓ ଚିତ୍ତରଞ୍ଜନଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତରମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି। ଟାଙ୍ଗୀ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି । ଚିତ୍ତରଞ୍ଜନ ଜଣେ ଗରିବ ହୋଇଥିବାରୁ ସ୍ତ୍ରୀ ଓ ୨ଟି ଛୋଟଛୁଆଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ■ ଦକ୍ଷତା ବିକାଶ ପ୍ରଶିକ୍ଷଣ ନୈରାଶ୍ୟଜନକ

# ଚାକିରି ପାଇଛନ୍ତି ମାତ୍ର ୧୯.୫୪%

**ଭୁବନେଶ୍ୱର,୧୪।୭(ବ୍ୟୁରୋ)**

ରାଜ୍ୟରେ ଯୁବପିଢ଼ି କିପରି ସହଜରେ ନିଯୁକ୍ତି ପାଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ ସେମାନଙ୍କ ଦକ୍ଷତା ବୃଦ୍ଧି ସକାଶେ ରାଜ୍ୟ ସରକାର 'ସ୍କିଲ୍ଡ ଇନ୍ ଓଡ଼ିଶା' ମାଧ୍ୟମରେ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ମାତ୍ର ତାହା କେବଳ କାଗଜକଲମରେ ସୀମିତ ହୋଇ ରହିଯାଇଥିବା ଭଳି ମନେ ହେଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ପାଇଥିବା ଯୁବପିଢ଼ିଙ୍କ ମଧ୍ୟରୁ ମାତ୍ର ୧୯.୫୪% ଚାକିରି ପାଇବାରେ ସକ୍ଷମ ହୋଇଛନ୍ତି। ବିଧାନସଭାର ବଜେଟ ଅଧିବେଶନରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଦେଇଥିବା ତଥ୍ୟରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଯାଉଛି। ଭାଜପା ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନାୟକ କହିଛନ୍ତି ଯେ, ୨୦୧୧-୧୨ ଓ ୨୦୧୮-୧୯ ମଧ୍ୟରେ ୮୫,୮୮୦ ଯୁବପିଢ଼ି ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ(ପିଏଲ୍‌ଟିପି) ମାଧ୍ୟମରେ ପ୍ରଶିକ୍ଷଣ ନେଇଥିଲେ। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ୧୬,୭୭୭(୧୯.୫୪%) ନିଯୁକ୍ତି ପାଇଛନ୍ତି। ୨୦୧୧-୧୨ରେ ମାତ୍ର ୧,୪୬୬(୧୦% )ଯୁବକ ଚାକିରି ପାଇଥିଲେ। ୨୦୧୩-୧୪ରେ ୪.୪୦କୋଟି ଟଙ୍କା ଖର୍ଚ୍ଚରେ ୨୩,୪୨୧ଜଣ ପ୍ରଶିକ୍ଷଣ ନେଇଥିବାବେଳେ ମାତ୍ର ୪,୭୪୪ଜଣ ଚାକିରି ପାଇଥିବା ମନ୍ତ୍ରୀ ଉତ୍ତର ଦେଇଛନ୍ତି। ସେହିପରି ୨୦୧୪-୧୫ରେ ୧୮.୮୭% ଚାକିରି ପାଇଥିବାବେଳେ ପରବର୍ତ୍ତୀ ବର୍ଷ ଏହା ୧୬.୮୧% ପ୍ରତିଶତକୁ ଖସି ଆସିଥିଲା। ମନ୍ତ୍ରୀଙ୍କ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୬-୧୭ରେ ୨୫ଟି ଜିଲାରୁ ୮,୮୬୨ଜଣ ଯୁବପିଢ଼ି ପ୍ରଶିକ୍ଷଣ ନେଇଥିଲେ। ଯେଉଁଥିପାଇଁ ୭.୫୧କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଆଉ ସେଥିରୁ ମାତ୍ର ୧,୩୪୦ଜଣ ଚାକିରି ପାଇଛନ୍ତି। ୨୦୧୭-୧୮ରେ ମଧ୍ୟ ବହୁ କମ୍ ସଂଖ୍ୟାରେ ନିଯୁକ୍ତି ପାଇଛନ୍ତି। ୨୦୧୮-୧୯ରେ ପିଏଲ୍‌ଟିପି ଜରିଆରେ ୧୩.୮୪କୋଟି ଟଙ୍କା ଖର୍ଚ୍ଚରେ ୯,୦୪୮ ଯୁବପିଢ଼ି ପ୍ରଶିକ୍ଷଣ ନେଇଛନ୍ତି। ଏଥିରୁ ଜଣାପଡୁଛି ଯେ, ସରକାର ଜଣେ ଯୁବକଙ୍କୁ ପ୍ରଶିକ୍ଷଣ ଦେବାକୁ ବାର୍ଷିକ ୧୫ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରୁଛନ୍ତି। ତେବେ ମାତ୍ର ୧ହଜାର(୨.୭୧%) ଚାକିରି ପାଇଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ୫,୫୪୦ ଯୁବପିଢ଼ିଙ୍କୁ ଚାକିରି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି ଯାହାକି ପ୍ରଶିକ୍ଷଣ ପାଉଥିବା ଯୁବକଙ୍କ ସଂଖ୍ୟାର ମାତ୍ର ୨୦.୭୯%। ପ୍ରଶିକ୍ଷଣ ପାଉଥିବା ଯୁବପିଢ଼ିଙ୍କୁ ସେମାନଙ୍କ ବିଭାଗ ଅନୁସାରେ ୫ହଜାରରୁ ୧୦ହଜାର ଟଙ୍କାର ଭତ୍ତା ମଧ୍ୟ ପ୍ରଦାନ କରାଯାଉଛି। ପିଏଲ୍‌ଟିପି କାର୍ଯ୍ୟକ୍ରମରେ ରାଜ୍ୟ ସରକାର ୨୦୧୨-୧୩ ଏବଂ ୨୦୧୮-୧୯ ମଧ୍ୟରେ ୫୦ଟି ଘରୋଇ ସଂସ୍ଥାକୁ ୪୫.୫୨କୋଟି ଟଙ୍କା ପ୍ରଦାନ କରିଛନ୍ତି। ମାତ୍ର ସଫଳତା ହାର ମାତ୍ର ୧୯.୫୪%, ଯାହାକି ଅତ୍ୟନ୍ତ ନୈରାଶ୍ୟଜନକ। ଆଉ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ନିଯୁକ୍ତି ଦକ୍ଷତା ବୃଦ୍ଧି କରିବା ନିମନ୍ତେ ରାଜ୍ୟ ସରକାର ୨୦୧୪-୧୫ରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ(ସିଏମ୍ଇଜିପି) ଆରମ୍ଭ କରିଥିଲେ। ଆଉ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨୦୧୮-୧୯ ସୁଦ୍ଧା ୧୧ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖିଥିଲେ। ମାତ୍ର ଏହି କାର୍ଯ୍ୟକ୍ରମ ଜରିଆରେ ୧୦,୩୮,୩୦୧ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିଛି। ମିଳିଥିବା ସୂତ୍ରରୁ ସରକାର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ କୋଟି କୋଟି ଟଙ୍କା ଘରୋଇ ସଂସ୍ଥାକୁ ଦେଇଥିଲେ ସୁଦ୍ଧା ଉତ୍ତମ ପ୍ରଶିକ୍ଷଣ ପ୍ରଦାନ କରିବାରେ ଉକ୍ତ ସଂସ୍ଥାଗୁଡ଼ିକ ବିଫଳ ହୋଇଛନ୍ତି। ଏପରି କି ଉକ୍ତ ସଂସ୍ଥା ମଧ୍ୟରୁ ଅନେକଙ୍କ ନିକଟରେ ଆବଶ୍ୟକ ଯନ୍ତ୍ରପାତି, ଲାବୋରେଟୋରି ବ୍ୟବସ୍ଥା ନାହିଁ। ଯାହାଫଳରେ ପ୍ରଶିକ୍ଷଣ ନେଇଥିବା ଯୁବପିଢ଼ି ଚାକିରି ପାଇବାରେ ବିଫଳ ହେଉଛନ୍ତି। ପ୍ରଶିକ୍ଷଣ ନେଇଥିବା ଅନେକ ଯୁବପିଢ଼ିଙ୍କ ଭବିଷ୍ୟତ ଏବେ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ପ୍ରଶିକ୍ଷଣ ପାଇଥିବା ବହୁ ଯୁବପିଢ଼ି ଚାକିରିଟିଏ ପାଇଁ ସହର ମୁହାଁ ହେଉଥିଲେ ମଧ୍ୟ ସେମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ମିଳି ନ ଥିବାରୁ ସେମାନେ ପୁଣି ଗାଁକୁ ଫେରିବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି।

**ପିଏଲ୍‌ଟିପି ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ**

| ବର୍ଷ | ତାଲିମ ପ୍ରଦାନକାରୀ ସଂସ୍ଥାଙ୍କ ସଂଖ୍ୟା | ତାଲିମପ୍ରାପ୍ତ ଯୁବପିଢ଼ିଙ୍କ ସଂଖ୍ୟା | ନିଯୁକ୍ତି ପାଇଥିବା ଯୁବପିଢ଼ିଙ୍କ ସଂଖ୍ୟା | ପ୍ରତିଶତ | ଖର୍ଚ୍ଚ ପରିମାଣ (କୋଟି ଟଙ୍କାରେ) |
|---|---|---|---|---|---|
| ୨୦୧୧-୧୨ | ୩ | ୬୩୭ | ୧୦ | ୧.୫୬ | ତଥ୍ୟ ନାହିଁ |
| ୨୦୧୨-୧୩ | ୨୩ | ୫,୯୫୨ | ୧,୪୬୬ | ୨୪.୬୩ | ୩.୩୧ |
| ୨୦୧୩-୧୪ | ୨୧ | ୨୩,୪୨୧ | ୪,୭୪୪ | ୨୦.୨୫ | ୪.୪ |
| ୨୦୧୪-୧୫ | ୨୫ | ୧୦,୬୦୧ | ୨,୦୦୦ | ୧୮.୮୭ | ୪.୭ |
| ୨୦୧୫-୧୬ | ୩୦ | ୧୩,୧୮୧ | ୨,୨୧୭ | ୧୬.୮୧ | ୪.୦୬ |
| ୨୦୧୬-୧୭ | ୧୩ | ୮,୮୬୨ | ୧,୩୪୦ | ୧୫.୧୨ | ୭.୫୧ |
| ୨୦୧୭-୧୮ | ୨୨ | ୧୪,୧୭୮ | ୪,୦୦୦ | ୨୮.୨୧ | ୭.୭୬ |
| ୨୦୧୮-୧୯ | ୧୭ | ୯,୦୪୮ | ୧,୦୦୦ | ୨.୭୧ | ୧୩.୮୪ |
| ମୋଟ | ୧୫୪ | ୮୫,୮୮୦ | ୧୬,୭୭୭ | ୧୯.୫୪ | ୪୫.୫୨ |

# ଡାକ୍ତରଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ତତ୍ପରତା

**ଭୁବନେଶ୍ୱର, ୧୪।୭(ବ୍ୟୁରୋ)**

ପଶ୍ଚିମବଙ୍ଗରେ ଜଣେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରାଯିବା ଘଟଣାର ପ୍ରଭାବ ସାରା ଦେଶରେ ଆନ୍ଦୋଳନ ସୃଷ୍ଟି କରିଥିଲା। ଆନ୍ଦୋଳନ ଏତେ ତୀବ୍ରତର ହୋଇଥିଲା ଯେ, ଦେଶର ପ୍ରତ୍ୟେକ ରାଜ୍ୟରେ ଡାକ୍ତରମାନେ ଏହି ଘଟଣାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଥିଲେ। ଏହି ସମୟରେ କେନ୍ଦ୍ର ସରକାର ଡାକ୍ତରମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଘଟଣାକୁ ଦୃଷ୍ଟିରେ ରଖି ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ଲାଗି କେନ୍ଦ୍ର ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଚିଠି ଦିଆଯାଇଛି। ଅନ୍ୟପଟେ ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଭଲରେ ଦେଖି ଯାହା ଆବଶ୍ୟକ ତାକୁ କାର୍ଯ୍ୟକାରୀ କରିବୁ। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଡାକ୍ତରମାନଙ୍କ ସୁରକ୍ଷା ଲାଗି ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା ସେ କହିଛନ୍ତି।

ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ଡାକ୍ତରମାନେ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରମଣର ଶିକାର ହେଉଥିବାରୁ ସମ୍ବେଦନଶୀଳ ଡାକ୍ତରଖାନା ଓ କାର୍ଯ୍ୟରତ ଡାକ୍ତରମାନଙ୍କ ସୁରକ୍ଷା ଲାଗି ତାଲିମପ୍ରାପ୍ତ ସୁରକ୍ଷାବଳ ମୁତୟନ ଆବଶ୍ୟକ ହୋଇପଡ଼ିଛି। ତେଣୁ ଯେଉଁସବୁ ଡାକ୍ତରଖାନାକୁ ଅଧିକ ସଂଖ୍ୟାରେ ରୋଗୀ ଆସୁଛନ୍ତି ସେଠାରେ ସିସିଟିଭି ଲଗାଇବା, ଅତ୍ୟାଧୁନିକ ସୁରକ୍ଷା ସରଞ୍ଜାମ ସହ ୨୪ ଘଣ୍ଟିଆ କୁଇକ୍ ରିଆକ୍ସନ୍ ଟିମ୍ (କ୍ୟୁଆର୍‌ଟି) ମୁତୟନ ରଖିବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ସେହିପରି ସୁରକ୍ଷା ବ୍ୟବସ୍ଥାର ମନିଟରିଂ ପାଇଁ ଉନ୍ନତ ଜ୍ଞାନକୌଶଳ ସମ୍ପନ୍ନ କଣ୍ଟ୍ରୋଲ ରୁମ୍ ରହିବ। ରୋଗୀଙ୍କ ସମ୍ପର୍କୀୟଙ୍କ ଛଡା ଅନ୍ୟ କାହାରିକୁ ମେଡିକାଲ ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ। ଡାକ୍ତରଖାନା କର୍ମଚାରୀଙ୍କୁ ଦୁର୍ବ୍ୟବହାର କଲେ ଡାକ୍ତରଖାନା ପକ୍ଷରୁ ଦୁର୍ବ୍ୟବହାରକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ଚିକିତ୍ସା ଅବହେଳାର ତଦାରଖ ଲାଗି ନୋଡାଲ ଅଫିସର ନିଯୁକ୍ତି କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଖାଲି ପଡିଥିବା ଡାକ୍ତର ଏବଂ ଅନ୍ୟ ପଦବୀ ପୂରଣ ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି। ସମ୍ବେଦନଶୀଳ ଡାକ୍ତରଖାନାଗୁଡ଼ିକ ଲାଗି କେନ୍ଦ୍ରୀୟ କଣ୍ଟ୍ରୋଲ୍ ରୁମ୍ ସ୍ଥାପନ ସହିତ ଏଠାରେ ଅତ୍ୟାଧୁନିକ ଯୋଗାଯୋଗ ବ୍ୟବସ୍ଥା ରଖିବାକୁ କୁହାଯାଇଛି।

# ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା, ୭ ଗିରଫ

**କେନ୍ଦୁଝର, ୧୪।୭ (ସ୍ୱ.ପ୍ର.)**

ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାର ଦୁର୍ଗମ ଅଞ୍ଚଳରେ ଆଜିବି ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ବସା ବାନ୍ଧି ରହିଛି। ଏହାକୁ ନେଇ ହତ୍ୟା ଭଳି ବିଭିନ୍ନ ଅପରାଧ ସଂଘଟିତ ହେଉଛି। ଶନିବାର ରାତିରେ ସଦର ଥାନା ଅଧୀନ ସେଣ୍ଡକାପ ଗ୍ରାମରେ ଗୁଣି ସନ୍ଦେହକୁ ନେଇ ଦୀନବନ୍ଧୁ ମୁଣ୍ଡା ନାମକ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯିବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ରବିବାର ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରି ତଦନ୍ତ କରିବାପରେ ଘଟଣା ସହ ଜଡ଼ିତ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କୁ ଥାନାରେ ରଖି ପଚରାଉଚରା କରାଯାଉଛି।

ଘଟଣା ସମ୍ପର୍କରେ ପରିବାର ଲୋକେ କହିଛନ୍ତି ଯେ, ଶନିବାର ସନ୍ଧ୍ୟାରେ ୭ରୁ ଅଧିକ ଲୋକ ନିଶାସକ୍ତ ଅବସ୍ଥାରେ ଆସି ଦୀନବନ୍ଧୁଙ୍କୁ ଘରୁ କିଛି ଦୂରକୁ ଡାକି ନେଇଯାଇଥିଲେ। ସେମାନେ ଟାଙ୍ଗିଆ ଓ ଲାଠିରେ ତାଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଦୀନବନ୍ଧୁଙ୍କ ଝିଅ ସେଠାକୁ ଧାଇଁଯିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରି ଘଉଡାଇ ଦେଇଥିଲେ। ଆକ୍ରମଣକାରୀଙ୍କୁ ଡରି ଘଟଣାସ୍ଥଳକୁ ଆଉ କେହି ଯାଇ ନ ଥିଲେ। ରବିବାର ସକାଳେ ଦୀନବନ୍ଧୁଙ୍କ ମୃତଦେହ ଏକ ଘର ଭିତରେ ପଡ଼ିଥିବା ପରିବାର ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପୂର୍ବାହ୍ନରେ ପହଞ୍ଚି ମୃତଦେହ ଜବତ କରି ତନାଘନା ଆରମ୍ଭ କରିଥିଲା।

ଘଟଣାର ପ୍ରାଥମିକ ତଦନ୍ତ ପରେ ଗୁଣିଗାରେଡ଼ିକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସଦର ଏସଡିପିଓ ପି.ଜେ.ଟପୋ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟଚାଲାଣ କରାଯିବ। ଅଭିଯୁକ୍ତମାନେ କହିଛନ୍ତି ଯେ, ଦୀନବନ୍ଧୁ ଗୁଣିଗାରେଡ଼ି କରୁଥିବାରୁ ମଶାଣିରୁ ହାଡ ଆଣି ଘରେ ରଖି ପୂଜାପାଠ କରୁଥିଲେ। ଏହି କାରଣରୁ ଗାଁର ଅନେକ ଲୋକ ଜ୍ୱର ଆଦି ରୋଗରେ ପଡୁଥିବା ସନ୍ଦେହ କରାଯାଉଥିଲା। ଏନେଇ ଆଗରୁ ମଧ୍ୟ ଗାଁରେ ବିବାଦ ଦେଖାଦେଇଥିଲା। ଦୀନବନ୍ଧୁ ପୂଜା ପାଠ ବନ୍ଦ ନ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିବା ପୋଲିସକୁ କହିଛନ୍ତି। ଅନ୍ୟପକ୍ଷେ ଦୀନବନ୍ଧୁଙ୍କ ପରିବାର ଅଭିଯୁକ୍ତଙ୍କ ଏଭଳି ଆରୋପକୁ ଅସ୍ୱୀକାର କରିଛନ୍ତି।

## ■ ମାଓବାଦୀ କହି ଟଙ୍କା ଆଦାୟ ମହଙ୍ଗା ପଡ଼ିଲା

# ବନ ଅଧିକାରୀଙ୍କ ସମେତ ୩ ଗିରଫ

**ବରଗଡ଼ ଅଫିସ୍/ଭଟଲି, ୧୪।୭(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ପୋଲିସ ହାତରେ ୩ନକଲି ମାଓବାଦୀ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ସମ୍ବଲପୁର ବନାଞ୍ଚଳର ଡେପୁଟି ରେଞ୍ଜର ତଥା କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ତେରାଗାଁର ମୂଳ ବାସିନ୍ଦା ବଟକୃଷ୍ଣ ସେଠୀ(୫୯), ବରଗଡ଼ ଜିଲ ଭଟଲି ଗଡ଼ପଡ଼ାର ୨ଭାଇ ଦୋଳଗୋବିନ୍ଦ ସାହୁ ଓରଫ ବାବୁଲୁ(୪୦) ଓ ବଳରାମ ସାହୁ(୨୪)। ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୬୫ହଜାର, ୩ଟି ମୋବାଇଲ ଓ ୨ଟି ସ୍ପ୍ଲେଣ୍ଡର ବାଇକ୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ଭଟଲି ଥାନା ପୋଲିସ ଏକ ମାମଲା (ନଂ.୧୩୫/୧୯) ରୁଜୁ କରିଛି ।

ରବିବାର ଅପରାହ୍ନ ପ୍ରାୟ ୧ଟା୩୦ରେ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇ କହିଥିଲେ, ଧରାପଡ଼ିଥିବା ନକଲି ମାଓବାଦୀ ଗତ ୨୦୧୪ମସିହାରୁ ଭଟଲି, ଅମ୍ବାଭୋନା ଅଞ୍ଚଳରେ ସରକାରୀ ଅଧିକାରୀ, ଠିକାଦାର ପ୍ରମୁଖଙ୍କୁ ହତ୍ୟା ଧମକ ଦେଇ ଟଙ୍କା ଅସୁଲ କରି ଆସୁଥିଲେ। ଅଶୋକ ଦାଶ ନାମକ ଜଣେ ଠିକାଦାର ଶୁକ୍ରବାର ଭଟଲି ଥାନାରେ ଏ ସମ୍ପର୍କରେ ଏତଲା ଦେବା ପରେ ପୋଲିସ ତନାଘନା ଚଳାଇଥିଲା। ଗିରଫ ଅଭିଯୁକ୍ତମାନେ ଭୟଭୀତ କରି ଇତିମଧ୍ୟରେ ବରଗଡ଼ ଡିଏଫଓଙ୍କଠାରୁ ୫୦ହଜାର, ଲଖନପୁର ରେଞ୍ଜରଙ୍କଠାରୁ ୯୦ହଜାର, ପଦ୍ମପୁର ଫରେଷ୍ଟରଙ୍କଠାରୁ ୧୦ହଜାର, ଠିକାଦାର ମୁନା ମହାପାତ୍ରଙ୍କଠାରୁ ୨ଲକ୍ଷ, ଶୁଭମ ସିଂଙ୍କଠାରୁ ୨ଲକ୍ଷ ୫୦ହଜାର, ପ୍ରଦୀପ ବିଶ୍ୱାଳଙ୍କଠାରୁ ୧ଲକ୍ଷ ୫୦ହଜାର, ବାଉଲସିଂହାରେ ନିର୍ମାଣାଧୀନ ବିପିସିଏଲ ଇଥାନଲ ପ୍ଲାଣ୍ଟର ଠିକାଦାରଙ୍କଠାରୁ ୯୦ହଜାର, ଭଟଲିର କାହ୍ନୁଙ୍କଠାରୁ ୨୫ହଜାର, ହେମନ୍ତଙ୍କଠାରୁ ୫୦ହଜାର, ଭୁକ୍ତାର ପ୍ରେମ ପଟେଲଙ୍କଠାରୁ ୪୦ହଜାର ଏବଂ ଠିକାଦାର ଅଶୋକ ଦାଶଙ୍କଠାରୁ ୨ଟି ପର୍ଯ୍ୟାୟରେ ୫୦ହଜାର ଟଙ୍କା ଲେଖାଏ ନେଇଥିବା ସ୍ୱୀକାର କରିଛନ୍ତି ବୋଲି ଏସପି ଭାମୁ ସୂଚନା ଦେଇଛନ୍ତି।

ଦୀର୍ଘ ୫ ବର୍ଷ ଧରି ଅଭିଯୁକ୍ତମାନେ ନିଜକୁ ମାଓବାଦୀ ପରିଚୟ ଦେଇ ଏଭଳି କାରବାର ଚଳାଇ ଆସୁଥିବାରୁ ସେମାନଙ୍କ ଜାଲରେ ଆଉ କେଉଁମାନେ ପଡ଼ିଛନ୍ତି, ସେ ନେଇ ଅଧିକ ତଦନ୍ତ ଚାଲିଥିବା ଏସ୍‌ପି କହିଥିଲେ। ସେହିପରି ଗିରଫ ଡେପୁଟି ରେଞ୍ଜର ସେଠୀ ପୂର୍ବରୁ ଭଟଲି, ଘେଁସ ବନ ବିଭାଗ ଅଞ୍ଚଳରେ କାର୍ଯ୍ୟରତ ଥିଲେ ଏବଂ ଅନ୍ୟ ୨ଅଭିଯୁକ୍ତଙ୍କ ସହିତ ସମ୍ପର୍କ ସ୍ଥାପନ କରି ସେଥିରେ ତାଙ୍କୁ ସହାୟତା କରି ଆସୁଥିଲେ। ଯେତେବେଳେ ଜିଲାରେ ମାଓବାଦୀ ଗତିବିଧି ପରିଲକ୍ଷିତ ଥିବା ଜଣାପଡ଼େ, ମୁଖ୍ୟତଃ ସେହି ସମୟରେ ଏହି ନକଲି ମାଓବାଦୀ ଠିକାଦାର, ସରକାରୀ ଅଧିକାରୀଙ୍କୁ ଭୟଭୀତ କରି ଏଭଳି ଠକାମୀ କରିଥାନ୍ତି ବୋଲି ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି କହିଛନ୍ତି । ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ କ୍ଷୀରସାଗର ନାଏକ, ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ, ଭଟଲି ଥାନା ଅଧିକାରୀ ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଜବତ ଟଙ୍କା (ଇନ୍‌ସେଟ୍)। ଖବରଦାତା ସମ୍ମିଳନୀରେ ପୋଲିସ ଗିରଫ ଅଭିଯୁକ୍ତଙ୍କୁ ହାଜର କରିଛି।

■ ୧ଲକ୍ଷ ୬୫ହଜାର ଟଙ୍କା ଜବତ
■ ୨୦୧୪ ମସିହାରୁ ସକ୍ରିୟ ଥିଲେ
■ ସରକାରୀ ଅଧିକାରୀ, ଠିକାଦାରଙ୍କୁ ଧମକ ଦେଉଥିଲେ

# ନାଗାବଳୀରେ ପର୍ଯ୍ୟଟକଙ୍କ ସଲିଳ ସମାଧି

**ରାୟଗଡା ଅଫିସ୍, ୧୪।୭:** ସାଙ୍ଗସାଥୀଙ୍କ ସହ ବୁଲିବାକୁ ରାୟଗଡ଼ାକୁ ଆସିଥିଲେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ୨୦ ଜଣ ପର୍ଯ୍ୟଟକ। ହଠାତ୍ ଘଟିଲା ଏକ ଦୁର୍ଘଟଣା। ରାୟଗଡ଼ା ସହର ଉପକଣ୍ଠସ୍ଥ ନାଗାବଳୀ ନଦୀରେ ଗାଧୋଇଲା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ବୁଡ଼ି ଯାଇଥିଲେ। ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ମୃତକ ହେଲେ ଆନ୍ଧ୍ରପ୍ରଦେଶ ବିଜୟନଗର ଜିଲା ନାଇଡୁପେଟାର କେ.ନାଗେଶ(୧୮)। ଦୀର୍ଘ ଘଣ୍ଟାର ପରିଶ୍ରମ ପରେ ଘଟଣାସ୍ଥଳଠାରୁ ୩୦୦ ମିଟର ଦୂରରୁ ନାଗେଶଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି।

## ■ ସୀମାନ୍ତରେ ଗୁଳି ବିନିମୟ

# ୨ ମାଓବାଦୀ ନିହତ, ଜଣେ ଗିରଫ

**ମାଲକାନଗିରି,୧୪।୭ (ଡି.ଏନ.ଏ.)**


ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡା ଜିଲାରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ହୋଇଛି। ଏଥିରେ ୨ଜଣ ମାଓବାଦୀ ନିହତ ହୋଇଛନ୍ତି। ଜଣକୁ ଗିରଫ କରାଯାଇଛି। ଖବରରୁ ଜଣାପଡିଛି ଦାନ୍ତେୱାଡା ଜିଲାରେ ମୁତୟନ ହୋଇଥିବା ପୋଲିସ ପକ୍ଷରୁ କିରଣ୍ଡୋଲ ଥାନା ଅନ୍ତର୍ଗତ ଗୁମିଆପାଲ ଜଙ୍ଗଲରେ ଏକ ସ୍ୱତନ୍ତ୍ର ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅପରେଶନ ଚାଲିଥିବା ବେଳେ ଲାଲବାହିନୀ ପକ୍ଷରୁ ଏକ ବଡ ଧରଣର ହିଂସାକାଣ୍ଡ ଘଟାଇବା ନେଇ ଯୋଜନା ଚାଲିଥିବା ଖବର ପୋଲିସକୁ ମିଳିଥିଲା। ଫଳରେ ପୋଲିସ ଅତର୍କିତ ଭାବେ ଜଙ୍ଗଲରେ ଚଢାଉ କରିବାରୁ ଏହା ଦେଖି ମାଓବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ଉଭୟପକ୍ଷଙ୍କ ମଧ୍ୟରେ ୨ଘଣ୍ଟା ଧରି ଗୁଳିଚାଳନା ହେବା ପରେ ପୋଲିସର ଜବାବି କାର୍ଯ୍ୟାନୁଷ୍ଠାନର ମୁକାବିଲା ମାଓବାଦୀମାନେ କରି ପାରି ନ ଥିଲେ। ଫଳରେ ପୋଲିସ ଗୁଳିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡିଛି। ମୃତ ୨ ମାଓବାଦୀ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ସଦସ୍ୟ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଘଟଣା ସ୍ଥଳରୁ ଜଣେ ମହିଳା ମାଓବାଦୀଙ୍କୁ ଗିରଫ କରାଯାଇଛି। ୨ଟି ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ମୃତ୍ୟୁ ଘଟିଥିବା ମାଓବାଦୀଙ୍କ ପରିଚୟ ମିଳି ନାହିଁ। ଗିରଫ ହୋଇଥିବା ମହିଳା ମାଓବାଦୀଙ୍କ ସମ୍ପର୍କରେ ଅଧିକ ତଦନ୍ତ କରାଯାଉଛି ବୋଲି ଦାନ୍ତେୱାଡା ଏସ୍.ପି. ଅଭିଷେକ ପଲ୍ଲଭ କହିଛନ୍ତି। ଅନ୍ୟପକ୍ଷରେ ଅଧିକ ତଦନ୍ତ ଚାଲିଥିବାରୁ ପୋଲିସ ଗିରଫ ମହିଳା ମାଓବାଦୀଙ୍କ ସମ୍ପର୍କରେ କିଛି କହିବାକୁ ମନା କରିଦେଇଛି।



■ ଦୁଇ ଘଣ୍ଟା ଧରି ହୋଇଥିଲା ଗୁଳିଚାଳନା
■ ଅଧିକ ତଥ୍ୟ ଦେବାକୁ ମନା କଲା ପୋଲିସ
■ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଜବତ


## ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**




**ସ୍ୱର୍ଗତ ସୁବାସଚନ୍ଦ୍ର ପଟ୍ଟନାୟକ**
ନୂଆବଜାର, କଟକ
ତିରୋଧାନ: ୦୨।୦୭।୨୦୧୨
ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ (ନୀଳାଦ୍ରିବିଜେ)
ପାପା,
ସାତବର୍ଷ ଚାହୁଁ ଚାହୁଁ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା, ନିତି, ଆଦର୍ଶ ଆମମାନଙ୍କର ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପତ୍ନୀ: ମନି, ପୁଅ: ବୁଟୁ, ଶୁଟୁ, ବୋହୂ: ବେବି, ପିଙ୍କି, ନାତି, ନାତୁଣୀ: ପୁପୁଲି, ରାହି, ରିଷି।
ଧ-୧୩୧୯୦

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରମିଳା ପାତ୍ର/ଶତପଥୀ (ପମି)**
ମହାଦେବ ନଗର, ଭୁବନେଶ୍ୱର
ତିରୋଧାନ: ୦୧।୦୭।୨୦୧୫
ଆଜିର ତିଥିରେ ୪ ବର୍ଷ ତଳେ ତୁମେ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲ। ସ୍ୱର୍ଗଦ୍ୱାରରେ ତୁମର ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା। ସୃଷ୍ଟିର ଏହି ନିଷ୍ଠୁର ସତ୍ୟକୁ କାହିଁକି କେଜାଣି ଗ୍ରହଣ କରିପାରୁନୁ। ଯେତିକି ଲୁହ ତୁମେ ଦେଇ ଚାଲିଗଲ ଆମ ସମସ୍ତଙ୍କ ପାଇଁ, ସାରା ଜୀବନ ବି କାନ୍ଦିଲେ ହୁଏତ ସରିବ ନାହିଁ। ଅଧାବାଟରେ ହାତ ଛାଡ଼ି ମାନ କରି ଚାଲିଗଲ। ଏମିତି କ'ଣ କିଏ କରେ ? ସ୍ୱଶରୀରରେ ତୁମକୁ ଦେଖିବା ଏ ଜନ୍ମରେ ଅସମ୍ଭବ। କିନ୍ତୁ ତୁମର ତ୍ୟାଗ, କର୍ମ, ଆଦର୍ଶ ସ୍ମୃତିର ରୂପାନ୍ତର ହୋଇ ରହିଗଲା। ଯାହାକି ତୁମକୁ ଆମ୍ଭମାନଙ୍କ ନିକଟରେ ଚିର ସ୍ମରଣୀୟ କରି ରଖିବ।
ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପରିବାର ଓ ବନ୍ଧୁବର୍ଗ, କିଟି, ଲିକୁ, ବବି, ମକର ଇତ୍ୟାଦି।
ଧ-୧୩୨୩୮

**ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମଣିଚରଣ ସାହୁ**
(ଦତ୍ତାତ୍ରେୟ ପ୍ରଭୁ ଆଶ୍ରିତ ବାନପ୍ରସ୍ଥୀ)
ଅପର୍ତ୍ତିବିନ୍ଧା, ଭଦ୍ରକ
ଆବିର୍ଭାବ: ୨୦।୦୯।୧୯୩୫
ତିରୋଧାନ: ୦୫।୦୭।୨୦୧୯
ଆଜି ଏକାଦଶାହ ଅବସରରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଆରପାରିକୁ ଚାଲିଗଲ। ଯେଉଁଠି ଥାଅ, ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୧୩୪୯୧

## ସଂକ୍ଷେପରେ

### ବାହୁଡ଼ା ଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ଭୋଗ ବଣ୍ଟନ

ବେତନଟୀ,୧୪।୭(ଡି.ଏନ୍.ଏ.)-ବେତନଟୀ ନିକଟ ଯୋଗୀ ନୂଆଁଗାଁ ଗ୍ରାମପଞ୍ଚାୟତ ଅଧୀନ କଇଁଫୁଲିଆ- ନୂଆଁସାହିରେ ଶନିବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ଦୁଇ ଦିନ ଧରି ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା ବେଳେ ଆଖପାଖ ଗ୍ରାମରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କୁ ବାହୁଡା ଯାତ୍ରାରେ ଅଧରପଣା, ଟଙ୍କତୋରାଣି, ଭୋଗପୁଡିଆ ବଣ୍ଟନ କରାଯାଇଥିଲା। ଏହି ରଥଯାତ୍ରା ୨୯ ବର୍ଷରେ ପଦାର୍ପଣ କରିଛି। ରଥଯାତ୍ରାର ପ୍ରତିଷ୍ଠାତା ବିଜୟ ଦ୍ୱିବେଦୀଙ୍କ ସମେତ ପ୍ରସନ୍ନ ବିଶ୍ୱାଳ, ଗୋବିନ୍ଦ ନାୟକ, ବସନ୍ତ ସିଂ ପ୍ରମୁଖ କର୍ମକର୍ତ୍ତାମାନ ଉପସ୍ଥିତ ଥିଲେ।

### ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବାରିପଦା ଅଫିସ,୧୪।୭- ବାରିପଦାର ରଘୁନାଥପୁରସ୍ଥିତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧମିକ ଆବାସିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାରିପଦା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧାପକ ପ୍ରଫେସର ସଞ୍ଜୟ ଖୁଣ୍ଟିଆ ଯୋଗଦେଇ ଉତ୍ତମ ଚରିତ୍ର ଗଠନ କରିବାରେ ଶିକ୍ଷା ଅପରିହାର୍ଯ୍ୟ ଏବଂ ଛାତ୍ରୀଛାତ୍ର ସମୟାନୁବର୍ତ୍ତିତ ହେବା ଉଚିତ ବୋଲି କହିଥିଲେ। ବିଦ୍ୟାଳୟର ସଭାପତି ଇଂ. ପ୍ରଭାସ କୁମାର ଦାସ ନୂତନ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇ ଶୃଙ୍ଖଳିତ ଜୀବନ ବିତାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ପ୍ରଶାନ୍ତ କୁମାର ଦାସ୍, ପରିଚାଳନା ସମିତିର ସଦସ୍ୟ କୃଷ୍ଣଚନ୍ଦ୍ର ଦାସ, ଡ. ସୁଶାନ୍ତ ବସା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷା ଅଙ୍କିତା ବାରିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମବେଦିରେ ସରିଲା ଲୀଳାଖେଳା

# ରତ୍ନବେଦିକୁ ଫେରିଲେ ତିନି ଠାକୁର

ବାରିପଦା ଅଫିସ,୧୪।୭

ଜନ୍ମବେଦୀରେ ଲୀଳାଖେଳା ସାରି ତିନି ଠାକୁର ରବିବାର ବଡ ଦେଉଳକୁ ଫେରିଛନ୍ତି। ରବିବାର ବିଳମ୍ବିତ ରାତିରେ ବଡ଼ ଦେଉଳକୁ ପହଣ୍ଡି ବିଜେ ହୋଇଛନ୍ତି ତିନି ଠାକୁର। ଶୁକ୍ରବାର ମାଉସୀ ଘରେ ଜନ୍ମ ବେଦୀରେ ଶ୍ରଦ୍ଧାଳୁମାନଙ୍କୁ ସୁନା ବେଶରେ ଦର୍ଶନ ଦେଇଥିଲେ। ପରେ ଅପରାହ୍ନରେ ପହଣ୍ଡି ହୋଇ ରଥାରୂଢ଼ ହେବା ପରେ ପୁଣି ଥରେ ଶ୍ରଦ୍ଧାଳୁଙ୍କୁ ରୁପା ବେଶରେ ଦର୍ଶନ ଦେଇଥିଲେ। ଶନିବାର ବାହୁଡା ଯାତ୍ରା ଆରମ୍ଭ ହୋଇଥିଲା। ଶନିବାର ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ରଥ ବଡ଼ ଦେଉଳ



ବାରିପଦା ବଡ଼ଦାଣ୍ଡ ଲୋକାରଣ୍ୟ।

ନିକଟରେ ପହଞ୍ଚିଥିବା ବେଳେ ଦେବୀ ସୁଭଦ୍ରାଙ୍କ ରଥ ଅଧା ରାସ୍ତାରେ ରହିଥିଲା। ରବିବାର ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ କେବଳ ମହିଳା ମାନେ ଟାଣି ବଡ ଦେଉଳ ସମ୍ମୁଖରେ ପହଞ୍ଚାଇଥିଲେ। ପରେ ଅଗଣିତ ଭକ୍ତଙ୍କ ମେଳରେ ବଡ ଭାଇ ବଳଭଦ୍ରଙ୍କ ତାଳଧ୍ୱଜ ବଡ ଦେଉଳ ଅଭିମୁଖେ ଗଡ଼ିଥିଲା। ବଡଭାଇ ବଳଭଦ୍ରଙ୍କୁ ବଡ଼ ଦେଉଳକୁ ବାହୁଡେଇ ନେବାକୁ ବଡଦାଣ୍ଡ ଏକ ପ୍ରକାର ଲୋକାରଣ୍ୟ ହୋଇପଡିଥିଲା। ଦେବୀ ସୁଭଦ୍ରାଙ୍କ ରଥ ଟଣା ପୂର୍ବରୁ ଶ୍ରଦ୍ଧାଳୁମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ଲଡୁ ଫିଙ୍ଗା ଯାଇଥିଲା। ସେହିପରି ବଳଭଦ୍ରଙ୍କ ରଥ ବଡ଼ ଦେଉଳ ସମ୍ମୁଖରେ ପହଞ୍ଚିବା ପରେ ମଧ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳଡୁ ଫିଙ୍ଗା ଯାଇଥିଲା। ସନ୍ଧ୍ୟାରେ ମହାଲକ୍ଷ୍ମୀ ଭେଟ ଅନୁଷ୍ଠିତ ହୋଇଥିଲା। ଅନ୍ୟ ରୀତିନୀତି ଶେଷ ପରେ ବିଳମ୍ବିତ ରାତିରେ ତିନି ଠାକୁର ବଡ ଦେଉଳକୁ ପହଣ୍ଡି ବିଜେ ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବାକୁ ଦାନା ନାହିଁ,**
**ପିନ୍ଧିବାକୁ କନା ନାହିଁ।**

ଗରିବ ହେଲେ ସବୁ ସହିବାକୁ ପଡ଼ିଥାଏ। ପ୍ରତିକୂଳ ପରିସ୍ଥିତି ମଧ୍ୟରେ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡ଼ିଥାଏ। ଦୀନହୀନ ଦରିଦ୍ର ବ୍ୟକ୍ତି ବହୁ ଦୁଃଖକଷ୍ଟରେ ଜୀବିକା ନିର୍ବାହ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖଣ୍ଡକ୍ଷୀରି ପିଇ ଦଉଥା।**
**ଘୋଡ଼ିଘାଡ଼ି ହୋଇ ଶୋଇଥା।**

ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତି କୌଣସି ଗୁଣକୁ ସରି ହୋଇ ନ ଥାନ୍ତି। ଏପରି ବ୍ୟକ୍ତି କୁଟା ଖଣ୍ଡିକ ଦି' ଖଣ୍ଡ କରିବାକୁ ଉଚିତ ମଣି ନ ଥାନ୍ତି। କାମଦାମ ନ କରି ଅୟସରେ ଦିନ ବିତାଇବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଆରାମରେ ଖାଇପିଇ ସମୟ ଅତିବାହିତ କରୁଥିବା ନିକମା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରତିଷ୍ଠା ଦିବସରେ ଜନପ୍ରତିନିଧିଙ୍କୁ ଅଣଦେଖା

ବାରିପଦା ଅଫିସ,୧୪।୭

ଶନିବାର ଆୟୋଜିତ ମୟୂରଭଞ୍ଜ ଜିଲା ବାରିପଦା ତକତପୁର ସ୍ଥିତ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ୨୨ ତମ ପ୍ରତିଷ୍ଠା ଉତ୍ସବକୁ ନିର୍ବାଚିତ ଜନପ୍ରତିନିଧିଙ୍କୁ ଡକା ନ ଯାଇ ଅଣଦେଖା କରାଯିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା, କୃଷି ଓ କୃଷକ ଶଶକ୍ତିକରଣ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଡ.ଅରୁଣ କୁମାର ସାହୁ ଯୋଗ ଦେଉଥିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିମନ୍ତ୍ରଣ କାର୍ଡ ଛପାଯାଇ ବଣ୍ଟାଯାଇଥିଲା। ମନ୍ତ୍ରୀ ମାରାଣ୍ଡି ଯୋଗ ଦେଇଥିବା ବେଳେ ମନ୍ତ୍ରୀ ଡ. ସାହୁ କୌଣସି କାରଣରୁ ଆସି ନ ଥିଲେ। ହେଲେ ନିମନ୍ତ୍ରଣ ପତ୍ରରେ ସ୍ଥାନୀୟ ବିଧାୟକ ଓ ଏମପିଙ୍କ ନାମ ନ ଥିଲା। ଏ ନେଇ ବାରିପଦା ବିଧାୟକ ପ୍ରକାଶ ସୋରେନ ଗଣମାଧମ ନିକଟରେ ଅଭିଯୋଗ କରି ଶିକ୍ଷାନୁଷ୍ଠାନକୁ ନେଇ ରାଜନୀତି କରା ନ ଯାଉ ବୋଲି କହିଛନ୍ତି। ନିୟମ ଅନୁଯାୟୀ ଜଣେ ବିଧାୟକ ସ୍ଥାନୀୟ ଅଞ୍ଚଳର ମହାବିଦ୍ୟାଳୟଗୁଡିକରେ ସଭାପତି ରହିବା ବ୍ୟବସ୍ଥା ରହିଛି। ଏପରି ସ୍ଥଳେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବରେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କୁ ଉପେକ୍ଷା କରାଯିବା ଦୁର୍ଭାଗ୍ୟ ଜନକ। ସେ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ଜଣେ କର୍ମଚାରୀ ତାଙ୍କ ବାସଭବନକୁ ଆସ ନିମନ୍ତ୍ରଣ କାର୍ଡ ଦେଇଥିଲେ। ସେଥିରେ କେବଳ ବିଜେଡିର ନେତୃମଣ୍ଡଳୀଙ୍କୁ ଅତିଥି ଭାବେ ରଖାଯାଇଥିଲା। ସ୍ଥାନୀୟ ବିଧାୟକ ଏବଂ ଏମପିଙ୍କ ନାମ ନ ଥିଲା। ଅନ୍ୟପକ୍ଷେ ସମାବର୍ତ୍ତନ ଉତ୍ସବରେ ବିଜେଡିର ଜଣେ ଜିଲାସ୍ତରୀୟ ନେତା ଆଗ ଧାଡ଼ିରେ ବସିଥିବା ଦେଖିବାକୁ ମିଳିଥିଲା।

## ୨ ମଦ ବେପାରୀ ଗିରଫ

ବେତନଟୀ,୧୪।୭(ଡି.ଏନ୍.ଏ.)

ବେତନଟୀ ଓ ବଡସାହି ଥାନା ଅଧୀନ ୨ ଗ୍ରାମରୁ ଜଣେ ମହିଳା ଓ ଜଣେ ଯୁବକଙ୍କୁ ଶନିବାର ଚୋରା ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଅବକାରୀ ପୋଲିସ୍ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଛଛିନାପଦା ଗ୍ରାମର କାମିନିକାନ୍ତ ବେହେରା ଓ କୁଲ୍‌ଡିହା ଗ୍ରାମର ମିନତୀ ବେହେରା। ବେତନଟୀ ଅବକାରୀ ଅଧିକାରୀ ଶ୍ରୀନିବାସ ସାହୁଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଚଢାଉ କରିଥିଲା। ସେମାନଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ଏଥିନେଇ ୨ଟି ମାମଲା (ନଂ. ୫୪/୧୯ ଓ ୫୫/୧୯) ରୁଜୁ ହୋଇଛି।

## ବଡ଼ଦାଣ୍ଡ ସଫେଇ କଲେ ମୁସଲିମ ଯୁବକ



ରାତିରେ ବଡଦାଣ୍ଡ ସଫେଇ କରାଯାଉଛି।

ବାରିପଦା ଅଫିସ,୧୪।୭

ବାରିପଦା ସହରରେ ସଫେଇ ସଚେତନତା ଦିଗରେ ଅନନ୍ୟ ଉଦାହରଣ ସୃଷ୍ଟି କରିଥିବା ସାମାଜିକ ଅନୁଷ୍ଠାନ 'ସବୁଜ ସୁନ୍ଦର ବାରିପଦା' ପକ୍ଷରୁ ରଥଯାତ୍ରା ଆରମ୍ଭରୁ ପ୍ରତିଦିନ ରାତିରେ ସମଗ୍ର ବଡଦାଣ୍ଡକୁ ସଫେଇ କରାଯାଉଥିଲା। ଏହାକୁ ସମର୍ଥନ କରି ବାରିପଦା ସହରର କେତେକ ମୁସଲମାନ ସମ୍ପ୍ରଦାୟର ଯୁବକ ବାଡଦାଣ୍ଡ ସଫେଇ କାର୍ଯ୍ୟରେ ସାମିଲ ହୋଇଛନ୍ତି। ଶନିବାର ରାତିରେ ଅନୁଷ୍ଠାନର ଆବାହକ ଜିତେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟ ଚାଲିଥିବା ବେଳେ ସେଖ ମହମ୍ମଦ ଉଲ୍ଲା, ସେଖ ଫରହାଦ, ସେଖ ଇକବାଲ, ସେଖ ଆସଲାମ, ସେଖ ଏଲାମ, ସେଖ ଏକରାମ ଓ ସେଖ ଫଗୁ ପ୍ରମୁଖ ସମଗ୍ର ବଡଦାଣ୍ଡ ସଫେଇ କରିଥିଲେ। ମୁସଲମାନ ସମ୍ପ୍ରଦାୟର ହୋଇ ମଧ ରଥଯାତ୍ରା ପାଇଁ ଜଗନ୍ନାଥଙ୍କୁ ସମ୍ମାନ ଜଣାଇ ସଫେଇ କରିବାକୁ ଆସି ଭାଇଚାରା ସମ୍ପର୍କ ସୃଷ୍ଟି କରିଥିବାରୁ ସେମାନେ ଧନ୍ୟବାଦର ପାତ୍ର ବୋଲି ସବୁଜ ସୁନ୍ଦର ବାରିପଦାର ଆବାହକ ମହାନ୍ତି କହିଛନ୍ତି। ସେହିପରି ରଥ ଡ୍ୟୁଟିରେ ଥିବା ସବ-ଇନ୍ସପେକ୍ଟର ସଚ୍ଚିଦାନନ୍ଦ କିଶାନ ମଧ ଏହି ଯୁବକମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଅଗରୁ ଏଭଳି କେବେ ଦେଖି ନ ଥିଲେ ଏଣୁ ଏହା ନିହାତି ଭାବେ ସମାଜକୁ ନୂତନ ବାର୍ତ୍ତା ଦେବ ବୋଲି ସେ କହିଛନ୍ତି। ସାମାଜିକ କର୍ମୀ ସୁଜିତ କୁମାର ମହାନ୍ତି ମଧ ସଫେଇ କାର୍ଯ୍ୟରେ ସାମିଲ ହୋଇ ଅନୁଷ୍ଠାନ ଓ ମୁସଲମାନ ସମ୍ପ୍ରଦାୟର ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। କପିଲ ଖଣ୍ଡେଲୱାଲ, ନାନୁ ମହାକୁଡ, ଦେବାଶିଷ କୁମାର ପ୍ରମୁଖ ଉପସ୍ଥିତ ରହି ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ।

## ସୁବ୍ରତଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ

ବାରିପଦା ଅଫିସ,୧୪।୭

ସ୍ଥିରଚିତ୍ର ଉତ୍ତୋଳନକାରୀ ସୁବ୍ରତ ସାହୁଙ୍କୁ ଜିଲା ଦେବୋତ୍ତର ବିଭାଗ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛି। ବାରିପଦା ରଥଯାତ୍ରାରେ ଜିଲାପାଳ ବିନିତ ଭରଦ୍ୱାଜ ସୁବ୍ରତଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପ୍ରଶଂସାପତ୍ର ଦେଇଛନ୍ତି। ସୁବ୍ରତ ଚିତ୍ର ଉତ୍ତୋଳନ ଜୀବନ ଜୀବିକା ନିର୍ବାହ କରନ୍ତି। ବାରିପଦା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତଥା ମା ଅମ୍ବିକାଙ୍କ ଫଟୋ ଚିତ୍ରକୁ ଶ୍ରଦ୍ଧାଳୁମାନଙ୍କୁ ଦେଇ ସେଥିରୁ ଉପାର୍ଜନ ହେଉଥିବା ଟଙ୍କାକୁ ନିଜେ ଖର୍ଚ୍ଚ କରିବା ବଦଳରେ ଜିଲାର ବିଭିନ୍ନ ସ୍କୁଲ ଓ କଲେଜରେ ପଢୁଥିବା ଅନଗ୍ରସର ମେଧାବୀ



ସୁବ୍ରତଙ୍କୁ ଜିଲାପାଳ ସମ୍ମାନିତ କରୁଛନ୍ତି।

ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରନ୍ତି। ଏହି କାର୍ଯ୍ୟ ପାଇଁ ସେ ପ୍ରଶଂସନୀୟ ବୋଲି ଏହି ଅବସରରେ ଦେବୋତ୍ତର ଅଧିକାରୀ ତଥା ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି।

## ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ



ଉଠାଣି ନୂଆଗାଁରେ ସଦସ୍ୟ ସଂଗ୍ରହ ଅଭିଯାନରେ ଉପସ୍ଥିତ ଅତିଥିବୃନ୍ଦ।

ବଡ଼ସାହି,୧୪।୭(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନସ୍ଥ ୯ଟି ପଞ୍ଚାୟତରେ ଭାଜପା ପକ୍ଷରୁ ସଦସ୍ୟ ସଂଗ୍ରହ ଅଭିଯାନ ଉଠାଣୀନୂଆଗାଁ ଗ୍ରାମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ସୁବାସ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସରେନ, ଜିଲାପରିଷଦ ଅଧକ୍ଷା ସୁଜାତା ମୁର୍ମୁ ଓ ଜିଲା ପ୍ରଭାରୀ ନୀହାର ରଞ୍ଜନ ମୋଦି ପ୍ରମୁଖ ଉପସ୍ଥିତ ରହି ସଦସ୍ୟ ସଂଗ୍ରହ କରିଥିଲେ। ୨୨ନଂ ଜୋନ ମଣ୍ଡଳ ସଭାପତିଙ୍କ ସମେତ ପ୍ରମୋଦ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତ,କେଶବ ମୁର୍ମୁ, ସୁବ୍ରତ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ୩ଶହରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ସେହିପରି ୨୩ନଂ ଜୋନ ମଣ୍ଡଳ ଅଧୀନରେ ଥିବା ସମସ୍ତ ପଞ୍ଚାୟତର ପ୍ରଭାରୀମାନଙ୍କୁ ନେଇ ବଡ଼ସାହି ଡାକ ବଙ୍ଗଳା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲା ଉପସଭାପତି ସୁନୀଲ କୁମାର ଦାଶଙ୍କ ପୌରାହିତ୍ୟରେ ଅନୁଷ୍ଠିତ ବୈଠକରେ ମଣ୍ଡଳ ସଭାପତି ବିଭୂତି ଭୂଷଣ ମହାନ୍ତ, ରସାନନ୍ଦ ବଳ, ଭବାନୀ ଶଙ୍କର ସାହୁ, ଦୀପକ ବାରିକ ପ୍ରମୁଖ ଉପସ୍ଥିତ ରହି ସଦସ୍ୟ ସଂଗ୍ରହ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ । ୱାର୍ଡସ୍ତରରେ ଥିବା ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ସଦସ୍ୟଙ୍କୁ ଦଳରେ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ବାଇକ୍‌ରୁ ଖସି ୨ ଯୁବକ ଗୁରୁତର

ରାଇରଙ୍ଗପୁର,୧୪।୭(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଖନ୍ତ ଗ୍ରାମ ନିକଟସ୍ଥ ରାଇରଙ୍ଗପୁର-ବାରିପଦା ରାସ୍ତାରେ ରବିବାର ପୂର୍ବାହ୍ନରେ ଏକ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ବାଇକରୁ ଖସି ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯୁବକ ଦ୍ୱୟ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମଦନଶୀଳା ଗ୍ରାମର ଲେବା ନାଏକ ଓ ହାଗୁଲୁନାଏକ ବୋଲି ଜଣାପଡିଛି। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ରାଇରଙ୍ଗପୁର ହସପିଟାଲରେ ଭର୍ତ୍ତି କରିଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡ଼ା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

See Color Display Classified on every Tuesday & Friday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### 'ମଳିହା ହେବ ଶିଳ୍ପୀଗ୍ରାମ'
#### ଘୋଷଣା କଲେ ପର୍ଯ୍ୟଟନ ମନ୍ତ୍ରୀ

**ଖଇରା, ୧୪।୭(ଡି.ଏନ.ଏ.):** ବ୍ରହ୍ମାନନ୍ଦ ଟ୍ରଷ୍ଟ ଆନୁକୂଲ୍ୟରେ ଖଇରା ବ୍ଲକ ଅଧୀନ ମଳିହା ଠାରେ ଆଧାମ୍ବିକା ହସ୍ତଶିଳ୍ପ ତାଲିମ କେନ୍ଦ୍ର ଓ ଉତ୍ପାଦନକାରୀ ସଂଘ ପକ୍ଷରୁ ଏକ ତାଲିମ କେନ୍ଦ୍ର ରବିବାର ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ ମୁଖିଆ ଜଳଧର ପଣ୍ଡା ସଭାପତିତ୍ୱ କରିଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଏହି ଗ୍ରାମରେ ୧ଶହରୁ ଊର୍ଦ୍ଧ୍ୱ ପରିବାର ବାଉଁଶ ଓ ବେତ ଭଳି ହସ୍ତଶିଳ୍ପ ମାଧ୍ୟମରେ ଗୁଜୁରାଣ ମେଣ୍ଟାଉଥିବାରୁ ସେମାନଙ୍କର ଉନ୍ନତି ପାଇଁ ଏହି ଗ୍ରାମକୁ ମନ୍ତ୍ରୀ ଶିଳ୍ପୀ ଗ୍ରାମ କରାଯିବ ବୋଲି ଘୋଷଣା କରିଥିଲେ। ବୈଠକରେ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଅଶୋକ ଦାସମହାପାତ୍ର, ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ରମେଶ ଘଡେଇ, ବ୍ରହ୍ମାନନ୍ଦ ଟ୍ରଷ୍ଟର ସଭାପତି ରବୀନ୍ଦ୍ର ମହାନ୍ତି, ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ, ଅଧାମ୍ବିକା ହସ୍ତଶିଳ୍ପ ସଂଘର ସଭାପତି ମଧୁମିତା ମହାନ୍ତି, ସମ୍ପାଦିକା ଅହଲ୍ୟା ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

### ମାତାପିତା, ଶିକ୍ଷକ ସମ୍ମିଳନୀ

**ଖଇରା, ୧୪।୭(ଡି.ଏନ.ଏ.):** ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ଗଗୁଆ ସେବାଶ୍ରମ ବିଦ୍ୟାଳୟରେ ରବିବାର ମାତାପିତା ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଭତରାୟ ପୌରୋହିତ୍ୟ କରିଥିଲେ। ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲା ଭବିଷ୍ୟତ ଗଠନରେ ମା' ବାପା ଓ ଗୁରୁମା ଗୁରୁଜୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ଅଧିକାରୀ ରାଜୀବ କୁମାର ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ କୁମାର ବରାଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଅଭିଭାବକ, ଶିକ୍ଷକ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିଥିଲେ।

### କଂଗ୍ରେସ କର୍ମୀ ବିଜେଡିରେ ସାମିଲ

ସୋର, ୧୪।୭(ଡି.ଏନ.ଏ.)-ସୋର ଟାଉନ୍ ହଲରେ ରବିବାର ବିଜେଡି ଟାଉନ୍ ସଭାପତି ସୁକାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଏକ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। କଂଗ୍ରେସର ବରିଷ୍ଠ ନେତାଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପର୍ଶୁରାମ ଧଡା ଉପସ୍ଥିତ ରହି ନେତା ଓ କର୍ମୀଙ୍କୁ ଉତ୍ତରୀୟ ପିନ୍ଧାଇ ଫୁଲତୋଡା ଦେଇ ଦଳକୁ ସ୍ୱାଗତ କରିଥିଲେ। ସୋର ବ୍ଲକ ମହିଳା କଂଗ୍ରେସର ସଭାନେତ୍ରୀ ତଥା ପ୍ରାକ୍ତନ ବ୍ଲକ ଉପାଧକ୍ଷା ସନ୍ଧ୍ୟାରାଣୀ ପଣ୍ଡା ଓ କଂଗ୍ରେସର ୪୪ ନଂ. ଜୋନ୍ ସଭାପତି ଦିପ୍ତିକାନ୍ତ ପଣ୍ଡା ବିଜେଡିରେ ଯୋଗ ଦେଇଥିବା ବିଧାୟକ ଧଡା କହିଛନ୍ତି।

## ପ୍ରଦୂଷିତ ହୋଇପଡୁଛି ଉଦୟପୁର ବେଳାଭୂମି


ଉଦୟପୁର ବେଳାଭୂମି।

- ସାଇଲେଣ୍ଟ ଜୋନ୍‌ରେ ନିୟମ ଉଲ୍ଲଂଘନ
- ନୀରବଦ୍ରଷ୍ଟା ପାଲଟିଛି ପ୍ରଶାସନ

**ଭୋଗରାଇ, ୧୪।୭(ଡି.ଏନ.ଏ.)**

ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ପ୍ରାକୃତିକ ଶୋଭା ଉଦୟପୁର ବେଳାଭୂମି ଦିନକୁ ଦିନ ପ୍ରଦୂଷିତ ହୋଇପଡୁଛି। ଏଠିକାର ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି କଡାକଡି ନିୟମ ନ ଥିବାରୁ ପର୍ଯ୍ୟଟକମାନେ ନିଜ ସାଙ୍ଗରେ ଆଣୁଥିବା ଖାଦ୍ୟ ସାମଗ୍ରୀ, ପଲିଥିନ ଆଦି ମନଇଚ୍ଛା ଫିଙ୍ଗୁଛନ୍ତି। ଏହାଛଡା କେତେକ ଯୁବକ ମଧ ମଦ୍ୟପାନ କରି ବୋତଲ ସେହିଠାରେ ହିଁ ପକାଉ ଦେଉଛନ୍ତି। ଉଦୟପୁରଠାରୁ ତାଳସାରୀ ପର୍ଯ୍ୟନ୍ତ ୩କି.ମି. ନାଲିକଙ୍କଡ଼ା ପାଇଁ ବନବିଭାଗ ସାଇଲେଣ୍ଟ ଜୋନ୍ ଘୋଷଣା କରିଥିଲେ ମଧ ସ୍ଥାନୀୟ ଯୁବକ ଏହି ନିୟମକୁ ବେଖାତିର୍ କରି ପର୍ଯ୍ୟଟକମାନଙ୍କୁ ବାଇକ୍‌ରେ ବୁଲାଉଛନ୍ତି। ଫଳରେ ବିରଳ ନାଲି କଙ୍କଡ଼ା ଆଉ ଦେଖିବାକୁ ମିଳୁନାହିଁ।

ପଶ୍ଚିମବଙ୍ଗ ସରକାର ଦୀଘା ବେଳାଭୂମିକୁ ସ୍ୱଚ୍ଛ ଓ ସତେଜ ରଖିବା ପାଇଁ ନିୟମ କଡ଼ାକଡ଼ି କରିଥିବା ବେଳେ ସେଠିକାର ଚୋରା ମଦ ବେପାରୀମାନେ ଏବେ ଉଦୟପୁର ବେଳାଭୂମିକୁ ଆଡ୍ଡାସ୍ଥଳୀ କରିଛନ୍ତି। ଫଳରେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ସୁରକ୍ଷିତ ମଣୁନାହାନ୍ତି। ସେମାନେ ପ୍ରଶାସନକୁ ଦାୟୀ କରିଛନ୍ତି। ଅବକାରୀ ବିଭାଗ, ସ୍ଥାନୀୟ ପୋଲିସ ଜାଣି ମଧ ଅଜଣା ସାଜିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଓଡ଼ିଶାର ଉଦୟପୁର ବେଳାଭୂମି ନିଜ ସ୍ୱତନ୍ତ୍ରତା ହରାଉଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସାମାଜିକ କର୍ମୀ ଭଗବାନ ବେହେରା ଅଭିଯୋଗ କରିଛନ୍ତି। ବେଳାଭୂମିର ପରିବେଶ ପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ପର୍ଯ୍ୟଟକମାନେ ଏଠାକୁ ଆସିବାକୁ ଅମଙ୍ଗ ହେଉଛନ୍ତି ବୋଲି ଶିକ୍ଷକନେତା ସୁଶାନ୍ତ କୁମାର ବେହେରା ଅଭିଯୋଗ କରିଛନ୍ତି। ମେରାଇନ୍ ଥାନା ଅଧିକାରୀ ତୁଶାଳ ମାଝି କହିଛନ୍ତି ଯେ, ଉଦୟପୁର ବେଳାଭୂମିରେ ଚୋରା ମଦ କାରବାର ଚାଲିଥିବା ଅଭିଯୋଗ ଆସିଛି। ଏଥିପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିବାକୁ ଅବକାରୀ ବିଭାଗକୁ କୁହାଯାଇଛି।


ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ପର୍ଯ୍ୟଟନ ମନ୍ତ୍ରୀଙ୍କ ଡଗରା ବେଳାଭୂମି ପରିଦର୍ଶନ

**ବାଲିଆପାଳ, ୧୪।୭(ସ୍ୱ.ପ୍ର.)**

ବାଲିଆପାଳ ବେଳାଭୂମି ମହୋତ୍ସବ କମିଟି ପକ୍ଷରୁ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଡଗରାଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ମନ୍ତ୍ରୀ ଡଗରା ବେଳାଭୂମି ପରିଦର୍ଶନ କରିବା ସହ ପର୍ଯ୍ୟଟନ ଭିତ୍ତିଭୂମି ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ ପାଇଁ ଆସିଥିଲେ। ଡଗରା ବେଳାଭୂମିର ବିକାଶ ଏବଂ ପ୍ରଚାର ପ୍ରସାର ପାଇଁ ଗତ ୧୫ବର୍ଷ ଧରି ଡଗରାଠାରେ ବେଳାଭୂମି ମହୋତ୍ସବ ଆୟୋଜନ କରୁଥିବା କମିଟି ସଦସ୍ୟ ସୁକାନ୍ତ ଗିରି, ପ୍ରଣବ କୁମାର ସାହୁ, ରବିରଞ୍ଜନ ତ୍ରିପାଠୀ, ତାରାକାନ୍ତ ଜେନା ପ୍ରମୁଖ ମନ୍ତ୍ରୀ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କୁ ସ୍ୱାଗତ କରିବା ସହିତ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ ବାଲିଆପାଳ ଡଗରା ରାସ୍ତାକୁ ପ୍ରଶସ୍ତୀକରଣ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ଟ୍ୟୁରିଷ୍ଟ କମ୍ପ୍ଲେକ୍ସ, ପାନ୍ଥନିବାସ ନିର୍ମାଣ, ପାର୍କ ନିର୍ମାଣ ଏବଂ ଡଗରା ବେଳାଭୂମି ମହୋତ୍ସବ ପାଇଁ ଅନୁଦାନ ରାଶି ବୃଦ୍ଧି ପାଇଁ ୪ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ଡଗରା ବେଳାଭୂମିର ବିକାଶ ପାଇଁ ତାଙ୍କ ବିଭାଗ ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିବା ସହ କମିଟି ପକ୍ଷରୁ ଦିଆଯାଇଥିବା ଦାବିଗୁଡ଼ିକ ସମ୍ପର୍କରେ ସରକାର ବିଚାର କରିବେ ବୋଲି କହିଥିଲେ।


ଭକ୍ତଙ୍କ ଗହଣରେ ରଥ ଅଟକି ରହିଛି।

## ଶ୍ରୀଜୀଉଙ୍କ ଅପେକ୍ଷାରେ ରତ୍ନସିଂହାସନ

**ନୀଳଗିରି, ୧୪।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରିର ପ୍ରସିଦ୍ଧ ବାହୁଡ଼ାଯାତ୍ରାର ଅଧାବାଟରେ ଅଟକିଥିବା ରଥରେ ବିଜେ ଚତୁର୍ଦ୍ଧାମୂର୍ତ୍ତି ରବିବାର ବଡ଼ଦାଣ୍ଡରେ ଭକ୍ତଙ୍କ ଗହଳିରେ ଆସି ମନ୍ଦିର ନିକଟ ଗରୁଡଖମ୍ବଠାରେ ଅଟକିଛନ୍ତି। ସେଠାରୁ ପୁରୀ ରୀତିନୀତିରେ ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ରାତିରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନରେ ବିଜେ କରିବେ ବୋଲି ସହକାରୀ ପୂଜକ ହରିବନ୍ଧୁ କର କହିଛନ୍ତି। ଅପରାହ୍ନରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ସ୍ଥାନୀୟ ସହକାରୀ ଜିଲାପାଳ ରାକେଶ କୁମାର ପଣ୍ଡା ପତାକା ହଲାଇ ଭକ୍ତଙ୍କୁ ରଥ ଟାଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହରିବୋଲ, ଶଙ୍ଖ, ହୁଳହୁଳି, ଭଜନକୀର୍ତ୍ତନ ଆଦି ଶବ୍ଦରେ ବଡ଼ଦାଣ୍ଡ ଉଚ୍ଛୁଳି ପଡିଥିଲା। ଉଭାଯାତ୍ରା ଶେଷ ହେଉଥିବାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥକୁ ଟାଣିବା ପାଇଁ ଭକ୍ତଙ୍କ ଗହଳି ଲାଗିଥିଲା। ଚତୁର୍ଦ୍ଧାମୂର୍ତ୍ତି ବଡଦାଣ୍ଡରେ ଭକ୍ତଙ୍କ ଗହଳରେ ଆସି ଗରୁଡଖମ୍ବ ନିକଟରେ ପହଞ୍ଚିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ସ୍ଥାନୀୟ ଅଞ୍ଚଳ ସହ ପଡୋଶୀ ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳରୁ ପାଖାପାଖି ୬୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ବଡଦାଣ୍ଡରେ ସମାଗମ ହୋଇଥିଲା। ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ୫ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। ବାହୁଡାଯାତ୍ରାର ଶେଷ ଦିନ ଶାନ୍ତିଶୃଙ୍ଖଳାରେ ରଥଟଣା ସମ୍ପନ୍ନ ହୋଇଥିବା ଥାନା ଅଧିକାରୀ ନଳିତା ମୋଦି କହିଛନ୍ତି।

## ଭକ୍ତିକ୍ଷେତ୍ରରେ ଶ୍ରୀଜୀଉଙ୍କ ସୁନାବେଶ

**ବାଲିଆପାଳ, ୧୪।୭(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକର ମାନଧାତାଠାରେ ଥିବା ଭକ୍ତିକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କର ସୁନାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉଙ୍କୁ ସୁନା ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ଠାକୁର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ସୁନାବେଶ ଦେଖିବା ପାଇଁ ଭକ୍ତଙ୍କର ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା। ଏଥିଲାଗି ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହିତ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ରାଉତ ଏବଂ ପୂର୍ବତନ ସରପଞ୍ଚ ଭଗବାନ ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସୁନାବେଶରେ ଟ୍ରଷ୍ଟବୋର୍ଡ଼ ସଭାପତି ଗୋପାଳକୃଷ୍ଣ ପାତ୍ର, ରୂପକ ଜେନା, ଗୌତମ ଦାସ, ହରିପଦ ପାତ୍ର, ମଳୟ ପାତ୍ର ଓ ଅନାଦି ଗିରି ପ୍ରମୁଖ ସହଯୋଗ କରିଥିଲେ।


କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ମେଗା ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

## ଏମ୍‌ସ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର
## ୨୫୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା

**ବାଲେଶ୍ୱର ଅଫିସ, ୧୪।୭**

ବାଲେଶ୍ୱର ଆଇଟିଆର୍ ସେଣ୍ଟ୍ରାଲ ସ୍କୁଲ ଛକ ନିକଟ ପ୍ରତିରକ୍ଷା କଲୋନୀର ରଶ୍ମି କମ୍ୟୁନିଟି ସେଣ୍ଟରରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ଭୁବନେଶ୍ୱର ଶାଖାର ସପ୍ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ତଥା ସ୍ଥାନୀୟ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଏମ୍‌ସ ପକ୍ଷରୁ ଆୟୋଜିତ ନିଃଶୁଳ୍କ ବହୁମୁଖୀ ମେଗା ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରି ଏମ୍‌ସ ଜନସାଧାରଣଙ୍କୁ ସର୍ବୋତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା ପ୍ରକାଶ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଏମ୍‌ସର ନିର୍ଦ୍ଦେଶକ ଡା. ଗୀତାଞ୍ଜଳି ବଟମାନବନେ, ଆଇଟିଆର୍‌ର ନିର୍ଦ୍ଦେଶକ ବିନୟ କୁମାର ଦାଶ, ପିଏକ୍ସଇର ନିର୍ଦ୍ଦେଶକ ଡି.କେ. ଯୋଶୀ, ଏମ୍‌ସର ଉପନିର୍ଦ୍ଦେଶକ ପି.କେ. ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡିଫେନ୍ସ କଲୋନୀ ପରିସରରେ ଏକ ମେଡିସିନ୍ ଷ୍ଟୋର ଉଦ୍‌ଘାଟିତ ହୋଇଥିଲା। ପୂର୍ବାହ୍ନ ସାଢେ ୯ଟାରୁ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଶିବିର ପରିଚାଳିତ ହୋଇଥିଲା। ଏଥିରେ ଭେଷଜ, ପେଟରୋଗ, ଡାଇବେଟିସ୍, ଚର୍ମ ଓ ଯୌନ, ଶିଶୁରୋଗ, ଫୁସ୍‌ଫୁସ୍ ରୋଗ, ସ୍ତ୍ରୀ ଓ ପ୍ରସୂତି, ଅସ୍ଥିଶଲ୍ୟ, ଚକ୍ଷୁ, କର୍ଣ୍ଣ, ନାସା ଓ ଗଳା, ଦନ୍ତ ଏବଂ କର୍କଟ ରୋଗ ଆଦି ବିଭାଗର ମୋଟ୍ ୫୩ଜଣ ଡାକ୍ତର ୨୫୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା କରାଇଥିଲେ। ସଭା ଆରମ୍ଭ ହେବାର କିଛି ସମୟ ପରେ ବିଜେଡି କର୍ମୀମାନେ ଉଚ୍ଚସ୍ୱରରେ ନାରାବାଜି କରିଥିଲେ। ସଭାକୁ ରେମୁଣା ବିଧାୟକଙ୍କୁ କାହିଁକି ନିମନ୍ତ୍ରଣ କରାଯାଇନାହିଁ ବୋଲି ପ୍ରଶ୍ନ କରି ବିଜେଡି କର୍ମୀମାନେ ହୋହଲ୍ଲା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସେମାନଙ୍କ ଭିତରୁ ୬ଜଣଙ୍କୁ ଅଟକ ରଖିବା ସହ ପରିସ୍ଥିତିକୁ ଆୟତ୍ତ କରିଥିଲା।

## 'ସୁସ୍ଥ ପରିବେଶ, ଜୀବନ ସରସ'

**ରୂପ୍‌ସା, ୧୪।୭(ଡି.ଏନ.ଏ.)**

ରୂପ୍‌ସା ଥାନା ଗଡ଼ପଦା ପ୍ରାଥମିକ ବିଦ୍ୟାଳୟରେ 'ସୁସ୍ଥ ପରିବେଶ, ଜୀବନ ସରସ' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ସରପଞ୍ଚ କାଳିଚରଣ ଯେନା ଯୋଗଦେଇ ଚାରାରୋପଣ ମାଧ୍ୟମରେ ସୁସ୍ଥ ପରିବେଶ ଗଠନ ସମ୍ଭବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଗୌରାଙ୍ଗ ପଣ୍ଡା ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ହରେନ୍ଦ୍ର କୁମାର ଦାସ, ଶିକ୍ଷାବିତ୍ ବିଜୟ କୁମାର ରଣା, ଶିକ୍ଷୟିତ୍ରୀ ମିନତି ସୋରେନ ଓ ଶିକ୍ଷକ ମୀର୍ଜା ରେହେମତ ଅଲ୍ଲୀ ପ୍ରମୁଖ ମଞ୍ଚାସୀନ ହୋଇ ସୁସ୍ଥ ପରିବେଶ ଗଠନ ହେଲେ ଜୀବନ ସରସ ସୁନ୍ଦର ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରିଥିଲେ।


ବିଦ୍ୟାଳୟ ପରିସରରୁ ବାହାରିଥିବା ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା।

## ବୃଦ୍ଧାଶ୍ରମ ପରିସରରେ ସଫେଇ

**ବାଲେଶ୍ୱର ଅଫିସ, ୧୪।୭**

ବାଲେଶ୍ୱର ସହଦେବଖୁଣ୍ଟା ଉନ୍ନୟନ ପରିଷଦ ପକ୍ଷରୁ 'ଆମ ଗାଁ ସଫେଇ ଅଭିଯାନ' କାର୍ଯ୍ୟକ୍ରମ ରବିବାର ୫୦ତମ ସପ୍ତାହରେ ପଦାର୍ପଣ କରିଛି। ଏହି ଅବସରରେ ଚାନ୍ଦମାରୀ ପଡ଼ିଆସ୍ଥିତ ବୃଦ୍ଧାଶ୍ରମ ପରିସରରେ ସଫେଇ କରାଯାଇଛି। ପରିଷଦ ପକ୍ଷରୁ ଦୀର୍ଘ ୧ବର୍ଷ ଧରି ସଫେଇ କରାଯିବା ସହ ଲୋକମାନଙ୍କୁ ସଚେତନ କରାଯାଉଛି। ସୁବର୍ଣ୍ଣ ଜୟନ୍ତୀ ଅବସରରେ ପରିଷଦ ସଭାପତି ଅଶୋକ କୁମାର ପୁରୀ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇବା ସହ ଏହା ଆଗକୁ ମଧ ଲୋକମାନଙ୍କ ସେବାରେ ସମ୍ପୂର୍ଣ୍ଣ ମାତ୍ରାରେ ସହଯୋଗର ହାତ ବଢ଼ାଇବ ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇଥିଲେ। ଗ୍ରାମବାସୀ ସ୍ୱେଚ୍ଛାକୃତ ଭାବେ ଏହି ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରିଷଦ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ଜିତେନ୍ଦ୍ର ପ୍ରହରାଜ, ଅମୀୟ କିଶୋର ଜେନା ଏବଂ ଚନ୍ଦନ କୁମାର ଗିରିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ମହାପାତ୍ର, ଦୟାନିଧି ବିଶ୍ୱାଳ, ହେମନ୍ତ କୁମାର ମହାନ୍ତି, ଗୌରରାଣୀ ଉପାଧ୍ୟାୟ, ଗୌରହରି ସେଠୀ, ଅଜୟ ସେଠୀ, ସୁଶାନ୍ତ ମହାନ୍ତି, ଶଙ୍କର ଦାସ, ଅରୁଣ ବାରିକ, ଦିଗମ୍ବର ଜେନା, ମଧୁସୂଦନ ଦାସ, ସୁବ୍ରତ କୁଅଁର, ସଞ୍ଜୟ ତ୍ରିପାଠୀ, ପିଣ୍ଟୁ ମହାନ୍ତି, ଗୋବିନ୍ଦ ନାୟକ, ଦିପେଶ ସାହୁ ପ୍ରମୁଖ ସଫେଇ କାର୍ଯ୍ୟରେ ସହଯୋଗ କରିବା ସହ ଲୋକମାନଙ୍କୁ ସଫେଇ ଉପକାରିତା ଉପରେ ସଚେତନ କରାଇଥିଲେ।


ସହଦେବଖୁଣ୍ଟା ଉନ୍ନୟନ ପରିଷଦର କର୍ମକର୍ତ୍ତା।

## ମେଘମହ୍ଲାର କବିତା ଆସର

**ବାଲେଶ୍ୱର ଅଫିସ, ୧୪।୭**

'ପ୍ରକୃତି ସ୍ୱପ୍ନର ଗନ୍ତାଘର ଅଥଚ ଆମେ ପ୍ରକୃତି ସହ ଏତେ ଅନ୍ତରଙ୍ଗ ହୋଇପାରିନାହୁଁ। ସମୟ ଆମ ହାତରୁ ସ୍ୱପ୍ନକୁ ଛଡ଼ାଇ ନେଇଛି। ତଥାପି ସ୍ୱପ୍ନ ମଣିଷକୁ ଯଶୋବନ୍ତ କରିଛି। ଆମେ ଜ୍ଞାନର ମାଧୁର୍ଯ୍ୟ ଓ ଅର୍ଥର ପ୍ରାଚୁର୍ଯ୍ୟ ପାଇଥିଲେ ହେଁ, ଜୀବନର ପ୍ରାଚୁର୍ଯ୍ୟ ହରାଇଛେ। ମାନସିକ ବିପର୍ଯ୍ୟୟ ଆମକୁ ସଙ୍କଟମୟ କରାଇଛି। ମାତ୍ର ଆମେ ଆଶାବାଦୀ। ସାହିତ୍ୟ, ସଂସ୍କୃତି ଓ ମାଟିକୁ ନେଇ ଆମେ ଆଗେଇଯିବା ଉଚିତ୍' ବୋଲି ବାଲେଶ୍ୱର ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଯୁଗଶ୍ରୀ ଯୁଗନାରୀ ପକ୍ଷରୁ ଆୟୋଜିତ 'ମେଘମହ୍ଲାର'ଶୀର୍ଷକ ମୌସୁମୀ କବିତା ଆସର ଓ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ସାରଳା ପୁରସ୍କାରପ୍ରାପ୍ତ ବନଜ ଦେବୀ ଯୋଗଦେଇ କହିଛନ୍ତି। କବିତା ଆସରରେ ଡ. ପ୍ରଭାବତୀ ପଣ୍ଡା ସଭାପତିତ୍ୱ କରିଥିଲେ। ସମ୍ପାଦିକା ମମତା ମହାପାତ୍ର ଅତିଥିମାନଙ୍କ ପରିଚୟ ଦେବା ସହ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ବର୍ଷା କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା 'ଯୁଗଶ୍ରୀ ଯୁଗନାରୀ' ପତ୍ରିକା ଜୁଲାଇ-୨୦୧୯ ସଂଖ୍ୟାର ଲୋକାର୍ପଣ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଡ. ହରିଶ୍ଚନ୍ଦ୍ର ବେହେରା ପ୍ରାଚୀନ କାଳରୁ ଏଯାବତ୍ କବିମାନଙ୍କ ବର୍ଷା କବିତାରୁ କିଛିଅଂଶ ଉଦ୍ଧୃତ କରିଥିଲେ। ସମ୍ମାନନୀୟ ଅତିଥିଭାବେ କବି ଅଞ୍ଜଳି ପଣ୍ଡା, କବି ବିମଳ ଜେନା ବର୍ଷା ସହ ବିରହର ସମ୍ପର୍କ ରହିଥିବା ବର୍ଣ୍ଣନା କରିଥିଲେ। ସଭାପତି ଡ. ପଣ୍ଡା ବାଟବଣା ମୌସୁମୀକୁ କବିତା ଦ୍ୱାରା ଆବାହନ କରିବା ସଙ୍ଗେ ସଙ୍ଗେ ପତ୍ରିକାର ପ୍ରତିଷ୍ଠାତ୍ରୀ ସ୍ୱର୍ଗତ ଡା. ରାଧାଦେବୀଙ୍କୁ ସ୍ମରଣ କରି ବାଲେଶ୍ୱର ଭଳି ତ୍ୟାଗ, ସାହିତ୍ୟ ଓ ସଂସ୍କୃତିର ମାଟିରେ 'ଯୁଗଶ୍ରୀ ଯୁଗନାରୀ'ର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

ପ୍ରତିମା ପଣ୍ଡା ମାନପତ୍ର ପାଠ କରିଥିଲେ। ପ୍ରାୟ ୩୦୦ଶହରୁ ଊର୍ଦ୍ଧ୍ୱ ସାହିତ୍ୟିକଙ୍କ ଉପସ୍ଥିତିରେ 'ମୌସୁମୀ'ର ରୋମାଞ୍ଚକ ପରିବେଶରେ କବି ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଡ. ଶିରୀଶ ଚନ୍ଦ୍ର ଜେନା, ଲୋଚନ ବେହେରା, ଉମେଶ ଚନ୍ଦ୍ର ନାୟକ, ରଞ୍ଜନ ବାଗ, ସୈରିନ୍ଧ୍ରୀ ସାହୁ, କାଳିପଦ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଜୟନ୍ତ ପାଣିଗ୍ରାହୀ ବେଦପାଠ କରିଥିବା ବେଳେ କଲ୍ୟାଣୀ ନନ୍ଦ, ବାସନ୍ତୀ ଦେ, ସୁବ୍ରତା ମହାନ୍ତି 'ବନ୍ଦେ ଉତ୍କଳ ଜନନୀ..' ଓ ଶ୍ୱେତାଲିସା ଶୁଭଦର୍ଶନୀ ଜଗନ୍ନାଥଙ୍କ ଭଜନ ଗାନ କରିଥିଲେ। ଅଧାପକ କମଳାକାନ୍ତ ଦାଶ ମଞ୍ଚ ଆହ୍ୱାନ ଏବଂ ଗାଳ୍ପିକା ସ୍ମୃତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନଙ୍କ ଦ୍ୱାରା 'ଯୁଗଶ୍ରୀ ଯୁଗନାରୀ' ଜୁଲାଇ ମାସର ପତ୍ରିକା ଲୋକାର୍ପଣ କରାଯାଉଛି।



ଭାରତରେ ୬୧ ପ୍ରତିଶତ ମୃତ୍ୟୁ ଅଣସଂକ୍ରାମକ ରୋଗ (ଏନ୍‌ସିଡି)ରୁ ହେଉଛି। ଏହାର ପ୍ରତିକାର ଲାଗି ଜାତୀୟ ସ୍ତରରେ ଆନ୍ଦୋଳନର ଆବଶ୍ୟକତା ରହିଛି।
-ଏମ୍. ଭେଙ୍କୟା ନାଇଡୁ,
ଉପରାଷ୍ଟ୍ରପତି



# ଜୀବନ ନେଉଛି ଜଳପ୍ରଳୟ

## ଆସାମରେ ୧୧ ମୃତ, ୧୪ ଲକ୍ଷ ବିସ୍ଥାପିତ

ନୂଆଦିଲ୍ଲୀ/କାଠମାଣ୍ଡୁ/ଢାକା,୧୪।୭

ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। କିଛିଦିନ ତଳେ ମୌସୁମୀର ଆଗମନ ପୂର୍ବରୁ ପାଣି ପାଇଁ ହାହାକାର ହେଉଥିବା ଲୋକେ ଏବେ ଲଗାତର ବର୍ଷାରେ ଉବୁଟୁବୁ ହେଉଛନ୍ତି। ମହାରାଷ୍ଟ୍ରରେ ବର୍ଷାବିପ୍ଳାତ ଅନେକ ଲୋକଙ୍କ ଘର ଉଜାଡ଼ି ଦେଇଥିବାବେଳେ ଉତ୍ତରରୁ ଉତ୍ତର-ପୂର୍ବ ଯାଏ ଏହାର କରାଳ ରୂପ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ଓ ବିହାର ସମେତ ଆସାମ, ତ୍ରିପୁରା ଏବଂ ମିଜୋରାମ ସବୁଠି ତାଣ୍ଡବ ରଚିଛି ପ୍ରଳୟଙ୍କରୀ ବନ୍ୟା। ଆସାମରେ ୭୨ ଘଣ୍ଟା ମଧ୍ୟରେ ଅନ୍ୟୁନ ୧୧ ଜଣଙ୍କ ଜୀବନ ଯାଇଥିବାବେଳେ ୧୪ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି। ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ କାନ୍ଥ ଭୁଶୁଡ଼ିପଡ଼ିବାରୁ ୨୦ ଜଣ ଚାପି ହୋଇଯାଇଛନ୍ତି। ବିହାର, ଉତ୍ତରାଖଣ୍ଡ, ତ୍ରିପୁରା ଓ ମିଜୋରାମ କଥା ନ କହିବା ଭଲ। ସେପଟେ ପଡ଼ୋଶୀ ନେପାଳ ଓ ବାଂଲାଦେଶର ଅନେକ ଅଞ୍ଚଳକୁ ମଧ୍ୟ ବନ୍ୟାଜଳ ମାଡ଼ିଯାଇଥିବାରୁ ଚିନ୍ତା ବଢ଼ାଇଦେଇଛି।

ହିମାଳୟରୁ ପ୍ରବାହିତ ବ୍ରହ୍ମପୁତ୍ର ନଦୀରେ ପ୍ରବଳ ବନ୍ୟା ଆସିଛି।



ଆସାମସ୍ଥିତ ମୋରିଗାଓଁ ଜିଲାର ଜଳପ୍ଲାବିତ ଏକ ସ୍ଥାନରେ ବାଉଁଶ ଦେଇ ଘରୁ ବାହାରୁଛନ୍ତି ଜଣେ ମହିଳା।



ତ୍ରିପୁରାର ଅଗରତାଲାରେ ବନ୍ୟା ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେଉଛି ଏନ୍‌ଡିଆର୍‌ଏଫ୍।

ବାଂଲାଦେଶରେ ଲଗାଣ ବର୍ଷା ବ୍ରହ୍ମପୁତ୍ରକୁ ଫୁଲେଇ ଦେଇଛି। ସେଠାରେ ବର୍ଷା ଓ ବନ୍ୟା ଯୋଗୁ ୫,୦୦୦ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଶିବିର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହି ନଦୀ ଜଳ ପ୍ରବାହରେ ଆସାମର ୧,୮୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଧୋଇ ହୋଇଯାଇଛି। ୩୨ ଜିଲାରୁ ୨୫ ଜିଲାର ବିଭିନ୍ନ ସ୍ଥାନରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ୩ ଦିନ ମଧ୍ୟରେ ୧୧ ଜଣ ଭାସିଯାଇ ପ୍ରାଣ ହରାଇଛନ୍ତି। ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାୟନ କରିବାକୁ ବାଧ ହୋଇଛନ୍ତି। ଆସନ୍ତା ୩ ଦିନ ଧରି ଆହୁରି ପ୍ରବଳ ବର୍ଷା ହେବ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ଅନେକ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିଦିଆଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସ୍ଥିତି ସମୀକ୍ଷା କରି ଆସାମକୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ଘୋଷଣା କରିଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜୋର୍‌ଦାର କରାଯାଇଥିବାବେଳେ ବନ୍ୟା ପ୍ରଭାବିତ ଅଞ୍ଚଳରେ ୬୮ଟି ରିଲିଫ୍ କ୍ୟାମ୍ପରେ ୨୦ ହଜାରରୁ ଊର୍ଦ୍ଧ୍ୱ ଆଶ୍ରୟ ନେଇଛନ୍ତି। ଟ୍ରେନ୍ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ପଡ଼ୋଶୀ ତ୍ରିପୁରା ଓ ମିଜୋରାମରେ ବନ୍ୟା ଯୋଗୁ ୧୫ ହଜାର ଲୋକଙ୍କୁ ସୁରକ୍ଷିତ ଶିବିରକୁ ସ୍ଥାନାନ୍ତର କରାଯାଇଛି। ସରକାରୀ ଅଧିକାରୀଙ୍କ ସୂଚନାନୁସାରେ ତ୍ରିପୁରାର ୩୮ ରିଲିଫ୍ କ୍ୟାମ୍ପରେ ୧୨,୦୦୦ରୁ ଊର୍ଦ୍ଧ୍ୱ ଆଶ୍ରୟ ନେଇଛନ୍ତି। ମିଜୋରାମରେ ଖାଓ୍ୱଥଲାଙ୍ଗଟୁଇପୁଇ ଓ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ଯୋଗୁ ୪୦୦ ଲୋକ ବାସଚ୍ୟୁତ ହୋଇଛନ୍ତି। ଏସ୍‌ଡିଆର୍‌ଏଫ୍ ଟିମ୍ ଦୁଇଜଣ ଯୁବକଙ୍କ ମୃତଦେହ ଲାଓ୍ୱଙ୍ଗ୍ ନଦୀରୁ ଉଦ୍ଧାର କରିଛି।

ସେହିପରି ନେପାଳରେ ଲଗାଣ ବର୍ଷା ଓ ତଜ୍ଜନିତ ବନ୍ୟାରେ ୬୦ ଜଣଙ୍କ ଜୀବନ ଗଲାଣି। ବାଗମତୀ, କମଳା, ସପ୍ତକୋଶୀ ଓ ସୁନ୍‌ଖୋଇ ନଦୀରେ ଜଳସ୍ତର ବିପଦ ସଙ୍କେତ ଟପିଛି। ଏଥିରେ ୩୫ ଜଣ ନିଖୋଜ ହୋଇଯାଇଥିବାବେଳେ ୨୫ ଆହତ ହୋଇଛନ୍ତି। କାଠମାଣ୍ଡୁରେ ୧୮୫ ଜଣଙ୍କ ସମେତ ସାରା ଦେଶରେ ୧,୧୦୪ ଜଣଙ୍କୁ ସେନା ପକ୍ଷରୁ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ପ୍ରାୟ ୩୦ ହଜାର ପୋଲିସଙ୍କୁ ନିୟୋଜିତ କରାଯାଇଛି। ଗଙ୍ଗାନଦୀରେ ବନ୍ୟା ଯୋଗୁ ବିହାରର ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ୬ ଜିଲାସ୍ଥିତ ୨୬ ବ୍ଲକ୍‌କୁ ବନ୍ୟା ପ୍ରଭାବିତ ଘୋଷଣା କରାଯାଇଛି। ପୂର୍ବ ଚମ୍ପାରନ୍, ସୀତାମଢ଼ି, ମଧୁବନୀ, କିଷନଗଞ୍ଜ, ଅରାରିଆ ଓ ଶିଓଧର ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବନ୍ୟା ସ୍ଥିତି ସମୀକ୍ଷା କରି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

- ବିହାର, ପଶ୍ଚିମବଙ୍ଗରେ ସଙ୍ଗିନ ସ୍ଥିତି
- ନେପାଳରେ ୬୦ ମୃତ
- ବାଂଲାଦେଶରେ ୫,୦୦୦ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଶିବିର ଧ୍ୱସ୍ତ

## ହିମାଚଳରେ କୋଠା ଭୁଶୁଡ଼ି ୩ ମୃତ

### ଭଗ୍ନାବଶେଷ ତଳେ ୧୯ ଫସିଛନ୍ତି

ସିମ୍‌ଲା,୧୪।୭(ପି.ଟି.)

ହିମାଚଳପ୍ରଦେଶ ସୋଲାନ ଜିଲାରେ ପ୍ରବଳ ବର୍ଷାରେ ଏକ ୩ ମହଲା ବିଲ୍ଡିଂ ଭୁଶୁଡ଼ି ୩ ଜଣଙ୍କର ମୃତ୍ୟୁ ହେବା ସହ ଭଗ୍ନାବଶେଷ ତଳେ ୧୯ରୁ ଊର୍ଦ୍ଧ୍ୱ ଲୋକ ରହିଯାଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୧୨ ଜଣ ଯବାନ ରହିଛନ୍ତି। ଶିମଲାଠାରୁ ୫୫ କିମି ଦୂର କୁମାରହଟି-ନହାନ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏହି ବିଲ୍ଡିଂରେ ଏକ ରେସ୍ତୋରାଁ ଚାଲୁଥିଲା। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ହୋଇଛନ୍ତି। ୧୦ ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଡେପୁଟି କମିଶନର କେ.ସି. ଚମନ୍ ଗଣମାଧ୍ୟମକୁ କହିଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ଯବାନ ଅଛନ୍ତି।



## ପଞ୍ଜାବ ମନ୍ତ୍ରିମଣ୍ଡଳରୁ ସିଦ୍ଧୁଙ୍କ ଇସ୍ତଫା

ଚଣ୍ଡିଗଡ଼,୧୪।୭(ପି.ଟି.)



ପଞ୍ଜାବ ମନ୍ତ୍ରିମଣ୍ଡଳରୁ କଂଗ୍ରେସ ନେତା ନବଜୋତ୍ ସିଂ ସିଦ୍ଧୁ ଇସ୍ତଫା ଦେଇଛନ୍ତି। ଗତ କିଛିଦିନ ହେଲା ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସହ ତାଙ୍କର ଦ୍ୱନ୍ଦ୍ୱ ଲାଗି ରହିଥିଲା। ଜୁନ୍ ମାସରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ମୁଖ୍ୟମନ୍ତ୍ରୀ ସିଦ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ କାଢ଼ିନେଇଥିଲେ। ଏହାର ୪ ଦିନ ପରେ ଜୁନ୍ ୧୦ରେ ସିଦ୍ଧୁ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପାଖକୁ ଇସ୍ତଫାପତ୍ର ପଠାଇଦେଇଥିଲେ, ଯାହାକୁ ସେ ରବିବାର ଟୁଇଟ୍ ମାଧ୍ୟମରେ ଖୁଲାସା କରିଛନ୍ତି।

ସୂଚନାଯୋଗ୍ୟ ଜୁନ୍ ୬ରେ ଅମରିନ୍ଦର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଥିବାବେଳେ ସିଦ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ବିକାଶ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ କାଢ଼ିନେଇ ତାଙ୍କୁ ଶକ୍ତି ବିଭାଗ ଦେଇଥିଲେ। ଏହାର ଦୁଇଦିନ ପରେ ସିଦ୍ଧୁଙ୍କୁ ବିଭିନ୍ନ ପରାମର୍ଶଦାତା କମିଟିରୁ ବାଦ୍ ଦିଆଯାଇଥିଲା। ଇସ୍ତଫା ସମ୍ପର୍କରେ ସେ ସର୍ବସାଧାରଣରେ ପ୍ରକାଶ ନ କରି ଦଳର ନିଷ୍ପତ୍ତି ଅପେକ୍ଷାରେ ରହିଥିଲେ। ସିଦ୍ଧୁ ଓ ଅମରିନ୍ଦରଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ବରିଷ୍ଠ ନେତା ଅହମଦ ପଟେଲଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରଠାରୁ ସିଦ୍ଧୁ ଓ ତାଙ୍କ ସ୍ତ୍ରୀ ନବଜୋତ୍ କୌର ଗଣମାଧ୍ୟମଠାରୁ ନିଜକୁ ଦୂରେଇ ରଖିଆସୁଥିଲେ।

ପୂର୍ବତନ ଭାଜପା ନେତା ସିଦ୍ଧୁ ୨୦୧୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସରେ ଯୋଗଦେଇଥିଲେ। ଗତ ଲୋକ ସଭା ନିର୍ବାଚନରେ ପଞ୍ଜାବ ସହରାଞ୍ଚଳରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାୟତ୍ତ ଶାସନ ବିଭାଗ ଦାୟିତ୍ୱରେ ଥିବା ସିଦ୍ଧୁଙ୍କୁ ଦୋଷ ଦେଇଥିଲେ।

## ଭାରତ-ପାକ୍ ମଧ୍ୟରେ ୮୦% ସହମତି: ଫୈଜାଲ

**ଲାହୋର,୧୪।୭:** କର୍‌ତାରପୁର ଚିଠା ରାଜିନାମା ସକେଶ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ମଧ୍ୟରେ ୮୦% ସହମତି ପ୍ରକାଶ ପାଇଛି ବୋଲି ରବିବାର ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ ସୂଚନା ଦେଇଛନ୍ତି। ପାକିସ୍ତାନର ୧୩ ଜଣିଆ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ଫୈଜାଲ କହିଛନ୍ତି, ୱାଘାରେ ଦୁଇପକ୍ଷ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। କରିଡର ଚିଠା ରାଜିନାମା ନେଇ ୮୦% ପ୍ରସଙ୍ଗରେ ସହମତି ପ୍ରକାଶ ପାଇଛି। ପରବର୍ତ୍ତୀ ବୈଠକରେ ଅବଶିଷ୍ଟ ୨୦% ପ୍ରସଙ୍ଗ ନେଇ ସମାଧାନ ହେବ। ତେବେ ଚୂଡ଼ାନ୍ତ ଚିଠା ନେଇ ସହମତି ପ୍ରକାଶ ନ ପାଇବା ଯାଏ ମିଳିତ ବିବୃତି ଜାରି କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।



## ଇଣ୍ଡୋନେସିଆରେ ଭୂକମ୍ପ

ଜାକର୍ତ୍ତା,୧୪।୭(ଏଏଫ୍‌ପି): ଇଣ୍ଡୋନେସିଆର ପୂର୍ବଭାଗ ମାଲୁକୁ ଦ୍ୱୀପରେ ରବିବାର ବଡ଼ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୩ ଥିଲା। ଭୟରେ ଲୋକମାନେ ଘରୁ ବାହାରି ରାସ୍ତାକୁ ପଳାଇଆସିଥିଲେ। ଉତ୍ତର ମାଲୁକୁ ପ୍ରଦେଶର ଟେର୍‌ନାଟେ ସହରର ଦକ୍ଷିଣ-ଦକ୍ଷିଣପଶ୍ଚିମ ଦିଗରେ ୧୬୫ କିମି ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ଚିହ୍ନଟ କରାଯାଇଛି। ଇଣ୍ଡୋନେସିଆ ଭୂକମ୍ପର କିଛି ସମୟ ପୂର୍ବରୁ ପଶ୍ଚିମ ଅଷ୍ଟ୍ରେଲିଆରେ ୬.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା।

ଇତିହାସର ଆଇନାରେ

### ଜୁଲାଇ ୧୫ର ପ୍ରମୁଖ ଘଟଣା

୨୦୦୬ ଜୁଲାଇ ୧୫ରେ ଟୁଇଟର ଲଞ୍ଚ୍ କରାଯାଇଥିଲା। ଏହା ହେଉଛି ବିଶ୍ୱର ଏକ ସର୍ବବୃହତ୍ ସୋସିଆଲ ମିଡିଆ ପ୍ଲାଟଫର୍ମ।

୧୯୯୮ ଜୁଲାଇ ୧୫ରେ ଶ୍ରୀଲଙ୍କାର ତାମିଲ ଏମ୍‌ପି ଏସ୍. ଷନ୍ମୁଗନାଥନ୍‌ଙ୍କୁ ହତ୍ୟା କରାଯାଇଥିଲା। ଶ୍ରୀଲଙ୍କା ଗୃହଯୁଦ୍ଧ ଏକ ସଶସ୍ତ୍ର ବିପ୍ଳବ ଭାବରେ କୁଖ୍ୟାତ।

## ବାଂଲାଦେଶର ପୂର୍ବତନ ସାମରିକ ଶାସକ ଏର୍ଶାଦଙ୍କ ପରଲୋକ

ଢାକା,୧୪।୭(ପି.ଟି.)



ବାଂଲାଦେଶର ପୂର୍ବତନ ସାମରିକ ଏକଚ୍ଛତ୍ରବାଦୀ ଶାସକ ହୁସେନ୍ ମହମ୍ମଦ ଏର୍ଶାଦଙ୍କର ରବିବାର ସକାଳେ ଢାକାର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ସେ ସ୍ତ୍ରୀ ରୌଶନ୍ ଏର୍ଶାଦ ଓ ଦ୍ୱିତୀୟ ସ୍ତ୍ରୀଙ୍କ ପୁଅ ଏବଂ ଅନ୍ୟ ଦୁଇ ପୋଷ୍ୟସନ୍ତାନଙ୍କ ସହ ରହୁଥିଲେ। ଜାତୀୟ ପାର୍ଟି ମୁଖ୍ୟ ତଥା ପାର୍ଲାମେଣ୍ଟରେ ବିରୋଧୀ ଦଳ ନେତା ଏର୍ଶାଦଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜୁନ୍ ୨୨ରେ କମ୍ବାଇନ୍ତ ମିଲିଟାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ପୂର୍ବତନ ସେନାମୁଖ୍ୟ ଏର୍ଶାଦ ୧୯୮୨ରେ ଏକ ସାମରିକ ବିଦ୍ରୋହ ବଳରେ ଦେଶର ଶାସନ କ୍ଷମତା ଅକ୍ତିଆର କରିଥିଲେ। ସେ ୮ ବର୍ଷ ଦେଶକୁ ଶାସନ କରିବା ପରେ ୧୯୯୦ରେ ଗଣତନ୍ତ୍ର ସପକ୍ଷବାଦୀଙ୍କ ଆନ୍ଦୋଳନ ଫଳରେ କ୍ଷମତାରୁ ଓହରିଯାଇଥିଲେ। ବିଭିନ୍ନ ଅଭିଯୋଗରେ ଜେଲ୍ ଯିବାକୁ ପଡିଥିଲା। ଏହା ସତ୍ତ୍ୱେ ସେ ୯୦ ଦଶକର ସବୁଠୁ କ୍ଷମତାଶାଳୀ ରାଜନେତା ଥିଲେ। ସେ ଏକାଧିକ ଥର ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ।

## ଅପରେଶନ୍ ବିଜୟର ୨୦ତମ ବାର୍ଷିକୀ 'ବିଜୟ ଜ୍ୟୋତି' ଜଳାଇଲେ ରାଜନାଥ

ନୂଆଦିଲ୍ଲୀ,୧୪।୭(ପି.ଟି.)

ଅପରେଶନ୍ ବିଜୟର ୨୦ତମ ବାର୍ଷିକୀ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର ଜାତୀୟ ଯୁଦ୍ଧ ସ୍ମାରକୀଠାରେ 'ବିଜୟ ଜ୍ୟୋତି' ଜଳାଇଛନ୍ତି। ଏହି ବିଜୟ ଜ୍ୟୋତିକୁ ସେନାର ଏକ ମୋଟରସାଇକ୍ଲିଷ୍ଟ ଟିମ୍ ୧୧ଟି ସହର ଓ ମହାନଗର ପରିକ୍ରମା କରାଇ ୨୬ ତାରିଖ ବିଜୟ ଦିବସରେ ଦ୍ରାସ୍‌ସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକସ୍ଥଳୀରେ ପହଞ୍ଚାଇବେ। ଯୁଦ୍ଧରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ଯବାନମାନଙ୍କୁ ସମ୍ମାନ ଜଣାଇ ପ୍ରତିବର୍ଷ ଜୁଲାଇ ୨୬ରେ କାର୍ଗିଲ ବିଜୟ ଦିବସ ପାଳନ କରାଯାଇଥାଏ। ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଥିବା ଅମର ଯବାନ ଜ୍ୟୋତିଠାରେ ରାଜନାଥ ଓ ସେନାଧ୍ୟକ୍ଷ ଜେନେରାଲ ବିପିନ୍ ରାଓ୍ୱତ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

- କର୍‌ତାରପୁର କରିଡର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା

## ଗୋପାଳ ଚାଓ୍ୱଲାଙ୍କୁ ବାଦ୍ ଦେଲା ପାକ୍

ଲାହୋର,୧୪।୭(ପି.ଟି.)



କର୍‌ତାରପୁର କରିଡର ନିର୍ମାଣ ସକଶେ ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ଦ୍ୱିପାକ୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ପାକିସ୍ତାନ ପକ୍ଷରୁ ଯୋଗଦେଇଥିବା ୧୦ ସଦସ୍ୟ ବିଶିଷ୍ଟ କମିଟିରୁ ବିବାଦୀୟ ଶିଖ୍ ନେତା ଗୋପାଳ ସିଂ ଚାଓ୍ୱଲାଙ୍କୁ ବାଦ୍ ଦିଆଯାଇଛି। ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତା ଗୋପାଳଙ୍କୁ ଉକ୍ତ ପ୍ରତିନିଧି ଦଳରେ ସାମିଲ ନ କରିବା ପାଇଁ ପୂର୍ବରୁ ନୂଆଦିଲ୍ଲୀ ଆପତ୍ତି ଉଠାଇଥିଲା।

କର୍‌ତାରପୁର କରିଡର ନେଇ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଗତ ଏପ୍ରିଲ ୨ରେ ହେବାର ଥିଲା। ପାକିସ୍ତାନ ଶିଖ୍ ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ପିଏସ୍‌ଜିପିସି) ପକ୍ଷରୁ ୧୦ ଜଣିଆ କମିଟିରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀମାନଙ୍କୁ ସାମିଲ କରାଯିବା ପରେ ଭାରତ ପଟୁ ଆଲୋଚନାକୁ ବାତିଲ କରାଯାଇଥିଲା। କମିଟିରେ ଗୋପାଳଙ୍କ ଭଳି ଖଲିସ୍ତାନୀ ବିଚ୍ଛିନ୍ନତାବାଦୀଙ୍କ ଉପସ୍ଥିତି ହଟାଇବା ନେଇ ଇସ୍‌ଲାମାବାଦର ପ୍ରତିକ୍ରିୟାକୁ ନୂଆଦିଲ୍ଲୀ ଅପେକ୍ଷା କରିଥିଲା। ପିଏସ୍‌ଜିପିସିର ସାଧାରଣ ସମ୍ପାଦକ ଗୋପାଳଙ୍କୁ ଏହି କମିଟିରୁ ବାଦ୍ ଦିଆଯାଇଛି ବୋଲି ଇଭାକ୍ୟୁଇ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ (ଇଟିପିବି)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହାକୁ ଇମ୍ରାନ୍ ଖାନ୍ ସରକାରଙ୍କୁ ଡ୍ୟାମେଜ୍ କଣ୍ଟ୍ରୋଲ ପଦକ୍ଷେପ ବୋଲି ବିଚାର କରାଯାଉଛି।

## କିନ୍ନରଙ୍କ ଭିକ୍ଷାବୃତ୍ତିକୁ ଅପରାଧୀକରଣ ବ୍ୟବସ୍ଥା ବିଲ୍‌ରୁ ହଟାଗଲା

ନୂଆଦିଲ୍ଲୀ,୧୪।୭(ପି.ଟି.)

କିନ୍ନର (ଅଧିକାର ସୁରକ୍ଷା) ବିଲ୍, ୨୦୧୯ ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ଲାଭ କରିଛି। ତେବେ କିନ୍ନରମାନଙ୍କ ଭିକ୍ଷାବୃତ୍ତିକୁ ଅପରାଧୀକରଣ କରିବା ଲାଗି ବିଲ୍‌ରେ ଥିବା ବିବାଦୀୟ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ସେହିପରି ସେମାନଙ୍କୁ କିନ୍ନର ଭାବେ ସ୍ୱୀକୃତି ଦେବା ପାଇଁ ଜିଲା ସ୍କ୍ରିନିଂ କମିଟି ପ୍ରମାଣପତ୍ର ଦେବାର ଯେଉଁ ପ୍ରସ୍ତାବ ଥିଲା ତାକୁ ମଧ୍ୟ ବାଦ୍ ଦିଆଯାଇଛି।

ବିଲ୍‌ର ଅନୁଚ୍ଛେଦ ୮ (ଅପରାଧ ଓ ଦଣ୍ଡ)ର ଧାରା ୧୯ ଅନୁଯାୟୀ କିନ୍ନରଙ୍କୁ ବଳପୂର୍ବକ ଭିକ୍ଷାବୃତ୍ତି କିମ୍ବା ଅନ୍ୟ ଅନୁରୂପ କାର୍ଯ୍ୟ କିମ୍ବା ଗୋତିଶ୍ରମିକ ଭାବେ ନିୟୋଜିତ କଲେ, ଏଥିପାଇଁ ୬ ମାସ ଜେଲ୍‌ଦଣ୍ଡ ବ୍ୟବସ୍ଥା ଥିଲା ଯାହାକୁ ୨ ବର୍ଷକୁ ବଢ଼ାଇବା ସହ ଜରିମାନା ପ୍ରସ୍ତାବ ରହିଛି। ବିଲ୍‌ରୁ ଭିକ୍ଷାବୃତ୍ତି ଶବ୍ଦକୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଥିବା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ବାହୁବଳୀ ରକେଟର ଉତ୍‌କ୍ଷେପଣ ଦେଖିବେ ଦର୍ଶକ

ଶ୍ରୀହରିକୋଟା,୧୪।୭



ଚନ୍ଦ୍ରୟାନ-୨

ଭାରତର ଚନ୍ଦ୍ର ମିଶନ ଅନ୍ତର୍ଗତ ଚନ୍ଦ୍ରୟାନ-୨ ଜୁଲାଇ ୧୪-୧୫ ୨ଟା ୫୧ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ 'ଇସ୍ରୋ'ର ସତୀଶ ଧାଓ୍ୱନ ମହାକାଶ କେନ୍ଦ୍ରରୁ ଉତ୍‌କ୍ଷେପଣ କରାଯିବ। ଜିଏସ୍‌ଏଲ୍‌ଭି ମାର୍କ-୩ ବାହୁବଳୀ ରକେଟର ଉତ୍‌କ୍ଷେପଣ ଦେଖିବା ପାଇଁ ଦର୍ଶକମାନେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି। ଏଠାରେ ୧୦ ହଜାର ଦର୍ଶକ ବସିବାର ସୁବିଧା ରହିଥିବା ଇସ୍ରୋ ପକ୍ଷରୁ କୁହାଯାଇଛି। ଚନ୍ଦ୍ରୟାନ-୨ର ୨୦ ଘଣ୍ଟିଆ କାଉଣ୍ଟ ଡାଉନ୍ ରବିବାର ସକାଳ ୬ଟା ୫୧ରୁ ଆରମ୍ଭ ହୋଇଛି। ଏହାର ଉଚ୍ଚତା ୪୪ ମିଟର ରହିଛି। ଯାହାକି ୧୫ ମହଲା କୋଠା ସହିତ ପ୍ରାୟ ସମାନ ହେବ ବୋଲି କୁହାଯାଉଛି। ଏଥିରେ ଥିବା ଅର୍ବିଟରର ଲମ୍ବ ୨.୫ ମିଟର। ଏହାର ଓଜନ ୩.୮ଟନ୍ ରହିଛି।

ଭାରତୀୟ ମହାକାଶ ବିଜ୍ଞାନର ଜନକ ଡ. ବିକ୍ରମ ଏ. ସରାଭାଇଙ୍କ ନାମାନୁସାରେ ନାମିତ ଲ୍ୟାଣ୍ଡର 'ବିକ୍ରମ' ରୋଭର 'ପ୍ରଜ୍ଞା'କୁ ବହନ କରି ଚନ୍ଦ୍ରର ଦକ୍ଷିଣଭାଗରେ ପାଖାପାଖି ୭୦ଡିଗ୍ରୀ ଅକ୍ଷାଂଶରେ ଅବତରଣ କରିବ। ୨୭କିଲୋଗ୍ରାମ୍ ବିଶିଷ୍ଟ 'ପ୍ରଜ୍ଞା'ର ସଂସ୍କୃତ ଅର୍ଥ ହେଉଛି ଜ୍ଞାନ। ଏଥିରେ ୬ ଚକ ବିଶିଷ୍ଟ ରୋବୋଟିକ୍ ଭେଇକିଲ ରହିଛି। ଏହା ଚନ୍ଦ୍ର ପୃଷ୍ଠରୁ ତଥ୍ୟ ସଂଗ୍ରହ କରିବ। ୫୨ ଦିନ ପରେ ଚନ୍ଦ୍ରପୃଷ୍ଠରେ ପହଞ୍ଚିବ ଉତ୍‌କ୍ଷେପଣର ୫୨ ଦିନ ପରେ ସେପ୍ଟେମ୍ବର ୬-୭ରେ ଏହା ଚନ୍ଦ୍ରପୃଷ୍ଠର ଦକ୍ଷିଣ ପାର୍ଶ୍ୱରେ ଅବତରଣ କରିବ। ପୃଥିବୀକୁ ଚନ୍ଦ୍ରର ଉତ୍ତର ପାର୍ଶ୍ୱ ଦେଖାଯାଇଥାଏ। ଏହାର ଦକ୍ଷିଣ ପାର୍ଶ୍ୱରେ କମ୍ ଆଲୋକ ପଡୁଥିବାରୁ ଏହା ଅନ୍ଧକାର ଦେଖାଯାଇଥାଏ। ଏହି ଅଞ୍ଚଳରେ ଜଳ ଥିବା ଅଧିକ ସମ୍ଭାବନା ଅଛି।

## ନାଗରାଜଙ୍କୁ ମନାଇବାରେ ମେଣ୍ଟ ବିଫଳ

### କର୍ଣ୍ଣାଟକ: କୁମାରସ୍ୱାମୀଙ୍କ ଇସ୍ତଫା ଦାବିକଲା ଭାଜପା

ବେଙ୍ଗାଲୁରୁ/ମୁମ୍ବାଇ,୧୪।୭(ପି.ଟି.)

ବିଦ୍ରୋହୀ କଂଗ୍ରେସ ବିଧାୟକ ଏମ୍.ଟି.ବି. ନାଗରାଜଙ୍କୁ ମନାଇବାରେ କର୍ଣ୍ଣାଟକର ଶାସକ ମେଣ୍ଟ ନେତାମାନେ ବିଫଳ ହୋଇଛନ୍ତି। ରବିବାର ନାଗରାଜ ମୁମ୍ବାଇ ପଳାଇଯିବା ସହ ଇସ୍ତଫା ପ୍ରତ୍ୟାହାର କରିବା ପ୍ରଶ୍ନ ଉଠୁନାହିଁ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ପଦରୁ ଏଚ୍.ଡି. କୁମାରସ୍ୱାମୀ ତୁରନ୍ତ ଇସ୍ତଫା ଦେବା ପାଇଁ ଭାଜପା ଦାବି କରିଛି।

ନାଗରାଜ ଓ ଅନ୍ୟ ବିଦ୍ରୋହୀ ବିଧାୟକମାନଙ୍କୁ ମନାଇ ଦଳକୁ ଫେରାଇ ଆଣିବା ଲାଗି ଶନିବାର କଂଗ୍ରେସ ଓ ଜେଡିଏସ୍ ତରଫରୁ ଜୋରଦାର ଉଦ୍ୟମ ହୋଇଥିଲା। କେ. ସୁଧାକରଙ୍କ ସହ ଆଲୋଚନା ପରେ ନାଗରାଜ ତାଙ୍କ ଇସ୍ତଫା ସମ୍ପର୍କରେ ପୁନର୍ବିଚାର କରିବେ ବୋଲି ସୂଚନା ଦେଇଥିଲେ। ଏହାର କିଛି ସମୟ ପରେ ନାଗରାଜ ମୁମ୍ବାଇ ଯିବା ଲାଗି ଚାର୍ଟାର୍ଡ ବିମାନ ଧରିଥିଲେ। ମୁମ୍ବାଇରେ ପହଞ୍ଚିବା ପରେ ଇସ୍ତଫା ପ୍ରତ୍ୟାହାର କରିବା ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ଇସ୍ତଫା ଦେଇଥିବା ସବୁ ବିଧାୟକ ଏକାଠି ଅଛନ୍ତି ଏବଂ ସେମାନେ ନିଷ୍ପତ୍ତିରେ ଅଟଳ ବୋଲି ନାଗରାଜ କହିଛନ୍ତି। ତାଙ୍କ ସହିତ ଭାଜପାର ବରିଷ୍ଠ ନେତା ଆର୍. ଅଶୋକ ଆସିଥିବା ଖବରକୁ ସେ ଖଣ୍ଡନ କରିବା ସହ ସେମାନଙ୍କ ଇସ୍ତଫା ପଛରେ ଗୈରିକ ଦଳର କୌଣସି ଭୂମିକା ନ ଥିବା କହିଛନ୍ତି। ଦିଲ୍ଲୀରେ ଥିବା ସୁଧାକର ମୁମ୍ବାଇ ଆସି ଅନ୍ୟ ବିଦ୍ରୋହୀ ବିଧାୟକମାନଙ୍କ ସହ ଯୋଗଦେବେ ବୋଲି ନାଗରାଜ କହିଛନ୍ତି।

ରାଜ୍ୟର ମେଣ୍ଟ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବାରୁ କୁମାରସ୍ୱାମୀ ତୁରନ୍ତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ କିମ୍ବା ସୋମବାର ଆସ୍ଥାଭୋଟ ଲୋଡନ୍ତୁ ବୋଲି ରାଜ୍ୟ ଶାଖା ଭାଜପା ପକ୍ଷରୁ ଦାବି କରାଯାଇଛି। ଯଦି ମୁଖ୍ୟମନ୍ତ୍ରୀ ସଚ୍ଚୋଟ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମର୍ଯ୍ୟାଦା ଦେଉଥାନ୍ତି ତେବେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ରାଜ୍ୟ ଭାଜପା ମୁଖ୍ୟ ବି.ଏସ୍. ୟେଦ୍ୟୁରପ୍ପା କହିଛନ୍ତି। କଂଗ୍ରେସ ଓ ଜେଡିଏସ୍‌ର ୧୬ ବିଧାୟକ ଇସ୍ତଫା ଦେଇସାରିଛନ୍ତି। ଏଥିସହିତ ଦୁଇ ସ୍ୱାଧୀନ ବିଧାୟକ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇ ଭାଜପାକୁ ସମର୍ଥନ ଜଣାଇଛନ୍ତି। ତେଣୁ କୁମାରସ୍ୱାମୀ ତୁରନ୍ତ ଆସ୍ଥାଭୋଟ ଲୋଡିବାକୁ ୟେଦ୍ୟୁରପ୍ପା ଆହ୍ୱାନ ଦେଇଛନ୍ତି। ଏହା ସତ୍ତ୍ୱେ ମେଣ୍ଟ ସରକାର ଆସ୍ଥାଭୋଟ ଜିତିବ ବୋଲି କଂଗ୍ରେସ ନେତା ଡି.କେ. ଶିବକୁମାର ଆଶାବାଦୀ ଅଛନ୍ତି। ବିଦ୍ରୋହୀ ବିଧାୟକମାନଙ୍କ ଦାବି ପୂରଣ କରିବା ଲାଗି କଂଗ୍ରେସ ଆଗ୍ରହୀ ଏବଂ ସେମାନେ ଦଳକୁ ଫେରିଆସିବେ ବୋଲି ଶିବକୁମାର କହିଛନ୍ତି। ବିଧାୟକମାନେ କଂଗ୍ରେସ ଟିକେଟରେ ଜିତିଥିଲେ। ସେମାନେ ଆସ୍ଥାଭୋଟ ବିପକ୍ଷରେ ଭୋଟ ଦେଲେ ଗୃହର ସଦସ୍ୟତା ହରାଇବେ ବୋଲି ଶିବକୁମାର ସତର୍କ କରାଇଦେଇଛନ୍ତି।



## ସଂକ୍ଷେପରେ

### ସ୍ୱାଭାବିକ ହେଲା କ୍ଷୀର କିଣା

**ବାସୁଦେବପୁର, ୧୪।୭(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ସହରସ୍ଥିତ ବାମୁଲର ଦୁଗ୍ଧ ଶୀତଳୀକରଣ ଭଣ୍ଡାର ଚାଷୀଙ୍କ ସ୍ୱାର୍ଥକୁ ଅଣଦେଖା କରି ହଇରାଣ କରୁଥିବା ଭଳି କେତେକ ଅଭିଯୋଗକୁ ନେଇ ଚାଷୀମାନେ ଗତ ଦୁଇଦିନ ଧରି ଆନ୍ଦୋଳନ କରିଥିଲେ। ସେମାନେ ଶୀତଳୀକରଣ ଭଣ୍ଡାରରେ ତାଲା ପକାଇବା ସହିତ ୧୩ ଶହରୁ ଉର୍ଦ୍ଧ୍ୱ ଲିଟର କ୍ଷୀର ଢାଳି ପ୍ରତିବାଦ ଜଣାଇଥିଲେ। ତେବେ ରବିବାର ଓମ୍‌ଫେଡ୍‌ର ଡିଜିଏମ୍ ଜୟକୃଷ୍ଣ ପଟ୍ଟନାୟକ, ବାମୁଲ ଜିଏମ୍ ରଶ୍ମିରେଖା ବିନ୍ଧାଣୀ ପ୍ରମୁଖ ଦୁଗ୍ଧଶୀତଳୀକରଣ ଭଣ୍ଡାରରେ ଉପସ୍ଥିତ ରହି ଚାଷୀଙ୍କ ସହ ଆଲୋଚନା କରି କ୍ଷୀରର ମାନ ପରୀକ୍ଷା କରି ଏହାକୁ କିଣିଥିଲେ। ଏହି ଘଟଣା ପରେ ଶୀତଳୀକରଣ ଭଣ୍ଡାରର ସ୍ୱାଭାବିକ ଅବସ୍ଥା ଫେରିଛି। ବାସୁଦେବପୁର ବିଏମ୍‌ସି ଅଧୀନରେ ଥିବା ୧୬ ଦୁଗ୍ଧ ସମିତିରେ ଚାଷୀମାନେ ସ୍ୱାଭାବିକ ଭାବେ ସମିତିକୁ କ୍ଷୀର ପ୍ରଦାନ କରିଛନ୍ତି। ରବିବାର ଚାଷୀଙ୍କଠାରୁ ମୋଟ ୧୩ ଶହ ଲିଟର କ୍ଷୀର କିଣାଯାଇଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାଟବଣା

- ଲକ୍ଷ୍ୟଠାରୁ ଦୂରରେ ଯୋଜନା
- ଆବାସ ଯୋଜନାକୁ ବାଦ ଦେଲେ ଆଉ କିଛି କାମ ହେଉନି
- ୱେବ୍‌ସାଇଟ୍ ତଥ୍ୟରେ ରହୁନି ତାଲମେଲ

**ଭଦ୍ରକ ଅଫିସ, ୧୪।୭**

ଭଦ୍ରକ ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍ ) ଲକ୍ଷ୍ୟଠାରୁ ଦୂରରେ ରହିଛି। ଯୋଜନା ସମ୍ପର୍କରେ ପ୍ରଶାସନ ଦେଉଥିବା ତଥ୍ୟ ଓ ୱେବସାଇଟ୍ ତଥ୍ୟରେ ତାଲମେଲ ରହୁ ନାହିଁ। ଗ୍ରାମାଞ୍ଚଳ ଲୋକଙ୍କୁ ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ଯୋଗାଇବା ଲକ୍ଷ୍ୟନେଇ ୨୦୦୫ ସେପ୍ଟେମ୍ବର ୭ ତାରିଖରୁ ଜିଲାରେ ଯୋଜନା ଆରମ୍ଭ ହୋଇଥିଲା। ଏହା ମଧ୍ୟରେ ୧୪ ବର୍ଷ ଗତ ହେବାକୁ ବସିଛି। ଯୋଜନା ରୂପାୟନଗତ ତ୍ରୁଟି କାରଣରୁ ଏହା ଅଧିକାଂଶ ବର୍ଷ ଧାର୍ଯ୍ୟଲକ୍ଷ୍ୟ ପୂରଣ କରିପାରୁ ନାହିଁ। ଗତ ଆର୍ଥିକ ବର୍ଷରେ ଜିଲାରେ ମାତ୍ର ୬୫ ଜଣ ବ୍ୟକ୍ତି ୧୦୦ ଦିନର କାମ ପାଇଛନ୍ତି। ଜିଲାରେ ଯୋଜନା କାମ କେବଳ ଫାଇଲ୍ ଚାଷରେ ସୀମିତ ରହିଛି ବୋଲି ଅଭିଯୋଗ ହେଉଛି। ୨୦୧୪ରୁ ଆବାସ ଯୋଜନାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ଖର୍ଚ୍ଚ କରାଯାଇ ଆସୁଛି। ଆବାସ ଯୋଜନାକୁ ବାଦ୍ ଦେଲେ ଅନ୍ୟ କ୍ଷେତ୍ରରେ ବ୍ୟୟ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି।

ସରକାରୀ ଭାବେ ମିଳିଥିବା ରିପୋର୍ଟ ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ ଜିଲାରେ ପ୍ରାୟ ୩୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେଥିମଧ୍ୟରୁ ଅଣକୁଶଳୀ ଶ୍ରମିକଙ୍କୁ ସାଢ଼େ ୨୩ କୋଟି ଦିଆଯାଇଥିବା ବେଳେ ସାମଗ୍ରୀ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୭ କୋଟିରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହୋଇଛି। ଅଣକୁଶଳୀ ଶ୍ରମିକଙ୍କୁ ମିଳିଥିବା ଅର୍ଥମଧ୍ୟରୁ କେବଳ ଆବାସ ଯୋଜନାରେ ନିୟୋଜିତ ଶ୍ରମିକଙ୍କୁ ସାଢ଼େ ୧୯ କୋଟି ଟଙ୍କା ଦିଆଯାଇଛି। ଅଧିକାଂଶ ଘର ନିର୍ମାଣ ସରିବା ପରେ ଶ୍ରମିକମାନଙ୍କୁ ଘର ନିର୍ମାଣରେ ଯୋଗଦେବା ପାଇଁ ନୋଟିସ ଦିଆଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୱେବ୍‌ସାଇଟ ତଥ୍ୟରୁ ଜଣାପଡ଼ିଛି। ଘର ସମ୍ପୂର୍ଣ୍ଣ ହେବା ପରେ ଶ୍ରମିକମାନଙ୍କୁ କିଭଳି ନୋଟିସ୍ ଦିଆଯାଉଛି ଓ କେଉଁ ଆଧାରରେ ଜବ୍‌କାର୍ଡ ମାଧ୍ୟମରେ କାମ କରି ସେମାନେ ବ୍ୟାଙ୍କ ମାଧ୍ୟମରେ ଟଙ୍କା ପାଉଛନ୍ତି, ତାହା ତଦନ୍ତ ସାପେକ୍ଷ ହୋଇପଡ଼ିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାମ ସାରିଥିବା ଶତାଧିକ ହିତାଧିକାରୀ ଏମ୍‌ଜିଏନ୍‌ଆର୍‌ଇଜିଏସ ବାବଦ ପ୍ରାପ୍ୟ ପାଇ ନ ଥିବା ଡିଆର୍‌ଡିଏ କାର୍ଯ୍ୟାଳୟ ପରିସରରେ ଥିବା ଅମ୍ବୁଡ୍ସମ୍ୟାନଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାସନିକ ସ୍ତରରେ ପ୍ରତି ମାସରେ ଯୋଜନାର ସମୀକ୍ଷା ବୈଠକ କରାଯାଉଥିବା ବେଳେ ଏସବୁ ଘଟଣା କିଭଳି ବିଭାଗୀୟ ଅଧିକାରୀ ଜାଣି ପାରିଲେ ନାହିଁ ସେନେଇ ଭଦ୍ରକର ସାମାଜିକ କର୍ମୀ ବିକାଶ ଜେନା ପ୍ରଶ୍ନ ଉଠାଇଛନ୍ତି।

ଆବାସ ଯୋଜନାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ଖର୍ଚ୍ଚ ହୋଇ ନ ଥିଲେ ୨୦୧୮-୧୯ ବର୍ଷରେ ଜିଲାରେ ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ ମାତ୍ର ୪ କୋଟିରେ ସୀମିତ ରହିଥାନ୍ତା। ଏହି ଆର୍ଥିକ ବର୍ଷରେ ଜିଲାର ୭୦୯୨ଅନୁସୂଚିତ ଜାତି ପରିବାର ଓ ୩୯୬ଟି ଅନୁସୂଚିତ ଜନଜାତି ପରିବାରକୁ କର୍ମ ନିଯୁକ୍ତି ଯୋଗାଇ ଦିଆଯାଇଥିବା ବେଳେ ଅନ୍ୟ ବର୍ଗ ଓ ଜାତିର ୩୮,୧୩୨ ପରିବାର କାମଧନ୍ଦା ପାଇଥିବା ଦର୍ଶାଯାଉଛି। ଏସବୁ ହିତାଧିକାରୀ ସଂଖ୍ୟାକୁ ମିଶାଇଲେ ମୋଟ ୪୫,୬୨୦ଟି ପରିବାର କାମ ପାଇଥିବା ଧରାଯିବ। ୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ ଜିଲାର ମୋଟ ପରିବାର ସଂଖ୍ୟା ୩,୨୯,୭୭୧ ରହିଥିବା ବେଳେ ୯୦ ପ୍ରତିଶତ ପରିବାର ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ଏ ଦୃଷ୍ଟିରୁ ଗ୍ରାମାଞ୍ଚଳର ମାତ୍ର ୧୫ ପ୍ରତିଶତ ପରିବାର ଏହି ଯୋଜନାରେ କର୍ମନିଯୁକ୍ତି ପାଇଛନ୍ତି । ଆବାସ ଯୋଜନାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସାମିଲ ହୋଇ ନ ଥିଲେ ପ୍ରଶାସନ ଏହି ଯୋଜନା ବାବଦ ଅର୍ଥ ଖର୍ଚ୍ଚ କରିବାକୁ ଅସମର୍ଥ ହୋଇଥାନ୍ତା ବୋଲି ଅଭିଯୋଗ ହେଉଛି । ଏ ସମ୍ପର୍କରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ରଙ୍କୁ ପଚାରିବାରୁ ଘଟଣାର ସମୀକ୍ଷା କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ୬ ମାସରେ ୭୫ ଆପରାଧିକ ମାମଲା

**ବନ୍ତ, ୧୪।୭ (ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ଥାନାରେ ଚଳିତ ବର୍ଷ ଜୁନ୍ ପର୍ଯ୍ୟନ୍ତ ୬ ମାସରେ ମୋଟ ୭୫ଟି ଆପରାଧିକ ମାମଲା ରୁଜୁ ହୋଇଛି । ସେଥିମଧ୍ୟରୁ ଦସ୍ୟୁତା ୧, କବାଟଭାଙ୍ଗି ଚୋରି ୩, ଚୋରି ୨, ଠକେଇ ୧, ସଡକ ଦୁର୍ଘଟଣା ୩, ଦଙ୍ଗା ୧ ଓ ଅନ୍ୟ ୬୪ଟି ଅପରାଧ ମାମଲା ରହିଛି। ଏସବୁ ମାମଲାରେ ଜଣେ ମହିଳା ଓ ୩୦ ପୁରୁଷ ଅଭିଯୁକ୍ତ ଗିରଫ ହୋଇଛନ୍ତି । ୨୦୧୮ରେ ଥାନାରେ ମୋଟ ୧୧୪ଟି ଆପରାଧିକ ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରେ ଗୋଟିଏ ହତ୍ୟା, ୨ଟି ବଳାତ୍କାର , ୧୦ଟି କବାଟଭାଙ୍ଗି ଚୋରି, ୫ଟି ଅନ୍ୟ ଚୋରି ୫, ୮ ଠକେଇ, ୬ ସଡ଼କ ଦୁର୍ଘଟଣା, ଓ ଅନ୍ୟାନ୍ୟ ୮୨ଟି ମାମଲା ରହିଥିଲା। ଏସବୁ ମାମଲାରେ ପୋଲିସ ୨୦ ମହିଳା ଓ ୧୪୫ ପୁରୁଷ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ନାରୀ ଶିକ୍ଷିତ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ

**ଭଦ୍ରକ ଅଫିସ, ୧୪।୭:** ଜମାତ ଅହମଦିଆ ଭଦ୍ରକ ମହିଳା ଶାଖାର ୩ୟ ବାର୍ଷିକ ସମ୍ମିଳନୀ(ଲଜନା ଇମାଇଲ୍ଲା ଜିଲାଇ ଇଜତମା) ସ୍ଥାନୀୟ ଅହମଦିଆ ମସ୍‌ଜିଦ୍ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବରେ ମହିଳା ଶାଖାର ସର୍ବଭାରତୀୟ ମୁଖ୍ୟ ବୁସ୍‌ରା ପାସା, ଅନ୍ୟତମ ଅତିଥି ଭାବେ ଜୋନୁବ-ଏ-ହିନ୍ଦର ପୂର୍ବ ଭାରତୀୟ ଉପମୁଖ୍ୟ ରୋକେୟା ବାନୋ ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ଆସିଆନାର ସମ୍ପାଦିକା ସୋଫିଆ ଶେଖ୍, ନାରୀନେତ୍ରୀ ସୁରଜିତା ନାୟକ, ଚାରୁଲତା ମହାପାତ୍ର ପ୍ରମୁଖ ଯୋଗଦେଇ ସୁସ୍ଥ ସମାଜ ଗଠନ ଦିଗରେ ନାରୀର ଭୂମିକା ଉପରେ ଆଲୋକପାତ କରିଥିଲେ। ନାରୀ ଶିକ୍ଷିତ ଓ ସ୍ୱାଧୀନ ହେଲେ ସମାଜର ବିକାଶ ସମ୍ଭବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀ ଉପଲକ୍ଷେ ମହିଳା ଓ କିଶୋରୀମାନଙ୍କୁ ନେଇ କରୋନ ତିଲାୱତ, ନଜମ୍, ତକ୍‌ରିର୍‌ର ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭଦ୍ରକ, ବାଲେଶ୍ୱର, ଯାଜପୁର, ସୁନ୍ଦରଗଡ ଜିଲାର ଅହମଦିଆ ମହିଳା ଶାଖାର କର୍ମକର୍ତ୍ତା ଓ ସଦସ୍ୟା ଯୋଗ ଦେଇଥିଲେ। ଏହି ଅବସରରେ ପୁସ୍ତକ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଜୋନ୍ ସଭାପତି ଫରଜାନା ଗଜାଲା ଓ ସ୍ଥାନୀୟ ସଭାପତି ଫାଏଜା ଜାହେଦଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

# ମଦ ବିରୋଧୀ ଶୋଭାଯାତ୍ରା




ବନ୍ତରେ ମଦ ବିରୋଧୀ ସଚେତନତା ଶୋଭାଯାତ୍ରା।

**ବନ୍ତ, ୧୪।୭ (ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକରେ ମଦ ବିରୋଧୀ ଆନ୍ଦୋଳନ ଜେତିବାରେ ଲାଗିଛି। ରବିବାର ଭଦ୍ରକ ଜିଲା ବନ୍ତ ବ୍ଲକ 'ସମ୍ଭବ ଓଡ଼ିଶା' ଆନୁକୂଲ୍ୟରେ ମଦ ମୁକ୍ତି ଯୁବବାହିନୀ ପକ୍ଷରୁ ବନ୍ତଠାରେ ମଦ ବିରୋଧୀ ଜନସଚେତନତା ଶୋଭାଯାତ୍ରା କରାଯାଥିଲା। ସୁରଜ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ହାତରେ ତ୍ରିରଙ୍ଗା ପତାକା, ବ୍ୟାନର ଓ ପ୍ଲାକାର୍ଡ ଧରି ମଦ ବିରୋଧୀ ସ୍ଲୋଗାନ ଦେଇ ବନ୍ତ ବ୍ଲକ ଛକଠାରୁ ବାହାରି ବନ୍ତ, ଟିଲୋ ଓ ତରାପୁର ଆଦି ବଜାର ପରିକ୍ରମା କରିଥିଲେ। ବନ୍ତ ବ୍ଲକକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ଏହି ଆନ୍ଦୋଳନର ମୂଳ ଲକ୍ଷ୍ୟ ବୋଲି ଯୁବବାହିନୀ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଡା. ମୁରଲୀଧର ସୁତାର, ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ଭଞ୍ଜରାୟ, ସମ୍ବିତ୍ କୁମାର ପଣ୍ଡା, ସୌଭାଗ୍ୟ କୁମାର ଦାଶ, ଅଶୋକ ବେହେରା, ବିକାଶ ଶ୍ରେଷ୍ଠା, ସଞ୍ଜୟ ଜେନା, ଜଗନ୍ନାଥ ବେହେରା, ସତ୍ୟବ୍ରତ ଦାସ, ସତ୍ୟସାଇ ପରିଡା, ହିମାଂଶୁ ସାହାଣୀ, କଳ୍ପନା ପଣ୍ଡା, ମନୋରମା ଦାଶ, ପୁଷ୍ପଲତା ଜେନା, ମୀନାରାଣୀ ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

### ମଦ୍ରାସା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଧାମନଗର ୧୪।୭ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ମଦ୍ରାସା-ଗୌସିଆ- ରୌଫିଆର ସହକାରୀ ଶିକ୍ଷକ ସେକ୍ ମନୱର ଅହେମଦ୍ ଓ ଶିକ୍ଷକ ଏମ୍‌ଡ଼ି ଇବ୍ରାହିମ୍‌ଙ୍କୁ ବିଦ୍ୟାଳୟ ତରଫରୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ଼ଃ. ମହମ୍ମଦ ସାଦ୍ଦିକ୍ ଅଧ୍ୟକ୍ଷତା କରିଥିଲେ। ମୌଲାନା ସେକ୍ ସିରାଜୁଦ୍ଦିନ୍ ସଭା ପରିଚାଳନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୌଲାନା ଅବଦୁଲ୍ ମସୱିର, ଜିଲା ଶିକ୍ଷକ ସଂଘ ସଭାପତି ସେକ୍ ନସିରୁଦ୍ଦିନ୍, ଉପସଭାପତି ଅବଦୁଲ୍ ଦୟାନ୍, ସମ୍ପାଦକ ଆଫତାବ ଆଲାମ ଖାଁ ଓ ମଦ୍ରାସା ପରିଚାଳନା କମିଟିର ବରିଷ୍ଠ ସଭ୍ୟ ସେକ୍ ଜାଫର ଅଲ୍ଲୀ, ଗୋଲାମ ଜିଲ୍ଲାନି ହବିବି, ମହମ୍ମଦ ଫଜଲେ ବାରି, ସେକ୍ ତାରବାବୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରିବା ଲାଗି ସଭାରେ ସରକାର ଓ ବିଭାଗୀୟଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମଦ୍ରସାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୱରେ ଆଲାମ, ସହକାରୀ ଶିକ୍ଷକ ମୁଫତିମହମ୍ମଦ କାସିମ୍ ମାନପତ୍ର ପାଠ କରିଥିଲେ।

# ବୃତ୍ତି ପରୀକ୍ଷା ଦେଲେ ୨୬୪ ଛାତ୍ରୀଛାତ୍ର



ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷା ଦେଉଛନ୍ତି।

**ଭଣ୍ଡାରିପୋଖରୀ, ୧୪।୭(ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଭଣ୍ଡାରିପୋଖରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଓ କୁଲଣା ସ୍ଥିତ ବିଶୋଳ କୁଲଣା ମୈତ୍ରୀ ସଞ୍ଜୁକ୍ତ ଉଚ୍ଚ ବିଦ୍ୟାପୀଠଠାରେ ରବିବାର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା କରାଯାଇଥିଲା। ଏହି ଦୁଇ କେନ୍ଦ୍ରରେ ୨୬୪ ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷା ଦେଇଥିବା ବେଳେ ୧୭ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଏବିଇଓ କୁଳମଣି ପତି, ଅଭିମନ୍ୟୁ ପ୍ରଧାନ, ପୁରୁଷୋତ୍ତମ ଧଳ ପରୀକ୍ଷା ପର୍ଯ୍ୟବେକ୍ଷକ ଭାବେ ଉଭୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଅଧୀକ୍ଷକ ଭାବେ ରମାକାନ୍ତ ଲେଙ୍କା, ରତ୍ନମଞ୍ଜରୀ ପଣ୍ଡା ଓ ପରୀକ୍ଷା ନିରୀକ୍ଷକ ଭାବେ ଅଜୟ ନନ୍ଦ, ମୃତ୍ୟୁଞ୍ଜୟ ସେନାପତି, ଆଲୋକ କୁମାର ବିଶ୍ୱାଳ, ଜୟସ୍ୱୀତା ଜେନା, ରଶ୍ମିରେଖା ସାହୁ, ଧୀରେନ୍ଦ୍ର ସାହୁ, ସରୋଜ ସାମଲ, ରେଖାମଞ୍ଜରୀ ସାହୁ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ।

### ମୋବାଇଲ, ଲାପ୍‌ଟପ୍ ଚୋରି

**ବନ୍ତ, ୧୪।୭(ସ୍ୱ.ପ୍ର.):** ଭଦ୍ରକ ଜିଲା ଆଗରପଡା ବଜାରରୁ ଶନିବାର ରାତିରେ ଏକ ମୋବାଇଲ ମରାମତି ଦୋକାନରୁ ୪୦ରୁ ଉର୍ଦ୍ଧ୍ୱ ମୋବାଇଲ ଓ ଏକ ଲାପଟପ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଉଗାରାମ ଗ୍ରାମର ସଞ୍ଜୀବ ନାୟକ ରବିବାର ସକାଳେ ଆଗରପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାମ୍ନାରେ ଥିବା ତାଙ୍କ ଦୋକାନକୁ ଯାଇ ଚାବି ଭଙ୍ଗାଯାଇଥିବା ଏବଂ ଦୋକାନର ମୋବାଇଲ ଓ ଲାପଟପ୍ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ ୮୮/୧୯) ରୁଜୁ କରି ତଦନ୍ତ କରୁଛି।

# 'ପାଠକଙ୍କୁ ଛୁଇଁଥାଏ ଭକ୍ତିଭାବର କବିତା'

**ଟିହିଡ଼ି,୧୪।୭(ଡି.ଏନ.ଏ.)**

ଭକ୍ତିଭାବର କବିତା ପାଠକଙ୍କ ହୃଦୟକୁ ଛୁଇଁଥାଏ। ଓଡ଼ିଆ ସାହିତ୍ୟ ଇତିହାସରେ ଭକ୍ତିଭାବର କବିତାର ଐତିହ୍ୟ ବେଶ୍ ସମୃଦ୍ଧ ବୋଲି ରବିବାର ଏଠାରେ ଆୟୋଜିତ ଏକ ସାରସ୍ୱତ ଉତ୍ସବରେ ଅତିଥି ଓ ବକ୍ତାମାନେ ପ୍ରକାଶ କରିଛନ୍ତି। ଏହି ସମାରୋହରେ ଭଦ୍ରକ ଜିଲା ଟିହିଡ଼ି ବ୍ଲକ ଅଧୀନ ସୟା ଗ୍ରାମର ବାବୁରାମ ରାଉତଙ୍କ କବିତା ପୁସ୍ତକ 'ଭକ୍ତି କୁସୁମ' ଉନ୍ମୋଚିତ ହୋଇଥିଲା। ଧୂଳିପଦା ଠାରେ ଆୟୋଜିତ ସଭାରେ ସାହିତ୍ୟ ଏକାଡେମୀ ସଦସ୍ୟ ଅଭୟ ସୂତାର ପୌରୋହତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶ

**ଭକ୍ତି କୁସୁମ ଲୋକାର୍ପିତ**

ଯୋଗଦେଇ ଭକ୍ତିଭାବ କବିତାର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ଭାବେ ପ୍ରାଧ୍ୟାପକ କବି ହୃଦାନନ୍ଦ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ପଣ୍ଡିତ ଦୈତାରି ମହାପାତ୍ର, ସମ୍ମାନନୀୟ ବକ୍ତା ଭାବେ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଓ ସମ୍ମାନନୀୟ ଅତିଥି ଭାବେ ଅଧ୍ୟାପକ ନୀହାର ରଞ୍ଜନ କର ଯୋଗଦେଇ 'ଭକ୍ତି କୁସୁମ' କବିତା ପୁସ୍ତକ ଉପରେ ଆଲୋଚନା କରିଥିଲେ। ରୋଜାଲିନ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶା ପୂଜ୍ୟପୂଜା ସଂସଦ ପକ୍ଷରୁ କବି ରାଉତଙ୍କୁ କବି ଗୌରବ ସମ୍ମାନ ପ୍ରଦାନ ସହ କବି ଶଶୀକାନ୍ତ ବେହେରା ଓ କବି ସୁରେନ୍ଦ୍ର ପ୍ରସାଦ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଥମ ଅଧିବେଶନର ଶୀତଳ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଶିଶୁ ସାହିତ୍ୟିକ ବାଇଧର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। କବି ରବିକୁମାର ମହାନ୍ତିଙ୍କ ସଂଯୋଜନାରେ କବି ଶତ୍ରୁଘ୍ନ ନାୟକ, ମନୋରଞ୍ଜନ ମୁଦୁଲି, ବସନ୍ତ ଦାସ, ସନ୍ନ୍ୟାସୀ ବ୍ରହ୍ମ, ମଥୁରାମୋହନ ବେହେରା, ଗୋବିନ୍ଦ ପ୍ରସାଦ ଭଟ୍ଟାଚାର୍ଯ୍ୟ ବିଜୟ ଗୋକୁଳାନନ୍ଦ ରାଉତ ପ୍ରମୁଖ କବିତାପାଠ କରିଥିଲେ।

# ସହାୟତା ଅପେକ୍ଷାରେ ଅସହାୟ ପରିବାର

**ଭଣ୍ଡାରିପୋଖରୀ, ୧୪।୭ (ଡି.ଏନ୍.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ ଷଠଗାଁ ଗ୍ରାମର ଏକ ଅଭାବୀ ପରିବାର ଏବେ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ପଞ୍ଚାନନ ଲେଙ୍କା(୩୫) ରୋଗଗ୍ରସ୍ତ ହେବା ପରେ ତାଙ୍କ ପତ୍ନୀ, ପୁଅ ଓ ବୃଦ୍ଧା ମାତା ଅସହାୟ ହୋଇ ପଡ଼ିଛନ୍ତି। ଜମିବାଡି କିଛି ନ ଥିବାରୁ ପଞ୍ଚାନନ ପରଘରେ କାମଧନ୍ଦା କରି ପରିବାର ପ୍ରତିପୋଷଣ କରୁଥିଲେ। ଅସୁସ୍ଥ ହେବା ପରେ ସେ କଟକ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ତାଙ୍କୁ ପରୀକ୍ଷା କରି ସେ କର୍କଟ ରୋଗାକ୍ରାନ୍ତ ହୋଇଥିବା କହିବା ପରେ ଏହି ଗରିବ ପରିବାର ଆଖିରୁ ନିଦ ହଜିଛି। ପଞ୍ଚାନନ ଏବେ କାମଧନ୍ଦା କରିପାରୁ ନ ଥିବାରୁ ଭୋକ ଉପାସରେ ଦିନ ବିତାଉଥିବା ଏହି ପରିବାରକୁ ସହାୟତା କରିବା ସକାଶେ ଗାଁ ଲୋକେ ଉଦ୍ୟମ ଆରମ୍ଭ କରିଛନ୍ତି। ସେମାନେ ଏ ସମ୍ପର୍କରେ ସ୍ଥାନୀୟ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ପଞ୍ଚାନନଙ୍କ ପରିବାରକୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ପାଖ ପଡ଼ିଶା ଓ ବନ୍ଧୁବାନ୍ଧବ ଯାହା ଅର୍ଥ ସହାୟତା କରିଥିଲେ ତାହା ଚିକିତ୍ସାରେ ସରିଗଲାଣି। ଏପରି ସ୍ଥଳେ ଏହି ଅସହାୟ ପରିବାର ଏବେ ସରକାରୀ ସହାୟତା ଅପେକ୍ଷାରେ ଦିନ ବିତାଉଥିବା କହିଛନ୍ତି।



ପଞ୍ଚାନନ।

### ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

**ଚାନ୍ଦବାଲି, ୧୪।୭(ଡି.ଏନ.ଏ.):** ନିଖିଳ ଉତ୍କଳ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ଚାନ୍ଦବାଲି ବ୍ଲକ ଶାଖାର ବାର୍ଷିକ ଉତ୍ସବ ମତୋଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ନବଘନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳର ପ୍ରାୟ ୨ଶହ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗ ଦେଇଥିଲେ। ସମ୍ପାଦକ ପ୍ରମୋଦ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଚାନ୍ଦବାଲି ବ୍ଲକର ବାସୁଦେବ ଦାସ, ବେବିନା ମୁଦୁଲି ଓ ସୌମେଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌରହରି ନାୟକ, ଗଜେନ୍ଦ୍ର ପାତ୍ର, ଅତୁଲ ଚନ୍ଦ୍ର ପରିଡା, ବିଷ୍ଣୁମୋହନ ମହାପାତ୍ର, ଗୟାଧର ସାହୁ ପ୍ରମୁଖ ସଂଗଠନର ଉନ୍ନତି ଲାଗି ବିଭିନ୍ନ ପ୍ରସ୍ତାବ ରଖିଥିଲେ।

# 'ଓଡ଼ିଆ ଭାଷାକୁ ଆଗକୁ ନେବା ଲାଗି ସହଯୋଗ ଲୋଡ଼ା'

**ବାସୁଦେବପୁର, ୧୪।୭(ଡି.ଏନ୍.ଏ.)**

ଓଡିଆ ଭାଷାକୁ ଆଗକୁ ନେବାକୁ ହେଲେ ପ୍ରତ୍ୟେକ ଓଡିଆଙ୍କ ସହଯୋଗ ଜରୁରୀ। ମାତୃଭାଷାକୁ ସମସ୍ତେ ଭଲପାଇବା ଦରକାର। ଆଗାମୀ ୫ ବର୍ଷ ମଧ୍ୟରେ ସମସ୍ତ ସରକାରୀ କାର୍ଯ୍ୟ ଓଡିଆ ଭାଷାରେ କାର୍ଯ୍ୟକାରୀ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଓଡିଆ ଭାଷା ସାହିତ୍ୟ, ସଂସ୍କୃତି ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ରବିବାର ଅପରାହ୍ନରେ ଭଦ୍ରକ ଜିଲା ବାସୁଦେବପୁରର ରାଣୀକୈଳାସ ଶିଖର କଲ୍ୟାଣ ମଣ୍ଡପରେ ଆୟୋଜିତ ସାହିତ୍ୟ ସଭାରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ବକ୍ତବ୍ୟ ରଖିଥିଲେ। ସାରସ୍ୱତ ପ୍ରକାଶନ, ମାର୍କୋଣା ଓ ବାଇଚଢେଇର ମିଳିତ ସହଯୋଗରେ ଆୟୋଜିତ ସଭାରେ କବି ଭରତ ଚନ୍ଦ୍ର ଦାଶଙ୍କ ଲିଖିତ ପଞ୍ଚମ କବିତା ସଂକଳନ 'ପ୍ରୀତିସୁଧା'କୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦ ବାଲେଶ୍ୱରର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟ ସମାଜକୁ ଉଚିତ ମାର୍ଗ ଦେଖାଇଥାଏ ବୋଲି କହିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ହରିଶ୍ଚନ୍ଦ୍ର ବେହେରା ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଶଶଧର ଦାସ ସଭାପତିତ୍ୱ କରିଥିଲେ। କବିତା ସଂକଳନ ପ୍ରୀତିସୁଧାର ଲେଖକ ଭରତ ଚନ୍ଦ୍ର ଦାସ ସଭାରେ ବକ୍ତବ୍ୟ ରଖିଥିଲେ। ବାଇଚଢେଇ ସମ୍ପାଦକ ବିକାଶ ଚନ୍ଦ୍ର ଶତପଥି ସ୍ୱାଗତ ଭାଷଣ ଦେଇଥିଲେ।

**ପ୍ରୀତିସୁଧା କବିତା ସଙ୍କଳନ ଉନ୍ମୋଚିତ**



ଓଡିଆ ଭାଷା ସାହିତ୍ୟ, ସଂସ୍କୃତି ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟ ଅତିଥି 'ପ୍ରୀତିସୁଧା' ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ତିଆରି ସରିଛି ପୋଲ, ହୋଇନି ଆପ୍ରୋଚ ରୋଡ୍

**ଧାମନଗର,୧୪।୭(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ବ୍ରାହ୍ମଣପାଳ ଏବଂ ବାହାରବିଲ ଗ୍ରାମ ମଧ୍ୟରେ ଥିବା ବ୍ରାହ୍ମଣପାଳ ନୋଡାଲ ବିଦ୍ୟାଳୟ ଏବଂ ବିବି ହାଇସ୍କୁଲକୁ ସଂଯୋଗ କରୁଥିବା ରାସ୍ତାରେ ଖଣ୍ଡିଆ ନଦୀ ଉପରେ ୨ ବର୍ଷତଳେ ପୋଲ ନିର୍ମାଣ ହୋଇଥିଲେ ବି ଏଯାଏ ଆପ୍ରୋଚ ରୋଡ ହୋଇପାରି ନାହିଁ । ଫଳରେ ବର୍ଷା ଓ ବନ୍ୟା ସମୟରେ ଏହି ଦୁଇ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କ ପାଠପଢା ବନ୍ଦ ହେବା ଆଶଙ୍କା ଦେଖା ଦେଇଛି ।


**୨ ବିଦ୍ୟାଳୟ ଜଳବନ୍ଦୀ ହେବା ଆଶଙ୍କା**

ଉଲ୍ଲେଖନୀୟ ଯେ, ଧୂଷୁରୀ, କୋଠାର ଏବଂ ଭଟ୍ଟସାହି ପଞ୍ଚାୟତର ମଧ୍ୟସ୍ଥଳ ବ୍ରାହ୍ମଣପାଳ ନିକଟରେ ଖଣ୍ଡିଆ ନଦୀ କୂଳରେ ବ୍ରାହ୍ମଣପାଳ ପ୍ରାଥମିକ ଓ ମଧ୍ୟ ଉଚ୍ଚ ବିଦ୍ୟାଳୟ ରହିଛି। ପରେ ସେଠାରେ ବିବି ହାଇସ୍କୁଲ ଆରମ୍ଭ ହୋଇଛି। ଏହା ଅଞ୍ଚଳର ମଧ୍ୟସ୍ଥଳ ହୋଇଥିବା ଦୃଷ୍ଟିରୁ ଭଟ୍ଟସାହି, ଧୂଷୁରୀ ଏବଂ କୋଠାର ପଞ୍ଚାୟତର ଶତାଧିକ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପୂର୍ବରୁ ଛାତ୍ରୀଛାତ୍ରମାନେ ବ୍ରାହ୍ମଣପାଳ ସ୍ଲୁଇସ ଗେଟ ଉପର ଦେଇ ଯାତାୟାତ କରୁଥିଲେ। ୫ ବର୍ଷ ହେବ ଉକ୍ତ ସ୍ଲୁଇସ ଗେଟ୍ ପରିତ୍ୟକ୍ତ ହୋଇପଡିଛି। ଏଥିସକାଶେ ବିଦ୍ୟାଳୟ ନିକଟ ଖଣ୍ଡିଆ ନଦୀ ଉପରେ ପୋଲ ନିର୍ମାଣ ଲାଗି ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଲୋକଙ୍କ ଦାବିକୁ ବିଚାରକୁ ନେଇ ନଦୀ ସଂସ୍କାର ସମୟରେ ଡ୍ରେନେଜ ବିଭାଗ ତରଫରୁ ୨ବର୍ଷ ତଳେ ଏକ ଫୁଟ ବ୍ରିଜ ନିର୍ମାଣ କରାଯାଇଥିଲା। ପଶ୍ଚିମ ଦିଗକୁ ବାହାରବିଲ କାଳିକା ସାହି ମୁଖ୍ୟ ରାସ୍ତା ଠାରୁ ଉକ୍ତ ପୋଲ ମଧ୍ୟରେ ଥିବା ନଦୀ ପଠା ଉପରେ ଥିବା ମାତ୍ର ୪୦ ମିଟର ରାସ୍ତା ନିର୍ମାଣ ଲାଗି କାହାରି ନଜର ପଡିଲା ନାହିଁ । ଆପ୍ରାଚ ରୋଡ ନିର୍ମାଣ କରା ନ ଯିବାରୁ ବର୍ଷା ଓ ବନ୍ୟା ସମୟରେ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଯିବା ଆଶଙ୍କା ରହିଛି ବୋଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଗଙ୍ଗାଧର ବାରିକ ଏବଂ ନୋଡାଲ ପ୍ରଧାନ ଶିକ୍ଷକ ସତ୍ୟବ୍ରତ ରାଉତ କହିଛନ୍ତି । ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ବାରମ୍ବାର ଜଣାଇଥିଲେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଭାବକ ମହଲ ଅଭିଯୋଗ କରିଛନ୍ତି।



ବ୍ରାହ୍ମଣପାଳ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାରେ ପୋଲ।

# କୋଲୋନ୍ କ୍ୟାନ୍‌ସର ଓ ଭେଣ୍ଡି




କୋଲୋନ୍ କ୍ୟାନ୍‌ସରରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଭେଣ୍ଡି ଉପକାରୀ ସାବ୍ୟସ୍ତ ହୋଇଥାଏ। ୟୁନିଭର୍ସିଟି ଅଫ୍ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ ଭେଣ୍ଡିର ସ୍ୱାସ୍ଥ୍ୟୋପକାରୀ ଗୁଣ ସମ୍ପର୍କରେ ଗବେଷଣା କରିବା ସମୟରେ ଏ ସମ୍ପର୍କରେ ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ସମ୍ପାଦିତ ସଦ୍ୟ ଗବେଷଣାରୁ ଏହା ଜଣାପଡ଼ିଛି। ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଭେଣ୍ଡି ଖାଆନ୍ତି ତେବେ ସେ କୋଲୋନ୍ କ୍ୟାନ୍‌ସରଠାରୁ ନିଜକୁ ଦୂରେଇ ରଖିପାରିବେ। ତା'ସହ ଏଥିରେ ଆକ୍ରାନ୍ତ ବ୍ୟକ୍ତି କେତେକାଂଶରେ ଉପଶମ ଲାଭ କରିବେ। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ଚର୍ବି ଅଂଶ କମିଥାଏ।

# ଯନ୍ତ୍ରଣାରୁ ଉପଶମ ଦେବ ଡିଭାଇସ

କାଲିଫର୍ନିଆରେ ଥିବା ମେଡ୍‌ଟେକ୍ କମ୍ପାନୀ ଅଧୀନ ମାୟୋସାଇନ୍ସ ନାମକ ସଂସ୍ଥାର ଗବେଷକମାନେ ଏକ ଆୟୋଭେରା-ସି କ୍ରାୟୋଆନାଲଜେସିଆ ଡିଭାଇସ ପ୍ରସ୍ତୁତ କରିଛନ୍ତି। ଏହା ଯନ୍ତ୍ରଣା ଲାଘବ କରିବାରେ ଅନେକାଂଶରେ ସହାୟକ ହୋଇପାରିବ। ବିଶେଷଭାବରେ ଆଣ୍ଠୁଗଣ୍ଠି ଯନ୍ତ୍ରଣା କ୍ଷେତ୍ରରେ ଏହା ଉପକାରୀ ସାବ୍ୟସ୍ତ ହେବ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ଡିଭାଇସ୍‌କୁ ଯନ୍ତ୍ରଣା ସ୍ଥାନରେ ବାନ୍ଧିବା ପରେ ସେଥିରେ ସଂଯୁକ୍ତ ସୂକ୍ଷ୍ମ ଛୁଞ୍ଚି କାମ କରିବା ଆରମ୍ଭ କରିଥାଏ। ଯନ୍ତ୍ରଣା ଦ୍ୱାରା ଆକ୍ରାନ୍ତ ସ୍ନାୟୁଗୁଡିକ ଚାରିପଟରେ ଏକ ଥଣ୍ଡା ବଳୟ ସୃଷ୍ଟି କରିଥାଏ। ତା'ପରେ ଛୁଞ୍ଚିରେ ଥିବା ଔଷଧୀୟ ଗୁଣ ଯନ୍ତ୍ରଣା ଲାଘବ କରିଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।




# ଭାରତର ଦ୍ୱିତୀୟ ଚନ୍ଦ୍ରାଭିଯାନ



କମଳାକାନ୍ତ ଜେନା





ଯେତେବେଳେ ଆକାଶର ରୁପାଜହ୍ନକୁ ଦେଖେଇ ମାଆ କହେ – 'ଆ ଜହ୍ନମାମୁ ସରଗଶଶୀ, ମୋ କାହ୍ନୁ ହାତରେ ପଡରେ ଖସି', ସେତେବେଳେ ଶିଶୁଟି ଆକାଶକୁ ଅନେଇ ଜହ୍ନକୁ ଛୁଇଁବାର ସ୍ୱପ୍ନ ଦେଖେ। ସେଇ ମୁହୂର୍ତ୍ତରୁ ଚନ୍ଦ୍ର ସହିତ ସମ୍ପର୍କ ସ୍ଥାପନ କରିବାର ପ୍ରୟାସ ଜାରିରହେ। କିଏ ଦେବତା ରୂପରେ ବନ୍ଦନା କରି ଚନ୍ଦ୍ରକୁ ନିଜର କରିବାକୁ ଉଦ୍ୟମ କରେ ତ କିଏ ପୁଣି ଏହି ଖଗୋଳୀୟ ପିଣ୍ଡକୁ ଉପଗ୍ରହର ମାନ୍ୟତା ଦେଇ ତା' ନିକଟରେ ପହଞ୍ଚିବା ପାଇଁ ମହାକାଶଯାନ ନିର୍ମାଣ କରେ। ଚନ୍ଦ୍ରକୁ ଛୁଇଁବାରେ ପ୍ରଥମ ସଫଳ ପୃଥିବୀବାସୀ ହେଉଛନ୍ତି ଆମେରିକାର ନୀଲ ଆର୍ମଷ୍ଟ୍ରଙ୍ଗ୍। ସେ ୧୯୬୯ ମସିହା ଜୁଲାଇ ୨୧ ତାରିଖରେ ଚନ୍ଦ୍ରପୃଷ୍ଠରେ ପ୍ରଥମେ ପାଦ ଦେଇଥିଲେ। ତା' ପରେ ଅର୍ଦ୍ଧ-ଶତାବ୍ଦୀ ବିତିଯାଇଥିଲେ ବି କୌଣସି ଭାରତୀୟ ଚନ୍ଦ୍ରପୃଷ୍ଠରେ ପାଦ ଦେଇନାହାନ୍ତି। କିନ୍ତୁ ଚନ୍ଦ୍ରାଭିଯାନ ପ୍ରକ୍ରିୟାରେ ଭାରତ କିଛି ପାଦ ଆଗକୁ ବଢେଇ ସାରିଛି। ଆଜିକୁ ଏଗାର ବର୍ଷ ତଳେ ଚନ୍ଦ୍ର ନିକଟକୁ ନିଜର ମହାକାଶଯାନ ପଠେଇ ପାରିଛି।

୧୯୫୯ ମସିହା ସେପ୍ଟେମ୍ବର ୧୩ ତାରିଖରେ ରୁଷିଆର 'ଲୁନା-୨' ମହାକାଶଯାନ ପ୍ରଥମେ ଚନ୍ଦ୍ରପୃଷ୍ଠକୁ ଛୁଇଁଥିଲା। ଦୀର୍ଘ ୪୫ ବର୍ଷ ପରେ ୨୦୦୩ ମସିହା ଅଗଷ୍ଟ ୧୫ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଭାରତର ଚନ୍ଦ୍ରାଭିଯାନ ସମ୍ପର୍କରେ ଘୋଷଣା କଲେ। ୨୦୦୮ ମସିହାରେ 'ଚନ୍ଦ୍ରଯାନ-୧' ମହାକାଶଯାନରୁ ଭାରତୀୟ ଚନ୍ଦ୍ରାଭିଯାନ ଆରମ୍ଭ ହେଲା। ଏହି ପ୍ରକଳ୍ପରେ ସମୁଦାୟ ୩୮୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୦୮ ମସିହା ଅକ୍ଟୋବର ୨୨ ତାରିଖରେ ଭାରତ ନିଜର ପ୍ରଥମ ମହାକାଶ ଯାନ 'ଚନ୍ଦ୍ରଯାନ-୧' କୁ ପୃଥିବୀର ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ଅଭିମୁଖେ ପ୍ରେରଣ କରିଥିଲା। ଏହା ଥିଲା ଏକ ଅର୍ବିଟର ବା ଅନୁସନ୍ଧାନକାରୀ ମହାକାଶଯାନ। ଏହା ଚନ୍ଦ୍ରପୃଷ୍ଠରେ ଅବତରଣ କରି ନ ଥିଲା। ବରଂ ଚନ୍ଦ୍ରପୃଷ୍ଠରୁ ମାତ୍ର ୧୦୦ କି.ମି. ଉଚ୍ଚତାରେ ରହି ଚନ୍ଦ୍ରକୁ ପରିକ୍ରମା କରିଥିଲା। ୧୩୮୦ କେଜିର ଏହି ଚନ୍ଦ୍ରଯାନକୁ 'ଇସ୍ରୋ' ନିର୍ମିତ ୪୪ ମିଟର ଲମ୍ବ ପିଏସ୍‌ଏଲ୍‌ଭି-ଏକ୍ସଏଲ-ସି-୧୧ ରକେଟ ଦ୍ୱାରା ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀସ୍ ଧାୱନ ସ୍ପେଶ୍ ସେଣ୍ଟରରୁ ଉତ୍କ୍ଷେପଣ କରାଯାଇଥିଲା। ଆମର ପ୍ରଥମ ଚନ୍ଦ୍ରଯାନ ନଭେମ୍ବର ୮ ତାରିଖରେ ସେଠାରେ ପହଞ୍ଚି ଚନ୍ଦ୍ରକୁ ପରିକ୍ରମା କରିବା ଆରମ୍ଭ କରିଥିଲା। ନଭେମ୍ବର ୧୪ ତାରିଖରେ 'ମୁନ୍ ଇମ୍ପାକ୍ଟ ପ୍ରୋବ୍' ନାମକ ଗୋଟିଏ ଛୋଟ ଯନ୍ତ୍ର ଅର୍ବିଟରରୁ ଅଲଗା ହୋଇ ଚନ୍ଦ୍ରପୃଷ୍ଠରେ ପଡିଲା। ଯୋଜନା ମୁତାବକ ତାହା ଚନ୍ଦ୍ରର ଦକ୍ଷିଣ ମେରୁକୁ ସ୍ପର୍ଶ କରିଥିଲା ଏବଂ ଚନ୍ଦ୍ରପୃଷ୍ଠରେ ଭାରତର ତ୍ରିରଙ୍ଗା ପତକାକୁ ପୋତିଥିଲା। ଏହି 'ଇମ୍ପାକ୍ଟ ପ୍ରୋବ୍' ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ସମ୍ପର୍କରେ ଆମକୁ ସୂଚନା ଦେଇଥିଲା। ଯୋଜନା ଥିଲା ଆମର ପ୍ରଥମ ଚନ୍ଦ୍ରଯାନଟି ଦୁଇ ବର୍ଷ ଚନ୍ଦ୍ର ଚାରିପଟେ ବୁଲି ବୁଲି ତଥ୍ୟ ସଂଗ୍ରହ କରିବ। କିନ୍ତୁ ଦୁଃଖର କଥା, ୧୦ ମାସ ୬ ଦିନ ପରେ ୨୦୦୯ ମସିହା ଅଗଷ୍ଟ ୨୮ ତାରିଖରେ ତାହା ଅକାମୀ ହୋଇଗଲା।

"ମହାକାଶଯାନ ପାଇଁ ୬୦୩ କୋଟି ଓ ଏହାକୁ ବୋହି ନେଉଥିବା ରକେଟ୍ ପାଇଁ ୩୭୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ପ୍ରଥମରୁ ରୁଷିଆ ଏହାର ନିର୍ମାଣ କାର୍ଯ୍ୟରେ ସହାୟତା କରିବ ବୋଲି କହିଥିଲା। ୨୦୧୩ ମସିହାରେ ଏହାକୁ ପଠାଯିବାର ଯୋଜନା ବି ଥିଲା। କିନ୍ତୁ ରୁଷିଆ ଠିକ୍ ସମୟରେ ଆମକୁ ଯନ୍ତ୍ରପାତି ଯୋଗାଇ ପାରିଲା ନାହିଁ। ତେଣୁ ଏହି ପ୍ରକଳ୍ପରୁ ରୁଷିଆକୁ ବାହାର କରାଯାଇଛି। ଗର୍ବର କଥା, ସମ୍ପୂର୍ଣ୍ଣ 'ଚନ୍ଦ୍ରଯାନ-୨' କୁ ଭାରତ ନିଜେ ତିଆରି କରିଛି। ଏଥିରେ ଅର୍ବିଟର (୨୩୭୯ କେଜି) ରହିବ। ତା' ସହିତ ରୋଭର (୨୭ କେଜି) ଓ ଲ୍ୟାଣ୍ଡର (୧୪୭୧ କେଜି) ବି ରହିବ। ରୋଭରର ନାମ 'ପ୍ରଜ୍ଞା' ଓ ଲ୍ୟାଣ୍ଡରର ନାମ 'ବିକ୍ରମ' ରଖାଯାଇଛି।"

ତେବେ ଅକାମୀ ହେବା ପୂର୍ବରୁ ଚନ୍ଦ୍ରପୃଷ୍ଠରେ ରହିଥିବା ଜଳ ସମ୍ପର୍କରେ ଆମକୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଦେଇଥିଲା। ଏହି ସୂଚନାକୁ 'ଚନ୍ଦ୍ରଯାନ-୧'ର ବିଶେଷ ସଫଳତା ବୋଲି ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଓ ୟୁରୋପର ଗବେଷଣା ସଂସ୍ଥା 'ଇସା' ମଧ୍ୟ ସ୍ୱୀକାର କରିଛି।

ପ୍ରଥମ ଚନ୍ଦ୍ରଯାନରୁ ଆମର ଯୋଜନା ମୁତାବକ ସମସ୍ତ ସୂଚନା ମିଳିପାରି ନ ଥିଲା। ତେଣୁ ଆଉ ଥରେ ଚନ୍ଦ୍ରଯାନ ପଠେଇବାର ଯୋଜନା ଚାଲିଥିଲା। ଏହାର ନାମ 'ଚନ୍ଦ୍ରଯାନ-୨'। ଏହାର ଖର୍ଚ୍ଚ ଅଟକଳ ରହିଛି ପାଖାପାଖି ୯୭୮ କୋଟି ଟଙ୍କା, ଯାହାକୁ ୨୦୧୯ ଜୁଲାଇ ୧୫ ତାରିଖ ସୋମବାର ରାତି ୨ଟା ୫୧ ମିନିଟ୍‌ରେ ମହାକାଶକୁ ପଠାଇବାର ବୃତ୍ତାନ୍ତ ପ୍ରସ୍ତୁତି ସରିଛି। ମହାକାଶଯାନ ପାଇଁ ୬୦୩ କୋଟି ଓ ଏହାକୁ ବୋହି ନେଉଥିବା ରକେଟ୍ ପାଇଁ ୩୭୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ପ୍ରଥମରୁ ରୁଷିଆ ଏହାର ନିର୍ମାଣ କାର୍ଯ୍ୟରେ ସହାୟତା କରିବ ବୋଲି କହିଥିଲା। ୨୦୧୩ ମସିହାରେ ଏହାକୁ ପଠାଯିବାର ଯୋଜନା ବି ଥିଲା। କିନ୍ତୁ ରୁଷିଆ ଠିକ୍ ସମୟରେ ଆମକୁ ଯନ୍ତ୍ରପାତି ଯୋଗାଇପାରିଲା ନାହିଁ। ତେଣୁ ଏହି ପ୍ରକଳ୍ପରୁ ରୁଷିଆକୁ ବାହାର କରାଯାଇଛି। ଗର୍ବର କଥା, ସମ୍ପୂର୍ଣ୍ଣ 'ଚନ୍ଦ୍ରଯାନ-୨' କୁ ଭାରତ ନିଜେ ତିଆରି କରିଛି। ଏଥିରେ ଅର୍ବିଟର (୨୩୭୯ କେଜି) ରହିବ। ତା' ସହିତ ରୋଭର (୨୭ କେଜି) ଓ ଲ୍ୟାଣ୍ଡର (୧୪୭୧ କେଜି) ବି ରହିବ। ରୋଭରର ନାମ 'ପ୍ରଜ୍ଞା' ଓ ଲ୍ୟାଣ୍ଡରର ନାମ 'ବିକ୍ରମ' ରଖାଯାଉଛି। ସମୁଦାୟ ୩୮୯୦ କେଜିର ଦ୍ୱିତୀୟ ଚନ୍ଦ୍ରଯାନକୁ ଶ୍ରୀହରିକୋଟାର ସତୀଶ ଧାୱନ ଉତ୍କ୍ଷେପଣ କେନ୍ଦ୍ରରୁ ଚନ୍ଦ୍ର ନିକଟକୁ ବୋହିନେବା ପାଇଁ ଭାରତୀୟ ବିଶାଳ ରକେଟ 'ଜିଏସ୍‌ଏଲ୍‌ଭି-ଏମ୍‌କେ-୩' ବ୍ୟବହୃତ ହେବ। ଏହା ସେଠାରେ ପହଞ୍ଚିବା ପରେ ଗତଥର ପରି ଅର୍ବିଟର ଚନ୍ଦ୍ରକୁ ପରିକ୍ରମା କରିବ। ଚନ୍ଦ୍ରପୃଷ୍ଠରୁ ଏହାର ଦୂରତା ରହିବ ୧୦୦ କିଲୋମିଟର। ତେବେ ଗତ ଥର ୨ ବର୍ଷ ବୁଲିବାର ଯୋଜନା ଥିଲା। କିନ୍ତୁ ଏଥର ୧ ବର୍ଷ ପାଇଁ ଅର୍ବିଟର ଚନ୍ଦ୍ରକୁ ପରିକ୍ରମା କରିବ। ଏଥରର ରୋଭର ଓ ଲ୍ୟାଣ୍ଡର ବ୍ୟବସ୍ଥା ଭାରତ ପାଇଁ ନୂତନ ପଦକ୍ଷେପ। ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କୁ ସମ୍ମାନ ଜଣାଇ ଲ୍ୟାଣ୍ଡରର ନାମ 'ବିକ୍ରମ' ରଖାଯାଇଛି। ଏହା ପ୍ରଥମେ ଅର୍ବିଟରଠାରୁ ଅଲଗା ହୋଇ ଚନ୍ଦ୍ରକୁ ପରିକ୍ରମା କରିବ ଏବଂ ନିଜର ସବୁ ଉପକରଣ ଠିକ୍‌ଠାକ୍ ଅଛି କି ନାହିଁ ପରୀକ୍ଷା କରିବ। ତା'ପରେ ଧୀରେ ଧୀରେ ଚନ୍ଦ୍ରପୃଷ୍ଠକୁ ଛୁଇଁବ। ଆସନ୍ତା ସେପ୍ଟେମ୍ବର ୬ କିମ୍ବା ୭ ତାରିଖରେ ଲ୍ୟାଣ୍ଡର 'ବିକ୍ରମ' ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଓହ୍ଲାଇବାର ଯୋଜନା ରହିଛି। ୨୦୧୬ ମସିହାରେ କର୍ଣ୍ଣାଟକର ଚିତ୍ରଦୁର୍ଗା ଜିଲାରେ ୧୦ଟି ବଡ ବଡ ଗାତ ଥିବା ଅଞ୍ଚଳରେ ଲ୍ୟାଣ୍ଡରରେ ସେନ୍‌ସର ଲଗେଇ ୫୧୩ ସେକେଣ୍ଡ ପାଇଁ ଏହାର ଓହ୍ଲାଇବା ପରୀକ୍ଷା କରାଯାଇଥିଲା। ଏହା ଚନ୍ଦ୍ରର ଦକ୍ଷିଣମେରୁ ନିକଟରେ ମଞ୍ଜିନସ୍-ସି ଓ ସିମ୍ପେଲିୟସ୍-ଏନ୍ ନାମକ ଦୁଇଟି ବିରାଟ ଖାଲୁଆ ଅଞ୍ଚଳ ମଝିରେ ଥିବା ଉଚ୍ଚ ଭୂଇଁ ଉପରେ ଓହ୍ଲେଇବ। ଏଯାଏ କୌଣସି ଦେଶର ଯାନ ସେଠାରେ ଅବତରଣ କରିନାହିଁ। ସେଠାରେ ରହି ଏହା ୧୪ ଦିନ ବିଭିନ୍ନ ଗବେଷଣା କରିବ। ତା' ସହିତ ୬-ଚକିଆ ରୋଭରକୁ ମଧ୍ୟ ସେଇ ୧୪ ଦିନ ସେହି ଅଞ୍ଚଳରେ ବୁଲି ବୁଲି ପରୀକ୍ଷା କରିବ। ଏସବୁ କଥା ଭାରତର ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ବୁଝୁଛି। ଏହି ଅଭିଯାନ ଚନ୍ଦ୍ରର ଉତ୍ପତ୍ତି ଓ ପୃଥିବୀ ସହିତ ତାହାର ସମ୍ପର୍କ ବିଷୟରେ ଅନେକ ସୂଚନା ଦେଇ ପାରିବ। ତା ସହିତ ଚନ୍ଦ୍ରର ମେରୁ ଅଞ୍ଚଳରେ ବରଫ ରୂପରେ ରହିଥିବା ଜଳ ବିଷୟରେ ଜଣେଇବ।

ଭାରତ ପ୍ରଥମ ଚନ୍ଦ୍ରଯାନକୁ ପଠେଇବା ପରେ ୧୦ ବର୍ଷ ବିତିଗଲାଣି। ତେବେ ଏହାର ଆଂଶିକ ସଫଳତା ପରେ ଆମେ ସମସ୍ତେ ଦ୍ୱିତୀୟ ଚନ୍ଦ୍ରଯାନର ପୂର୍ଣ୍ଣ ସଫଳତାକୁ ଅପେକ୍ଷା କରିରହିଛୁ। କିନ୍ତୁ ଦୁଃଖର କଥା, ବିଭିନ୍ନ ଅସୁବିଧା ସକାଶେ ଦ୍ୱିତୀୟ ଚନ୍ଦ୍ରଯାନର ଉତ୍କ୍ଷେପଣ ନିର୍ଘଣ୍ଟ ଘୁଞ୍ଚି ଘୁଞ୍ଚି ଯାଉଥିଲା। ଅନେକ ବିଚାରବିମର୍ଶ ପରେ ୨୦୧୮ ମାର୍ଚ୍ଚ ମାସରେ ଏହାକୁ ପଠେଇବା କଥା ଥିଲା। ପୁଣି କେତେକ ଅସୁବିଧା ହେତୁ ଅକ୍ଟୋବର ମାସରେ ପଠାହେବାର ଯୋଜନା ହେଲା। ପରେ ୨୦୧୯ ଜାନୁୟାରୀ ମାସରେ ଏହାକୁ ପଠାଯିବାର ଆଶା କରାଯାଉଥିଲା। କିନ୍ତୁ ତାହା ମଧ୍ୟ ସମ୍ଭବ ହେଲା ନାହିଁ। ଆଜି ଆମ ଅପେକ୍ଷାର ଅନ୍ତ ହେବ। ଆଜି (୧୫।୦୭।୨୦୧୯) ଭୋରରୁ ଜହ୍ନମାମୁ ଅଭିମୁଖେ ଭାରତର 'ଚନ୍ଦ୍ରଯାନ-୨' ଯାତ୍ରା କରିବ। ୧୯୬୯ ମସିହା ଜୁଲାଇ ୨୦ ତାରିଖରେ ପୃଥିବୀରୁ ମଣିଷ ଯାଇ ଚନ୍ଦ୍ରରେ ପ୍ରଥମେ ପାଦ ଦେଇଥିଲା। ଏହି ଦିବସକୁ ୫୦ ବର୍ଷ ପୂରିବାର ମାତ୍ର ୫ ଦିନ ପୂର୍ବରୁ ଭାରତର ଚନ୍ଦ୍ରଯାନ-୨ ଚନ୍ଦ୍ର ଅଭିମୁଖେ ଯାତ୍ରା କରିବ। ଏହା କିଛି କମ୍ କଥା ନୁହେଁ। ଏହି ମାନବବିହୀନ ଚନ୍ଦ୍ରାଭିଯାନର ସଫଳ ଉତ୍କ୍ଷେପଣ ମହାକାଶ ଇତିହାସରେ ଏକ ଅଧ୍ୟାୟ ଯୋଡିବ।

-ଓଡ଼ିଶା ଶିକ୍ଷା ସେବା (ଏ), ସଦସ୍ୟ,
ଓଡ଼ିଶା ବିଜ୍ଞାନ ଏକାଡେମୀ, ସହକାରୀ ପ୍ରଫେସର, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋ : ୯୪୩୯୫୦୧୬୫୧

# ଫୁଡ୍ ପଏଜନିଂ



**ଏବେ ବର୍ଷାଦିନ। ଏଣୁତେଣୁ ଖାଦ୍ୟ ଏବଂ ଦୂଷିତପାଣି ସଂସ୍ପର୍ଶରେ ଆସିଲେ ଫୁଡ୍ ପଏଜନିଂ ପରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏପରି କି ଏହି ସମସ୍ୟା ଗୁରୁତର ହେଲେ ହସ୍ପିଟାଲରେ ଆଡମିଶନ ହୋଇ ଚିକିତ୍ସିତ ହେବାକୁ ପଡ଼ିପାରେ। ଏହାଠାରୁ ନିଜକୁ କିପରି ଦୂରେଇ ରଖିବେ ସେ ସମ୍ପର୍କରେ ଟିପ୍ସ...**

- କୌଣସି ଖାଦ୍ୟପଦାର୍ଥ ଖାଇବା ପୂର୍ବରୁ ଭଲ ଭାବରେ ହାତ ଧୁଅନ୍ତୁ। ବାହାରକୁ ହାତ ଯେତେ ପରିଷ୍କାର ଦେଖାଯାଉଥିଲେ ମଧ୍ୟ ହାତର ଉପରିଭାଗରେ ଜୀବାଣୁ ଲୁଚି ରହିଥାଆନ୍ତି। ଅପରିଷ୍କାର ହାତରେ ଖାଦ୍ୟ ଖାଇଲେ ତାହା ଫୁଡ୍ ପଏଜନିଂ ସୃଷ୍ଟି କରିବାର ଆଶଙ୍କା ଅଧିକ ଥାଏ।
- ଯଦି ଫଳମୂଳ ଖାଉଛନ୍ତି ତେବେ ସେଗୁଡିକୁ ପ୍ରଥମେ ଭଲ ପାଣିରେ ପରିଷ୍କାର ଭାବରେ ଧୁଅନ୍ତୁ।
- ଖାଦ୍ୟପଦାର୍ଥକୁ ପରିଷ୍କାର ସ୍ଥାନରେ ଘୋଡ଼ାଇ ରଖନ୍ତୁ।
- ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାସିଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। କାରଣ ଏହା ପେଟଜନିତ ସମସ୍ୟା ସୃଷ୍ଟି କରିଥାଏ।
- ବାହାରେ ବୁଲିବା ସମୟରେ ଅନେକ ମନଲୋଭା ଖାଦ୍ୟ ଦେଖି ସେଗୁଡ଼ିକୁ ଖାଇବାକୁ ଅନେକେ ଆଶା କରିଥାଆନ୍ତି। ତେବେ ସେଗୁଡିକୁ ଖାଇବା ପୂର୍ବରୁ ତାହାର ଗୁଣବତ୍ତା ସମ୍ପର୍କରେ ଭଲ ଭାବରେ ଅବଗତ ହୁଅନ୍ତୁ।
- ଯଦି ଖାଦ୍ୟ ଅଳ୍ପ ସମୟ ମଧ୍ୟରେ ଖରାପ ହୋଇଯିବ ବୋଲି ଜାଣିପାରୁଛନ୍ତି ତେବେ ସେପରି ଖାଦ୍ୟକୁ ସାଇତି ନ ରଖି ଫୋପାଡ଼ି ଦିଅନ୍ତୁ।
- ଯଦି ଫୁଡ୍ ପଏଜନିଂର ଲକ୍ଷଣ ଜାଣିବାକୁ ପାଉଛନ୍ତି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ଶରୀର ସକ୍ରିୟ ରହିଲେ ଇନ୍‌ଫେକ୍ସନ ଆଶଙ୍କା କମ୍ ଥାଏ



ଆମେ ଯଦି ସନ୍ତୁଳିତ ଖାଦ୍ୟ ଖାଇବା ସହ ଉପଯୁକ୍ତ ବିଶ୍ରାମ ନେବା, ତେବେ ଆମେ ଅନେକାଂଶରେ ସୁସ୍ଥ ରହିପାରିବା। ବେଳେବେଳେ ଶରୀରର କାର୍ଯ୍ୟଧାରାରେ ଶିଥିଳତା ପରିଲକ୍ଷିତ ହୋଇଥାଏ। ଏହାଦ୍ୱାରା ଆମକୁ କେତେକ ଶାରୀରିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶରୀର ସବୁବେଳେ ସକ୍ରିୟ ନ ରହିଲେ ଇନ୍‌ଫେକ୍ସନ ପରି ଗୁରୁତର ସମସ୍ୟାର ସମ୍ମୁଖୀନ ହେବା ଯଥେଷ୍ଟ ଆଶଙ୍କା ରହିଛି। ଏପରି ବିଷୟବସ୍ତୁକୁ ନେଇ ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଶରୀର ଅଧିକାଂଶ ସମୟ ଶିଥିଳ ରହୁଥିଲା, ସେମାନଙ୍କ ମଧ୍ୟରୁ ପ୍ରାୟ ୪୦% ବ୍ୟକ୍ତିଙ୍କଠାରେ ଇନ୍‌ଫେକ୍ସନର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସୁନିଦ୍ରା ପାଇଁ ସ୍ମାର୍ଟ ପାଇଜାମା

ଆଜିକାଲି ଅନେକେ ନିଦ୍ରାଜନିତ ସମସ୍ୟା ସହ ଜଡ଼ିତ। ଆମେ ଆବଶ୍ୟକ ସମୟ ମୁତାବକ ନିଦ୍ରା ନ ଗଲେ ବିଭିନ୍ନ ପ୍ରକାର ଶାରୀରିକ ଅସୁବିଧାର ସମ୍ମୁଖୀନ ହୋଇଥାଉ। ସୁନିଦ୍ରାର ଏକ ସହଜ ଉପାୟ ବିଷୟରେ ନିକଟରେ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ ମାସାଚ୍ୟୁଟ୍‌ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ଏହି ବିଶ୍ୱବିଦ୍ୟାଳୟର ଗବେଷକ ତ୍ରିଶା ଆଣ୍ଡ୍ରୁ ଓ ତାଙ୍କ ସାଥୀ ଗବେଷକମାନେ ସ୍ମାର୍ଟ ପାଇଜାମା ଓ ଶାର୍ଟ ପ୍ରସ୍ତୁତ କରିଛନ୍ତି, ଯାହାକୁ ପିନ୍ଧିଲେ ଭଲ ନିଦ ହୋଇଥାଏ। ଏଥିରେ ସ୍ୱୟଂଚାଳିତ ୫ଟି ସେନ୍‌ସର ଲଗାଯାଇଛି ଯାହା ହୃତ୍‌ସ୍ପନ୍ଦନ,ଶ୍ୱାସକ୍ରିୟା ଓ ଶୋଇବାର ଶୈଳୀକୁ ନିରୀକ୍ଷଣ କରିବା ସହ ମାନସିକ ଶାନ୍ତି ଆଣିଥାଏ। ଏହାଫଳରେ ସମ୍ପୃକ୍ତ ବ୍ୟକ୍ତି ଆରାମରେ ଶୋଇପାରିଥାଏ। ତେବେ ଏହି ସ୍ମାର୍ଟ ପାଇଜାମା ଏବଂ ଶାର୍ଟକୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ କରାଯାଇପାରିବ ସେ ନେଇ ଉକ୍ତ ବିଶ୍ୱବିଦ୍ୟାଳୟର ଗବେଷକମାନେ ଚେଷ୍ଟା ଜାରି ରଖିଛନ୍ତି ବୋଲି ପ୍ରକାଶିତ ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି।





ବିଦେଶରେ ସରକାରୀ ବଣ୍ଡ ବିକ୍ରି ହେଲେ ଲାଭ କମ୍ ବେଶି କ୍ଷତି ହେବ।
– ମଣ୍ଟେକ ସିଂ ଆହଲୁୱାଲିଆ, ପୂର୍ବତନ ଉପାଧ୍ୟକ୍ଷ, ଯୋଜନା ଆୟୋଗ



ଆୟକର ଅଧିକାରୀ କୌଣସି ବ୍ୟକ୍ତି ବିଶେଷଙ୍କ ସୋସିଆଲ ମିଡିଆ କାର୍ଯ୍ୟକଳାପ ଉପରେ ନଜର ରଖିଛନ୍ତି ଏହା ଭାବିବା ଭ୍ରମାତ୍ମକ।
– ପି.ସି. ମୋଦି, ଅଧ୍ୟକ୍ଷ, ସିବିଡିଟି

## ସଂକ୍ଷେପରେ

### ଦୃଷ୍ଟିବାଧିତଙ୍କ ପାଇଁ ଆର୍‌ବିଆଇର ନୂଆ ଆପ୍

#### ନୋଟ ଚିହ୍ନିବା ହେବ ସହଜ

**ନୂଆଦିଲ୍ଲୀ,୧୪-୭:** ନୋଟ ଚିହ୍ନିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ନୂଆ ଆପ୍ଲିକେଶନ ଶୀଘ୍ର ଆଣିବ। ଏହା ଦ୍ୱାରା ଦୃଷ୍ଟିବାଧିତ ଲୋକମାନେ ବିଶେଷ ଭାବେ ଲାଭବାନ ହୋଇପାରିବେ। ବର୍ତ୍ତମାନ ନେଣଦେଣ କ୍ଷେତ୍ରରେ କ୍ୟାଶ ସିଂହଭାଗ ହାସଲ କରିଛି। ୧୦,୨୦,୫୦,୧୦୦, ୨୦୦,୨୦୦, ୫୦୦ ଏବଂ ୨୦୦୦ ଟଙ୍କିଆ ନୋଟ ବର୍ତ୍ତମାନ ପ୍ରଚଳନରେ ରହିଛି। ଏହା ବାଦ ଟଙ୍କାକିଆ ନୋଟ କେନ୍ଦ୍ର ସରକାର ଜାରି କରୁଛନ୍ତି। ଏହି ପଦକ୍ଷେପ ଦ୍ୱାରା ଦୃଷ୍ଟିବାଧିତ ଲୋକମାନେ ଲାଭବାନ ହେବେ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହି ବର୍ଗର ଲୋକଙ୍କ ସୁବିଧା ଲାଗି ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ନୋଟରେ ଇଣ୍ଟାଗ୍ଲିଓ ପ୍ରିଣ୍ଟ ଭିତ୍ତିକ ମାର୍କ ରହିଛି। ବିମୁଦ୍ରୀକରଣ ପରେ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ ପ୍ରଚଳନରୁ ହଟାଗଲା ପରେ ନୂଆ ଡିଜାଇନ ଏବଂ ସାଇଜର ନୋଟ ବ୍ୟବସ୍ଥା ମଧ୍ୟକୁ ଆସିଛି। ଦୃଷ୍ଟିବାଧିତ ଲୋକମାନେ ବିଭିନ୍ନ ନୋଟକୁ ନେଇ ଚ୍ୟାଲେଞ୍ଜ ସାମ୍ନା କରିବା ପରେ ମୋବାଇଲ ଆପ୍ଲିକେଶନ ଆଣିବା ନେଇ ରହିଥିବା ଆବଶ୍ୟକତାକୁ ରିଜର୍ଭ ବ୍ୟାଙ୍କ ଉପଲବ୍ଧି କରିଥିଲା। ପ୍ରସ୍ତାବିତ ମୋବାଇଲ ଆପରେ ମହାତ୍ମା ଗାନ୍ଧୀ ସିରିଜ ଏବଂ ନୂଆ ମହାତ୍ମା ଗାନ୍ଧୀ ସିରିଜକୁ ଚିହ୍ନିବା ସହଜ ହେବ। ଏହା ଦ୍ୱାରା ଦେଶର ୮୦ ଲକ୍ଷ ଦୃଷ୍ଟିବାଧିତ ଲୋକ ଲାଭବାନ ହୋଇ ପାରିବେ। ଏଭଳି ଏକ ଆପ୍ଲିକେଶନ ଆଣିବା ନେଇ ଆର୍‌ବିଆଇ ୨୦୧୮ ଜୁନରେ ପ୍ରଥମେ କହିଥିଲା।

### ଏଫ୍‌ପିଆଇଙ୍କ ପୁଞ୍ଜି ପ୍ରତ୍ୟାହାର ଧାରା ଜାରି

**ନୂଆଦିଲ୍ଲୀ,୧୪-୭:** ଜୁଲାଇରେ ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର ଧାରା ଜାରି ରଖିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୯୫୩ କୋଟି ଟଙ୍କା ଉଠାଇ ନେଇଛନ୍ତି। ଚଳିତ ମାସ ୧ରୁ ୧୨ ତାରିଖ ମଧ୍ୟରେ ଏମାନେ ଇକ୍ୱିଟିରୁ ଏହି ପୁଞ୍ଜି ପ୍ରତ୍ୟାହାର କରିଛନ୍ତି। କିନ୍ତୁ ଡେଟ୍ ବଜାରରେ ଏମାନେ ୮,୫୦୪.୭୮ କୋଟି ନିବେଶ କରିଛନ୍ତି। ଏହାକୁ ବିଚାର କଲେ, ବିଦେଶୀ ନିବେଶକମାନେ ମୋଟାମୋଟି ଭାବେ ଦେଶର ପୁଞ୍ଜି ବଜାରରେ ୩,୫୫୧ କୋଟି ଟଙ୍କା ନିବେଶ କରିଛନ୍ତି। ଚଳିତ ମାସ ୫ ତାରିଖ ପରଠାରୁ ନିବେଶକମାନେ ୫ଟି ସେସନରେ ପୁଞ୍ଜି ପ୍ରତ୍ୟାହାର ଧାରା ଜାରି ରଖିଛନ୍ତି। ଧନୀ ବ୍ୟକ୍ତିଙ୍କ ଉପରେ ସରକାରଙ୍କ ସରଚାର୍ଜ ଲାଗୁ ପ୍ରସ୍ତାବ ରହିଛି। ସେହିଭଳି ବିଦେଶୀ ପୁଞ୍ଜି ଯାହା ଟ୍ରଷ୍ଟ ଏବଂ ଏଓପି ଭାବେ ନିବେଶ ହୋଇଥିବ ତାହା ମଧ୍ୟ ଟିକସ ପରିସରରେ ଆସୁଛି।

### ଜଳ, ପରିମଳ କ୍ଷେତ୍ରରେ ୬.୩ ଲକ୍ଷ କୋଟିର ନିବେଶ ସମ୍ଭାବନା

**ନୂଆଦିଲ୍ଲୀ,୧୪-୭:** 'ନଲ୍ ସେ ଜଲ୍' ଯୋଜନା ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ବେଳେ ସାରା ଦେଶରେ ଆଗାମୀ ୫ ବର୍ଷରେ ୬.୩ ଲକ୍ଷ କୋଟି ଟଙ୍କାର ନିବେଶ ସମ୍ଭାବନା ସୃଷ୍ଟି ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଜେଏମ୍ ଫାଇନାନ୍ସିଆଲ ଇନଷ୍ଟିଚ୍ୟୁଶନ ପ୍ରଦାନ କରିଥିବା ରିପୋର୍ଟ ମୁତାବକ ନଲ୍ ସେ ଜଲ୍ ଯୋଜନାରେ ସରକାର ୨୦୨୪ ସୁଦ୍ଧା ପ୍ରତିଘରକୁ ପାଇପ ଜଳ ଯୋଗାଇବା ନେଇ ଲକ୍ଷ୍ୟ ରଖିଛନ୍ତି। ଏହି ଆଧାରରେ ପାଇପ, ଇପିସି, ଜଳ ପରିଚାଳନା, ଭଲ୍‌ଭ, ସିମେଣ୍ଟ ଭଳି ବର୍ଗରେ ଅନ୍ୟ ବର୍ଗରେ ବୃହତ୍ ପରିମାଣର ନିବେଶ ନେଇ ସମ୍ଭାବନା ସୃଷ୍ଟି ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

### ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡର ନୂଆ ଉତ୍ପାଦ

**ଭୁବନେଶ୍ୱର,୧୪-୭:** ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡ ପକ୍ଷରୁ ଡିଟରଜେଣ୍ଟ ସେଗମେଣ୍ଟରେ ନୂଆ ପ୍ରଡକ୍ଟ ଭୂମ ବଜାରକୁ ଆସିଛି। ଏହାକୁ ଫ୍ୟାଶନ ବିଶେଷଜ୍ଞଙ୍କ ଦ୍ୱାରା ଡିଜାଇନ କରାଯାଇଛି। ଫ୍ୟାବ୍ରିକ କେୟାର ଏବଂ ଲଣ୍ଡ୍ରି ବ୍ରାଣ୍ଡ ବର୍ଗରେ ଉପସ୍ଥିତିକୁ ଦୃଢ କରିବା ଲକ୍ଷ୍ୟରେ କମ୍ପାନୀ ପକ୍ଷରୁ ନୂଆ ପ୍ରଡକ୍ଟକୁ ପ୍ରସ୍ତୁତ କରାଯାଇଛି। ଏହା କପଡାର ଯତ୍ନ କ୍ଷେତ୍ରରେ ବ୍ୟବହାର କରାଯାଇ ପାରିବ। ଏହି ପ୍ରଡକ୍ଟକୁ ଗୁଣବତ୍ତା ବିଶେଷଜ୍ଞଙ୍କ ଦ୍ୱାରା ୧୦୦ ଫ୍ୟାବ୍ରିକ ଉପରେ ପରୀକ୍ଷଣ କରାଯାଇଛି। ଏହା ଫ୍ରଣ୍ଟ ଲୋଡ, ଟପଲୋଡ, ବକେଟ ୱାସ ବର୍ଗରେ ଲିକ୍ୱିଡ ମ୍ୟାଟ୍ରିକରେ ଆସୁଛି। ଏହି ପ୍ରଡକ୍ଟର ପ୍ୟାକ ୧୧୯ରୁ ୧୪୯ ଟଙ୍କା ରହିଛି। ଏହା କପଡାର ରଙ୍ଗ ଉପରେ କୌଣସି ପ୍ରଭାବ ପକାଇ ନ ଥାଏ। ଏହି ପ୍ରଡକ୍ଟକୁ ବଜାର ପ୍ରବେଶ କରାଇ ଖୁସି ବୋଲି ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡର ଏମ୍‌ଡି ଆଶନୀ ବିୟାନୀ କହିଛନ୍ତି।




# ମାର୍ଚ୍ଚ ସୁଦ୍ଧା ସବୁ ରେଳ ଇଞ୍ଜିନ୍‌ରେ ଜିପିଏସ୍

ଭୁବନେଶ୍ୱର,୧୪-୭(ବ୍ୟୁରୋ)

ରେଳ ମନ୍ତ୍ରଣାଳୟ, ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ସହ ମିଳିତ ହୋଇ ନୂଆ ପ୍ରକଳ୍ପ ରିୟଲ ଟାଇମ୍ ଟ୍ରେନ ଇନ୍‌ଫରମେଶନସିଷ୍ଟମ (ଆର୍‌ଟିଆଇଏସ୍) ଆରମ୍ଭ କରିଛି। ଏହା ଦ୍ୱାରା ରେଳୱେ ଏହାର ଇଞ୍ଜିନରେ ଜିପିଏସ୍ ଡିଭାଇସ୍ ଲଗାଇଛି। ବର୍ତ୍ତମାନ ସୁଦ୍ଧା ୪,୨୦୦ ଇଞ୍ଜିନରେ ଏହାର ବ୍ୟବହାର ହୋଇଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସବୁ ରେଳ ଇଞ୍ଜିନରେ ଜିପିଏସ୍ ଲଗାଯିବ ବୋଲି ରେଳ ବୋର୍ଡ ଅଧ୍ୟକ୍ଷ ଭିନୋଦ କୁମାର ଯାଦବ ରବିବାର ସୂଚନା ଦେଇଛନ୍ତି। ୮,୦୦୦ରୁ ୯,୦୦୦ ଇଞ୍ଜିନରେ ଏହି ପଦ୍ଧତି ଲାଗୁ ହେବ। ଏହା ଦ୍ୱାରା ଠିକ୍ ସମୟରେ ଟ୍ରେନ ଚଳାଚଳ କରିବ ଏବଂ ଟ୍ରେନ ଅବସ୍ଥିତି ଜଣା ପଡିବ ବୋଲି ସେ କହିଛନ୍ତି।

ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଫନୀରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ରେଳ ଷ୍ଟେଶନ ଏବଂ କୋଚିଂ ଡିପୋକୁ ସେ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ସେହିଭଳି ଭୁବନେଶ୍ୱର ରେଳ ଷ୍ଟେଶନର କ୍ଷୟକ୍ଷତି ତଦାରଖ କରି ଏହାର ଉନ୍ନତୀକରଣ ତଥା ରେଳୱେ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଭୁବନେଶ୍ୱର ରେଳ ଷ୍ଟେଶନର ମୁଖ୍ୟ ଦ୍ୱାରରେ ନୂଆ ବିଲ୍ଡିଂ ସ୍ଥାପନ କରାଯିବ। ଏଠାରେ ଏକ ଉନ୍ନତ ମାନର ଷ୍ଟେଶନ ପ୍ରତିଷ୍ଠା ଲାଗି ଲକ୍ଷ୍ୟ ରଖାଯାଇଛି। ଏଥି ଲାଗି ଭାରତୀୟ ରେଳପଥ ପକ୍ଷରୁ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହେବ। ସମସ୍ତ ପ୍ରକାରର ବୈଷୟିକ ଆବଶ୍ୟକତା ପୂରଣ ହୋଇଥିବା ବେଳେ ଶୀଘ୍ର ଏମ୍‌ଓୟୁ କରାଯିବ। ସେହିଭଳି ଏଠାରେ ଆଉ ୨ ପ୍ଲାଟଫର୍ମ ଯୋଡି ହେବ। ଷ୍ଟେଶନର ଦ୍ୱିତୀୟ ପ୍ରବେଶ ଦ୍ୱାରକୁ ପୁନଃନବୀକରଣ ଏବଂ ଏହାର ଚତୁଃପାର୍ଶ୍ୱରେ ରାସ୍ତା ସଂଯୋଗୀକରଣ ପାଇଁ ପାଣ୍ଠି ବ୍ୟବସ୍ଥା ହୋଇଛି। ଚଳିତ ବର୍ଷ ୨୦୦ ନିୟୁତ ଟନ୍ ମାଲ ପରିବହନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଏହାଠାରୁ ଅଧିକ ମାଲ ପରିବହନ ନେଇ ପୂର୍ବତଟ ରେଳପଥ ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

ସେହିଭଳି ଚାଲୁ ରହିଥିବା ପ୍ରକଳ୍ପଗୁଡିକୁ ଶେଷ କରିବା ଉଦ୍ୟମ ଜାରି ରହିଥିବା ସେ ସ୍ପଷ୍ଟ କରିଛନ୍ତି। ଏଥି ଲାଗି ପାଣ୍ଠିର କୌଣସି ଅଭାବ ରହିବ ନାହିଁ। ରେଳ ପ୍ରକଳ୍ପ ଆଗେଇବାରେ ଜମି ଅଧିଗ୍ରହଣ ଏକ ସମସ୍ୟା ଭାବେ ଉଭା ହେଉଛି। ଏଥି ଲାଗି ରାଜ୍ୟ ସରକାରଙ୍କ ସହ ମିଳିତ ହୋଇ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି। ଗତବର୍ଷ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଅନେକ ପାଣ୍ଠି ଖର୍ଚ୍ଚ ହୋଇ ପାରିନାହିଁ। ଚଳିତ ବର୍ଷ ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପଗୁଡିକୁ ଅଧିକ ପାଣ୍ଠି ଯୋଗାଇ ଦିଆଯାଇଛି। ବିଭିନ୍ନ ସମସ୍ୟାର ସମାଧାନ ସହ ପାଣ୍ଠିର ପୂର୍ଣ୍ଣ ବିନିଯୋଗ ପାଇଁ ଉଦ୍ୟମ ଜାରି ରହିବ। ସେହିଭଳି ଭୁବନେଶ୍ୱରରୁ କଟକକୁ ଅଧିକ ଟ୍ରେନ ଚଳାଚଳ ନେଇ ହୋଇ ଆସୁଥିବା ଦାବିକୁ ଧ୍ୟାନରେ ରଖାଯାଇଛି। ଏହି ଦୁଇ ସ୍ଥାନ ମଧ୍ୟରେ ଏକ ବାଇପାସ ରେଳ ଲାଇନ ପାଇଁ ସର୍ଭେ କାର୍ଯ୍ୟ ଅନୁମୋଦନ କରାଯାଇଛି। ଏହା ହେଲେ ମାଲ ପରିବହନ ସୁଗମ ହେବା ସହ ଯାତ୍ରୀ ସୁବିଧା ତ୍ୱରାନ୍ୱିତ ହେବ ବୋଲି ଯାଦବ କହିଛନ୍ତି।

ଟ୍ରେନ୍ ଟ୍ରାଫିକ ବୃଦ୍ଧି ଯୋଗୁ ଭିତ୍ତିଭୂମି ବିକାଶର ଆବଶ୍ୟକତା ଉପରେ ଯାଦବ ଗୁରୁତ୍ୱାରୋପ କରିଛନ୍ତି। ଯାତ୍ରୀ ସୁବିଧାକୁ ଅଗ୍ରାଧିକାର, ସେପ୍ଟେମ୍ବର ମାସ ସୁଦ୍ଧା ସବୁ ଷ୍ଟେଶନରେ ୱାଇଫାଇ, ଆର୍ଥିକ ବର୍ଷ ଶେଷ ସୁଦ୍ଧା ସବୁ ମୁଖ୍ୟ ଷ୍ଟେଶନ, ପ୍ରମୁଖ ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନଗୁଡିକରେ ସିସିଟିଭି କ୍ୟାମେରା ବ୍ୟବସ୍ଥା, ଇ-କ୍ୟାଟରିଂ ଆପ୍, ଇ-ଦୃଷ୍ଟି ଇନ୍ ୱେବସାଇଟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ୱେବସାଇଟ ଦ୍ୱାରା ଟ୍ରେନର ସମୟ ସାରଣୀ ଓ ଟ୍ରେନରେ ମିଳୁଥିବା ଖାଦ୍ୟର ଗୁଣବତ୍ତା ଓ ମାନ ବିଷୟରେ ଯାତ୍ରୀ ଜାଣି ପାରିବେ।

### ରେଳ ବୋର୍ଡ ଅଧ୍ୟକ୍ଷଙ୍କ ଭୁବନେଶ୍ୱର ଗସ୍ତ



- ଭୁବନେଶ୍ୱର ରେଳ ଷ୍ଟେଶନର ବିକାଶ ହେବ
- ଯୋଡି ହେବ ଆଉ ୨ ପ୍ଲାଟଫର୍ମ
- ରେଳ ପ୍ରକଳ୍ପ ଲାଗି ପାଣ୍ଠି ଅଭାବ ରହିବନି
- ପ୍ରକଳ୍ପ ଆଗେଇବାରେ ଜମି ଅଧିଗ୍ରହଣ ବାଧକ
- ରାଜ୍ୟ ସହ ମିଳିତ ହୋଇ କାର୍ଯ୍ୟ କରିବାକୁ ଗୁରୁତ୍ୱ
- ଭୁବନେଶ୍ୱର-କଟକ ବାଏପାସ ଲାଇନ ସର୍ଭେକୁ ମଞ୍ଜୁରୀ




## ସାରିକାଙ୍କୁ ବେଷ୍ଟ ଫାଇନାନ୍ସିଆଲ୍ ଆଡଭାଇଜର ଆୱାର୍ଡ

ଭୁବନେଶ୍ୱର,୧୪-୭(ବ୍ୟୁରୋ)

ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ଏବଂ ସିଏନ୍‌ବିସି ଟିଭି ୧୮ ପକ୍ଷରୁ ମୁମ୍ବାଇରେ ଅନୁଷ୍ଠିତ ୧୦ ସଂସ୍କରଣ ଫାଇନାନ୍ସିଆଲ ଆଡଭାଇଜର ଆୱାର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶାର ସାରିକା ଅରୁଣ ସାହୁଙ୍କୁ ବେଷ୍ଟ ଫାଇନାନ୍ସିଆଲ ଆଡଭାଇଜର ଆୱାର୍ଡ ପ୍ରଦାନ କରାଯାଇଛି। ପୂର୍ବାଞ୍ଚଳର ମହିଳା ବର୍ଗରେ ଏଭଳି ପୁରସ୍କାର ଜିତିବାକୁ ସାରିକା ସକ୍ଷମ ହୋଇଛନ୍ତି। ଉକ୍ତ ଆୱାର୍ଡ ଲାଭ କରି ଅତ୍ୟନ୍ତ ଖୁସି ଏବଂ ଏହା ଆଗକୁ ବଢିବାରେ ପ୍ରେରଣା ଦେବ ବୋଲି ସେ କହିଛନ୍ତି। ସାରିକା ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ମିଣ୍ଟବକ୍ସ ଆଡଭାଇଜରି ଏଲ୍‌ଏଲ୍‌ପିର ପାର୍ଟନର ଭାବେ କାର୍ଯ୍ୟରତ। ନିବେଶକଙ୍କ ଲାଗି ଭାଲ୍ୟୁ ସୃଷ୍ଟି ସହ ପୁଞ୍ଜି ବଜାରରେ ନୂତନ ଧାରା, କୌଶଳ ଏବଂ ସୁଯୋଗ ଦିଗରେ କାର୍ଯ୍ୟ କରୁଥିବା ଆର୍ଥିକ ପରାମର୍ଶଦାତାଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ଏଭଳି ଆୱାର୍ଡର ପରିକଳ୍ପନା କରାଯାଇଛି। ସେହିଭଳି ଆର୍ଥିକ ସାକ୍ଷରତା ଦିଗରେ ଯୋଗଦାନ ରଖୁଥିବା ପରାମର୍ଶଦାତାଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ଏଭଳି ଆୱାର୍ଡ ପରିକଳ୍ପନା କରାଯାଇଛି। ମୋଟ ୩୨ ଶୃଙ୍ଖଳାରେ କାର୍ଯ୍ୟକ୍ରମରେ ଆୱାର୍ଡ ପ୍ରଦାନ କରାଯାଇଛି। ଏଥି ଲାଗି ସାରା ଦେଶରୁ ୪୪ ଆବେଦନପତ୍ର ହସ୍ତଗତ ହୋଇଥିଲା। ପୁଞ୍ଜି ବଜାର ମାଧ୍ୟମରେ ସମ୍ପତ୍ତି ସୃଷ୍ଟି ଦିଗରେ ଫାଇନାନ୍ସିଆଲ ଆଡଭାଇଜରମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି ଶିଳ୍ପର ଅଭିବୃଦ୍ଧି ଦିଗରେ ଆଡଭାଇଜରଙ୍କର ରହୁଥିବା ପ୍ରଚେଷ୍ଟାକୁ ସମ୍ମାନ ଜଣାଇ ଆୱାର୍ଡର ପରିକଳ୍ପନା କରାଯାଇଛି ବୋଲି ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ଆକ୍ଟିଂ ସିଇଓ ଇମତିୟାଜୁର ରହେମାନ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି)ର ପୂର୍ବତନ ଅଧ୍ୟକ୍ଷ ୟୁ.କେ.ସିହ୍ନା, ଇକ୍ରା ସିଇଓ ନରେଶ ଥକର, ସିଏନ୍‌ବିସି ଟିଭି ୧୮ କାର୍ଯ୍ୟନିର୍ବାହୀ ସମ୍ପାଦକ ଲତା ଭେଙ୍କଟେଶ ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆନ୍ ଅଏଲର ସ୍ୱଚ୍ଛତା ପକ୍ଷ

ଭୁବନେଶ୍ୱର,୧୪-୭




ସ୍ୱଚ୍ଛତା ପକ୍ଷ ଉପଲକ୍ଷେ ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ ପକ୍ଷରୁ ପୁରୀ ବଡ ଦାଣ୍ଡରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ଅବସରରେ କମ୍ପାନୀ ପକ୍ଷରୁ ଗୁଣ୍ଡିଚା ମନ୍ଦିର, ବଡଦାଣ୍ଡକୁ ସ୍ୱଚ୍ଛ ରଖିବାକୁ ପ୍ରୟାସ କରାଯାଇଥିଲା। କମ୍ପାନୀର ମାନବ ସମ୍ବଳ ଏବଂ ସିଏସ୍‌ଆର୍ ମହାପ୍ରବନ୍ଧକ ଦେବୀ ପ୍ରସାଦ ଶତପଥୀଙ୍କ ତୈଳ ଉଦ୍ୟୋଗର ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀମାନେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ମଧ୍ୟ ଏଥିରେ ସାମିଲ ହୋଇଥିଲେ। କମ୍ପାନୀର ଏହି ପ୍ରୟାସକୁ ବିଧାୟକ ପ୍ରଶଂସା କରିଥିଲେ। ତେଲ ଉଦ୍ୟୋଗର ଡିଲର, ବିତରକଙ୍କ ସମେତ ୨୦୦ ସ୍ୱେଚ୍ଛାସେବୀଙ୍କ ମହାପ୍ରବନ୍ଧକ ଶତପଥୀ ପରିବେଶ ସ୍ୱଚ୍ଛତାର ଉପାଦେୟତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଆସିବ ଜାତୀୟ ରିଟେଲ ନୀତି


ନୂଆଦିଲ୍ଲୀ,୧୪-୭

ସରକାର ଆଗାମୀ ଦିନରେ ଏକ ଜାତୀୟ ରିଟେଲ୍ ଆଣିବା ଦିଗରେ ଅଗ୍ରସର ହେଉଛନ୍ତି। ଶିଳ୍ପ ପ୍ରୋତ୍ସାହନ ଏବଂ ଆନ୍ତଃ ବାଣିଜ୍ୟ ବିଭାଗ ପକ୍ଷରୁ ଏ ନେଇ ଶୀଘ୍ର ଏକ ଡ୍ରାଫ୍ଟ ପେପର ପ୍ରସ୍ତୁତ କରାଯିବା ସହ ଅଂଶୀଦାରଙ୍କ ମତାମତ ଲୋଡାଯିବା ନେଇ ଯୋଜନା ପ୍ରସ୍ତୁତ ହୋଇଛି। ଦେଶର ୬୫ ନିୟୁତ କ୍ଷୁଦ୍ର ବ୍ୟବସାୟୀଙ୍କ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରୁଥିବା ଜଣା ପଡିଛି। ଖୁଚୁରା ବ୍ୟବସାୟକୁ ଉତ୍ସାହିତ କରାଯିବା ସହ ଏହି କ୍ଷେତ୍ରରେ ଇଜ ଅଫ୍ ଡୁଇଙ୍ଗ ବିଜନେସକୁ ବଢାଇବା ଦିଗରେ ନୂଆ ନୀତି ସହାୟକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଲାଇସେନ୍ସ ପ୍ରଦାନ, ପ୍ରତ୍ୟକ୍ଷ ବିକ୍ରି ଏବଂ ହାଇପର ମାର୍କେଟ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗକୁ ନୂଆ ନୀତିରେ ସରକାର ବିଚାର କରିବେ।

ରିଟେଲ କ୍ଷେତ୍ରର ଅଭିବୃଦ୍ଧି, ଡିଜିଟାଲ କାରବାର ଏବଂ ଭିତ୍ତିଭୂମି ଅସୁବିଧାକୁ କମ୍ କରିବା ଉପରେ ଏଥିର ଗୁରୁତ୍ୱ ଦିଆଯିବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ବିଚାରବିମର୍ଷ ଶେଷ ହୋଇଥିବା ବେଳେ ନୀତିର ଡ୍ରାଫ୍ଟ ପ୍ରକ୍ରିୟା ଚାଲୁ ରହିଛି। ଯାହା ଶୀଘ୍ର ଅଂଶୀଦାରଙ୍କ ମତାମତ ଲାଗି ଜାରି କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ୧୦୦ ଦିନିଆ ଆକ୍ସନ ପ୍ଲାନର ଏହା ଏକ ଅଂଶବିଶେଷ।

## ସୋନି ଆଣିଲା ନୂଆ ସାଉଣ୍ଡବାର

ଭୁବନେଶ୍ୱର,୧୪-୭




ସୋନି ଇଣ୍ଡିଆ ପକ୍ଷରୁ ଡଲବି ଆଟମସ ସୁବିଧା ଥିବା ନୂଆ ସାଉଣ୍ଡବାର ଏଚ୍‌ଟି-ଜେଡ୍୯ଏଫ୍ ଏବଂ ଏସ୍‌ଏଜେଡ ୯ ବଜାରକୁ ଆସିଛି। ଏହି ପ୍ରଡକ୍ଟ ସାରା ଦେଶରେ ଥିବା ସୋନି ସେଣ୍ଟର, ଗୁରୁତ୍ୱପୂର୍ଣ୍ଣ ଇଲେକଟ୍ରୋନିକ୍ସ ଷ୍ଟୋର ଏବଂ ଇ-କମର୍ସ ଷ୍ଟୋରଗୁଡିକରେ ଉପଲବ୍ଧ ହେବ। ଏଥିଲାଗି ପ୍ରି ବୁକିଂ ଅଫର ମଧ୍ୟ କମ୍ପାନୀ ପ୍ରଦାନ କରିଛି। ଏହି ପ୍ରଡକ୍ଟଗୁଡିକ ସିନେମା ବିଭାଗ ପାଇଁ ଯୁଗାନ୍ତକାରୀ ସାବ୍ୟସ୍ତ ହେବ ବୋଲି ସୋନି ଇଣ୍ଡିଆର ଏମ୍‌ଡି ସୁନୀଲ ନାୟାର କହିଛନ୍ତି। ବର୍ତ୍ତମାନ ଘରେ ଡଲବୀର ଅନୁଭବ ପାଇବା ସହଜ ହେବ ବୋଲି ଡଲବି ଲାବରୋଟୋରିଜର ଆଞ୍ଚଳିକ ବାଣିଜ୍ୟ ନିର୍ଦ୍ଦେଶକ ଅସୀମ ମାଥୁର କହିଛନ୍ତି।

# ବ୍ରାଣ୍ଡ୍ ଫ୍ୟାକ୍ଟ୍ରିରେ ରେଡ ଜୋନ ସେଲ୍

ଭୁବନେଶ୍ୱର,୧୪-୭

BRAND FACTORY
BEST BRANDS • SMART PRICES

ବ୍ରାଣ୍ଡ୍ ଫ୍ୟାକ୍ଟ୍ରି ପକ୍ଷରୁ ରେଡ୍ ଜୋନ୍ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଷ୍ଟୋରରେ ସାରା ବର୍ଷ ବିଭିନ୍ନ ଅଫର ପ୍ରଦାନ କରାଯାଉଛି। ରେଡ୍ ଜୋନ୍ ସେଲ୍ ମାଧ୍ୟମରେ ଗ୍ରାହକମାନେ ଗୋଟିଏ ପୋଷାକ କ୍ରୟରେ ଆଉ ୨ଟି ବ୍ରାଣ୍ଡେଡ ପୋଷାକ ମାଗଣାରେ ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଷ୍ଟୋରରେ ଲିକୁପର, ଲିଭାଇସ, ସ୍ୱାଏକର, ରେମଣ୍ଡ, ବୁଫାଲୋ, ନାଇକ, ଆଦିଦାସ, କନ୍‌ଭର୍ସ ଏବଂ ଭିଆଇପି ଭଳି ବ୍ରାଣ୍ଡ ପାଇପାରିବେ। ଗ୍ରାହକଙ୍କୁ କ୍ରୟର ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବା ଲାଗି ଗୋଲ୍ଡ ଜୋନ ଏବଂ ପର୍ପଲ ଜୋନ ସେକ୍ସନ ଖୋଲାଯାଇଛି। ଏହି ଜୋନଗୁଡିକରୁ ଆକର୍ଷଣୀୟ ମୂଲ୍ୟରେ ଗ୍ରାହକ ପୋଷାକ କ୍ରୟ କରିବାକୁ ସକ୍ଷମ ହେବେ। ଏହି ସେଲ୍ ଦ୍ୱାରା ଫ୍ୟାସନ ଉତ୍ସବର ଅନୁଭୂତି ଗ୍ରାହକଙ୍କୁ ପ୍ରଦାନ କରିବା ଲାଗି ପଦକ୍ଷେପ ନେଇଥିବା ବ୍ରାଣ୍ଡ ଫ୍ୟାକ୍ଟ୍ରିର ସିଇଓ ସୁରେଶ ସାଧୱାନି କହିଛନ୍ତି। ବର୍ତ୍ତମାନ ବ୍ରାଣ୍ଡ ଫ୍ୟାକ୍ଟ୍ରି ୪୫ ସହରରେ ୯୭ ଷ୍ଟୋର ସହ ସେବା ଯୋଗାଉଛି। ଷ୍ଟୋରଗୁଡିକରେ ପୁରୁଷ, ମହିଳା, ଶିଶୁଙ୍କ ପୋଷାକ ସମେତ ହ୍ୟାଣ୍ଡବ୍ୟାଗ, ଲଗେଜ, ଟ୍ରଲି, ବ୍ୟାକ୍ ପ୍ୟାକ ଏବଂ ଅନ୍ୟାନ୍ୟ ଫ୍ୟାଶନ ସାମଗ୍ରୀ ଲାଭ କରିପାରିବେ।

## ଅନ୍ତର୍ଜାତୀୟ ଉଡାଣ ଉପରେ ଏୟାର ଏସିଆର ରିହାତି

ଭୁବନେଶ୍ୱର,୧୪-୭




ଏୟାର ଏସିଆ ପକ୍ଷରୁ ଅନ୍ତର୍ଜାତୀୟ ଉଡାଣ ଉପରେ ଆକର୍ଷଣୀୟ ରିହାତି ଘୋଷଣା କରାଯାଇଛି। ଭୁବନେଶ୍ୱରରୁ ଯାତ୍ରୀମାନେ ବ୍ୟାଙ୍କକ, କୁଆଲାଲମ୍ପୁର ଭଳି ସ୍ଥାନଗୁଡିକୁ ୭୦% ପର୍ଯ୍ୟନ୍ତ ରିହାତିରେ ବିମାନ ଯାତ୍ରା କରିପାରିବେ। ଏବେ ବିମାନ ଯାତ୍ରା ପାଇଁ ଆଗୁଆ ବୁକିଂ କରୁଥିବା ଗ୍ରାହକଙ୍କ ସଂଖ୍ୟା ବଢୁଛି। ଏହି ସେଲ ଦ୍ୱାରା ଯାତ୍ରୀମାନେ ନିଜ ପସନ୍ଦର ସ୍ଥାନକୁ ସୁଲଭ ବଜେଟରେ ଚୟନ କରିପାରିବେ ବୋଲି ଏୟାର ଏସିଆ ଇଣ୍ଡିଆ ସିଓଓ ସଞ୍ଜୟ କୁମାର କହିଛନ୍ତି। ଅଗ୍ରିମ ବୁକିଂ ଯୋଜନା ଏବଂ ଏୟାର ଏସିଆରେ ଯାତ୍ରା ନେଇ ଗ୍ରାହକଙ୍କୁ ଉତ୍ସାହିତ କରାଯାଉଥିବା ସିଓଓ କୁମାର କହିଛନ୍ତି। ଏହି ସେଲ ଚଳିତ ମାସ ୧୫ରୁ ୨୧ ଯାଏ ଚାଲିବ। ଚଳିତବର୍ଷ ଜୁଲାଇ ୨୨ରୁ ୨୦୨୦ ଫେବୃୟାରୀ ଯାଏ ଯାତ୍ରୀ ଏଠାରେ ଯାତ୍ରା ସୁବିଧା ପାଇ ପାରିବେ। ଏୟାର ଏସିଆ ବର୍ତ୍ତମାନ ଦେଶର ୧୯ଟି ସ୍ଥାନକୁ ସେବା ସଂଯୋଗ କରୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ରାଜ୍ୟରେ ରାସାୟନିକ ଶିଳ୍ପ ପାର୍କ ବିକାଶ ସମ୍ଭବ: ନାଲ୍‌କୋ ସିଏମ୍‌ଡି

ଭୁବନେଶ୍ୱର,୧୪-୭




ଇନଷ୍ଟିଚ୍ୟୁଟ ଅଫ୍ କେମିକାଲ ଟେକ୍ନୋଲୋଜି (ଆଇସିଟି) ଭୁବନେଶ୍ୱର କ୍ୟାମ୍ପସ ଦ୍ୱାରା ପ୍ରେରିତ ରାସାୟନିକ ଶିଳ୍ପ କ୍ଲଷ୍ଟର ରାଜ୍ୟର ଶିଳ୍ପାୟନକୁ ଇନ୍ଧନ ଯୋଗାଣ ଦିଗରେ କାର୍ଯ୍ୟକରିବ। ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ଶନିବାର ଏହା କହିଛନ୍ତି। ଆଇସିଟି ଭୁବନେଶ୍ୱର କ୍ୟାମ୍ପସରେ ପ୍ରକ୍ରିୟାକରଣ ଇଞ୍ଜିନିୟରିଂରେ ଏକଜିକ୍ୟୁଟିଭ ଏମ୍‌ଟେକ୍ ପ୍ରୋଗ୍ରାମର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ଡ.ଚାନ୍ଦ ଶିଳ୍ପ କାର୍ଯ୍ୟନିର୍ବାହୀଙ୍କ ପ୍ରଥମ ବ୍ୟାଚ୍‌କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ଉଦ୍ୟୋଗ ଭିତ୍ତିକ ନିଯୁକ୍ତି ଲାଗି ଆଗଭର ହେବାକୁ ଏଥିରେ ଚାନ୍ଦ ଗୁରୁତ୍ୱାରୋପ କରିଛନ୍ତି।

ଚାନ୍ଦ କହିଛନ୍ତି, ସାରା ଦେଶରେ ଏଭଳି ପାଠ୍ୟକ୍ରମ ପ୍ରଥମଥର ଲାଗି ଆରମ୍ଭ ହୋଇଛି। ରାସାୟନିକ ଶିଳ୍ପ କ୍ଲଷ୍ଟର ସ୍ଥାପନକୁ ଆଇସିଟି ଭୁବନେଶ୍ୱର ପ୍ରୋତ୍ସାହନ କରୁଛି। ଏହା ରାଜ୍ୟର ଶିଳ୍ପ କ୍ଷେତ୍ର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ବିଶେଷ ଭାବେ ସହାୟକ ହୋଇ ପାରିବ। ସେହିଭଳି ରାଜ୍ୟରେ ରାସାୟନିକ ଶିଳ୍ପ ପାର୍କର ବିକାଶ ସମ୍ଭବ ବୋଲି ଚାନ୍ଦ କାର୍ଯ୍ୟକ୍ରମରେ ମତ ରଖିଛନ୍ତି।

ଉଦ୍ୟମଶୀଳତା ଅଭିଯାନ ଉପରେ ଏଥିରେ ଆଇସିଟି କୁଳପତି ପ୍ରଫେସର ଜି.ଡି. ଯାଦବ ଗୁରୁତ୍ୱାରୋପ କରିଥିଲେ। ଆଇଆଇଟି ଖଡଗପୁରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ଆଇସିଟି ଆଇଓସି ଭୁବନେଶ୍ୱର ନିର୍ଦ୍ଦେଶକ ବି.ଏନ୍. ଥୋରାଟ, ଆଇଓସିର ଏଚ୍‌ଆର୍ ନିର୍ଦ୍ଦେଶକ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପିଏନ୍‌ବି ପରେ ଆଲ୍ଲାହାବାଦ ବ୍ୟାଙ୍କକୁ ଠକିଛି ଭୂଷଣ ପାୱାର

ନୂଆଦିଲ୍ଲୀ,୧୪-୭

ପିଏନ୍‌ବି ପରେ ଆଉ ଏକ ରାଷ୍ଟ୍ରାୟତ୍ତ ଆଲ୍ଲାହାବାଦ୍ ବ୍ୟାଙ୍କକୁ ଠକିଛି ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍। ଏହି କମ୍ପାନୀ ୧୭୭୫ କୋଟି ଟଙ୍କାର ଋଣ ଠକେଇ କରିଥିବା ନେଇ ବ୍ୟାଙ୍କ ପକ୍ଷରୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିକଟରେ ଅଭିଯୋଗ କରାଯାଇଛି। ଷ୍ଟକ୍ ଏକ୍ସଚେଞ୍ଜକୁ ଦେଇଥିବା ନିୟାମକୀୟ ସୂଚନାରେ ଆଲ୍ଲାହାବାଦ୍ ବ୍ୟାଙ୍କ ଦର୍ଶାଇଛି ଯେ, ଏହା ଫରେନ୍ସିକ ଅଡିଟ୍ ଯାଞ୍ଚର ନିଷ୍କର୍ଷ ଏବଂ ସିବିଆଇ ଦ୍ୱାରା ଦରଜ ହୋଇଥିବା ଏତଲା ଭିତ୍ତିରେ ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ୧୭୭୪.୮୨ କୋଟି ଟଙ୍କାର ଋଣ ଠକେଇ କରିଥିବା ଜଣାପଡିଛି। ବ୍ୟାଙ୍କିଙ୍ଗ ପ୍ରଣାଳୀର ଦୁରୁପଯୋଗ କରି ଏହା ନେଇଥିବା ଋଣ ଅର୍ଥକୁ ଅନ୍ୟତ୍ର କାର୍ଯ୍ୟରେ ଲଗାଇଛି ବୋଲି ବ୍ୟାଙ୍କ ଅଭିଯୋଗ କରିଛି।

MCL Mahanadi Coalfields Limited
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : www.mahanadicoal.in

GENERAL TENDER NOTICE FOR e-PROCUREMENT

Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of MCL (**https://coalindiatenders.nic.in**) as well as on the Central Public Procurement portal of Govt. of India (**http://eprocure.gov.in**). Bids are to be submitted ONLINE on the above e- Procurement portal of MCL by enrolled Bidders. EMD can also be submitted online. Enrollment of Bidders on the e-Procurement portal of MCL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of MCL for enrollment and participation in Tenders.**[Contact details: Tel.-0663-2542264/2542230/ 2542695** (available during office hours only); **email- hlp-eproc.mcl@nic.in**] R-4923

*Give a missed call on toll free number 1800 200 3004 to get our Apps.*








# ଫାଇନାଲରେ ବୋଲର ପ୍ରଭାବୀ

**ଲଣ୍ଡନ,୧୪।୭(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ଓ ଗତଥରର ରନର୍ସଅପ୍ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିଛନ୍ତି। ଦୁଇ ଦଳ ପ୍ରଥମଥର ପାଇଁ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଟାଇଟଲ ମୁକାବିଲାରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଇଂଲଣ୍ଡ କ୍ୱାଲିଟି ବୋଲିଂର ସାମ୍ନା କରି ନ ପାରି ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନମାନେ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିଲେ ଓ ଏହି ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ କରିପାରି ନ ଥିଲା। ଫଳରେ ଓପନର ହେନରି ନିକୋଲ୍ସ ଅର୍ଦ୍ଧଶତକ ସହାୟତାରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୨୪୧ ରନ ସଂଗ୍ରହ କରିଥିଲା।

ମେଘୁଆ ପାଗରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ ତରଫରୁ ଦୁଇ ଓପନର ମାର୍ଟିନ ଗୁପ୍ଟିଲ ଓ ନିକୋଲ୍ସ ଦେଖିଚାହିଁ ଆରମ୍ଭ କରିଥିଲେ। ଖରାପ ଫର୍ମ ଦେଇ ଗତି କରୁଥିବା ଅଭିଜ୍ଞ ମାର୍ଟିନ ଗୁପ୍ଟିଲ ପ୍ରଥମେ ଆଉଟ ହୋଇଥିଲେ। ୧୮ ବଲରୁ ୨ ଚୌକା ଓ ୧ ଛକା ସହ ୧୯ ରନ କରିଥିବା ଗୁପ୍ଟିଲ କ୍ରିସ୍ ୱୋକ୍ସଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ବ୍ୟାଟ୍‌ରେ ଏଜ୍ ନେଇଥିବା ଭାବି ସେ ରିଭ୍ୟୁ ନେଇଥିଲେ ମଧ୍ୟ କିଛି ଫଳ ହୋଇ ନ ଥିଲା। ଏଥିସହିତ ୱୋକ୍ସ ଫାଇନାଲର ପ୍ରଥମ ଉଇକେଟ ହାସଲ କରିଥିଲେ। ସାରା ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଇନ୍‌ଫର୍ମ ଅଧିନାୟକ କେନ୍ ୱିଲିୟମସନ ଅବଶ୍ୟ ଏହି ହାଇଭୋଲ୍‌ଟେଜ ନିର୍ଣ୍ଣାୟକ ମ୍ୟାଚ୍‌ରେ ଚମକ ଦେଖାଇବାରେ ବିଫଳ ହୋଇଥିଲେ। ଧିମା ଆରମ୍ଭ କରି ୫୩ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ସହ ୩୦ ରନ କରିଥିବା ବେଳେ ସେ ଲିଅମ୍ ପ୍ଲଙ୍କେଟଙ୍କ ବଲ୍‌ରେ ଉଇକେଟକିପର ଜୋସ ବଟଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପ୍ରଥମେ ଅମ୍ପାୟର କୁମାର ଧରମସେନା ଆବେଦନକୁ ଖାରଜ କରିଥିଲେ। ଫଳରେ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ରିଭ୍ୟୁ ନେଇଥିଲେ। ବଲ୍ ବ୍ୟାଟ୍‌ର ଏଜ୍ ନେଇଥିବା ଜଣାପଡିବା ପରେ ତୃତୀୟ ଅମ୍ପାୟର ଆଉଟ୍ ଘୋଷଣା କରିଥିଲେ। ଏଥିସହିତ ପ୍ଲଙ୍କେଟଙ୍କୁ ଏକ ବହୁମୂଲ୍ୟ ଉଇକେଟ ମିଳିଥିଲା। ଦ୍ୱିତୀୟ ଉଇକେଟରେ ୱିଲିୟମସନ ଓ ନିକୋଲ୍ସ ୭୪ ରନ ସଂଗ୍ରହ କରିଥିଲେ। ଏହାପରେ ୭୭ ବଲରୁ ୪ ଚୌକା ସହ ୫୫ରନର ଅର୍ଦ୍ଧଶତକୀୟ ପାଳି ଖେଳି ନିକୋଲ୍ସ ଆଉଟ ହୋଇଥିଲେ। ଲାଇନ୍‌ମିସ୍ କରି ନିକୋଲ୍ସ ପ୍ଲଙ୍କେଟଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଭାରତ ବିପକ୍ଷ ପ୍ରଥମ ସେମିଫାଇନାଲରେ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଅର୍ଜନ କରି ସ୍ଥିତି ସମ୍ଭାଳିଥବା ଅଭିଜ୍ଞ ରସ୍ ଟେଲର ଫାଇନାଲରେ କିନ୍ତୁ ବିଫଳ ହୋଇଥିଲେ। ୩୧ଟି ବଲ୍ ଖେଳି ମାତ୍ର ୧୫ ରନ କରିଥିବା ବେଳେ ସେ ମାର୍କ ଉଡ୍‌ଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଟେଲର ଆକ୍ରସ ଦି ଲାଇନ ଖେଳିଥିଲେ ଓ ଲେଗ୍ ଷ୍ଟମ୍ପ ସମ୍ମୁଖରେ ବଲ୍ ଆଗ ଗୋଡରେ ବାଜିଥିଲା। ଜେମ୍ସ ନିଶାମ ମଧ୍ୟ ଚମକ ଦେଖାଇବାରେ ବିଫଳ ହୋଇଥିଲେ। ସେ ୨୫ଟି ବଲ ଖେଳି ୩ ଚୌକା ସହ ୧୯ ରନ କରିଥିବା ବେଳେ ମିଡ୍‌ଅନ୍ ଉପରେ ବଡ଼ ଶଟ୍ ଖେଳିବାକୁ ପ୍ରୟାସ କରି ଜୋ ରୁଟ୍‌ଙ୍କୁ କ୍ୟାଚ୍ ଦେଇ ପ୍ଲଙ୍କେଟଙ୍କ ତୃତୀୟ ଶିକାର ହୋଇଥିଲେ। ଏହାପରେ ପାଳି ପଡିଥିଲା କଲିନ୍ ଡି ଗ୍ରାଣ୍ଡହୋମଙ୍କର। ସେ ମନ୍ଥର ବ୍ୟାଟିଂ କରି ୨୮ ବଲରୁ ୧୬ ରନ କରିଥିବା ବେଳେ ୱୋକ୍ସଙ୍କ ବଲ୍‌ରେ ମିଡ୍‌ଅନ୍‌କୁ ଜୋରଦାର ଶଟ୍ ଖେଳିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇ ମିଡ୍ ଅଫ୍ ଅଞ୍ଚଳକୁ ଯାଇଥିଲା ଓ ବଦଳ ଖେଳାଳି ଜେମ୍ସ ଭିନ୍ସ ସହଜ କ୍ୟାଚ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ଲଥାମ ୨ ଚୌକା ଓ ୧ ଛକା ସହ ୫୬ ବଲରୁ ୪୭ ରନ କରିଥିବା ବେଳେ ୱୋକ୍ସଙ୍କ ଏକ ଅଫ୍ ଷ୍ଟମ୍ପ ବାହାରର ସ୍ଲୋ ଫୁଲ ଲେନ୍ଥ ବଲ୍‌କୁ ମିଡ ଅଫ୍ ଉପର ଦେଇ ମାରିବାକୁ ଚେଷ୍ଟା କରିଥିଲେ। ବଲ୍ କିନ୍ତୁ ବ୍ୟାଟ୍‌ର ନିମ୍ନରେ ବାଜିଥିଲା ଓ ଭିନ୍ସ ତାଙ୍କ କ୍ୟାଚ ନେଇଥିଲେ। ଫଳରେ ଅର୍ଦ୍ଧଶତକ ହାସଲଠାରୁ ଲଥାମ ୩ ରନ ଦୂରରେ ରହିଯାଇଥିଲେ। ଷଷ୍ଠ ଉଇକେଟରେ ଲଥାମ ଓ ଗ୍ରାଣ୍ଡହୋମ୍ ଗୁରୁତ୍ୱପୂର୍ଣ୍ଣ ୪୬ ରନ ସଂଗ୍ରହ କରିଥିଲେ। ଶେଷରେ ମ୍ୟାଟ୍ ହେନରି ୧ ରନ କରିଥିବା ବେଳେ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ଷ୍ଟମ୍ପ ଉପରର ଫୁଲ୍ ଟସ୍‌ରେ ଲାଇନ୍ ମିସ୍ କରି କ୍ଲିନ୍ ବୋଲ୍ଡ ହୋଇଥିଲେ। ମିଚେଲ ସାଣ୍ଟନର ୫ ଓ ଟ୍ରେଣ୍ଟ ବୋଲ୍ଟ ୧ ରନ କରି ଅପରାଜିତ ରହିଥିଲେ।

ଏକଦା ଗୋଟିଏ ଉଇକେଟ ହରାଇ ନ୍ୟୁଜିଲାଣ୍ଡ ୧୦୩ ରନ ସଂଗ୍ରହ କରି ଦୃଢ ସ୍ଥିତିରେ ରହିଥିଲା। ତେବେ ନିୟମିତ ଉଇକେଟ ହରାଇ ଦଳ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଇଂଲଣ୍ଡ ବୋଲରମାନେ ଭଲ ବୋଲିଂ କରିଥିଲେ ମଧ୍ୟ ଫାଇନାଲ ଭଳି ନିର୍ଣ୍ଣାୟକ ମ୍ୟାଚ୍‌ରେ ଅତିରିକ୍ତ ୩୦ ରନ ବ୍ୟୟ କରିଥିଲେ। ଏଥିରେ ୧୭ଟି ୱାଇଡ, ଗୋଟିଏ ନୋ ବଲ ଓ ୧୨ଟି ଲେଗ ବାଇ ସାମିଲ। ବୋଲିଂରେ ୱୋକ୍ସ ଓ ପ୍ଲଙ୍କେଟ ୩ଟି ଲେଖାଏ, ଆର୍ଚର ଓ ଉଡ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୱୋକ୍ସ ଚମତ୍କାର ବୋଲିଂ କରି ମାତ୍ର ୩୭ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ପ୍ଲଙ୍କେଟ ୩ ଉଇକେଟ ନେବା ପାଇଁ ୪୨ ରନ ବ୍ୟୟ କରିଥିଲେ।


ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନଙ୍କୁ ଆଉଟ୍ କଲା ପରେ ଖୁସି ମନାଉଛନ୍ତି ଇଂଲଣ୍ଡ ଖେଳାଳି ।

## ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**

ଗୁପଟିଲ-ଏଲବିଡବଲ୍ୟୁ-ୱୋକ୍ସ-୧୯
ନିକୋଲ୍ସ-ବୋ-ପ୍ଲଙ୍କେଟ-୫୫
ୱିଲିୟମସନ-କ-ବଟଲର-ବୋ-ପ୍ଲଙ୍କେଟ-୩୦
ଟେଲର-ଏଲବିଡବଲ୍ୟୁ-ଉଡ୍-୧୫
ଲାଥାମ-କ-ଭିନ୍ସ(ଅ)-ବୋ-ୱୋକ୍ସ-୪୭
ନିଶାମ-କ-ରୁଟ୍-ବୋ-ପ୍ଲଙ୍କେଟ-୧୯
ଗ୍ରାଣ୍ଡହୋମ-କ-ଭିନ୍ସ(ଅ)-ବୋ-ୱୋକ୍ସ-୧୬
ସାଣ୍ଟନର-ନଟଆଉଟ-୫
ହେନରି-ବୋ-ଆର୍ଚର-୪
ବୋଲ୍ଟ-ନଟଆଉଟ-୧
ଅତିରିକ୍ତ-୩୦
ମୋଟ(୮ ଉଇକେଟ, ୫୦ ଓଭର) ୨୪୧।
ଉଇକେଟ ପତନ: ୧/୨୯, ୨/୧୦୩, ୩/୧୧୮, ୪/୧୪୧, ୫/୧୭୩, ୬/୨୧୯, ୭/୨୩୨, ୮/୨୪୦।

**ବୋଲିଂ(ଇଂଲଣ୍ଡ)**

ୱୋକ୍ସ ୯-୦-୩୭-୩
ଆର୍ଚର ୧୦-୦-୪୨-୧
ପ୍ଲଙ୍କେଟ ୧୦-୦-୪୨-୩
ଉଡ୍ ୧୦-୧-୪୯-୧
ରଶିଦ ୮-୦-୩୯-୦
ଷ୍ଟୋକ୍ସ ୩-୦-୨୦-୦।

## ୱିଲିୟମସନଙ୍କ ରେକର୍ଡ

**ଲଣ୍ଡନ,୧୪।୭(ପିଟି)**

ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ ରବିବାର ସ୍ୱତନ୍ତ୍ର ବିଶ୍ୱକପ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ଏଠାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ୩୦ ରନ୍‌ର ଇନିଂସ ଖେଳିବା ଅବସରରେ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ଅଧିନାୟକ ଭାବେ ସର୍ବାଧିକ ରନ୍ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ସେ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ମାହେଲା ଜୟବର୍ଦ୍ଧନେଙ୍କୁ ଅତିକ୍ରମ କରିଛନ୍ତି। ଜୟବର୍ଦ୍ଧନେ ୨୦୦୭ ସଂସ୍କରଣରେ ୫୪୮ ରନ୍ କରିଥିଲେ। ୱିଲିୟମସନ ଚଳିତ ବିଶ୍ୱକପ୍‌ରେ ମୋଟ ୫୭୮ ରନ୍ କରି ଅଭିଯାନ ଶେଷ କରିଛନ୍ତି। ଏହି ତାଲିକାରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ (୫୩୯ ରନ୍, ୨୦୦୭ ସଂସ୍କରଣ), ଆରୋନ ଫିଞ୍ଚ (୫୦୭ ରନ୍, ୨୦୧୯ ସଂସ୍କରଣ) ଓ ଏବି ଡିଭିଲର୍ସ (୪୮୨ ରନ୍, ୨୦୧୫)ଙ୍କ ଭଳି ଖେଳାଳି ଟପ୍ ୫ ମଧ୍ୟରେ ରହିଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ୨୦୦୩ ବିଶ୍ୱକପ୍‌ରେ ୪୬୫ ରନ୍ କରିଥିଲେ। ସେ ଅଧିନାୟକ ଭାବେ ବିଶ୍ୱକପ୍‌ରେ ସର୍ବାଧିକ ରନ୍ କରିଥିବା ଖେଳାଳିଙ୍କ ତାଲିକାରେ ୬ଷ୍ଠ ସ୍ଥାନରେ ରହିଛନ୍ତି।

| ଅଧିନାୟକ ଭାବେ ସର୍ବାଧିକ ରନ |
|---|
| ୫୭୮: କେନ୍ ୱିଲିୟମସନ(ନ୍ୟୁଜିଲାଣ୍ଡ), ୨୦୧୯ |
| ୫୪୮: ମାହେଲା ଜୟବର୍ଦ୍ଧନେ(ଶ୍ରୀଲଙ୍କା), ୨୦୦୭ |
| ୫୩୯: ରିକି ପଣ୍ଟିଂ(ଅଷ୍ଟ୍ରେଲିଆ), ୨୦୦୭ |
| ୫୦୭: ଆରୋନ ଫିଞ୍ଚ(ଅଷ୍ଟ୍ରେଲିଆ), ୨୦୧୯ |

## ୨୦୧୯ ବିଶ୍ୱକପରେ ଇଂଲଣ୍ଡ ବୋଲରଙ୍କ ରେକର୍ଡ

| |
|---|
| ୨୦: ଜୋଫ୍ରା ଆର୍ଚର, ୨୦୧୯ |
| ୧୮: ମାର୍କ ଉଡ୍, ୨୦୧୯ |
| ୧୬: କ୍ରିସ୍ ୱୋକ୍ସ, ୨୦୧୯ |
| ୧୬: ଇଆନ ବୋଥାମ, ୧୯୯୨ |
| ୧୪:ଆଣ୍ଡ୍ରୁ ଫ୍ଲିଣ୍ଟଫ, ୨୦୦୭ |

ଆଇସିସି ବିଶ୍ୱକପ-୨୦୧୯ରେ ଇଂଲଣ୍ଡ ବୋଲରମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଜୋଫ୍ରା ଆର୍ଚର ଦଳ ପକ୍ଷରୁ ସର୍ବାଧିକ ୨୦ଟି ଉଇକେଟ ନେଇଛନ୍ତି। କୌଣସି ଗୋଟିଏ ବିଶ୍ୱକପରେ ଏତେ ସଂଖ୍ୟକ ଉଇକେଟ ନେବା ଏହା ପ୍ରଥମ। କେବଳ ଆର୍ଚର ନୁହନ୍ତି ମାର୍କ ଉଡ୍ ୧୮ଟି ଏବଂ କ୍ରିସ୍ ୱୋକ୍ସ ୧୬ଟି ଉଇକେଟ ନେବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ଇଆନ ବୋଥାମଙ୍କ ନାମରେ ଥିଲା। ୧୯୯୨ ବିଶ୍ୱକପରେ ବୋଥାମ ୧୬ଟି ଉଇକେଟ ନେଇ ରେକର୍ଡର ଅଧିକାରୀ ଥିଲେ।

## ହେଲିକପ୍ଟରରୁ ଡେଇଁ ଅମ୍ପାୟରଙ୍କୁ ମ୍ୟାଚ୍ ବଲ୍ ଦେଲା ରେଡ୍ ଡେଭିଲ୍ସ

**ଲଣ୍ଡନ, ୧୪।୭**

ଆୟୋଜକ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ରବିବାର ଅନୁଷ୍ଠିତ ଆଇସିସି ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଆରମ୍ଭ ପୂର୍ବରୁ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ଆଖି ଝଲସିଲା ଭଳି କିଛି ଦୃଶ୍ୟ ଦେଖିବାକୁ ପାଇଥିଲେ। ଟସ୍ ଜିତି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଏହି ସମୟରେ ବ୍ରିଟିଶ ଆର୍ମିର ପାରାଚ୍ୟୁଟ୍ ରେଜିମେଣ୍ଟ ‘ରେଡ୍ ଡେଭିଲ୍ସ’ ଟିମ୍‌ର ଦୁଇ ସଦସ୍ୟ ଆକାଶରୁ ଓହ୍ଲାଇ ଅମ୍ପାୟରଙ୍କୁ ମ୍ୟାଚ୍‌ରେ ଖେଳାଯିବାକୁ ଥିବା ବଲ୍ ପ୍ରଦାନ କରିବା ଦୃଶ୍ୟ ଉପସ୍ଥିତ ଦର୍ଶକଙ୍କୁ ରୋମାଞ୍ଚିତ କରିଥିଲା। ରେଡ୍ ଡେଭିଲ୍ସ ଟିମ୍‌ର ଏହି ୨ ସଦସ୍ୟ ହେଲିକପ୍ଟରରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡକୁ ଲମ୍ଫ ପ୍ରଦାନ କରି ପାରାଚ୍ୟୁଟ ସହାୟତାରେ ଓହ୍ଲାଇଥିଲେ। ଏହାପରେ ରେଡ୍ ଡେଭିଲ୍ସ ଟିମ୍‌ର ଏହି ୨ ସଦସ୍ୟ ମ୍ୟାଚ୍ ପରିଚାଳନା ଦାୟିତ୍ୱ ତୁଲାଇବାକୁ ଥିବା ସିହଂଳୀ ଅମ୍ପାୟର କୁମାର ଧର୍ମସେନାଙ୍କ ନିକଟରକୁ ଯାଇ ବଲ୍ ପ୍ରଦାନ କରିଥିଲେ।




**କିମ୍ବଦନ୍ତୀଙ୍କ ସମାହାର**

ମ୍ୟାଚ ପୂର୍ବରୁ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନଙ୍କ ସହ କରମର୍ଦ୍ଦନ କରୁଛନ୍ତି ସଚିନ ତେନ୍ଦୁଲକର। ବ୍ରାଇନ ଲାରା ଓ ଶେନ ୱର୍ନ।


ଟ୍ରାଫାଲଗାର ସ୍କୋୟାରରେ ଦର୍ଶକମାନେ ବଡ଼ ସ୍କ୍ରିନ୍ ମାଧ୍ୟମରେ ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଫାଇନାଲକୁ ଉପଭୋଗ କରୁଛନ୍ତି।

## ସଂକ୍ଷେପରେ

### ଜୁନିୟର ଶୁଟିଂ ବିଶ୍ୱକପ୍ ଦ୍ୱିତୀୟ ଦିବସରେ ଭାରତକୁ ୬ ପଦକ

ନୂଆଦିଲ୍ଲୀ, ୧୪।୭ (ପି.ଟି.): ଜର୍ମାନୀର ସୁଲ୍‌ଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ୱାର୍ଲ୍ଡ କପ୍ ରାଇଫଲ/ପିସ୍ତଲ/ଶଟ୍‌ଗନ୍ ଚାମ୍ପିୟନଶିପ୍‌ରେ ରବିବାର ଦ୍ୱିତୀୟ ଦିବସରେ ଭାରତ ଦୁଇ ସ୍ୱର୍ଣ୍ଣ ସମେତ ୬ଟି ପଦକ ହାସଲ କରିଛି। ଫଳରେ ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଭାରତର ମୋଟ ପଦକ ସଂଖ୍ୟା ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ୧୧ରେ ପହଞ୍ଚିଛି। ରବିବାର ଅନୁଷ୍ଠିତ ପୁରୁଷ ୫୦ ମିଟର ପିସ୍ତଲରେ ଭାରତର ଗୌରବ ରାଣା ଏବଂ ଅର୍ଜୁନ ସିଂ ଚିମା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ରାଣା ୬୦ ଶଟ୍‌ପରେ ୫୬୩ ସ୍କୋର କରିଥିବାବେଳେ ଚିମା ୫୫୧ ସହ ଦ୍ୱିତୀୟ ହୋଇଥିଲେ। ଏହି ଦୁଇଜଣ ବିଜୟବୀର ସିଦ୍ଧୁ (୫୪୭)ଙ୍କ ସହିତ ମୋଟ ୧୬୫୧ ସ୍କୋର କରି ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରତିଯୋଗିତାରେ ବିଜୟବୀରଙ୍କର ଏହା ହେଉଛି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଶନିବାର ପ୍ରଥମ ଦିବସରେ ସେ ୨୫ ମିଟର ପିସ୍ତଲ ଟିମ୍ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ମହିଳା ୫୦ ମିଟର ପିସ୍ତଲରେ ପ୍ରିୟା ରାଘବନ ୫୩୫ ସ୍କୋର କରିବା ସହ ରୌପ୍ୟ ଓ ବିଭୂତି ଭାଟିଆ ୫୩୧ ପଏଣ୍ଟ ସହ ବ୍ରୋଞ୍ଜ ପାଇଥିଲେ। ଏହି ଦୁଇଜଣ ଆହୁରି ମଧ୍ୟ ହର୍ଷଦା ନିଥାଭେ (୪୯୧)ଙ୍କ ସହ ମୋଟ ୧୫୫୭ ସ୍କୋର କରି ଟିମ୍ ରୌପ୍ୟ ଜିତିଥିଲେ।

### ପୁଣି ବଢ଼ିବ ଆଇପିଏଲ ଦଳ ସଂଖ୍ୟା

ମୁମ୍ବାଇ,୧୪।୭: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜ ସଂଖ୍ୟା ପୁଣି ଥରେ ବୃଦ୍ଧିପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଅହମ୍ମଦାବାଦ୍‌ର ଆଦାନୀ ଗ୍ରୁପ, ପୁଣେର ଆରପିଜି ସଞ୍ଜୀବ ଗୋଏଙ୍କା ଗ୍ରୁପ, ରାଞ୍ଚି-ଜାମସେଦପୁରର ଟାଟାଙ୍କ ସହ ଅନ୍ୟ କିଛି କର୍ପୋରେଟ ହାଉସ ଆଇପିଏଲ ଫ୍ରାଞ୍ଚାଇଜ କିଣିବାକୁ ଇଚ୍ଛୁକ। ଏଣୁ ପୁଣି ଥରେ ଆଇପିଏଲ ଦଳ ସଂଖ୍ୟା ୮ରୁ ୧୦ ବୃଦ୍ଧି କରାଯାଇପାରେ। ୮ ବର୍ଷ ପୂର୍ବେ ଅର୍ଥାତ୍ ୨୦୧୧ରେ ବିସିସିଆଇ ସମାନ କାର୍ଯ୍ୟ କରିଥିଲା। ବହୁ ବିବାଦ ଉପୁଜିବାରୁ ଦୁଇ ବର୍ଷ ମଧ୍ୟରେ ବିସିସିଆଇ ନିଷ୍ପତ୍ତି ବଦଳାଇଥିଲା। ଏହାସତ୍ତ୍ୱେ ବିସିସିଆଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି।



> ଆଇସିସି ବିଶ୍ୱକପ୍ ଲିଗ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ବିପକ୍ଷ ପରାଜୟ ଆମକୁ ହତୋତ୍ସାହିତ କରିବା ପରିବର୍ତ୍ତେ ଜାଗ୍ରତ କରାଇ ଦେଇଥିଲା
> –ଜାସନ ରୟ, ଇଂଲଣ୍ଡ କ୍ରିକେଟର



> ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ କ୍ରିକେଟ ଦଳ ପାଇଁ ବହୁ ମୂଲ୍ୟବାନ ସେମାନଙ୍କର ଠିକଣା ଉପଯୋଗ ଆବଶ୍ୟକ।
> –ଗୌତମ ଗମ୍ଭୀର, ପୂର୍ବତନ କ୍ରିକେଟର






ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍ ପାଇଁ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଭିତରେ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏହାକୁ ରଙ୍ଗିନ ଆଲୋକରେ ସଜ୍ଜିତ କରାଯାଇଛି।

# ଆଜି ପହଞ୍ଚିବେ ୫ ଦଳ: ମଙ୍ଗଳବାର ଅଭ୍ୟାସ

## ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍

କଟକ ଅଫିସ,୧୪।୭

ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ାର ୨୧ତମ ସଂସ୍କରଣ ନିମନ୍ତେ ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ସମ୍ପୂର୍ଣ୍ଣ ପ୍ରସ୍ତୁତ। ପ୍ରତିଯୋଗିତା ସ୍ଥଳର ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟ ଏହି ବଡ଼ ଟୁର୍ନାମେଣ୍ଟ ନିମନ୍ତେ ପ୍ରସ୍ତୁତ ହୋଇସାରିଲାଣି । ଅଳ୍ପ କିଛି କାମ ବାକି ରହିଛି, ଯାହା ଖୁବ କମ ସମୟରେ ଶେଷ ହୋଇଯିବ ବୋଲି ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଲ କୁମାର ଦେବ ରବିବାର ପରିଦର୍ଶନ କରିବା ଅବସରରେ କହିଛନ୍ତି। ଅନ୍ୟପକ୍ଷରେ ସୋମବାର ୫ଟି ଦଳ ଭୁବନେଶ୍ୱରରେ ପହଞ୍ଚିବେ। ଏହି ଦଳଗୁଡ଼ିକ ହେଲା ୱେଲସ୍, ଇଂଲଣ୍ଡ, ଦକ୍ଷିଣଆଫ୍ରିକା, ଅଷ୍ଟ୍ରେଲିଆ ଓ ମାଲେସିଆ । ଖେଳାଳିମାନଙ୍କ ରହଣି ନିମନ୍ତେ ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମ ଓ ସ୍ୟାଣ୍ଡିସ ଟାୱାରରେ ବ୍ୟବସ୍ଥା ହୋଇଛି। ମ୍ୟାଚ୍ ଅଫିସିଆଲମାନଙ୍କ ନିମନ୍ତେ ଗୋପାଳପୁରସ୍ଥିତ ପାଲ ହାଇଟ୍ସ ମନ୍ତ୍ରାରେ ହୋଇଛି ରହଣୀ ବ୍ୟବସ୍ଥା। ମଙ୍ଗଳବାର ବଳକା ଦଳଗୁଡ଼ିକ ପହଞ୍ଚିବା ସହ ଅଭ୍ୟାସ ନିମନ୍ତେ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସଚିନ ତେନ୍ଦୁଲକର ଇନଡୋର ହଲକୁ ଆସିବେ। ସଚିନ ତେନ୍ଦୁଲକର ଇନଡୋର ହଲରେ ମଧ୍ୟ ପ୍ରସ୍ତୁତି ଶେଷ ହୋଇଛି। ରବିବାର ପରିଦର୍ଶନ ସମୟରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଆର୍ . ଭିନୀଲ କ୍ରୀଷ୍ଟା, ଜିଲାପାଳ ଭବାନୀ ଶଙ୍କର ଚଇନି, ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ପହଞ୍ଚିଲା ପ୍ରତିଯୋଗିତା ଟେବୁଲ

ପ୍ରତିଯୋଗିତା ସ୍ଥାନରେ ରବିବାର ଅନ୍ତର୍ଜାତୀୟ ସ୍ତରର ଟେବୁଲ ପହଞ୍ଚିଛି । ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଭିତରେ ମୋଟ ୧୧ଟି ଟେବୁଲ ପଡ଼ିବ। ଏହା ଭିତରୁ ୭ଟିରେ ପ୍ରତିଯୋଗିତା ହେବା ବେଳେ ୪ଟି ଟେବୁଲ ମ୍ୟାଚ୍ ପୂର୍ବର ପ୍ରସ୍ତୁତି ନିମନ୍ତେ ଖେଳାଳିମାନେ ବ୍ୟବହାର କରିପାରିବେ । ଅନ୍ୟପକ୍ଷରେ ସଚିନ ତେନ୍ଦୁଲକର ଇନଡୋର ହଲରେ ଅଭ୍ୟାସ ନିମନ୍ତେ ୬ଟି ଟେବୁଲ ପକାଯିବ ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି ।

### ଭାରତୀୟ ଦଳ ଘୋଷିତ

ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ରବିବାର ଉଭୟ ପୁରୁଷ ଓ ମହିଳା ଭାରତୀୟ ଦଳ ଘୋଷଣା କରାଯାଇଛି। ଘରୋଇ ପରିବେଶରେ ଭାରତ ଅଧିକ ପଦକ ଜିତିବାର ଆଶା ଏଥର ରହିଛି ବୋଲି ଫେଡେରେଶନ ପକ୍ଷରୁ କୁହାଯାଇଛି । ପୁରୁଷ ଦଳରେ ଅଛନ୍ତି ମେଲବୋର୍ନ ରାଜ୍ୟଗୋଷ୍ଠୀ କ୍ରୀଡ଼ା–୨୦୦୬ ସଂସ୍କରଣର ସ୍ୱର୍ଣ୍ଣ ପଦକ ବିଜେତା ଏ. ଶରଥ କମଲ । ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୩୨ତମ ସ୍ଥାନରେ ଥିବା ଶରଥ ଉଦ୍‌ଘାଟନୀ ଦିବସରେ ଖେଳାଯିବାକୁ ଥିବା ପୁରୁଷ ଦଳଗତ ବିଭାଗ ତଥା ହୋମ ଆସୋସିଏଶନ କପ୍‌ରେ ଭାରତୀୟ ଦଳର ନେତୃତ୍ୱ ନେବେ । ଅଭିଜ୍ଞ ତଥା ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୨୪ତମ ସ୍ଥାନରେ ଥିବା ଜି. ସାଥିୟାଁ ମଧ୍ୟ ଏହି ଦଳରେ ଅଛନ୍ତି । ଏହାଛଡ଼ା ଏ. ଅମଲରାଜ, ହରମିତ ଦେଶାଇ, ମାନଭ ଠାକର ଭାରତୀୟ ପୁରୁଷ ଦଳରେ ସ୍ଥାନ ପାଇଛନ୍ତି । ଭାରତୀୟ ଟେବୁଲ ଟେନିସ କ୍ରୀଡ଼ାର ଗୋଲ୍ଡେନ ଗାର୍ଲ କୁହାଯାଉଥିବା ମନିକା ବାତ୍ରାଙ୍କ ନେତୃତ୍ୱରେ ଭାଗ ନେବ ଜାତୀୟ ମହିଳା ଦଳ। ଗତ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ମନିକାଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହି ଆସିଛି । ମହିଳା ଦଳରେ ମଧୁରିକା ପାଟକର, ସୁତୀର୍ଥ ମୁଖାର୍ଜୀ, ଅର୍ଚ୍ଚନା କାମାଥ, ଆହିକା ମୁଖାର୍ଜୀ ରହିଛନ୍ତି ।

**ଭାରତୀୟ ଦଳ**

| ପୁରୁଷ | ମହିଳା |
|---|---|
| ଏ ଶରଥ କମଲ | ମନିକା ବାତ୍ରା |
| ଜି ସାଥିୟାଁ | ମାଧୁରିକା ପାଟକର |
| ଏ ଅମଲରାଜ | ସୁତୀର୍ଥ ମୁଖାର୍ଜୀ |
| ମାନଭ ଠାକର | ଅର୍ଚ୍ଚନା କାମାଥ |
| ହରମୀତ ଦେଶାଇ | ଆହିକା ମୁଖାର୍ଜୀ |

| ୭ ବିଭାଗରେ ହେବ ପ୍ରତିଯୋଗିତା |
|---|
| ହୋମ ଆସୋସିଏଶନ କପ୍ (ପୁରୁଷ ଦଳଗତ ବିଭାଗ) |
| ଇଣ୍ଡିଆ କପ୍ (ମହିଳା ଦଳଗତ ବିଭାଗ) |
| ସିଙ୍ଗାପୁର କପ୍(ପୁରୁଷ ସିଙ୍ଗଲ୍ସ ବିଭାଗ) |
| ଓସେନିଆ କପ୍(ମହିଳା ସିଙ୍ଗଲ୍ସ) |
| ହଂକଂ କପ୍(ପୁରୁଷ ଡବଲ୍ସ) |
| କାନାଡା କପ(ମହିଳା ଡବଲ୍ସ) |
| ଗର୍ନସି କପ୍( ମିକ୍ସଡ ଡବଲ୍ସ) |

# ଭିନେଶଙ୍କୁ ଲଗାତର ୨ୟ ସ୍ୱର୍ଣ୍ଣ

ଇସ୍ତାନବୁଲ, ୧୪।୭ (ପି.ଟି.)

ତାରକା ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍ ଏଠାରେ ଚାଲିଥିବା ୟାସାର ଡୋଗୁ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୫୩ କିଗ୍ରା ବିଭାଗରେ ଭିନେଶ ୯–୫ରେ ରୁଷିଆର ଏକଟ୍ରିନା ପୋଲେଶ୍ଚୁକଙ୍କୁ ପରାସ୍ତ କରି ପୋଡିୟମ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ଭିନେଶଙ୍କ ଏହା ୨ୟ ସ୍ୱର୍ଣ୍ଣ ପଦକ। ଏଥିପୂର୍ବରୁ ଗତ ସପ୍ତାହରେ ସ୍ପେନରେ ଅନୁଷ୍ଠିତ ହୋଇଥିବା ଗ୍ରାଁପ୍ରି ଟୁର୍ନାମେଣ୍ଟରେ ମଧ୍ୟ ସେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏକଟ୍ରିନାଙ୍କୁ ହରାଇବା ପରେ ଭିନେଶ ମହିଳା ବିଭାଗରେ ଭାରତ ପାଇଁ ୩ୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଙ୍କ ପୂର୍ବରୁ ୫୦ କିଗ୍ରା ବର୍ଗରେ ସୀମା ଓ ୫୯ କିଗ୍ରାରେ ମଞ୍ଜୁ ପୋଡିୟମ ଶୀର୍ଷରେ ରହିଥିଲେ।

ସେହିଭଳି ଆଘାତଜନିତ ସମସ୍ୟାରୁ ମୁକୁଳିଥିବା ସାକ୍ଷୀ ମଲିକ କିନ୍ତୁ ପଦକ ରାଉଣ୍ଡକୁ ପ୍ରବେଶ କରିବାରେ ବଞ୍ଚିତ ହୋଇଛନ୍ତି। ପ୍ରି–କ୍ୱାର୍ଟର ଫାଇନାଲରେ ହାରିଥିବା ସାକ୍ଷୀଙ୍କୁ ବ୍ରୋଞ୍ଜ ପଦକ ମ୍ୟାଚ୍ ପାଇଁ ସୁଯୋଗ ମିଳିଥିଲା। କିନ୍ତୁ ରିପେଜ୍ ରାଉଣ୍ଡରେ ମଧ୍ୟ ସେ ରୁଷିଆର ଓଲିଆନ ଡୁକୁରନୋଭାଙ୍କଠାରୁ ହାରି ନିରାଶ କରିଥିଲେ। ପୁରୁଷ ଫ୍ରି–ଷ୍ଟାଇଲରେ ରାହୁଲ ଆୱାରେ ୬୧ କିଗ୍ରା ଓଜନ ବର୍ଗରେ ୪–୧ରେ ତୁର୍କୀର ମୁନିର ଅକତାସଙ୍କୁ ହରାଇ କ୍ୟାରିୟରର ପ୍ରଥମ ର୍ୟାଙ୍କିଙ୍ଗ ସିରିଜ ଟାଇଟଲ ଜିତିଛନ୍ତି। ଦୀପକ ପୁନିଆ (୮୬ କିଗ୍ରା)ରୌପ୍ୟ ଏବଂ ସୁମିତ୍ (୧୨୫ କିଗ୍ରା) ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି।



ଖୁସି ମୁହୂର୍ତ୍ତରେ ଭିନେଶ ଫୋଗଟ୍ (ମଝି) ।

# ଅପରାଜେୟ ବିଜେନ୍ଦର

ନେବାର୍କ,୧୪।୭ (ପି.ଟି.)

ଭାରତୀୟ ତାରକା ପେସାଦାର ବକ୍ସର ବିଜେନ୍ଦର ସିଂ ଗୋଟିଏ ପରେ ଗୋଟିଏ ମୁକାବିଲା ଜିତି ପେସାଦାର ସର୍କିଟରେ ଅପରାଜେୟ ରହିବାରେ ସଫଳ ହୋଇଛନ୍ତି। ବିଜୟ ସହ ସେ ଆମେରିକା ପେସାଦାର ବକ୍ସିଂ ସର୍କିଟରେ ପଦାର୍ପଣ କରିଛନ୍ତି। ଆମେରିକାର ନ୍ୟୁଜର୍ସି ପ୍ରୋଭିନ୍ସର ନେବାର୍କ ସହରରେ ଶନିବାର ମଧ୍ୟ ରାତ୍ରିରେ ଖେଳାଯାଇଥିବା ମୁକାବିଲାରେ ବିଜେନ୍ଦର ନିଜଠାରୁ ଯଥେଷ୍ଟ ଅଭିଜ୍ଞ ବକ୍ସର ମାଇକ୍ ସ୍ନାଇଡରଙ୍କୁ ଟେକନିକାଲ ନକ୍‌ଆଉଟ୍ ଜରିଆରେ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ସୁପର ମିଡଲୱେଟ୍ ବାଉଟ୍‌ରେ ହରିୟାଣାର ୩୩ ବର୍ଷୀୟ ବକ୍ସର ବିଜେନ୍ଦର ୪ ରାଉଣ୍ଡରେ ଦମ୍‌ଦାର ପ୍ରଦର୍ଶନ କରି ବିଜୟ ହାସଲ କରିଛନ୍ତି। ଏଥିସହିତ ପେସାଦାର ବକ୍ସିଂରେ ସେ କ୍ରମାଗତ ୧୧ତମ ବିଜୟ ହାସଲ କରି ଅପରାଜେୟ ରହିଛନ୍ତି। ଦୀର୍ଘଦିନ ପରେ ବକ୍ସିଂ ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିଥିବାରୁ ବହୁତ ଖୁସି ବୋଲି ବାଉଟ୍ ପରେ ବିଜେନ୍ଦର କହିଛନ୍ତି। ଏହି ମୁକାବିଲା ବେଶ୍ ରୋମାଞ୍ଚକ ଥିଲା। ଆମେରିକାରେ ପଦାର୍ପଣ ମ୍ୟାଚ୍‌ରେ ବିଜୟୀ ହୋଇଥିବାରୁ ସେ ସନ୍ତୋଷ ପ୍ରକଟ କରିଛନ୍ତି।

ଚତୁର୍ଥ ରାଉଣ୍ଡର ଦ୍ୱିତୀୟ ମିନିଟ୍‌ରେ ସେ ବିଜୟୀ ହୋଇଥିଲେ। ବିଜେନ୍ଦର ସ୍ନାଇଡରଙ୍କୁ ଲଗାତର ସିଧା ପଞ୍ଚ୍‌ରେ ପରାସ୍ତ କରିଥିଲେ। ଫଳରେ ବିଜେନ୍ଦରଙ୍କୁ ବିଜୟୀ ଘୋଷିତ କରିବା ପାଇଁ ରେଫରି ବାଧ୍ୟ ହୋଇଥିଲେ। ୨ କିମ୍ବା ୩ ରାଉଣ୍ଡରେ କାମ ଶେଷ କରିବି ବୋଲି ଭାବିଥିଲି। ତେବେ ଶେଷରେ ୪ ରାଉଣ୍ଡ ଲାଗିଥିଲା। ଏହା ବିଜେନ୍ଦରଙ୍କ ଅଷ୍ଟମ ନକ୍‌ଆଉଟ୍ ବିଜୟ ସାବ୍ୟସ୍ତ ହୋଇଛି।



# ତୁର୍କୀ ଟୁର୍‌ରେ ଯିବ ଭାରତ

ନୂଆଦିଲ୍ଲୀ, ୧୪।୭ (ପି.ଟି.)

ଭାରତୀୟ ୧୯ବର୍ଷରୁ କମ୍ ଫୁଟ୍‌ବଲ ଦଳ ତୁର୍କୀ ଟୁର୍‌ରେ ଯିବ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏଏଫ୍‌ସି ୧୯ ବର୍ଷରୁ କମ୍ ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ଲାଗି ପ୍ରସ୍ତୁତିର ଅଂଶବିଶେଷ ସ୍ୱରୂପ ଏହି ଟୁର୍‌ର ଆୟୋଜନ କରଯାଇଛି। ତୁର୍କୀ ଟୁର୍ ବେଳେ ଭାରତ ଚଳିତ ମାସ ୧୯ରୁ ୨୭ ମଧ୍ୟରେ ଜୋର୍ଡାନ୍ ଓ ଓମାନର ୧୯ବର୍ଷରୁ କମ୍ ଜାତୀୟ ଦଳ ସହିତ ଏବଂ କାର୍ଟେପଠାରେ ସ୍ଥାନୀୟ କ୍ଲବ କୋକାଲିସ୍‌ପର ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ। ମୁଖ୍ୟ କୋଚ୍ ଫ୍ଲଏଡ୍ ପିଣ୍ଟୋ କହିଛନ୍ତି, ଆମେ ଯଥାସମ୍ଭବ ଅଧିକ ଅନ୍ତର୍ଜାତୀୟ ମାଚ ଖେଳିବା ଯୋଜନା କରିଛୁ। ଏହା ଦ୍ୱାରା ଆମ ପ୍ରଦର୍ଶନରେ ଉନ୍ନତି ଘଟିବ। ପଶ୍ଚିମ ଏସୀୟ ଦେଶ ଦଳଗୁଡ଼ିକ ବିପକ୍ଷରେ ପରିଖିନେବା କ୍ଷେତ୍ରରେ ତୁର୍କୀ ଟୁର୍ ଆମ ପାଇଁ ଏକ ଉତ୍ତମ ପ୍ଲାଟଫର୍ମ। ଆସନ୍ତା ନଭେମ୍ବରରେ ୧୯ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ଏହାପୂର୍ବରୁ ଶ୍ରେଷ୍ଠ ଦଳ ଗଢ଼ିବାକୁ ହେବ। ଦଳର ଖେଳ ଷ୍ଟାଇଲକୁ ସୁଦୃଢ଼ କରିବାକୁ ହେବ ବୋଲି ସେ କହିଛନ୍ତି।

# ହାମିଲଟନଙ୍କୁ ରେକର୍ଡ ଟାଇଟଲ

ସିଲ୍‌ଭରଷ୍ଟୋନ୍, ୧୪।୭

ମର୍ସିଡିଜର ଲୁଇସ୍ ହାମିଲଟନ ରେକର୍ଡ ୬ଷ୍ଠ ଥର ବ୍ରିଟିଶ ଫର୍ମୁଲାୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ଏଠାରେ ଜିମ୍ କ୍ଲାର୍କ ଏବଂ ଆଲେନ୍ ପ୍ରୋଷ୍ଟସ ୫ଥର ଲେଖାଏଁ ବିଜୟ ହାସଲ କରି ରେକର୍ଡର ଅଧିକାରୀ ଥିଲେ। ରବିବାର ରେସ୍‌ରେ ବିଶ୍ୱଚାମ୍ପିୟନ ଡ୍ରାଇଭର ହାମିଲଟନ ଏକ ସେଫ୍ଟି କାର୍‌ର ଫାଇଦା ଉଠାଇ ଟିମ୍‌ମେଟ୍ ଭାଲ୍‌ଟେରୀ ବୋଟାସଙ୍କୁ ଅତିକ୍ରମ କରିବାରେ ସଫଳ ହୋଇଥିଲେ। ଚଳିତ ସିଜନରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୦ରାଉଣ୍ଡ ରେସ୍‌ରେ ହାମିଲଟନଙ୍କ ଏହା ହେଉଛି ୭ମ ବିଜୟ। ଫଳରେ ବ୍ରିଟେନ ଡ୍ରାଇଭର ୬ଷ୍ଠ ବିଶ୍ୱ ଟାଇଟଲ ନିକଟତର ହୋଇଛନ୍ତି। ଚାମ୍ପିୟନଶିପ୍ ଷ୍ଟାଣ୍ଡିଂରେ ସେ ତଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୋଟାସଙ୍କଠାରୁ ୩୯ ପଏଣ୍ଟ ବ୍ୟବଧାନରେ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ନିଜ ସ୍ଥିତିକୁ ସୁଦୃଢ଼ କରିପାରିଛନ୍ତି। ହାମିଲଟନଙ୍କ କ୍ୟାରିୟରର ଏହା ହେଉଛି ମୋଟ ୮୦ତମ ଟାଇଟଲ। ରବିବାର ରେସ୍‌ରେ ରେଡ୍‌ବୁଲ୍‌ର ପିଏରେ ଗାସ୍‌ଲି ଏବଂ ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ପଛରେ ପକାଇ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ତୃତୀୟ ହୋଇଥିଲେ। ଟପ୍ ଟେନ୍‌ରେ ସ୍ଥାନ ପାଇଥିବା ଅନ୍ୟମାନେ ଯଥାକ୍ରମେ ହେଲେ କାର୍ଲୋସ ସେଞ୍ଜ ଜୁନିୟର(ମ୍ୟାକଲରେନ), ଡାନିଏଲ ରିକାର୍ଡୋ(ରେନଲ୍ଟ), କିମି ରାଇକୋନେନ (ଆଲ୍‌ଫା ରୋମିଓ), ଡାନିଲ୍ କ୍ୟାଟ୍(ଟୋରୋ ରୋସୋ) ଏବଂ ନିକୋ ହଲ୍କେନବର୍ଗ (ରେନଲ୍ଟ)। ରୋମାଞ୍ଚଭରା ବ୍ରିଟିଶ ଗ୍ରାଁ ପ୍ରିରେ ମାକ୍ସ ଭର୍ଷ୍ଟାପେନ୍ ଏବଂ ସେବାଷ୍ଟିଆନ ଭେଟେଲଙ୍କ ମଧ୍ୟରେ ଧକ୍କା ସବୁଠାରୁ ଉଲ୍ଲେଖନୀୟ ଘଟଣା।






# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଜୁଲାଇ ୧୫/୨୦୧୯ Balasore, Monday, July 15/2019


‘ରିପୋର୍ଟରେ ଥିଲା ଟ୍ୟୁମର୍, ଅସ୍ତ୍ରୋପଚାର ବେଳେ ବାହାରିଲାନି’

# ଘଟଣା ଚାପି ଦେବାକୁ ଉଦ୍ୟମ

**ଅସ୍ତ୍ରୋପଚାର କରାଇଥିବା ମହିଳା ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ**

**ଭଦ୍ରକ ଅଫିସ,୧୪।୭**

ତ୍ରୁଟିପୂର୍ଣ୍ଣ ରୋଗ ନିରୂପଣ (ଡାଇଗ୍ନୋସିସ୍) କରି ରୋଗୀଙ୍କ ଜୀବନ ସହ କିପରି ଖେଳ ଖେଳାଯାଉଛି ତାହାର ଏକ ନଜିର ପଦାକୁ ଆସିଛି। ଏକ ଘରୋଇ କ୍ଲିନିକ୍‌ର ଅଲ୍‌ଟ୍ରା ସାଉଣ୍ଡ ରିପୋର୍ଟ ଅନୁଯାୟୀ ଜଣେ ମହିଳାଙ୍କ ପେଟରେ ଟ୍ୟୁମର ଥିବା ଜଣାପଡିବାରୁ ତାଙ୍କୁ ଶନିବାର ଭଦ୍ରକର ଏକ ଘରୋଇ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ରାତି ପ୍ରାୟ ୯ଟା ବେଳେ ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ତାଙ୍କ ପେଟରେ କୌଣସି ଟ୍ୟୁମର ନ ଥିବା ସମ୍ପୃକ୍ତ ଡାକ୍ତର ଜାଣି ଏ ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ଏହି ଘଟଣାରେ ରିପୋର୍ଟ ତ୍ରୁଟିପୂର୍ଣ୍ଣ ନା ଅସ୍ତ୍ରୋପଚାରରେ ତ୍ରୁଟି ସେ ନେଇ ମହିଳାଙ୍କ ପରିବାରବର୍ଗ ଦ୍ୱନ୍ଦ୍ୱରେ ପଡିଥିଲେ। ତେବେ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ସତ୍ୟାସତ୍ୟ ସ୍ପଷ୍ଟ ହୋଇ ନାହିଁ। ମହିଳାଜଣଙ୍କ ସେଠାରେ ଚିକିତ୍ସାଧୀନ ରହିଛନ୍ତି। ବାହାରେ ପୁନଃ ପରୀକ୍ଷା କରାଇ ପରିବାର ଲୋକେ ଅଭିଯୋଗ କରିବେ ବୋଲି କହିଛନ୍ତି। ଘରୋଇ ହସ୍‌ପିଟାଲ ଓ କ୍ଲିନିକ ପକ୍ଷରୁ ଏହି ଘଟଣାକୁ ଚାପି ଦେବା ଲାଗି ଜୋରସୋର ଉଦ୍ୟମ କରାଯାଉଥିବା ଚର୍ଚ୍ଚାକୁ ଆସିଛି।

ଏ ସମ୍ପର୍କରେ ସୂଚନା ପାଇବା ପରେ ଶନିବାର ରାତି ଓ ରବିବାରର ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳକୁ ଯାଇ ଘରୋଇ ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କୁ ପଚାରିଥିଲେ। ବର୍ତ୍ତମାନ ପରୀକ୍ଷା ନିରୀକ୍ଷା ଚାଲିଛି, ରୋଗୀ ଡିସ୍‌ଚାର୍ଜ ହେବା ପରେ ଯାହା କିଛି ସୂଚନା ଦିଆଯାଇ ପାରିବ ବୋଲି ସେ କହିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଯୋଗେ ଶନିବାର ରାତିରେ ଅସ୍ତ୍ରୋପଚାର କରାଇଥିବା ମହିଳାଙ୍କ ଘର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କାଉପୁର ଅଞ୍ଚଳରେ। କିଛିଦିନ ତଳେ ତାଙ୍କ ପେଟରେ ଯନ୍ତ୍ରଣା ହେବାରୁ ସେ ଭଦ୍ରକ ଆସି ଏହି ଘରୋଇ ହସ୍ପିଟାଲରେ ପ୍ରଥମେ ଚିକିତ୍ସିତ ହୋଇଥିଲେ। ହସ୍ପିଟାଲ ପରାମର୍ଶକ୍ରମେ ସେ ଏକ ଘରୋଇ କ୍ଲିନିକ୍‌ରେ ଅଲଟ୍ରାସାଉଣ୍ଡ ପରୀକ୍ଷା କରାଇଥିଲେ। ପରୀକ୍ଷା ରିପୋର୍ଟରେ ପେଟରେ ଟ୍ୟୁମର ଥିବା ଜଣାପଡିବାରୁ ପରିବାର ଲୋକେ ତାଙ୍କୁ ଆଣି ଶନିବାର ସେହି ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ଏଭଳି ତ୍ରୁଟିପୂର୍ଣ୍ଣ ଚିକିତ୍ସା ସମ୍ପର୍କରେ ଟାଉନ ଥାନା ଅଧିକାରୀ ସରୋଜିନୀ ସିଂଙ୍କୁ ପଚାରିବାରୁ କହିଛନ୍ତି, ଏ ନେଇ ପୋଲିସରେ କେହି କିଛି ଅଭିଯୋଗ କରି ନାହାନ୍ତି। ଅଭିଯୋଗ ହେଲେ ମେଡିକାଲ ବିଶେଷଜ୍ଞଙ୍କ ସହଯୋଗ ନେଇ ତଦନ୍ତ କରାଯିବ। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଦୀପ କୁମାର ଖୁଣ୍ଟିଆଙ୍କୁ ପଚାରିବାରୁ ସେ ମଧ୍ୟ ଅନୁରୂପ ମତବ୍ୟକ୍ତ କରିଛନ୍ତି।



ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ୍ ମାର୍କୋଣା ଷ୍ଟେଶନ ନିକଟସ୍ଥ ନୟନଯୋରିରେ ଜଣେ ଯୁବକ ମାଛ ଧରୁଛନ୍ତି। (ଫଟୋ: ସନ୍ତୋଷ)

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁ ମୃତ

**ଠାକୁରମୁଣ୍ଡା,୧୪।୭(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ପାଣପୋଷୀ ଗ୍ରାମରେ ଶନିବାର ଅପରାହ୍ନରେ ପୋଖରୀରେ ବୁଡି ଜଣେ ୪ବର୍ଷ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ଗ୍ରାମର ପାଣ୍ଡୁ ହୋଙ୍କ ପୁଅ ଲଖନ ବୋଲି ଜଣାପଡିଛି। ପାଣ୍ଡୁ ଓ ତାଙ୍କ ସ୍ତ୍ରୀ ଧାନ ବିଲକୁ ଯାଇ ଅପରାହ୍ନରେ ଘରକୁ ଫେରି ଲଖନ ଘରେ ନ ଥିବା ଜାଣିବାକୁ ପାଇଥିଲେ। ବହୁ ଖୋଜାଖୋଜି ପରେ ଘର ନିକଟସ୍ଥ ଏକ ପୋଖରୀରେ ଲଖନଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ମହୁଲଡିହା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୧୯) ରୁଜୁ ହୋଇଛି।

### କୂଅରୁ ପଙ୍କୋଦ୍ଧାର ବେଳେ ୨ ଶ୍ରମିକ ଗୁରୁତର

**ରାଇରଙ୍ଗପୁର,୧୪।୭(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ତାଲଗାଁ ଗ୍ରାମରେ ରବିବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ୫୦ ଫୁଟ ଗଭୀର ଏକ କୂଅରୁ ପଙ୍କ ଉଦ୍ଧାର କରୁଥିବା ବେଳେ ଅଣ ନିଶ୍ୱାସୀ ହୋଇ ଦୁଇ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଶ୍ରମିକ ଦ୍ୱୟ ହେଲେ ମନୋଜ କୁମାର ମୁଣ୍ଡାରୀ(୩୫) ଓ ତାଙ୍କ ସାନ ଭାଇ କୁଶରାମ ମୁଣ୍ଡାରୀ(୩୨)। ତାଲଗାଁ ଗ୍ରାମରେ ଥିବା ଏକ କୂଅରୁ ମନୋଜ ଏବଂ କୁଶରାମ ମୋଟର ସାହାଯ୍ୟରେ ପଙ୍କ ଓ ପାଣି ସଫା କରୁଥିଲେ। ୫୦ ଫୁଟ ଗଭୀର କୂଅ ଭିତରେ ପଶି ସଫା କରୁଥିବା ବେଳେ ଦୁଇ ଭାଇ ଅଣ ନିଶ୍ୱାସୀ ହୋଇ ପଡିଥିଲେ। ଖବରପାଇ ଯାମଦା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଭାଇଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରିଛନ୍ତି।

### ଯୁବକଙ୍କୁ ମାଡ଼ ମାରି ଲୁଟ୍

**ବନ୍ତ, ୧୪।୭(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡା ଥାନା ଆଡିଆ ଗିରିଧାରୀ ନଗର ଗ୍ରାମର ବିଶ୍ୱନାଥ ଜେନାଙ୍କୁ ଶନିବାର ରାତିରେ ରାସ୍ତାରେ ୨ ଜଣ ଦୁର୍ବୃତ୍ତ ଅଟକାଇ ମାଡମାରି ସୁନାମୁଦି ଓ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ପୋଲିସ ତଦନ୍ତ କରି ବାଙ୍କତିରା ଗ୍ରାମର ଗୌତମ ମହାପାତ୍ରଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଥାନାରେ ଏକ ମାମଲା(ନଂ ୮୭/୧୯) ରୁଜୁ ହୋଇଛି। ବିଶ୍ୱନାଥ ତାଙ୍କ ବାଇକ୍‌ରେ କାଦବରାଙ୍ଗ-ଆଡିଆ ରାସ୍ତା ଦେଇ ଘରକୁ ଫେରୁଥିବା ବେଳେ ବାଙ୍କତିରା-ଅଘିରାଗଡିଆ ମଝିରେ ୨ ଅଭିଯୁକ୍ତ ତାଙ୍କୁ ଅଟକାଇହାତରୁ ସୁନାମୁଦି ଓ ପକେଟ୍‌ରୁ ଟଙ୍କା ଛଡାଇ ନେଇଥିଲେ। ସେ ପ୍ରତିବାଦ କରିବାରୁ ତାଙ୍କୁ ବାଉଁଶ ଠେଙ୍ଗାରେ ପିଟି ସେମାନେ ଖସି ପଳାଇ ଯାଇଥିଲେ। ଆଗରପଡା ଥାନାରେ ବିଶ୍ୱନାଥ ଅଭିଯୋଗ କରିବା ପରେ ପୋଲିସ ରାତିରେ ଚଢାଉ କରି ତନାଘନା କରିଥିଲା। ଅନ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

# ମାଟି ତଳୁ ବାହାରିଲା ମୃତଦେହ

## ସ୍ତ୍ରୀ, ପ୍ରେମିକ ମିଶି ହତ୍ୟା କରିଥିବା ସନ୍ଦେହ

**ଜଳେଶ୍ୱର, ୧୪।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା କଳମା ପଞ୍ଚାୟତ ଅଧୀନ ପ୍ରସାଦଶୋଳ ଜଙ୍ଗଲରୁ ରବିବାର ମାଟିରେ ପୋତା ହୋଇଥିବା ଏକ ମୃତଦେହ ଉଦ୍ଧାର କରାଯାଇଛି। ଉକ୍ତ ମୃତଦେହ ରାସଗୋବିନ୍ଦପୁର ଥାନା ଝାଟିଅଡ଼ା ପଞ୍ଚାୟତ କିଆଁଖାଳି ଗ୍ରାମର ଶଙ୍କର୍ଷଣ ବାରିକ(୩୨)ଙ୍କ ବୋଲି ଜଣାପଡ଼ିଛି। ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଓ ରାଇବଣିଆ ଥାନା ଅଧିକାରୀଙ୍କ ଉପସ୍ଥିତିରେ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ଏହି ମୃତଦେହ ଉଦ୍ଧାର କରାଯାଇଛି।

ତାଙ୍କୁ ହତ୍ୟା କରି ପୋତି ଦିଆଯାଇଥିବା ସନ୍ଦେହରେ ରାସଗୋବିନ୍ଦପୁର ପୋଲିସ ଥାନାରେ ମୃତ ଶଙ୍କର୍ଷଣଙ୍କ ସ୍ତ୍ରୀ ଓ ତାଙ୍କ ପ୍ରେମିକଙ୍କ ବିରୋଧରେ ଏକ ହତ୍ୟା ମାମଲା (ନଂ.୬୬/୨୦୧୯) ରୁଜୁ କରିଛି। ଏଥିସହିତ ଶଙ୍କର୍ଷଣଙ୍କ ସ୍ତ୍ରୀଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ଶନିବାର ବିଳମ୍ବିତ ରାତିରେ ଉକ୍ତ ମହିଳା ଓ ତାଙ୍କ ପ୍ରେମିକ ମିଶି ଶଙ୍କର୍ଷଣଙ୍କୁ ହତ୍ୟା କରିବା ପରେ ପାଖ ପ୍ରସାଦଶୋଳ ଜଙ୍ଗଲରେ ପୋତି ଦେଇଥିବା ପଡ଼ୋଶୀ ସନ୍ଦେହ କରିଛନ୍ତି। ଏଥିରୁ ପୋଲିସକୁ ସୁରାଗ ପାଇ ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି।

# ଡିକି ଭାଙ୍ଗି ୫୦ ହଜାର ଲୁଟ୍

## ସିସିଟିଭିରେ ଫୁଟେଜ୍ ଦେଖି ତଦନ୍ତ କରୁଛି ପୋଲିସ

**ଭଦ୍ରକ ଅଫିସ,୧୪।୭**

ଭଦ୍ରକ ଟାଉନ ଥାନା ଅଧୀନ କଚେରି ବଜାରର ଏକ ଦୋକାନ ସମ୍ମୁଖରୁ ଡିକି ଭାଙ୍ଗି ୫୦ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଘଟଣାଟି ଗତ ୮ ତାରିଖରେ ଘଟିଛି। ଏ ନେଇ ଶନିବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୨୦୨/୧୯) ରୁଜୁ କରି ତଦନ୍ତ କରୁଛି । ପୋଲିସ ସମ୍ପୃକ୍ତ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିବାରୁ ୩ ଜଣ ଦୁର୍ବୃତ୍ତ ଡିକି ଭାଙ୍ଗି ଟଙ୍କା ଲୁଟିନେବାର ଦୃଶ୍ୟ ସେଥିରେ ରହିଥିବା ଜଣାପଡିଛି। ସିସିଟିଭି ଫୁଟେଜ ଆଧାରରେ ଲୁଟେରାଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଥିବା ପୋଲିସ କହିଛି। ଘଟଣା ଦିନ ଅପର୍ତ୍ତିବିନ୍ଧା ନ୍ୟୁ କଲୋନୀ ନିବାସୀ ନରେନ୍ଦ୍ର କୁମାର ପଣ୍ଡା ଷ୍ଟେଟ୍‌ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ କଚେରି ବଜାର ନିକଟରେ କିଛି ସମୟ ଅଟକି ସଉଦା କିଣୁଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କ ଡିକି ଭାଙ୍ଗି ଟଙ୍କା ଲୁଟ୍ କରିନେଇଥିଲେ। ଲୁଟେରାଙ୍କ ଏଭଳି ଉପଦ୍ରବ ଜାରି ରହିଥିବାରୁ ସହରବାସୀ ଚିନ୍ତା ପ୍ରକଟ କରିଛନ୍ତି।

# ପାଣିରେ ବୁଡ଼ି ଯୁବକ ମୃତ

**ଜଳେଶ୍ୱର, ୧୪।୭(ଡି.ଏନ.ଏ.)**

ଜଳେଶ୍ୱର ଥାନା ଗୋପୀମୋହନପୁର ପଞ୍ଚାୟତ କଲ୍ୟାଣପୁର ଗ୍ରାମର ପ୍ରଭୁରାମ ଦାସ(୪୦) ଏକ ଖାଲରେ ପଡିଯାଇ ମୃତ୍ୟୁବରଣ କରିଛନ୍ତି। ସବୁଦିନ ଭଳି ରବିବାର ସକାଳେ ସେ ଚାଷକାମ ପାଇଁ ବିଲକୁ ଯାଇ ଅପରାହ୍ନ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ତାଙ୍କ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ପରିବାର ଲୋକେ ଓ ଗ୍ରାମବସୀ ବହୁ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ୬ଟାରେ କଲ୍ୟାଣପୁର ମୌଜାରେ ଚାଷଜମି ମଧ୍ୟ ଦେଇଯାଇଥିବା ଏକ ଖାଲ ମଧ୍ୟରୁ ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ସେ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ଋଣଦେବା ନାଁରେ ଠକେଇ: ଅଭିଯୁକ୍ତ ଗିରଫ

**ତିହିଡ଼ି,୧୪।୭(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବିଭିନ୍ନ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚଜି)କୁ ଋଣ କରାଇ ଦେବା ନାଁରେ ୫ଲକ୍ଷ ଟଙ୍କା ଠକି ନିଆଯିବା ଘଟଣା ପଦାକୁ ଆସିଛି। ଏ ସମ୍ପର୍କରେ ତିହିଡ଼ି ଥାନାରେ ଶନିବାର ଅଭିଯୋଗ ହେବା ପରେ ପୋଲିସ ଏକ ମକଦ୍ଦମା (ନଂ .୩୦୭/୧୯) ରୁଜୁ କରି ସମ୍ପୃକ୍ତ କମ୍ପାନୀର ମାଲିକ କୁହାଯାଉଥିବା ସ୍ୱପ୍ନେଶ୍ୱର ମଲିକଙ୍କୁ ଗିରଫ କରିଛି। ତାଙ୍କ ଘର ଧାମନଗର ବ୍ଲକ ଧୁଷୁରୀ ଥାନା ଅଧୀନ ମଙ୍ଗଳପୁର ଗ୍ରାମରେ।

ପୋଲିସ ଏହି ସୂଚନା ଦେଇ କହିଛି ଯେ, ସ୍ୱପ୍ନେଶ୍ୱର ୬ମାସ ପୂର୍ବେ ଏକ କମ୍ପାନୀ ଖୋଲି ତିହିଡ଼ି ଥାନା ଅଧୀନ ନୂଆସାହି ଅଞ୍ଚଳର ଜଣେ ମହିଳାଙ୍କୁ ଏଜେଣ୍ଟ ଭାବେ ନିଯୁକ୍ତି ଦେଇଥିଲେ। କମ୍ପାନୀରେ ଟଙ୍କା ଜମା କଲେ ଋଣ ମିଳିବ ବୋଲି ସ୍ୱପ୍ନେଶ୍ୱର ଜମାକାରୀମାନଙ୍କୁ ପ୍ରଲୋଭିତ କରିଥିଲେ। ପରେ ୩୯ଟି ଏସଏଚ୍‌ଜି ଗୋଷ୍ଠୀ ନିକଟରୁ ପ୍ରାୟ ୫ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ମାତ୍ର କାହାକୁ ଋଣ ନ ମିଳିବାରୁ ଏଜେଣ୍ଟ ଭାବେ କାମ କରୁଥିବା ମହିଳା ଏହାଏକ ଠକେଇ ଘଟଣା ଜାଣି କେତେକ ବ୍ୟକ୍ତିଙ୍କ ସହାୟତାରେ ଅଭିଯୁକ୍ତ ସ୍ୱପ୍ନେଶ୍ୱରଙ୍କୁ ମଙ୍ଗଳପୁର ଡକାଇ ପୋଲିସ ଜିମା ଦେଇଥିଲେ। ଏ ନେଇ ସେ ତିହିଡ଼ି ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷେ ଠକାମିର ଶିକାର ହୋଇଥିବା ମହିଳା ଓ ତାଙ୍କ ପରିବାରବର୍ଗ ଶନିବାର ତିହିଡ଼ି ଥାନାର ଦ୍ୱାରସ୍ଥ ହୋଇ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଫାଣ୍ଡି ଘେରାଉ

**ଚାନ୍ଦବାଲି,୧୪।୭(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ଭୂଇଁବୃତି ପଞ୍ଚାୟତର ଅଞ୍ଚଳର ଜଣେ ନାବାଳିକାକୁ ଜଣେ ଯୁବକ ଅସଦାଚରଣ କରିବା ଘଟଣା ନେଇ ଗତ ସପ୍ତାହରେ ମତୋ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ପୋଲିସ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଅଞ୍ଚଳବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବି କରି ରବିବାର ନାବାଳିକାଙ୍କ ପରିବାର ସମେତ ସ୍ଥାନୀୟ ଲୋକେ ମତୋ ଫାଣ୍ଡି ଘେରାଉ କରିଥିଲେ। ଫାଣ୍ଡି ଅଧିକାରୀ ସେମାନଙ୍କ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଶ୍ୱଶୁର ଘରେ ଜ୍ୱାଇଁଙ୍କ ମୃତ୍ୟୁ

ପାଟଣା,୧୪।୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ହାରାପଶି ଗ୍ରାମରେ ଜଣେ ୪୩ ବର୍ଷୀୟ ବିବାହିତ ବ୍ୟକ୍ତିଙ୍କ ଶ୍ୱଶୁରଘରେ ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ସଦର ଥାନା ସିଲିସୁଆଁ ଗ୍ରାମର ମାଛୁଆ ମାଝିଙ୍କ ପୁଅ ନାଥୁରାମ। ସୂଚନା ଅନୁଯାୟୀ ନାଥୁରାମ ଶନିବାର ଶ୍ୱଶୁରଘର ହାରାପଶି ଆସିଥିବା ବେଳେ ଅପରାହ୍ନରେ ହଠାତ ଅସୁସ୍ଥ ହୋଇ ବାନ୍ତି କରିଥିଲେ। ତା'ପରେ ତାଙ୍କର ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଥିଲା। ନାଥୁରାମଙ୍କ ବଡ଼ଭାଇ ଗୁରୁଆ ମାଝି ରବିବାର ତୁରୁମୁଙ୍ଗା ଥାନାରେ ତାଙ୍କ ଭାଇଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି ବୋଲି ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ଲାଗି ପଠାଇ ରବିବାର ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୧୯) ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡିବ ବୋଲି ତୁରୁମୁଙ୍ଗା ଥାନାଧିକାରୀ ଅମିତାଭ ଦାଶ କହିଛନ୍ତି।

### ଓଲଟିଲା ଚିପ୍ସ ବୋଝେଇ ଡମ୍ଫର

ଆନନ୍ଦପୁର,୧୪। ୭(ସ୍ୱ.ପ୍ର.)-୨୦ନଂ ଜାତୀୟ ରାଜପଥର ଶାଳପଡା ବାଇପାସ୍ ଓଭରବ୍ରିଜ୍ ଉପରେ ସନ୍ଧ୍ୟା ୮ଟା ସମୟରେ ଏକ ଚିପ୍ସ ବୋଝେଇ ଡମ୍ଫର ଓଲଟିପଡିଛି। ଡମ୍ଫରଟି ଭାରସାମ୍ୟ ହରାଇ ଓଲଟିପଡିଥିବାବେଳେ ଚିପ୍ସ ଗୁଡିକ ଢାଳିହୋଇ ତଳେ ଯାଇଥିବା ସର୍ଭିସ୍ ରୋଡ ଉପରେ ପଡିଥିଲା। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଗାଡିଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଘସିପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ସମସ୍ୟା ଦୂର କରିବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି।

### ମେଧାବୃତ୍ତି ପରୀକ୍ଷା ଦେଲେ ୨୬୭ ପରୀକ୍ଷାର୍ଥୀ

ପାଟଣା,୧୪।୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ସ୍ତରୀୟ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ରବିବାର ବ୍ଲକର ଦୁଇଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ପାଟଣା ମୁଖ୍ୟାଳୟର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ତୁରୁମୁଙ୍ଗା ସ୍ଥିତ ଦଧିବାମନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୨୦୧୮-୧୯ ଶିକ୍ଷାବର୍ଷର ଏହି ମେଧାବୃତ୍ତି ପରୀକ୍ଷାରେ ୨୮୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୯ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ଓମାତଙ୍କ ତତ୍ତ୍ୱାବଧାନରେ ଏବିଇଓ ନରୋତ୍ତମ ସାହୁ ଓ ଜଗବନ୍ଧୁ ମହାନ୍ତ ପରୀକ୍ଷା ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ ତୁଲାଇଥିଲେ। ଶିକ୍ଷକ ଭବାନୀ ଶଙ୍କର ମହାନ୍ତ ଓ ପୀତାମ୍ବର ମହାନ୍ତ ପରୀକ୍ଷା ପରିଚାଳକ ଦାୟିତ୍ୱ ତୁଲାଇଥିଲେ। ପରୀକ୍ଷାକୁ ଶିକ୍ଷକ କମଳାକାନ୍ତ ପତି, ବୀରମୋହନ ଦ୍ୱିବେଦୀ, ଶ୍ରୀକାନ୍ତ ବିଶ୍ୱାଳ, କ୍ଷେତ୍ରମୋହନ ମହାନ୍ତ ଓ ଦୀପ୍ତିମୟୀ ସାହୁ ପରିଚାଳନା କରିଥିଲେ।

### ଜୁଆଙ୍ଗ ଭାଷାରେ କବି ସମ୍ମିଳନୀ

କେନ୍ଦୁଝର, ୧୪।୭(ସ୍ୱ.ପ୍ର./ଡି.ଏନ.ଏ.)- ଜୁଆଙ୍ଗ ଭାଷାରେ କବି ସମ୍ମିଳନୀ ଓ ଜୁଆଙ୍ଗ ଶବ୍ଦକୋଷ ଉନ୍ମୋଚନ ଉତ୍ସବ ସ୍ଥାନୀୟ ଶହୀଦ ସଦନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଭକ୍ତ ବତ୍ସଳ ମହାନ୍ତି ସ୍ୱାଗତ ଜଣାଇ ଉତ୍ସବର ଆଭିମୁଖ୍ୟ କହିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ସାନ୍ତାଳୀ ଭାଷାର ପରାମର୍ଶଦାତା ମଦନ ମୋହନ ସୋରେନ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ସଭାପତି ରାମରାୟ ମୁଣ୍ଡେୟା, ଆକାଶବାଣୀର ପ୍ରତିନିଧି ସୁପାଇ ମୁର୍ମୁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନୀଳାଦ୍ରି ବିହାରୀ ମିଶ୍ରଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ ଜୁଆଙ୍ଗ ଶବ୍ଦ କୋଷ (ଜୁଆଙ୍ଗ ଶବ୍ଦ ମୁଇଁ ଟାଣ) ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେବା ସହ ଶବ୍ଦକୋଷ ଜୁଆଙ୍ଗମାନଙ୍କ ପାଇଁ ଉତ୍ସର୍ଗୀକୃତ କରାଯାଇଥିଲା। ଅନୁଷ୍ଠିତ କବି ସମ୍ମିଳନୀରେ ୬ଜୁଆଙ୍ଗ ପୀଢର ୨୦ଟି ଗ୍ରାମରୁ ୫୦ରୁ ଉର୍ଦ୍ଧ୍ୱ ଯୁବକବି ଓ କବୟିତ୍ରୀ ଯୋଗଦେଇ ଆବୃତ୍ତି କରିଥିଲେ। ଆଗାମୀ ଦିନରେ ଜୁଆଙ୍ଗ ଭାଷାରେ ଲେଖକ ସମ୍ମିଳନୀ କରିବାକୁ ସ୍ଥିର କରାଯାଇଥିଲା। ଅଭିମନ୍ୟୁ ଜୁଆଙ୍ଗ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଚରମ ଅବ୍ୟବସ୍ଥାରେ ସ୍ୱାସ୍ଥ୍ୟସେବା

- ଅର୍ଥ ନାହିଁ ତ ଚିକିତ୍ସା ନାହିଁ
- ଆମ୍ବୁଲାନ୍ସକୁ ୨ ଦିନ ଅପେକ୍ଷା କରି ବସ୍‌ରେ କଟକ ଗଲେ ସୁନାରାମ
- ନିଆଯାଉନି ଆଖିଦୃଶିଆ ପଦକ୍ଷେପ

ଆନନ୍ଦପୁର,୧୪। ୭(ସ୍ୱ.ପ୍ର.)

ଅବ୍ୟବସ୍ଥାର ଚରମ ସୀମାରେ ପହଞ୍ଚିଛି ସ୍ୱାସ୍ଥ୍ୟସେବା। ଗରିବ ଲୋକମାନଙ୍କ ପାଇଁ ଏହା ଯେମିତି ସାତ ସପନ ପାଲଟିଛି। ଅର୍ଥ ନାହିଁ ତ ଚିକିତ୍ସା ସୁବିଧା ପାଇବାର ହକ୍ ନାହିଁ। ଏହିଭଳି ଆଉ ଏକ ଅବହେଳିତ ସ୍ୱାସ୍ଥ୍ୟସେବାର ନମୁନା ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ଦୁଇ ଦିନ ଧରି ୧୦୮ ଆମ୍ବୁଲାନ୍ସକୁ ଅପେକ୍ଷା କରି ଶେଷରେ ଅଧିକ ଚିକିତ୍ସା ପାଇଁ ବସ୍‌ରେ କଟକ ଯାଇଛନ୍ତି ସୁନାରାମ। ଆଦିବାସୀ ବହୁଳ ହରିଚନ୍ଦନପୁର ବ୍ଲକ ଭଗାମୁଣ୍ଡା ଅଞ୍ଚଳ ମଣିଆବନ୍ଧ ଗ୍ରାମର ସୁନାରାମ ମାଝି। ମୂତ୍ରାଶୟ ରୋଗରେ ପୀଡିତ ହୋଇ ସେ ଗତ ୧୧ ତାରିଖଠାରୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଧୀରେ ଧୀରେ ଖରାପ ଆଡକୁ ଗତି କରିବାରୁ ତାଙ୍କୁ ୧୩ ତାରିଖ ଅଧିକ ଚିକିତ୍ସା ପାଇଁ କଟକ ରେଫର କରାଯାଇଥିଲା। ତେବେ ପ୍ରାଇଭେଟ୍ ଗାଡି କରି କଟକ ଯିବା ପାଇଁ ତାଙ୍କ ପାଖରେ ଅର୍ଥର ଅଭାବ


ସୁନାରାମ।

ରହିଥିଲା। ତେଣୁ ସେ ୧୩ ତାରିଖ ଶନିବାରଠାରୁ ୧୦୮ ଆମ୍ବୁଲାନ୍ସ ସହିତ ଯୋଗାଯୋଗ ରକ୍ଷା କରିଥିଲେ ସୁଦ୍ଧା ୧୪ ତାରିଖ ୧୨ଟା ସୁଦ୍ଧା ଆମ୍ବୁଲାନ୍ସର ଦେଖାମିଳି ନ ଥିଲା। କଟକ ରେଫର ହୋଇଥିବାରୁ ସେ ନା ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ରହିପାରୁଛନ୍ତି ଅର୍ଥାଭାବ ଥିବାରୁ ନା ସେ କଟକ ଯାଇପାରୁଛନ୍ତି। ବାଧ ହୋଇ ସେ ବହୁତ ସମୟ ଧରି ଡାକ୍ତରଖାନାରେ ଥିବା ଏକ ଗଛମୂଳେ ବସି ରହିଥିଲେ। ତେବେ ଦୀର୍ଘ ସମୟ ପରେ ସୁନାରାମ ଶେଷରେ ଏକ ବସ୍ ଯୋଗେ କଟକ ଯିବାକୁ ବାଧ ହୋଇଥିଲେ। ଚିକିତ୍ସା ଅବହେଳାରୁ କେହି ମରିବେ ନାହିଁ ବୋଲି ସରକାର କୋଟି କୋଟି ଟଙ୍କା ଅର୍ଥ ବ୍ୟୟ ଯୋଜନା ମାନ କରିବାରେ ଲାଗିପଡିଛନ୍ତି। ହେଲେ ଏହି ସବୁ ଯୋଜନା ଗରିବ ଆଦିବାସୀ ସୁନାରାମଙ୍କ ନିକଟରେ ଅପହଞ୍ଚ ହୋଇପଡିଛି। ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ରେଡକ୍ରସ୍ ପାଣ୍ଠି ହେଉ କି ରୋଗୀ କଲ୍ୟାଣ ସମିତି ପାଣ୍ଠି କିମ୍ବା ଡିଏମଏଫ ପଣ୍ଡ ସହାୟତାରେ ସୁନାରାମଙ୍କ ଭଳି ଗରିବ ଆଦିବାସୀଙ୍କ ଚିକିତ୍ସା କ୍ଷେତ୍ରରେ ଲଗାଯାଇପାରିଥାନ୍ତା ହେଲେ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯିବା ଦେଖିବାକୁ ମିଳି ନ ଥିଲା।

ସେହିପରି ଶୁକ୍ରବାର ସନ୍ଧ୍ୟା ୬ଟାରେ ଘସିପୁରା ଥାନା ୨୦ ନଂ ଜାତୀୟ ରାଜପଥର କଲରାଗଡିଆ ଛକଠାରେ ପଣ୍ଡାପଡା ଅଞ୍ଚଳର ଜଣେ ଯୁବକ ରଘୁନାଥ ନାୟକ ଦୁର୍ଘଟଣାର ଶିକାର ହୋଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତାଙ୍କର ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ କଟକ ରେଫର କରାଯାଇଥିଲା। ହେଲେ ଦୀର୍ଘ ୪ ଘଣ୍ଟା କାଳ ଆମ୍ବୁଲାନ୍ସ ନ ଆସିବାରୁ ଶେଷରେ ସେ ରାତି ୧୦ଟା ୨୦ ରେ ଆଖିବୁଜିଲେ। ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଦୁଇ ଦିନ ମଧ୍ୟରେ ଘଟିଯାଇଥିବା ଦୁଇ ଗୋଟି ଘଟଣାକୁ ରୋଗୀକଲ୍ୟାଣ ସମିତିର ସଦସ୍ୟ ସମାଜସେବୀ ବୁଲୁ ପଟ୍ଟନାୟକ ତୀବ୍ର ନିନ୍ଦା କରିଛନ୍ତି। ସରକାର ଆଦିବାସୀମାନଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି, କିନ୍ତୁ ଏହି ଯୋଜନା ଗୁଡିକ ଆଦିବାସୀମାନେ ନ ପାଇ ମୃତ୍ୟୁମୁଖରେ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ କରିଛନ୍ତି।


ସୁନାବେଶରେ ତିନି ଠାକୁର।

## ଦଧିବାମନ ଜୀଉଙ୍କ ସୁନାବେଶ

ଆନନ୍ଦପୁର, ୧୪।୭(ସ୍ୱ.ପ୍ର.)

ଆନନ୍ଦପୁରର ଆରାଧ୍ୟ ଦଧିବାମନ ଜୀଉଙ୍କ ସୁନାବେଶ ଶନିବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। କଡ଼ା ସୁରକ୍ଷା ମଧ୍ୟରେ ମହାପ୍ରଭୁଙ୍କ ଅଳଙ୍କାର ଅଣାଯାଇ ରଥାରୂଢ଼ ଅବସ୍ଥାରେ ତିନି ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ସମସ୍ତ ନୀତିକାନ୍ତି ଶେଷ ପରେ ରଥ ଉପରେ ତିନି ଠାକୁର ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଦେବୋତ୍ତର ବିଭାଗର ମୁଖ୍ୟ ତଥା ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତହସିଲଦାର ତପନ କୁମାର ନାୟକ, ରେଭେନ୍ୟୁ ଅଫିସର୍ କୀର୍ତ୍ତନ ବିହାରୀ ଓଝା ଶ୍ରୀ ଜୀଉଙ୍କ ସୁନାବେଶ କାର୍ଯ୍ୟକୁ ତଦାରଖ କରିଥିଲେ। ଏହି ଅବସରରେ ସ୍ନାନମଣ୍ଡପରେ ଭଜନ ସନ୍ଧ୍ୟା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ସୁନାବେଶ ଦେଖି ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ।

## ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟକୁ ବିରୋଧ

ଯୋଡା, ୧୪।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ୧୧ନଂ ୱାର୍ଡ କମାରଯୋଡ଼ା ତାରିଣୀସାହିଠାରେ ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ନିର୍ମାଣକୁ ଅଞ୍ଚଳବାସୀ ବିରୋଧ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଯୋଡ଼ା ପୌରପାଳିକା ପକ୍ଷରୁ କମାରଯୋଡ଼ାଠାରେ ଉକ୍ତ ପ୍ଲାଣ୍ଟ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଥିଲା। ଶୁକ୍ରବାର ଉକ୍ତ ସ୍ଥାନରେ ବାଲି, ଚିପ୍ସ, ମେଟାଲ ପକାଇବା ସହ ବୋରିଂ ମେଶିନ ଲଗାଯାଇଥିଲା। ସ୍ଥାନୀୟ ଲୋକେ ପ୍ରଥମେ ଏ ସମ୍ପର୍କରେ କିଛି ଜାଣିପାରି ନ ଥିଲେ। ତେବେ ଉକ୍ତ ଅଞ୍ଚଳରେ ପୌରପାଳିକା ପକ୍ଷରୁ ଏକ ପ୍ଲାଣ୍ଟ ନିର୍ମାଣ କରାଯାଉଥିବା ଜାଣିପାରି ରବିବାର ସକାଳ ପ୍ରାୟ ୧୦ଟାରେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି କାମ ବନ୍ଦ କରିଦେଇଥିଲେ। ଏହି କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ଠିକାସଂସ୍ଥାକୁ ଦିଆଯାଇଥାଏ ଏବଂ ଏଥିପାଇଁ ଖବରକାଗଜରେ ମଧ୍ୟ ବିଜ୍ଞାପନ ଦିଆଯାଏ। ହେଲେ ଏପରି କିଛି କରା ନ ଯାଇ କିଭଳିଭାବେ


ପ୍ଲାଣ୍ଟ ନିର୍ମାଣ ସ୍ଥାନ ।

ପୌରପାଳିକା ପକ୍ଷରୁ କାର୍ଯ୍ୟ ଦିଆଗଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀଙ୍କୁ ପଚାରିବାରୁ ସଲିଡ଼ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ ଇ-ଟେଣ୍ଡର କରାଯାଇଛି। ଏହି ଟେଣ୍ଡର ମାଧ୍ୟମରେ ଅଖିଳ ମହାନ୍ତି ଏବଂ ରାମ ନାଏକ ନାମକ ଦୁଇ ଜଣ ଠିକାଦାର କାର୍ଯ୍ୟ କରୁଛନ୍ତି। ଏହି ଟେଣ୍ଡର ସମ୍ପର୍କରେ ସେ ରେକର୍ଡ ଦେଖି ଅଧିକ ତଥ୍ୟ ଦେଇପାରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ଏହି କାର୍ଯ୍ୟଟି ରାଜ୍ୟର ପାଇଲଟ ପ୍ରୋଜେକ୍ଟ ହୋଇଥିବାରୁ ଏହାର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ଜିଲାପାଳ ମଧ୍ୟ ନିର୍ଦ୍ଦେଶ ଦେଇଥିବା ସେ କହିଥିଲେ। ତେବେ ପ୍ରଶ୍ନ ଉଠୁଛି ଯେ, ଛୋଟ ଛୋଟ କାର୍ଯ୍ୟକୁ ଠିକା ସଂସ୍ଥାମାନଙ୍କୁ ଦେବା ପୂର୍ବରୁ ଖବରକାଗଜ ମାଧ୍ୟମରେ ବିଜ୍ଞାପନ ଦିଆଯାଉଛି ,ହେଲେ ଏଥିରେ ଇ-ଟେଣ୍ଡର କହି ଦୋଷଛଡ଼ା ହେଉଛନ୍ତି ବୋଲି ଅଞ୍ଚଳର ପୂର୍ଣ୍ଣ ପାତ୍ର, ଘନଶ୍ୟାମ ରାନା, ବାବଲୁ ମୁଣ୍ଡା ପ୍ରମୁଖ ଅଭିଯୋଗରେ କହିଥିଲେ।

## ଫେଲ ମାରିଛି ଆମ ଗାଁ ଆମ ବିକାଶ ଯୋଜନା
### ୬ ମାସ ହେଲା ଅଧାରେ ଗୃହ ନିର୍ମାଣ

ହାଟଡିହୀ, ୧୪।୭ (ଡି.ଏନ.ଏ.)

ସରକାରଙ୍କ ତରଫରୁ ଆମ ଗାଁ ଆମ ବିକାଶ ଯୋଜନାରେ ବିଭିନ୍ନ ପଞ୍ଚାୟତରେ ଗୋଷ୍ଠୀ ସାଧନ କେନ୍ଦ୍ର ଗୃହ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କଲେ। ଏହି ଗୃହ ବିଭିନ୍ନ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ନିର୍ମାଣ ହେବାପାଇଁ ବ୍ଲକ ପ୍ରଶାସନ ତରଫରୁ ପଦକ୍ଷେପ ନିଆଗଲା । କିନ୍ତୁ କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ନିର୍ମାଣ କାର୍ଯ୍ୟର କଚ୍ଛପ ଗତି ପରିତାପର ବିଷୟ ସାଜିଛି। ଦୀର୍ଘ ୬ ମାସ ବିତିଯିବାକୁ ବସିଥିଲେ ସୁଦ୍ଧା ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନି। ବହୁ ପଞ୍ଚାୟତରେ ଏଥିରେ ବ୍ୟାପକ ବ୍ୟତିକ୍ରମ ଦେଖାଦେଇଛି। ବ୍ଲକ ବିଡିଓ ଗୃହ ନିର୍ମାଣ କାର୍ଯ୍ୟ ସ୍ଥିତି ସମ୍ପର୍କରେ ବୁଲି ଦେଖିଛନ୍ତି । କିନ୍ତୁ ଏହାର ଅଗ୍ରଗତି ଆଖିଦୃଶିଆ ହେଉନାହିଁ। ଏପରି ସ୍ଥିତିରେ ବିଧାୟକ ଭାଗୀରଥୀ ସେଠୀ ଦୃଷ୍ଟି ଦେବାକୁ ଦାବି ହେଉଛି । ସୂଚନାରୁ ଜଣାଯାଇଛି ଯେ ଅଦ୍ୟାବଧି ୧୬୧ଟି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨୫ଟି ସ୍ଥାନରେ ଗୃହ ନିର୍ମାଣ କାର୍ଯ୍ୟ ଆଦୌ ଆରମ୍ଭ ହୋଇନି। ଅବଶିଷ୍ଟ ଗୃହ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ିରହିଛି। ସହକାରୀ ଯନ୍ତ୍ରୀ ସୁଶୀଲ ସେଠିଙ୍କୁ ପଚାରିବାରୁ କେତେକ ସ୍ଥାନରେ ରାଜନୈତିକ ବିବାଦ ଯୋଗୁ ଗୃହ ନିର୍ମାଣ କାର୍ଯ୍ୟ କରାଯାଇପାରୁନି। ଅସମ୍ପୂର୍ଣ୍ଣ ଗୃହ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି।

## ସ୍କୁଲରେ ମସ୍ତିଷ୍କ ବିକାଶ ପ୍ରଶିକ୍ଷଣ


ମଞ୍ଚାସୀନ ଅତିଥି ।

ବଡ଼ବିଲ, ୧୪.୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ସୁନ୍ଦରାବସ୍ତି ସ୍ଥିତ ଗ୍ରୀନ ହିଲ୍ସ ପବ୍ଲିକ ସ୍କୁଲରେ ରବିବାର ୫ ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ମସ୍ତିଷ୍କ ବିକାଶର ପ୍ରଦର୍ଶନ ଶିବିର ଅନୁଷ୍ଠିତ ହୋଇଛି। ଆୟୋଜିତ ଏକ ସଭାରେ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଦିଲୀପ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ପ୍ରତାପ କିଶୋର ଦାସ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଜିଲା ବିଡିଓ ପଲ୍ଲବୀରାଣୀ ରାଜ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମସ୍ତିଷ୍କର ବିକାଶ ପ୍ରଶିକ୍ଷଣ ଦ୍ୱାରା ସମ୍ଭବପର ବୋଲି ଏହାର ପ୍ରଶିକ୍ଷକ ତପେଶ୍ୱର ମହାନ୍ତ ସୂଚନା ଦେଇଥିଲେ। ତପେଶ୍ୱରଙ୍କ ତତ୍ତ୍ୱାବଧାନରେ ବିଗତ ୨ ବର୍ଷ ଧରି ଏହି ପ୍ରଶିକ୍ଷଣ ଦ୍ୱାରା ବିକଶିତ ପ୍ରଜ୍ଞା ପାରମିତା ମହାନ୍ତଙ୍କ ଆଖିରେ ପଟି ବାନ୍ଧି ବିଭିନ୍ନ ରଙ୍ଗ ନିରୂପଣ, ଲେଖାର ପଠନ, ବିଭିନ୍ନ ଦ୍ରବ୍ୟର ପରିଚୟ ପ୍ରଦାନ ଉପସ୍ଥିତ ସମସ୍ତଙ୍କୁ ସ୍ତମ୍ଭିତ କରିଦେଇଥିଲା।

## କଲେଜରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର

ଆନନ୍ଦପୁର, ୧୪।୭(ସ୍ୱ.ପ୍ର.)

ଆନନ୍ଦପୁର ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ମୋଚିନ୍ଦା ପଞ୍ଚାୟତର ଶରଧାପୁର ଠାରେ ଅନୁଷ୍ଠିତ ହେଉଥିବା ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ତଥା ଏନସିସି ଅଫିସର ମେଜର୍ ଡ. ଦିଲ୍ଲୀପ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୋଚିନ୍ଦା ସରପଞ୍ଚ ହେନାରାଣୀ ଓଝା, ୱାର୍ଡ ସଭ୍ୟ ଭାମା ନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସୁଦୀପ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଶିବିର ଆଗାମୀ ୭ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ୪୫୦ ଜଣ ଛାତ୍ରୀଛାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ମାସେ ବିତିଲା, ବାପାଙ୍କ ଫେରିବା ବାଟକୁ ଚାହିଁଛି ପୁଅ

ଆନନ୍ଦପୁର, ୧୪।୭(ସ୍ୱ.ପ୍ର.)

ଫକୀରପୁର ଗ୍ରାମର ୩୦ ବର୍ଷୀୟ ମହେଶ୍ୱର ମଲ୍ଲିକ ବାପାର ଫେରିବା ବାଟକୁ ଚାହିଁ ବସିଛନ୍ତି। ଗତ ଜୁନ୍ ୧୧ ତାରିଖ ସକାଳ ୭ଟା। ମହେଶ୍ୱରଙ୍କ ବାପା ମୀନକେତନ ମଲ୍ଲିକ କାମ କରିବାକୁ ଯାଉଛି କହି ଘରୁ ବାହାରିଥିଲେ। ହେଲେ ସେ ଆଉ ଘରକୁ ଫେରିଲେନି। ପରିବାରବର୍ଗ ବିଭିନ୍ନ ସ୍ଥାନରେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କୁ ନ ପାଇ ନିରାଶ ହୋଇଥିଲେ। ଶେଷରେ ବାଧ ହୋଇ ପୁଅ ମହେଶ୍ୱର ଜୁନ୍ ୨୧ ତାରିଖରେ ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବାପା ନିଖୋଜ ହେବାକୁ ମାସେ ବିତିଲାଣି ହେଲେ ତାଙ୍କର କୌଣସି ପତ୍ତା ମିଳୁ ନ ଥିବାରୁ ପରିବାରବର୍ଗ ଦୁଃଖରେ ଦିନ ବିତାଉଛନ୍ତି। ମୀନକେତନ ଘର ବାହାରକୁ ଗଲାବେଳେ ସବୁଜ ରଙ୍ଗର ଏକ ଲୁଙ୍ଗି ପିନ୍ଧିଥିବାବେଳେ ନାଲି ରଙ୍ଗର ଏକ ଗାମୁଛା ବେକରେ ପକାଇଥିଲେ। ସେ ଇଟାଭାଟିରେ କୋଇଲା ପିଟା କାମ କରି ନିଜର ପରିବାର ଭରଣ ପୋଷଣ କରୁଥିଲେ।

## ପରିବେଶ ସୁରକ୍ଷା ପାଇଁ ଚାରାରୋପଣ


ଅତିଥିଙ୍କ ଦ୍ୱାରା ଚାରା ରୋପଣ କରାଯାଉଛି।

କେନ୍ଦୁଝର, ୧୪।୭(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆଇନସେବା ପ୍ରାଧୀକରଣ ପରିବେଶର ସୁରକ୍ଷା ଦିଗରେ ଅଗ୍ରସର ହୋଇ ବନବିଭାଗ ସହାୟତାରେ ଚାରାରୋପଣ କରାଯାଇଛି। ଜୁଡିଆ ପାହାଡ ପାରିପାର୍ଶିକ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଜଙ୍ଗଲ କିସମ, ଫଳବୃକ୍ଷ, ଔଷଧୀୟ ଚାରା ପ୍ରାୟ ୨୦ଏକର ପରିମିତ ଅଞ୍ଚଳରେ ଲଗାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାଧୀକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ବିଜୟ କୁମାର ମିଶ୍ର ଯୋଗଦେଇ ଅନ୍ୟୁନ ୨୫ଟି ଗଛ ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ଲୋକନାଥ ସାହୁ, ପରିବାର ଅଦାଲତ ବିଚାରପତି ମିନତି କୁମାରୀ ପଣ୍ଡା, ପ୍ରାଧୀକରଣ ସଚିବ ବନାଲି ତ୍ରିପାଠୀ, ଦେୱାନୀ ବିଚାରପତି ସ୍ୱର୍ଣ୍ଣଲତା ନାୟକ,ଏସ୍‌ଡିଜେଏମ୍ ପବିତ୍ରାନନ୍ଦ ପ୍ରଧାନ, ଡିଏଫ୍‌ଓ ସନ୍ତୋଷ କୁମାର ଯୋଶୀ, ସଦର ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ନିମ୍ବ, ଶିଶୁ, କରଞ୍ଜ, କୃଷ୍ଣଚୂଡା, ପିଜୁଳି ଆଦି ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା।

# ଗାଁର ନାମ ପିଟାପିଟି

- ୨୫୦ ବର୍ଷରୁ ଅଧିକ ପୁରୁଣା
- କହେ ଭାଇଚାରାର କାହାଣୀ
- ମିଳିମିଶି ପାଳନ୍ତି ପର୍ବପର୍ବାଣି

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୧୪।୭(ସ୍ୱ.ପ୍ର.)

କେନ୍ଦୁଝରରୁ ନରଣପୁର-ବ୍ରାହ୍ମଣୀପାଳ ରାସ୍ତାରେ ଗଲେ ହରିଚନ୍ଦନପୁର ପହଞ୍ଚିବା ପୂର୍ବରୁ ଏକ ଗ୍ରାମ ପଡେ, ଯାହାର ନାମ ପିଟାପିଟି। ରାସ୍ତାରେ ଯାତାୟାତ କରୁଥିବା ଲୋକେ ଏହାର ନାମକରଣକୁ ନେଇ ଉତ୍ସାହିତ ହୋଇ ଉଠନ୍ତି। କେହି କେହି ଏହି ଗ୍ରାମରେ ଓହ୍ଲାଇ ନାମ ଫଳକ ପାଖରେ ସେଲ୍‌ଫି ନେଇଥାନ୍ତି। ଅନେକ ଏହି ନାମକୁ ନେଇ ଥଟ୍ଟାମଜା କରିଥାନ୍ତି ଓ ଅନେକ ଅପବାଦ କରିଥାନ୍ତି। ସମସ୍ତେ ଭାବନ୍ତି ଏହା ଏକ ଗଣ୍ଡଗୋଳିଆ ଗ୍ରାମ ହୋଇଥିବ । ଏଣୁ ଏହି ନାମକୁ ନେଇ ଅନେକ ସମୟରେ ସ୍ଥାନୀୟ ଲୋକମାନେ ମଧ୍ୟ ଚିନ୍ତାବ୍ୟକ୍ତ କରନ୍ତି। କିନ୍ତୁ ଅନେକେ ଏହି ଗ୍ରାମର ନାମକୁ ନେଇ ଗର୍ବିତ ମନେ କରନ୍ତି। ତେବେ ପାଖକୁ ନ ଗଲେ କେହି ଜାଣି ପାରିବେନି। ଗାଁ ଲୋକଙ୍କ ମନରେ ରହିଛି ଗଭୀର ପ୍ରେମ। କାହିଁ କେଉଁ କାଳରୁ ଏକାଠି ରହିଆସୁଛନ୍ତି। ପିଢ଼ି ପରେ ପିଢ଼ି ବିତିଗଲାଣି କିନ୍ତୁ ସମସ୍ତେ ଏକ ମନ ହୋଇ ରହିଛନ୍ତି। ଗାଁ ଲୋକଙ୍କ ଏକତା ହିଁ ଏହି ଗାଁକୁ ମହନୀୟତାର ପରିଚୟ ଦେଇଛି।

ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ କହିବା ଅନୁଯାୟୀ ଗ୍ରାମଟି ୨୫୦ ବର୍ଷ ପୂର୍ବେ ସ୍ଥାପିତ ହୋଇଛି। ସେ ସମୟରେ ଏହି ସ୍ଥାନଟି ଘଞ୍ଚ ଅରଣ୍ୟରେ ପରିପୂର୍ଣ୍ଣ ଥିଲା ଓ ବିଭିନ୍ନ ପଶୁପକ୍ଷୀଙ୍କ ବାସସ୍ଥଳୀ ରହିଥିଲା। ଏହି ଅରଣ୍ୟ ମଧ୍ୟରେ ପ୍ରଥମେ ପିଟା କମାର ସମ୍ପ୍ରଦାୟର ପ୍ରାୟ ୬ରୁ ୮ଟି ପରିବାର ଲୋକମାନେ ଆସି ବସତି ସ୍ଥାପନ କରିଥିଲେ। ସେମାନେ ଲୁହା କାମ କରିବା ସହିତ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲେ। କିଛି ବର୍ଷ ରହିବାପରେ କୌଣସି କାରଣରୁ ନିଜ ନିଜ ମଧ୍ୟରେ ବାଦବିବାଦ ଲାଗିରହିବାରୁ ମାରପିଟ ହୋଇ ଗାଁ ଛାଡି ଚାଲିଯାଇଥିଲେ । ପିଟାପିଟି ନାମ କିପରି ହୋଇଛି ଠିକ କେହି କହିପାରୁ ନ ଥିଲେ ହେଁ ବୋଧହୁଏ ପିଟାକମାର ସମ୍ପ୍ରଦାୟର ନାମକୁ ନେଇ ନାମିତ ହୋଇଛି ପିଟାପିଟି।


ପିଟାପିଟି ଗ୍ରାମ।

ସ୍ଥାନଟିର ପରିବେଶ କୃଷିକାର୍ଯ୍ୟ ପାଇଁ ଅନୁକୂଳ ହୋଇଥିବାରୁ ପରବର୍ତ୍ତୀ ସମୟରେ ଢେଙ୍କାନାଳ ଜିଲାର ଚଷା, ସେଠୀ, ବାରିକ ସମ୍ପ୍ରଦାୟର ଲୋକମାନେ ଆସି ବସତି ସ୍ଥାପନ କରି ଚାଷ କାମ ଆରମ୍ଭ କରିଥିଲେ। ଏହି ସମ୍ପ୍ରଦାୟର ଲୋକମାନେ ଗ୍ରାମଟିକୁ ପିଟାପିଟି ନାମ କରଣ କରିଥିଲେ। ବର୍ତ୍ତମାନ ମୁଣ୍ଡା, ନାଏକ, କିସାନ, ମହାନ୍ତ, ପାତ୍ର, ନାହାକ, ବ୍ରାହ୍ମଣ, କମାର, ଚଷା, ସେଠୀ, ବାରିକ ଆଦି ସମ୍ପ୍ରଦାୟର ଲୋକମାନେ ବସବାସ କରୁଛନ୍ତି ବୋଲି ଏ ନେଇ ତର୍ଜମା କରିଥିବା ସ୍ଥାନୀୟ ପରେଶ ଚନ୍ଦ୍ର ସେଠୀ କୁହନ୍ତି।

ପିଟାପିଟି ଗ୍ରାମଟି କେନ୍ଦୁଝର ଜିଲା ସଦର ମହକୁମାଠାରୁ ଦୂରତା ୪୫ କି.ମି.। ହରିଚନ୍ଦନପୁର ବ୍ଲକ ମୁଖ୍ୟାଳୟଠାରୁ ୫ କି.ମି. ଦୂରରେ ଅବସ୍ଥିତ। ଗ୍ରାମରେ ୩୯୮ ପରିବାର ହୋଇଥିବାବେଳେ ଲୋକସଂଖ୍ୟା ପାଖାପାଖି ୧୫୩୭ ହେବ। ୨୦୦୦ ମସିହାରେ ଏହି ଗ୍ରାମ ସମେତ ୫ଟି ରାଜସ୍ୱ ଗ୍ରାମକୁ ନେଇ ପିଟାପିଟି ପଞ୍ଚାୟତ ଗଠିତ ହୋଇଛି। ଏହି ପଞ୍ଚାୟତରେ ବିଭିନ୍ନ ଜାତିର ଲୋକ ବସବାସ କରୁଥିବାରୁ ବାରମାସରେ ତେରପର୍ବ ଏକାଠି ପାଳନ କରାଯାଇଥାଏ। ସେଥିମଧ୍ୟରୁ ମୁଖ୍ୟ ପର୍ବ ଭାବେ ରଜ, ମାଘେ ପର୍ବ, ଅଶାଢ଼ି, ଗହ୍ମାପୂର୍ଣ୍ଣିମା, ମକର, ପ୍ରଥମାଷ୍ଟମୀ, ଦୀପାବଳି ପାଳନ କରାଯାଏ । ଗ୍ରାମବାସୀ ଭାଇଚାରା ମନୋଭାବ ରକ୍ଷାକରି ପର୍ବପର୍ବାଣି ପାଳନ କରିଥାନ୍ତି। ଗ୍ରାମଟି ଆଦିବାସୀ ବହୁଳ ହୋଇଥିବାରୁ ଆଦିବାସୀ ପର୍ବଗୁଡ଼ିକ ପାରମ୍ପରିକ ରୀତିନୀତିରେ ମହାଆଡମ୍ବରରେ ପାଳନ କରନ୍ତି। ଏହି ଗ୍ରାମର ଚତୁଃପାର୍ଶ୍ୱ ପାହାଡ ଓ ଜଙ୍ଗଲରେ ପରିପୂର୍ଣ୍ଣ , ଦକ୍ଷିଣ ଦିଗରେ କୁରେଇଁ ଯୋଡି ନଦୀ,କୁଆଝରଣ ପାହାଡ, ଉତ୍ତର ଦିଗରେ ଜାମୁନାଳିଆ ନାଳ ଓ ପାହାଡ ଘେରା ଜଙ୍ଗଲ ଅବସ୍ଥାନ କରୁଛି। ନିକଟରେ ଅଛି କୁଆଝରଣ ଗ୍ରାମ। ଲୋକମାନେ ସାଧାରଣତଃ ବଣଜଙ୍ଗଲ ତଥା ଚାଷ ଉପରେ ଜୀବିକା ନିର୍ବାହ କରିଥାନ୍ତି।